# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ ୨୬/୨୦୧୯ (୨୦ ପୃଷ୍ଠା) | Bhubaneswar, Sunday, May 26/2019 (ଛୁଟିଦିନ ସହ) | ★★★★
୪୫ଶ ଭାଗ ୧୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ୩ କୋଟି ଆୟ କଲା 'ପିଏମ୍ ନରେନ୍ଦ୍ର ମୋଦି' ୧୪

ବାୟୋପିକ୍ 'ପିଏମ୍ ନରେନ୍ଦ୍ର ମୋଦି' ଶୁକ୍ରବାର ରିଲିଜ ହୋଇଥିବାବେଳେ ପ୍ରଥମ ଦିନ ପାଖାପାଖି ୩ କୋଟି ଟଙ୍କା ଆୟ କରିପାରିଛି।

## ୧୯ ମେସିଙ୍କୁ ଗୋଲ୍ଡେନ୍ ବୁଟ୍

କ୍ରମାଗତ ୩ବର୍ଷ ଧରି ୟୁରୋପର ଗୋଲ୍ଡେନ୍ ବୁଟ୍ ପୁରସ୍କାର ହାସଲ କରିବାରେ ଲିଓନେଲ୍ ମେସି ପ୍ରଥମ ଫୁଟ୍‌ବଲ ଖେଳାଳି।








# ସରକାର ଗଠନ ଦାବି ଜଣାଇଲେ ମୋଦି

**ନୂଆଦିଲ୍ଲୀ,୨୫।୫(ପି.ଟି.)**

କେନ୍ଦ୍ର କ୍ୟାବିନେଟର ସୁପାରିସ କ୍ରମେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ଷୋଡ଼ଶ ଲୋକ ସଭାକୁ ଭଙ୍ଗ କରିଛନ୍ତି। ଏଥିସହିତ ସପ୍ତଦଶ ଲୋକ ସଭା ଗଠନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ବାଚନ କମିଶନ ଶନିବାର ରାଷ୍ଟ୍ରପତିଙ୍କୁ ଭେଟି ନବନିର୍ବାଚିତ ଏମ୍‌ପିମାନଙ୍କ ତାଲିକା ପ୍ରଦାନ କରିଛନ୍ତି। ନରେନ୍ଦ୍ର ମୋଦି ଏନ୍‌ଡିଏ ସଂସଦୀୟ ଦଳ ନେତା ନିର୍ବାଚିତ ହେବା ପରେ ରାଷ୍ଟ୍ରପତିଙ୍କୁ ଭେଟି ସରକାର ଗଠନ ନେଇ ଦାବି ଜଣାଇଛନ୍ତି। ମୋଦି ୩୫୩ ସଦସ୍ୟଙ୍କ ସମର୍ଥନ ଥିବା ଦାବିପତ୍ର ପ୍ରଦାନ କରିବା ପରେ ରାଷ୍ଟ୍ରପତି ତାଙ୍କୁ ସରକାର ଗଠନ ଲାଗି ଆମନ୍ତ୍ରଣ କରିଛନ୍ତି।

ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସି ଷୋଡ଼ଶ ଲୋକ ସଭା ଭଙ୍ଗ ଲାଗି ସୁପାରିସ କରାଯାଇଥିଲା। ରାଷ୍ଟ୍ରପତି ଏହାକୁ ଗ୍ରହଣ କରିବା ସହ



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ୩୫୩ ଏମ୍‌ପିଙ୍କ ସମର୍ଥନପତ୍ର ପ୍ରଦାନ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ଲୋକ ସଭା ଭଙ୍ଗ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଥିବା ରାଷ୍ଟ୍ରପତି ଭବନ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ମୋଦି ଓ ତାଙ୍କ ମନ୍ତ୍ରୀ ପରିଷଦ ରାଷ୍ଟ୍ରପତିଙ୍କୁ ସମୂହ ଇସ୍ତଫା ପ୍ରଦାନ କରିଥିଲେ। ରାଷ୍ଟ୍ରପତି ଉକ୍ତ ଇସ୍ତଫାପତ୍ରକୁ ଗ୍ରହଣ କରିବା ସହ ନୂଆ ସରକାର ଗଠନ ହେବା ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇବାକୁ ସେମାନଙ୍କୁ ଅନୁରୋଧ କରିଥିଲେ।

## ଷୋଡ଼ଶ ଲୋକ ସଭା ଭଙ୍ଗ

- ସପ୍ତଦଶ ଲୋକ ସଭା ଗଠନ ପ୍ରକ୍ରିୟା ଆରମ୍ଭ
- ୩୦ରେ ହୋଇପାରେ ଶପଥ ଗ୍ରହଣ

> 'ଏବେ ଆମେ ନବ ଭାରତ ନିର୍ମାଣ ପାଇଁ ନୂଆ ଶକ୍ତି ନେଇ ନୂତନ ଯାତ୍ରା ଆରମ୍ଭ କରିବୁ।'
> **ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

୨୩ ତାରିଖ ଭୋଟଗଣତି ପରେ ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରାଙ୍କ ସହ ଦୁଇ ନିର୍ବାଚନ କମିଶନର ଅଶୋକ ଲାଭାସା ଏବଂ ସୁଶୀଲ ଚନ୍ଦ୍ରା ରାଷ୍ଟ୍ରପତିଙ୍କୁ ଭେଟି ନୂଆ ଲୋକ ସଭା ସଦସ୍ୟମାନଙ୍କ ତାଲିକା ଥିବା ଇସିଙ୍କ ବିଜ୍ଞପ୍ତିର ଏକ ନକଲ ପ୍ରଦାନ କରିଥିଲେ। ୫୪୩ ଆସନ ବିଶିଷ୍ଟ ଲୋକ ସଭାରେ ୫୪୨ ଆସନ ଲାଗି ଭୋଟଗ୍ରହଣ ହୋଇଥିଲା। ଭାଜପା ୩୦୩ ଆସନରେ ବିଜୟୀ ହୋଇଥିବାବେଳେ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ମାତ୍ର ୫୨ ଆସନରେ ସୀମିତ ରହିଛି। ନିର୍ବାଚନର ସଫଳ ପରିଚାଳନା ଲାଗି ରାଷ୍ଟ୍ରପତି ତିନି ନିର୍ବାଚନ କମିଶନରଙ୍କୁ ଅଭିନନ୍ଦନ ଜଣାଇବା ସହ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଥିବା ଭୋଟରମାନଙ୍କୁ ପ୍ରଶଂସା କରିଛନ୍ତି।

ଏନ୍‌ଡିଏ ନେତା ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ମୋଦି ଶନିବାର ରାତି ୮ଟାରେ ରାଷ୍ଟ୍ରପତିଙ୍କୁ ଭେଟି ପରବର୍ତ୍ତୀ ସରକାର ଗଠନ ନେଇ ଦାବି ଉପସ୍ଥାପନ କରିଛନ୍ତି। ଅପରାହ୍ନରେ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ନବନିର୍ବାଚିତ ଏନ୍‌ଡିଏ ଏମ୍‌ପିମାନଙ୍କ ବୈଠକ ବସି ମୋଦିଙ୍କୁ ସର୍ବସମ୍ମତ କ୍ରମେ ସଂସଦୀୟ ଦଳ ନେତା ନିର୍ବାଚନ କରାଯାଇଥିଲା। ଆସନ୍ତା ୩୦ ତାରିଖରେ ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଆଶା କରାଯାଉଛି।


ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


### ଆଜିର ସମ୍ପାଦକୀୟ

**କେଉଁଠି ଭୁଲ୍ ରହିଲା**

### ଆଜିର ମନ୍ତବ୍ୟ

> ଟିଡିପି ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କୁ ତାଙ୍କ ଭୁଲ କାର୍ଯ୍ୟ ପାଇଁ ଭଗବାନ ଦଣ୍ଡିତ କରିଛନ୍ତି।
> -ୱାଇଏସ୍ ଜଗନ୍‌ମୋହନ ରେଡ୍ଡୀ, ୱାଇଏସ୍‌ଆର୍‌ସିପି ଅଧ୍ୟକ୍ଷ

## ଜୁନ୍ ୧ରୁ ଝାରସୁଗୁଡ଼ାରୁ ଭୁବନେଶ୍ୱର, ରାୟପୁର ଉଡ଼ିବ ବିମାନ

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଭୁବନେଶ୍ୱର ଓ ଛତିଶଗଡ଼ ରାଜଧାନୀ ରାୟପୁରକୁ ବିମାନ ଉଡ଼ିବ। ଆସନ୍ତା ଜୁନ୍ ୧ରୁ ଏହି ସେବା ଆରମ୍ଭ ହେବ। ଆଲିଏନ୍ସ ଏୟାର ଏହି ସେବା ପ୍ରଦାନ କରିବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ସୁଦେଶ କୁମାର ଚୌହାନ କହିଛନ୍ତି। ଆଲିଏନ୍ସ ଏୟାର ତରଫରୁ ଏଟିଆର୍-୭୨ ବିମାନ ଚଳାଚଳ କରାଯିବ, ଯେଉଁଥିରେ ୭୨ଜଣ ଯାତ୍ରା କରିପାରିବେ। ସୂଚନାଯୋଗ୍ୟ, ଆଲିଏନ୍ସ ଏୟାର ହେଉଛି ଏୟାର ଇଣ୍ଡିଆର ଏକ ସବ୍‌ସିଡାଏରୀ ସଂସ୍ଥା। ଝାରସୁଗୁଡ଼ା-ଭୁବନେଶ୍ୱର ବିମାନର ସମୟସୂଚୀ ବାହାରିଯାଇଛି। ପ୍ରତିଦିନ ସକାଳ ୯ଟା ୫ରୁ ଭୁବନେଶ୍ୱରରୁ ଉଡ଼ାଣ ଆରମ୍ଭ କରି ପୂର୍ବାହ୍ନ ୧୦ଟା ୧୦ରେ ଝାରସୁଗୁଡ଼ା ବିମାନବନ୍ଦରରେ ଅବତରଣ କରିବ। ସେହିପରି ପୂର୍ବାହ୍ନ ୧୦ଟା ୩୦ରୁ ଝାରସୁଗୁଡ଼ା ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରି ୧୧ଟା ୪୦ରେ ଭୁବନେଶ୍ୱରରେ ଅବତରଣ କରିବ। ଝାରସୁଗୁଡ଼ା-ରାୟପୁର ପାଇଁ ଖୁବ୍‌ଶୀଘ୍ର ସମୟସୂଚୀ ବାହାର କରାଯିବ। ଆଗକୁ ଝାରସୁଗୁଡ଼ା-କୋଲକାତା ରୁଟ୍‌ରେ ବିମାନ ଚଳାଚଳ ହେବ ବୋଲି ନିର୍ଦ୍ଦେଶକ ସୁଦେଶ ଚୌହାନ କହିଛନ୍ତି। ସୂଚନାଯୋଗ୍ୟ, ଝାରସୁଗୁଡ଼ାରୁ ଅନ୍ୟ ସହରକୁ ଉଡୁଥିବା ବିମାନରେ ଗତ ମାର୍ଚ୍ଚ ମାସରେ ୪,୬୯୨ଜଣ ଯାତ୍ରୀ(ପ୍ରତିଦିନ ୧୭୦) ବାହାରକୁ ଯାତ୍ରା କରିଥିବା ବେଳେ ୫,୧୨୦ଜଣ(ପ୍ରତିଦିନ ୧୮୫) ଝାରସୁଗୁଡ଼ା ବିମାନବନ୍ଦରକୁ ଆସିଛନ୍ତି।

## ଯୁବକଙ୍କୁ ଘରୁ ଡାକିନେଇ ହତ୍ୟା

**ଧରାକୋଟ,୨୫।୫(ଡି.ଏନ.ଏ.)**

ଧରାକୋଟ ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଘରୁ ଡାକି ନେଇ ଶୁକ୍ରବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଛନ୍ତି ଅଲେଖ ନାହାକ (୨୦)। ପ୍ରେମ ବ୍ୟାପାରକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଅଲେଖଙ୍କ ବାପା ଧରାକୋଟ ଥାନାରେ ଏତଲା ଦେଇଛନ୍ତି। ☞ପୃଷ୍ଠା-୪

# ଗ୍ରୀଷ୍ମ ବଳୟରେ ସାରା ଓଡ଼ିଶା

**ଭୁବନେଶ୍ୱର, ୨୫।୫(ବ୍ୟୁରୋ)**

- ୩୧ ଯାଏ ନିସ୍ତାର ନାହିଁ
- ୪୬ ଟପିଲା ଦୁଇ ସହର
- ୪୦ ଡିଗ୍ରୀ ଉପରେ ୧୩ ସହର
- ପଶ୍ଚିମରେ ଗ୍ରୀଷ୍ମ, ଉପକୂଳରେ ଗୁଳୁଗୁଳି

ପ୍ରଚଣ୍ଡ ତାତି। ଆକାଶରୁ ସତେ ଯେମିତି ଅଗ୍ନି ବର୍ଷୁଛି। ଗ୍ରୀଷ୍ମ ବଳୟ ସାରା ଓଡ଼ିଶାକୁ ଘେରିରହିଛି। ପାରଦ ୪୬ ଡିଗ୍ରୀ ଉପରକୁ ଟପି ଯାଇଛି। ଆସନ୍ତା ୩୧ ତାରିଖ ଯାଏ ତାତିରୁ ନିସ୍ତାର ନାହିଁ । ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମ ଆହୁରି କଲବଲ କରିବ ବୋଲି ପାଣିପାଗ ବିଭାଗ ଚେତାବନୀ ଜାରି କରିଛି। ଉପକୂଳଠାରୁ ଆରମ୍ଭ କରି ପଶ୍ଚିମ, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶା ତାତି ଜ୍ୱାଳାରେ ଛଟପଟ ହେଉଛି । ସୂର୍ଯ୍ୟଦେବଙ୍କ କୋପ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଭୟଙ୍କର ଗ୍ରୀଷ୍ମପ୍ରବାହ ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଲୋକଙ୍କୁ ଅଣନିଃଶ୍ୱାସୀ କରିପକାଉଛି । ସକାଳ ୭ଟାରୁ ମାଡି ଆସୁଛି ଭୟଙ୍କର ତାତି। ଘରୁ ବାହାରିବା ମୁସ୍କିଲ ହୋଇପଡିଛି। ଦେହ ମୁହଁ ଜଳି ପୋଡିଗଲା ଭଳି ଲାଗୁଛି। ଗତ ଦୁଇ ତିନି ସପ୍ତାହ ଧରି ରାଜ୍ୟରେ ଜାରି ରହିଥିବା ଏଭଳି ପ୍ରତିକୂଳ ପାଗ ମଣିଷଙ୍କଠାରୁ ଆରମ୍ଭ କରି ଜୀବଜନ୍ତୁଙ୍କୁ ଅସ୍ତବ୍ୟସ୍ତ କରିଛି। ଦିନ କିମ୍ବା ରାତିରେ ମଧ୍ୟ ଆଶ୍ୱସ୍ତି ମିଳୁ ନାହିଁ।

ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି । ଅଧିକାଂଶ ସ୍ଥାନରେ ପାରଦ ୪୩ ଡିଗ୍ରୀ ସେଲସିୟସ ଉପରେ ରହୁଛି । ତତଲା ହାୱା ପରିବେଶକୁ ଅଧିକ ଉତ୍ତପ୍ତ କରିଦେଇଛି। ୨ଟି ସହରରେ ପାରଦ ୪୬ ଡିଗ୍ରୀ ସେଲସିୟସ ଉପରେ ରହିଥିବା ବେଳେ ୧୩ଟି ସ୍ଥାନରେ ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ଟିଟିଲାଗଡ଼ରେ ରାଜ୍ୟରେ ସର୍ବାଧିକ ☞ପୃଷ୍ଠା-୪

### ନାଳରୁ ମିଳିଲା ଶିଶୁର ମୃତଦେହ, ଉତ୍ତେଜନା

# କାଳୀ ସାଧକଙ୍କ ଦ୍ୱାରା ବଳି ସନ୍ଦେହ

**ବଲାଙ୍ଗୀର ଅଫିସ, ୨୫।୫**

ବଲାଙ୍ଗୀର ସହର ଚିମିନିଭାଟିପଡା-ଲକ୍ଷ୍ମୀନଗରପଡା ପାଖ ଲକ୍ଷ୍ମୀଯୋର ନିକଟରୁ ଶୁକ୍ରବାର ରାତିରେ ଏକ ନିଖୋଜ ଶିଶୁ(୫ବର୍ଷ)ର ମୃତଦେହ ମିଳିଥିଲା। ବଳି ଉଦ୍ଦେଶ୍ୟରେ ଶିଶୁଟିକୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଇଛି। ଏହାକୁ ନେଇ ଲକ୍ଷ୍ମୀନଗରପଡାରେ ଉତ୍ତେଜନା ପ୍ରକାଶ ପାଇବାରୁ ସେଠାରେ ପୋଲିସ ମୁତୟନ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଲକ୍ଷ୍ମୀନଗରପଡାର ଝଗଡୁ ସ୍ୱାଇଁଙ୍କ ପୁଅ ଜିତୁ(୫) ଶୁକ୍ରବାର ଦିନ ପ୍ରାୟ ୧୧ଟାରୁ କୁଆଡେ ନିଖୋଜ ହୋଇଯାଇଥିଲେ।



ମୃତ ଶିଶୁ ଜିତୁଙ୍କ ଫାଇଲ ଫଟୋ ।

ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଏ ନେଇ ଟାଉନ ଥାନାରେ ଅଭିଯୋଗ କରାଯାଇଥିଲା। ତେବେ ରାତି ପ୍ରାୟ ସାଢ଼େ ୯ଟାରେ ଜିତୁଙ୍କ ମୃତଦେହ ତାଙ୍କ ଘରଠାରୁ ପ୍ରାୟ ୩ ଶହ ମିଟର ଦୂର ଲକ୍ଷ୍ମୀଯୋର ଭିତରେ ପଡିଥିବା କେତେଜଣ ଲୋକ ଦେଖିଥିଲେ। ତାଙ୍କ ନାକରୁ ରକ୍ତ ବାହାରୁଥିବା ବେଳେ ମୁଣ୍ଡରେ ଗଭୀର କ୍ଷତଚିହ୍ନ ଥିଲା। ଅଚେତ ଅବସ୍ଥାରେ ଜିତୁ ପଡିଥିବା ଭାବି ତାଙ୍କୁ ତୁରନ୍ତ ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା ☞ପୃଷ୍ଠା-୪







NATIONAL EGG CO-ORDINATION COMMITTEE | 25.05.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 90 | 145 | 155 |
| CTC | 89 | 144 | 154 |
| DKL | 87 | 141 | 151 |
| BDK | 87 | 141 | 151 |
| BLS | 87 | 141 | 151 |
| ANG | 87 | 141 | 151 |

*Conditions Apply
**Eggs Retail Price- 41/-Dozen**
Issued in the Interest of Consumers


# ବଜ୍ରପାତ ନେଲା ୨ ଜୀବନ

**ବଡ଼ସାହି, ୨୫।୫(ସ୍ୱ.ପ୍ର.)**

### ବଡ଼ସାହିରେ କାଳବୈଶାଖୀ

ମୟୂରଭଞ୍ଜ ଜିଲା ବଡସାହି ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ଖେଳାଇଛି। ଝଡବର୍ଷା ସାଙ୍ଗକୁ ବଜ୍ରପାତ ହେବାରୁ ୨ଜଣଙ୍କର ମୃତ୍ୟୁ ଘଟିଛି । ମୃତକମାନେ ହେଲେ ବେଲପାଳ ଗ୍ରାମର ମାର୍କଣ୍ଡ ଓରଫ ନିରଞ୍ଜନ ବିଶୋଇ(୩୫) ଓ ମୁନା ଓରଫ ବଳରାମ ବିଶୋଇ(୨୪) । ସେମାନେ ବୁଢ଼ାବଳଙ୍ଗ ନଦୀର ନିଶିନ୍ତପୁର ଘାଟକୁ ଯାଇ ଟ୍ରାକ୍ଟରରେ ବାଲି ବୋଝେଇ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଟ୍ରାକ୍ଟର ଚାଳକ ନିରଞ୍ଜନ ଓ ଶ୍ରମିକ ବଳରାମ ସଂଜ୍ଞାହୀନ ହୋଇ ପଡିଥିଲେ। ସେମାନଙ୍କୁ ଦମକଳ ବାହିନୀ ଉଦ୍ଧାର କରି ବଡ଼ସାହି ଡାକ୍ତରଖାନାକୁ ଆଣିଥିଲେ। ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ଫଳରେ ମୃତକଙ୍କ ଗ୍ରାମ ବେଲପାଳରେ ଶୋକର ଛାୟା ଖେଳିଯାଇଛି। ବଡ଼ସାହି ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ରବିବାର ଶବ ବ୍ୟବଚ୍ଛେଦ କରାଯିବ। ଏହି ପରିପ୍ରେକ୍ଷୀରେ ମୃତକଙ୍କ ପରିବାରକୁ ଯଥାଶୀଘ୍ର ସରକାରୀ ସହାୟତା ପ୍ରଦାନ ପାଇଁ କଂଗ୍ରେସର ବଡ଼ସାହି ଜୋନ ସଭାପତି ଶଶାଙ୍କ ଶେଖର କର ଦାବି କରିଛନ୍ତି । ଅପରାହ୍ନରେ ଝଡବର୍ଷା ଯୋଗୁ ଅନ୍ୟ କେଉଁଠି କ'ଣ କ୍ଷୟକ୍ଷତି ଘଟିଛି, ତାହା ଜଣାପଡି ନାହିଁ।

# ମନ୍ତ୍ରୀପଦ ପାଇଁ ଯୋଗ୍ୟତା ମାପକାଠି

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

### କେନ୍ଦ୍ର କ୍ୟାବିନେଟ୍



ଧର୍ମେନ୍ଦ୍ର ପ୍ରଧାନ

- ପରିପକ୍ୱତା ଦେଖାଇ ପାରନ୍ତି ମୋଦି-ଶାହ
- ଧର୍ମେନ୍ଦ୍ର, ଜୁଏଲଙ୍କୁ ପୁଣି ମିଳିପାରେ ସୁଯୋଗ
- ନବ ନିର୍ବାଚିତ ଏମ୍‌ପିଙ୍କୁ ସାଙ୍ଗଠନିକ ଦାୟିତ୍ୱ



ଜୁଏଲ ଓରାମ

ସାଧାରଣ ନିର୍ବାଚନ ଫଳ ଆସିବା ପରେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ରୂପରେଖକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ କ୍ୟାବିନେଟରେ କାହାକୁ ସାମିଲ କରାଯିବ ସେହି ଆଡ଼କୁ ଦେଶବାସୀଙ୍କ ଧ୍ୟାନ ଆକର୍ଷିତ ହୋଇଛି। ଆସନ୍ତା ସପ୍ତାହରେ ଶପଥ ନେବାକୁ ଥିବା ମୋଦିଙ୍କ ଟିମ୍‌ରେ କେଉଁମାନେ ସ୍ଥାନ ପାଇବେ ଓ କେଉଁ ପୁରୁଣାମୁହଁ ବାଦ୍ ପଡ଼ିପାରନ୍ତି ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ନିର୍ବାଚନରେ ଓଡ଼ିଶା ଓ ପଶ୍ଚିମବଙ୍ଗରେ ଭାଜପାର ପ୍ରଦର୍ଶନ ଭଲ ହୋଇଥିବାରୁ ଦୁଇ ରାଜ୍ୟକୁ କ୍ୟାବିନେଟରେ ଅଧିକ ପ୍ରତିନିଧିତ୍ୱ ମିଳିବ ବୋଲି ଆଲୋଚନା ହେଉଛି। ଅପରପକ୍ଷେ ଉପଯୁକ୍ତ ଏମ୍‌ପିଙ୍କୁ ଯୋଗ୍ୟତା ଅନୁସାରେ ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯିବ। ତେଣୁ ଗଣମାଧ୍ୟମ ରିପୋର୍ଟକୁ ବିଶ୍ୱାସ ନ କରିବାକୁ ଶନିବାର ମୋଦି ନବ ନିର୍ବାଚିତ ସଦସ୍ୟଙ୍କୁ ପରାମର୍ଶ ଦେଇଛନ୍ତି।

ଓଡ଼ିଶା କଥାକୁ ବିଚାର କଲେ କେନ୍ଦ୍ରମନ୍ତ୍ରୀ ରହିଥିବା ଜୁଏଲ ଓରାମ ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କ ନାଁ ନୂଆ ତାଲିକା ବିଚାର ସମୟରେ ସର୍ବାଗ୍ରେ ରହିପାରେ। ଜୁଏଲ ପୂର୍ବରୁ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ କ୍ୟାବିନେଟ୍‌ରେ କାର୍ଯ୍ୟ କରିସାରିଛନ୍ତି। ଚଳିତ ଥର ୨ ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ସେ ବିଜୟୀ ହୋଇଛନ୍ତି। ଦେଶର ପୂର୍ବାଞ୍ଚଳରୁ ଜୁଏଲ ଦଳର ପ୍ରମୁଖ ଆଦିବାସୀ ନେତା । ତେଣୁ ପୁନର୍ବାର ସେ ମନ୍ତ୍ରୀ ହେବା ସମ୍ଭାବନା ରହିଥିବା କୁହାଯାଉଛି। ୨୦୧୪ରେ ଜୁଏଲ ରାଜ୍ୟରୁ ଏକମାତ୍ର ଭାଜପା ଏମ୍‌ପି ଭାବେ ବିଜୟୀ ହେବା ସହ ଆଦିବାସୀ କଲ୍ୟାଣ ବ୍ୟାପାର କ୍ୟାବିନେଟ୍ ମନ୍ତ୍ରୀ ହୋଇପାରିଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟପ୍ରଦେଶରୁ ରାଜ୍ୟ ସଭା ସଦସ୍ୟ ରହିଛନ୍ତି। ହେଲେ ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ☞ପୃଷ୍ଠା-୪



"ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ପଦରୁ ଓହରିଯିବାକୁ ଚାହୁଁଥିଲି, କିନ୍ତୁ ଦଳ ମୋ ଇସ୍ତଫା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲା।
-ମମତା ବାନାର୍ଜୀ,
ଟିଏମ୍‌ସି ଅଧକ୍ଷ



# ମୋଦି ଏନ୍‌ଡିଏ ସଂସଦୀୟ ଦଳ ନେତା

**ନୂଆଦିଲ୍ଲୀ,୨୫।୫(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶନିବାର ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସଂସଦୀୟ ଦଳ ନେତା ନିର୍ବାଚିତ କରାଯାଇଛି। ଏଥିପାଇଁ ଶନିବାର ଅପରାହ୍ଣରେ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଏନ୍‌ଡିଏର ନବନିର୍ବାଚିତ ଏମ୍‌ପିମାନଙ୍କ ବୈଠକ ବସିଥିଲା। ଏଥିରେ ଏନ୍‌ଡିଏର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ସଂସଦୀୟ ଦଳ ନେତା ଭାବେ ମୋଦିଙ୍କ ନାଁ ପ୍ରସ୍ତାବ ରଖିଥିବାବେଳେ ଦଳର ପୂର୍ବତନ ଅଧକ୍ଷ ରାଜନାଥ ସିଂ ଏବଂ ନୀତୀନ ଗଡକରୀ ଏହାକୁ ସମର୍ଥନ କରିଥିଲେ। ୩୫୩ ନବନିର୍ବାଚିତ ଏନ୍‌ଡିଏ ଏମ୍‌ପି ସର୍ବସମ୍ମତିକ୍ରମେ ମୋଦିଙ୍କୁ ସେମାନଙ୍କ ନେତା ବାଛିଥିଲେ। ମୋଦି ସଂସଦୀୟ ଦଳ ନେତା ନିର୍ବାଚନ ହେବା କେବଳ ଏକ ଔପଚାରିକତା ଥିଲା। କାରଣ ଏନ୍‌ଡିଏ ତାଙ୍କୁ ପୂର୍ବରୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଥିଲା।

ସଂସଦୀୟ ଦଳ ନେତା ନିର୍ବାଚିତ ହେବା ପରେ ମୋଦି ଏନ୍‌ଡିଏ ନେତାମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଏଥର ସାଧାରଣ ନିର୍ବାଚନରେ ସରକାରଙ୍କ ସପକ୍ଷରେ ଲହର ସୃଷ୍ଟି ହୋଇଥିବାରୁ ସକାରାତ୍ମକ ଜନାଦେଶ ମିଳିଲା। ପ୍ରାଚୀର ହଟାଇବା ଏବଂ ହୃଦୟ ଯୋଡିବାରେ ୨୦୧୯ ନିର୍ବାଚନ ସହାୟକ ହୋଇଛି। ଶ୍ରମ ହିଁ ଭାରତର ଉପାସନା ହୋଇଥିବାବେଳେ ସାଧୁତାକୁ ଦେଶ ସର୍ବାଧିକ ଗୁରୁତ୍ୱ ଦେଇଥାଏ। ଏଥର ନିର୍ବାଚନ ସାମାଜିକ ସମାନତା ପାଇଁ ବିପ୍ଳବ ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ଏଥର ନିର୍ବାଚନରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।



ସଂସଦୀୟ ଦଳ ନେତା ନିର୍ବାଚିତ ହେବା ପରେ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଉଛନ୍ତି।

- **ମୋଦିଙ୍କ ନାଁ ପ୍ରସ୍ତାବ ରଖିଥିଲେ ଅମିତ୍ ଶାହ**
- **ସମର୍ଥନ ଜଣାଇଥିଲେ ରାଜନାଥ ଓ ନୀତୀନ ଗଡ଼କରୀ**
- **ସେବା ଭାବ ପାଇଁ ଲୋକେ ଆମକୁ ଗ୍ରହଣ କରିଛନ୍ତି :ମୋଦି**

ସମାନ ସଂଖ୍ୟାରେ ପୁରୁଷ ଓ ମହିଳା ଭୋଟର ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିଥିବାବେଳେ ଭବିଷ୍ୟତରେ ମତାଧିକାର ସାବ୍ୟସ୍ତ କରିବାରେ ମହିଳା ଭୋଟର ପୁରୁଷଙ୍କୁ ଟପିଯିବେ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ଶକ୍ତି ଏବଂ ଏକତ୍ର ଉଦ୍ୟମ ବଳରେ ଏନ୍‌ଡିଏ ଏହାର ୨୦୧୪ ରେକର୍ଡ ଭାଙ୍ଗିପାରିଛି। ସେବା ଭାବ ପାଇଁ ଲୋକେ ଆମକୁ ଗ୍ରହଣ କରିଛନ୍ତି ବୋଲି ମୋଦି କହିଥିଲେ। ତେଣୁ ଜନତାଙ୍କ ସେବା ପାଇଁ ସବୁବେଳେ ପ୍ରସ୍ତୁତ ରହିବାକୁ ସେ ନବନିର୍ବାଚିତ ଏମ୍‌ପିମାନଙ୍କୁ ପରାମର୍ଶ ଦେଇଥିଲେ।

ଏନ୍‌ଡିଏ ସଂସଦୀୟ ଦଳ ବୈଠକରେ ଜେଡିୟୁ ଅଧକ୍ଷ ନୀତୀଶ କୁମାର, ଶିବସେନା ଅଧକ୍ଷ ଉଦ୍ଧବ ଠାକରେ, ଅକାଳୀ ଦଳ ନେତା ପ୍ରକାଶ ସିଂ ବାଦଲ ଉପସ୍ଥିତ ରହି ମୋଦିଙ୍କୁ ସେମାନଙ୍କ ଦଳର ସମର୍ଥନ ଜଣାଇଥିଲେ। ବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ, ମୁରଲୀ ମନୋହର ଜୋଷୀ ମଧ୍ୟ ଅନ୍ୟ ଏନ୍‌ଡିଏ ସହଯୋଗୀ ଦଳର ନେତାମାନଙ୍କ ସହ ମଞ୍ଚରେ ଉପସ୍ଥିତ ଥିଲେ। ମୋଦି ନେତା ନିର୍ବାଚିତ ହେବା ପରେ ଆଡଭାନୀ ଓ ଜୋଷୀଙ୍କ ପାଦଛୁଇଁ ଆଶୀର୍ବାଦ ନେଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାଜପା ୩୦୩ ଆସନରେ ବିଜୟୀ ହୋଇଥିବାବେଳେ ଏହାର ସହଯୋଗୀ ଦଳ ୫୦ ଆସନରେ ଜିତିଛନ୍ତି।



ଏନ୍‌ଡିଏ ବୈଠକରେ ଯୋଗ ଦେବା ଲାଗି ପାର୍ଲାମେଣ୍ଟରେ ପ୍ରବେଶ ପୂର୍ବରୁ ବିଜୟ ସଂକେତ ଦେଖାଉଛନ୍ତି ପ୍ରକାଶ ଜାଭେଡକର, ରାମବିଳାସ ପାଶ୍ୱାନ, ଅମିତ୍ ଶାହ ଓ ରବିଶଙ୍କର ପ୍ରସାଦ।

## ରାହୁଲଙ୍କ ଇସ୍ତଫା ସିଡବ୍ଲ୍ୟୁସିରେ ଅଗ୍ରାହ୍ୟ

**ନୂଆଦିଲ୍ଲୀ,୨୫।୫**

ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଶନିବାର କଂଗ୍ରେସ କାର୍ଯ୍ୟକାରୀ କମିଟି(ସିଡବ୍ଲ୍ୟୁସି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଇସ୍ତଫା ନାଟକବାଜି ଦେଖିବାକୁ ମିଳିଥିଲା। ବୈଠକ ଦୀର୍ଘ ୪ ଘଣ୍ଟା ଚାଲିଥିବା ବେଳେ ରାହୁଲ ତାଙ୍କ ଅଭିଭାଷଣରେ ଦଳର ଅଧକ୍ଷ ପଦରୁ ଇସ୍ତଫା ଦେବା ସମ୍ପର୍କରେ କହିଥିଲେ। ତେବେ ଅନେକ ଦଳୀୟ ନେତା ରାହୁଲଙ୍କ ପ୍ରତି ଆସ୍ଥାରଖି ସେ ଅଧକ୍ଷ ପଦ ବଜାୟ ରଖନ୍ତୁ ବୋଲି ଦାବି କରିଥିଲେ। ଶେଷରେ ସର୍ବସମ୍ମତିକ୍ରମେ ରାହୁଲଙ୍କ ଇସ୍ତଫା ଅଗ୍ରାହ୍ୟ କରାଯାଇ ଦଳକୁ ସଜାଡ଼ିବା ସହ ପୁଣି ସଙ୍ଗଠନ ମଜଭୁତ କରିବା ଦାୟିତ୍ୱ ସିଡବ୍ଲ୍ୟୁସି ତାଙ୍କୁ ପ୍ରଦାନ କରିଛି। ଏଭଳି ସ୍ଥିତିରେ ଦଳ ପାଇଁ ରାହୁଲଙ୍କ ନେତୃତ୍ୱ ଓ ମାର୍ଗଦର୍ଶନର ଆବଶ୍ୟକତା ରହିଛି ବୋଲି ପ୍ରସ୍ତାବ ପାସ୍ କରାଯାଇଛି। ବରିଷ୍ଠ କଂଗ୍ରେସ ନେତାମାନେ ଏହି ଅବସରରେ ନିର୍ବାଚନ ପରାଜୟର ସମୀକ୍ଷା କରିଥିଲେ। ବୈଠକରେ ରାହୁଲ ଅଧକ୍ଷତା କରିଥିବାବେଳେ ଉପା ଅଧକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, କଂଗ୍ରେସ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।



ସିଡବ୍ଲ୍ୟୁସି ବୈଠକରେ ଉପା ଅଧକ୍ଷା ସୋନିଆଙ୍କ ସହ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ।

## ୨ ଯବାନ ଶହୀଦ

**ନୂଆଦିଲ୍ଲୀ,୨୫।୫(ପି.ଟି.)**

ଭାରତ-ମିଆଁମାର ସୀମାରେ ଆତଙ୍କବାଦୀଙ୍କ ସହ ଏନ୍‌କାଉଣ୍ଟର ବେଳେ ଆସାମ ରାଇଫଲ୍ସ ବାହିନୀର ଦୁଇ ଯବାନ ଶହୀଦ ହୋଇଛନ୍ତି। ଗୁଳି ବିନିମୟ ଯୋଗୁ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ନାଗାଲାଣ୍ଡର ସୀମାନ୍ତବର୍ତ୍ତୀ ମୋନ ଅଞ୍ଚଳରେ ଏହି ଗୁଳିବିନିମୟ ଘଟିଥିଲା। ଆସାମ ରାଇଫଲ୍ସର ଯବାନମାନେ ଦୁଇଟି ଗାଡ଼ିରେ ଯାଉଥିବାବେଳେ ଆତଙ୍କବାଦୀମାନେ ରାସ୍ତାରେ ବିସ୍ଫୋରଣ ଘଟାଇବା ସହ ଗୁଳି ବର୍ଷଣ କରିଥିଲେ। ମୃତକଙ୍କ ମଧ୍ୟରେ ଜଣେ ଜୁନିୟର କମିଶନ୍‌ଡ ଅଫିସର (ଜେସିଓ) ଅଛନ୍ତି।

## ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ଭାବେ ଶପଥ ନେଲେ ରାମାଫୋସା

**ଜୋହାନ୍ସବର୍ଗ,୨୫।୫(ପି.ଟି.)**



ଆଫ୍ରିକୀୟ ଜାତୀୟ କଂଗ୍ରେସ (ଏଏନ୍‌ସି) ମୁଖ୍ୟ ସିରିଲ୍ ରାମାଫୋସା ଶନିବାର ଦେଶର ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ଷଷ୍ଠ ସାଧାରଣ ନିର୍ବାଚନ ପରେ ପାର୍ଲାମେଣ୍ଟ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ରାଷ୍ଟ୍ରପତି ନିର୍ବାଚିତ କରିଥିଲା। ରାଜଧାନୀ ପ୍ରେଟୋରିଆର ଲୋଫଟସ୍ ଭର୍ସଫେଲ୍ଡ ଷ୍ଟାଡିୟମ୍‌ରେ ହଜାର ହଜାର ବିଶିଷ୍ଟ ବ୍ୟକ୍ତି ଓ ନାଗରିକଙ୍କ ଉପସ୍ଥିତିରେ ସମ୍ବିଧାନ ପ୍ରତି ନିଷ୍ଠା ରଖି କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ। ବିଭିନ୍ନ ବିଭାଗର ମୁଖ୍ୟ, ପୂର୍ବତନ ମୁଖ୍ୟ, ବିଭିନ୍ନ ଅନ୍ତର୍ଜାତୀୟ ଏବଂ ଆଞ୍ଚଳିକ ସଂଗଠନର ମୁଖ୍ୟମାନେ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇଥିଲେ। ମେ ୮ରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ରାମାଫୋସାଙ୍କ ଏଏନ୍‌ସିକୁ ୫୭.୫ ପ୍ରତିଶତ ଭୋଟ ମିଳିଥିଲା। ୪୦୦ ସଦସ୍ୟ ବିଶିଷ୍ଟ ଦକ୍ଷିଣ ଆଫ୍ରିକା ପାର୍ଲାମେଣ୍ଟରେ ଏଏନ୍‌ସିକୁ ୨୩୦ ଆସନ ମିଳିଥିବାବେଳେ ବିରୋଧୀ ଦଳ ଡିଏକୁ ୮୪ ଆସନ ମିଳିଛି।

## ସିକିମ୍‌ରେ ସରକାର ଗଠନ ଲାଗି ଏସ୍‌କେଏମ୍‌ର ଦାବି

**ଗାଙ୍ଗଟକ୍,୨୫।୫(ପି.ଟି.)**

ସିକିମ୍ କ୍ରାନ୍ତିକାରୀ ମୋର୍ଚ୍ଚା (ଏସ୍‌କେଏମ୍)ର ଏକ ପ୍ରତିନିଧି ଦଳ ଏହାର ଅଧକ୍ଷ ପି.ଏସ୍. ଗୋଲେଙ୍କ ନେତୃତ୍ୱରେ ଶନିବାର ରାଜ୍ୟପାଳ ଗଙ୍ଗାପ୍ରସାଦଙ୍କୁ ଭେଟି ପରବର୍ତ୍ତୀ ସରକାର ଗଠନ ନେଇ ଦାବି ଉପସ୍ଥାପନ କରିଛନ୍ତି। ତେବେ ନବନିର୍ବାଚିତ ବିଧାୟକ ଦଳ ନେତା କିଏ ତାହା ଏପର୍ଯ୍ୟନ୍ତ ଏସ୍‌କେଏମ୍ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ୨୦୧୩ରେ ଗଠନ ହୋଇଥିବା ଏସ୍‌କେଏମ୍ ୩୨ ଆସନ ବିଶିଷ୍ଟ ସିକିମ ବିଧାନସଭାରେ ୧୭ ଆସନରେ ବିଜୟୀ ହୋଇଥିବା ବେଳେ ଶାସକ ସିକିମ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏସ୍‌ଡିଏଫ୍)କୁ ୧୫ ଆସନ ମିଳିଛି। ପରବର୍ତ୍ତୀ ସରକାର ଗଠନ ଲାଗି ଏସ୍‌କେଏମ୍‌କୁ ଆମନ୍ତ୍ରଣ କରିବା ଲାଗି ରାଜ୍ୟପାଳଙ୍କୁ ଭେଟି ଅନୁରୋଧ କରିଥିବା ଗୋଲେ ଗଣମାଧ୍ୟମକୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରସଙ୍ଗରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ସେ ସୂଚନା ଦେଇଥିଲେ। ନିଷ୍ପତ୍ତି ନେବା ଦାୟିତ୍ୱ ଗୋଲେଙ୍କୁ ଦିଆଯାଇଥିବା ଦଳ ସୂତ୍ରରୁ ଜଣାପଡିଛି। ସେ ନିର୍ବାଚନ ଲଢ଼ି ନ ଥିଲେ ମଧ୍ୟ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବା ଦଳ ଚାହୁଁଛି।

ସିକିମ ବିଧାନସଭା ନିର୍ବାଚନରେ ଏସ୍‌ଡିଏଫ୍‌ର ପରାଜୟ ପରେ ଦୀର୍ଘ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ରହିଆସିଥିବା ପୱନ କୁମାର ଚାମ୍‌ଲିଙ୍ଗ ବିରୋଧୀ ଦଳ ନେତା ଭୂମିକା ତୁଲାଇବାକୁ ପ୍ରସ୍ତୁତ ଥିବା ଶନିବାର କହିଛନ୍ତି। ଜନସାଧାରଣଙ୍କ ରାୟକୁ ସେ ସମ୍ମାନ ଜଣାଇଛନ୍ତି। ୧୯୯୪ ଡିସେମ୍ବରରୁ ଚାମଲିଙ୍ଗ୍ ସିକିମ ମୁଖ୍ୟମନ୍ତ୍ରୀ ରହିଆସିଥିଲେ।

## ଗୋମାଂସ ଚାଲାଣ ଅଭିଯୋଗରେ ୩ ଜଣଙ୍କୁ ମାଡ଼ମାରି ୫ ଗିରଫ

**ସେଓନି(ମଧ୍ୟପ୍ରଦେଶ),୨୫।୫**

ମଧ୍ୟପ୍ରଦେଶର ମାଣ୍ଡଲା ରୋଡରେ ଗୋମାଂସ ଚାଲାଣ ଅଭିଯୋଗରେ ଗୋସୁରକ୍ଷା ବାହିନୀର କର୍ମକର୍ତ୍ତାମାନେ ଦୁଇ ଅଭିଯୁକ୍ତଙ୍କୁ ନିଘୁକ ମାଡ଼ ମାରିଛନ୍ତି। ସେମାନଙ୍କୁ ସହଯୋଗ କରୁଥିବା ଜଣେ ମହିଳାଙ୍କୁ ମଧ୍ୟ ସେମାନେ ଛାଡ଼ିନାହାନ୍ତି। ଚପଲରେ ତାଙ୍କୁ ମଧ୍ୟ ମାଡ଼ ମାରିଥିବା ପୋଲିସ କହିଛି। ସୋସିଆଲ୍ ମିଡିଆରେ ଏହାର ଭିଡ଼ିଓ ଭାଇରାଲ୍ ହୋଇଥିବା ଜଣାପଡ଼ିଛି। ଗୋରକ୍ଷକମାନେ ଗୋଚାଲାଣକାରୀଙ୍କୁ 'ଜୟ ଶ୍ରୀରାମ' କହିବାକୁ ବାଧ କରିବା ଭିଡିଓରେ ଦେଖାଯାଇଛି। ଘଟଣାଟି ଗତ ୨୨ ତାରିଖରେ ଘଟିଥିବାବେଳେ ପୋଲିସ ୫ ଗୋରକ୍ଷକଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ଗୋଚାଲାଣ ଓ ଗୋମାଂସ ବିକ୍ରି ଅଭିଯୋଗରେ ପୋଲିସ ୩ ଜଣଙ୍କୁ ମଧ୍ୟ ଗିରଫ କରିଛି।

## ସରକାର ଗଠନ ଦାବି ଜଣାଇଲେ ଜଗନ୍‌ମୋହନ

**ହାଇଦ୍ରାବାଦ,୨୫।୫(ପି.ଟି.)**

ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ଅଧକ୍ଷ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ ଶନିବାର ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାର ରାଜ୍ୟପାଳ ଇଏସ୍‌ଏଲ୍ ନରସିଂହଙ୍କୁ ଭେଟି ଆନ୍ଧ୍ରରେ ସରକାର ଗଠନ ଲାଗି ଦାବି ଜଣାଇଛନ୍ତି। ଏହା ପୂର୍ବରୁ ବିଜୟୱାଡାରେ ନବନିର୍ବାଚିତ ୱାଇଏସ୍‌ଆର୍‌ସି (ଯୁବଜନ ଶ୍ରମିକ ରିଥୁ କଂଗ୍ରେସ) ବିଧାୟକ ଦଳର ବୈଠକ ବସି ଜଗନଙ୍କୁ ସର୍ବସମ୍ମତିକ୍ରମେ ଏହାର ନେତା ନିର୍ବାଚିତ କରାଯାଇଥିଲା। ସେଠାରୁ ସେ ବିମାନ ଯୋଗେ ହାଇଦ୍ରାବାଦ ଯାଇ ଅପରାହ୍ଣ ୪ଟା ୩୦ ମିନିଟରେ ରାଜ୍ୟପାଳଙ୍କୁ ଭେଟିଥିଲେ। ଏହା ପରେ ସେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କୁ ଭେଟିଥିବା ଜଣାପଡିଛି। ୧୭୫ ଆସନ ବିଶିଷ୍ଟ ଆନ୍ଧ୍ରପ୍ରଦେଶ ବିଧାନସଭାରେ ୱାଇଏସ୍‌ଆର କଂଗ୍ରେସ ୧୫୧ ଆସନରେ ବିଜୟୀ ହୋଇଥିବା ବେଳେ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଶୋଚନୀୟ ପରାଜୟବରଣ କରିଛି। ନେତା ନିର୍ବାଚିତ ହେବା ପରେ ଜଗନ୍‌ମୋହନ ବିଧାୟକମାନଙ୍କୁ ଧନ୍ୟବାଦ ଜଣାଇବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ମେ ୩୦ରେ ଇନ୍ଦିରା ଗାନ୍ଧୀ ମ୍ୟୁନିସିପାଲ ଷ୍ଟାଡିୟମରେ ଜଗନ୍‌ମୋହନଙ୍କ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଥିଲା।



ରାଜ୍ୟପାଳ ଇଏସ୍‌ଏଲ୍ ନରସିଂହଙ୍କୁ ଭେଟୁଛନ୍ତି ଜଗନ୍‌ମୋହନ ରେଡ୍ଡୀ।

## ରୋଗୀଙ୍କ ପେଟରୁ ବାହାରିଲା ଚାମଚ, ଛୁରି, ସ୍କ୍ରୁ ଡାଇଭର

**ମାନିଲା,୨୫।୫**

ପେଟ ବିନ୍ଧା ହେବାରୁ ଫିଲିପାଇନ୍ସର ମଣ୍ଡିସ୍ଥିତ ସୁନ୍ଦର ନଗରର ଜଣେ ରୋଗୀ(୩୫) ଡାକ୍ତରଙ୍କୁ ଭେଟିଥିଲେ। ପରୀକ୍ଷା ନିରୀକ୍ଷା ପରେ ତାଙ୍କର ପେଟ ଅପରେଶନ କରାଯାଇଥିଲା। ଏହି ଅପରେଶନ ବେଳେ ରୋଗୀଙ୍କ ପେଟରୁ ୮ଟି ଚାମଚ, ଗୋଟିଏ ଛୁରି, ଦୁଇଟି ସ୍କ୍ରୁ ଡାଇଭର୍, ୨ଟି ଟୁଥ୍ ବ୍ରଶ ଆଦି ମିଳିଥିଲା। ମଣ୍ଡିସ୍ଥିତ ଲାଲ୍ ବାହାଦୁର ଶାସ୍ତ୍ରୀ ସରକାର ମେଡିକାଲ କଲେଜ୍ ଓ ହସ୍ପିଟାଲ୍‌ରେ ଏହି ଅପରେଶନ ସଫଳ ହୋଇଥିଲା। ଡାକ୍ତରଙ୍କ କହିବା ଅନୁଯାୟୀ ଉକ୍ତ ଯୁବକ ହେଉଛନ୍ତି ମାନସିକ ବିକୃତ। ତାଙ୍କ ପେଟର ଏକ୍ସ-ରେ କରିବା ପରେ ସବୁ ସ୍ପଷ୍ଟ ଜଣାପଡ଼ିଥିଲା। ତା' ପରେ ୪ ଘଣ୍ଟା ଅପରେଶନ କରାଯାଇ ପେଟରେ ଥିବା ସବୁ ଜିନିଷ କଢ଼ାଯାଇଥିଲା।

ଡାକ୍ତର ସୁରଜ୍ ଭରଦ୍ୱାଜଙ୍କ କହିବା ଅନୁଯାୟୀ ତିନି ଦିନ ପୂର୍ବରୁ ଉକ୍ତ ଯୁବକ ଜଣକ ଏକ ଛୁରି ଗିଳିଦେଇଥିଲେ। ଏହାକୁ ପେଟରୁ ବାହାର କରିବା ଲାଗି ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ଆଣିଥିଲେ। ଡାକ୍ତର ଅପରେଶନ କରିଥିବାବେଳେ ଛୁରି ବଦଳରେ ଅନେକ ଜିନିଷ ବାହାରିବା ଦେଖି ସେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ।



## କେମିତି ରହିବ ଆଜିର ପାଗ



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ଣରେ ବର୍ଷା ହେବା ସମ୍ଭାବନା ଅଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୮.୦ | ୨୬.୫ |
| ଚାନ୍ଦବାଲି | ୪୦.୨ | ୨୯.୦ |
| କଟକ | ୪୦.୫ | ୨୫.୬ |
| ପାରାଦ୍ୱୀପ | ୩୨.୨ | ୨୮.୨ |
| ଭୁବନେଶ୍ୱର | ୩୯.୫ | ୨୭.୬ |
| ଗୋପାଳପୁର | ୩୨.୪ | ୨୭.୮ |
| ପୁରୀ | ୩୪.୪ | ୨୭.୬ |
| ଅନୁଗୋଳ | ୪୪.୧ | ୨୪.୬ |
| ବାରିପଦା | --- | ୨୮.୦ |
| ଝାରସୁଗୁଡ଼ା | ୪୫.୨ | ୨୯.୮ |
| କେନ୍ଦୁଝର | ୩୯.୭ | ୨୬.୭ |
| ସମ୍ବଲପୁର | ୪୫.୨ | ୨୮.୨ |
| ସୁନ୍ଦରଗଡ଼ | ୪୩.୦ | ୨୬.୦ |
| ହୀରାକୁଦ | ୪୪.୫ | ୨୮.୫ |
| ତାଳଚେର | ୪୫.୭ | ୨୬.୩ |
| ଭବାନୀପାଟଣା | ୪୪.୩ | ୨୯.୮ |
| ବଲାଙ୍ଗୀର | ୪୬.୩ | ୨୯.୫ |
| କୋରାପୁଟ | ୩୭.୦ | ୨୧.୬ |
| ଫୁଲବାଣୀ | --- | ୨୬.୮ |
| ଟିଟିଲାଗଡ଼ | ୪୬.୫ | ୨୮.୫ |
| ମାଲକାନଗିରି | ୪୩.୦ | ୨୩.୮ |
| ସୋନପୁର | ୪୪.୮ | ୨୭.୬ |
| ଦାରିଙ୍ଗିବାଡ଼ି | ୩୮.୦ | ୨୪.୦ |

ଡିଗ୍ରୀ ସେଲ୍‌ସିୟସ୍

## ସଂକ୍ଷେପରେ

### ଜେଲରେ ସଂଘର୍ଷ: ୨୯ କଏଦୀ ମୃତ

**କାରାକସ୍,୨୫।୫:** ପଶ୍ଚିମ ଭେନେଜୁଏଲାର ଏକ ଜେଲରେ ସଂଘର୍ଷ ଘଟି ୨୯ ଜଣ କଏଦୀ ପ୍ରାଣ ହରାଇଥିବା ଜଣାପଡ଼ିଛି। ଏଥିରେ ୧୯ ପୋଲିସ ଗୁରୁତର ହୋଇଛନ୍ତି। ଆକାରିଗୁଆରେ ଏଭଳି ଘଟଣା ଘଟିଥିବାବେଳେ ଗ୍ରେନେଡ୍ ବିସ୍ଫୋରଣ କରି ଜେଲ ଭାଙ୍ଗିବାକୁ ଉଦ୍ୟମ କରୁଥିବା କଏଦୀଙ୍କୁ ଅଟକାଇବା ଲାଗି ପୋଲିସ୍‌ର ସ୍ୱତନ୍ତ୍ର ବଳ ବାଧା ଦେଇଥିଲେ। ଫଳରେ ସଂଘର୍ଷ ଉଗ୍ରରୂପ ଧାରଣ କରିଥିଲା। ପୋଲିସ ଗୁଳିମାଡ଼ରେ ୨୯ କଏଦୀ ପ୍ରାଣ ହରାଇଥିବାବେଳେ ଅନେକ ପୋଲିସ ଗୁରୁତର ହୋଇଛନ୍ତି। ପ୍ରକାଶଥାଉ କି, ୨୦୧୮ ମାର୍ଚ୍ଚରେ ଜେଲ୍‌ରେ ଥିବା ୬୮ କଏଦୀ ପୋଡ଼ିଯାଇ ପ୍ରାଣ ହରାଇଥିଲେ।

### ଟିଏମ୍‌ସିରୁ ନିଲମ୍ବିତ ବିଧାୟକ ଭାଜପାରେ ଯୋଗଦେବେ

**କଲ୍ୟାଣୀ(ପଶ୍ଚିମବଙ୍ଗ),୨୫।୫:** ଦଳବିରୋଧୀ କାର୍ଯ୍ୟ ଯୋଗୁ ଟିଏମ୍‌ସିରୁ ୬ ବର୍ଷ ଲାଗି ନିଲମ୍ବିତ ହୋଇଥିବା ବିଜ୍‌ପୁର ବିଧାୟକ ଶୁଭ୍ରାଂଶୁ ରାୟ ଦୁଇଦିନ ମଧ୍ୟରେ ଭାଜପାରେ ଯୋଗଦେବେ ବୋଲି ସଙ୍କେତ ଦେଇଛନ୍ତି। ଭାଜପା ନେତା ମୁକୁଲ୍ ରାୟଙ୍କ ପୁଅ ଶୁଭ୍ରାଂଶୁ କହିଛନ୍ତି ଯେ, ଟିଏମ୍‌ସିରେ ଅନେକ ନେତା ନିଜକୁ ଅଣନିଃଶ୍ୱାସୀ ମନେକରୁଛନ୍ତି। ମୁଁ ଭାଜପାରେ ମିଶିବା ପରେ ଟିଏମ୍‌ସିର ଅନେକ ନେତା ମୋତେ ଅନୁସରଣ କରିବେ। ପ୍ରକାଶଥାଉ କି, ମୁକୁଲ୍ ୨୦୧୭ରେ ମମତାଙ୍କ ହାତ ଛାଡ଼ି ଭାଜପାକୁ ଚାଲିଆସିଥିଲେ।

### ଅରୁଣାଚଳ ପ୍ରଦେଶ ବିଧାନସଭାରେ ୨୦ ନୂଆ ବିଧାୟକ

**ଇଟାନଗର,୨୫।୫:** ଅରୁଣାଚଳ ପ୍ରଦେଶରେ ଚଳିତ ଥର ୨୦ ଜଣ ପ୍ରଥମ ଥର ଲାଗି ବିଧାୟକ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଭାଜପାର ବୋଲି ଜଣାପଡ଼ିଛି। ୬୦ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ଭାଜପାର ୧୧ ଜଣ, ଜେଡିୟୁର ୬, ଏନ୍‌ପିପିର ୨ ଏବଂ ଜଣେ ସ୍ୱାଧୀନ ବିଧାୟକ ପ୍ରଥମ ଥର ଲାଗି ବିଜୟୀ ହୋଇ ବିଧାନସଭାକୁ ଆସିଛନ୍ତି। ୨୦୦୯ ବିଧାନସଭା ନିର୍ବାଚନରେ ୧୭ ଓ ୨୦୧୪ରେ ୧୯ ଜଣ ନୂତନଭାବେ ବିଧାୟକ ହୋଇଥିଲେ।

### ପଶ୍ଚିମବଙ୍ଗରେ ରାଜନୈତିକ ହିଂସା: ଜଣେ ମୃତ

**କୋଲକାତା,୨୫।୫:** ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡ ଶନିବାର ଦେଖିବାକୁ ମିଳିଛି। ଏଥିରେ ଜଣେ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ଅନେକ ଆହତ ହୋଇଛନ୍ତି। ଶାସକ ଟିଏମ୍‌ସି ଓ ଭାଜପା କର୍ମକର୍ତ୍ତାଙ୍କ ମଧ୍ୟରେ ଏହି ସଂଘର୍ଷ ହୋଇଥିବା ଜଣାପଡ଼ିଛି। କୁଚବେହାରର ସୀତାଇ, ଟିଟାଗଡ଼ ଓ ଉତ୍ତରପ୍ରଗଣା, ନିଉଟାଉନ୍‌ଠାରେ ଥିବା ଟିଏମ୍‌ସିର କର୍ମକର୍ତ୍ତାମାନଙ୍କୁ ଭାଜପା ସମର୍ଥକମାନେ ମାଡ଼ ମାରିଥିବା ଓ ବକ୍ସିରହାଟ, ମହିଷକୁଚି, ରାମପୁର, ସାଲବାରିରେ ଟିଏମ୍‌ସିର ଏକାଧିକ କାର୍ଯ୍ୟାଳୟରେ ଭାଜପା ସମର୍ଥକମାନେ ଭଙ୍ଗାରୁଜା କରିଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ସେପଟେ କିନ୍ତୁ ଭାଜପା ସମର୍ଥକମାନେ ଟିଏମ୍‌ସି ଉପରେ ଦୋଷ ଲଦିଛନ୍ତି। ବକ୍ସିରକୁଟିରେ ଭାଜପାର ବିଜୟ୍ ଉତ୍ସବ ପାଳନବେଳେ ଟିଏମ୍‌ସି କର୍ମକର୍ତ୍ତାମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

ଇତିହାସର ଆଇନାରେ

### ମେ ୨୬ର ପ୍ରମୁଖ ଘଟଣା

୧୯୯୮ ମେ ୨୬ରେ ଅଷ୍ଟ୍ରେଲିଆର ଜାତୀୟ ସ୍ତରରେ ପ୍ରଥମ 'ନ୍ୟାଶନାଲ୍ ସରି ଡେ' ପାଳିତ ହୋଇଥିଲା ଏବଂ ଏଥିରେ ୧୦ଲକ୍ଷ ଲୋକ ଯୋଗ ଦେଇଥିଲେ। 'ନ୍ୟାଶନାଲ ସରି ଡେ'କୁ ବାର୍ଷିକ ସ୍ମରଣୀୟ ଦିବସ ଭାବେ ପାଳନ କରାଯାଏ। ଦେଶର ଆଦିମ ଅଧିବାସୀଙ୍କ ପ୍ରତି ନିର୍ଯାତନା ବିଷୟକୁ ସ୍ମରଣ କରି ଏହି ଦିବସ ପାଳିତ ହୁଏ।

୨୦୦୮ ମେ ୨୬ରେ ପୂର୍ବ ଓ ଦକ୍ଷିଣ ଚାଇନାରେ ପ୍ରବଳ ବନ୍ୟା ଯୋଗୁ ୧୪୮ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୩ ଲକ୍ଷ ଲୋକ ବାସହରା ହୋଇଥିଲେ। କ୍ରମାଗତ ୪ ଦିନ ଧରି ବର୍ଷା ହେବାଫଳରେ ପୂର୍ବ ଓ ଦକ୍ଷିଣ ଚାଇନାର ୧୫ଟି ପ୍ରାଦେଶିକ ଅଞ୍ଚଳ ପ୍ରଭାବିତ ହୋଇଥିଲା।




## ସଂକ୍ଷେପରେ

### ଇଏମ୍‌ସିଏଲ୍+ ସ୍କଲାରଶିପ୍ ପାଇଲେ ଓଡ଼ିଶା ଛାତ୍ରୀ ସ୍ୱସ୍ତିକା



ଭୁବନେଶ୍ୱର,୨୫।୫(ବ୍ୟୁରୋ): ୟୁନିଭର୍ସିଟି ଅଫ୍ ଗ୍ରନିଙ୍ଗ୍‌ଜେନ୍ ତରଫରୁ ପ୍ରଦାନ କରାଯାଉଥିବା ୟୁରୋପିଆନ୍ ମାଷ୍ଟର୍ସ ଇନ୍ କ୍ଲିନିକାଲ୍ ଲିଙ୍ଗୁଇଷ୍ଟିକ୍(ଇଏମ୍‌ସିଏଲ୍+) ପ୍ରୋଗ୍ରାମ ସ୍କଲାରଶିପ୍ ପାଇବାକୁ ମନୋନୀତ ହୋଇଛନ୍ତି ଓଡ଼ିଶାର ସ୍ୱସ୍ତିକା ଭଟ୍ଟାଚାର୍ଯ୍ୟ। କ୍ଲିନିକାଲ ଲିଙ୍ଗୁଇଷ୍ଟିକ୍ କ୍ଷେତ୍ରରେ ଦିଆଯାଉଥିବା ଏହି ଦୁଇବର୍ଷିଆ ଇଣ୍ଟରନ୍ୟାଶନାଲ ରିସର୍ଚ୍ଚ ସ୍କଲାରଶିପ୍ ପାଇବା ଏକ କଷ୍ଟକର ବ୍ୟାପାର ହୋଇଥିବା ବେଳେ ସ୍ୱସ୍ତିକା ଏହି ସଫଳତା ହାସଲ କରିଛନ୍ତି। ୟୁରୋପିଆନ୍ ଏଜୁକେଶନ, ଅଡିଓଭିଜୁଆଲ ଆଣ୍ଡ କଲ୍‌ଚର ଏକ୍‌ଜିକ୍ୟୁଟିଭ୍ ଏଜେନ୍ସି ଦ୍ୱାରା ତାଙ୍କ ନାମକୁ ସୁପାରିସ କରାଯାଇଛି। ଏରାସମସ୍ ମଣ୍ଡସ୍ ସ୍କଲାରଶିପ୍ ଗ୍ରାଣ୍ଟ୍‌ଭାବେ ସେ ଦୁଇବର୍ଷ ପାଇଁ ୩୫ରୁ ୩୮ ଲକ୍ଷ ଟଙ୍କାର ଅନୁଦାନ ପାଇବେ। ଏହି ଅବସରରେ ସେ ୪ ପର୍ଯ୍ୟାୟରେ ଫିନ୍‌ଲାଣ୍ଡ, ନେଦରଲ୍ୟାଣ୍ଡ୍‌ସ, ଜର୍ମାନୀରେ ଅଧ୍ୟୟନ କରିବାର ସୁଯୋଗ ପାଇବେ।

ଫନୀ ପରେ ରାଜଧାନୀ ଅବସ୍ଥା




# ଆଜି ବିଜେଡି ବିଧାୟକ ଦଳ ବୈଠକ

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

ସଦ୍ୟ ସମାପ୍ତ ନିର୍ବାଚନରେ ବିଜୁ ଜନତା ଦଳ(ବିଜେଡି)କୁ ବିଧାନସଭାରେ ସଂଖ୍ୟାଗରିଷ୍ଠ ଆସନ ମିଳିଛି। ୧୪୬ ଆସନରୁ ଦଳ ୧୧୨ଟିରେ ବିଜୟୀ ହୋଇଛି। ରାଜ୍ୟରେ ପଞ୍ଚମ ଥର ଲାଗି ବିଜେଡି ସଭାପତି ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଆସନ୍ତା ୨୯ ତାରିଖରେ ରାଜଭବନଠାରେ ନୂଆ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଏବଂ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କୁ ଶପଥପାଠ କରାଇବେ । ୨୦୦୦ ମସିହାରୁ ବିଜେଡି ଲଗାତର ୫ମ ଥର ଲାଗି ରାଜ୍ୟରେ କ୍ଷମତାସୀନ ହୋଇଛି। ୨୦୧୪ରେ ନୂତନ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ମେ ୨୧ ତାରିଖରେ ହୋଇଥିଲା। ତେବେ ଚଳିତ ବର୍ଷ ସପ୍ତାହେ ବିଳମ୍ବରେ ନୂତନ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ରାଜ୍ୟରେ ବାତ୍ୟା 'ଫନୀ' ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ଶପଥ ଗ୍ରହଣ ଉତ୍ସବକୁ ସମ୍ପୂର୍ଣ୍ଣ ନିରାଡମ୍ବର ଭାବେ କରିବାକୁ ବିଜେଡି ନିଷ୍ପତ୍ତି ନେଇଛି। ରବିବାର ପୂର୍ବାହ୍ନରେ ବିଜେଡିର ନବନିର୍ବାଚିତ ଏମ୍‌ପିମାନେ ଦଳର ସଭାପତିଙ୍କୁ ନବୀନ ନିବାସଠାରେ ସାକ୍ଷାତ କରିବେ। ଅପରାହ୍ନରେ ବିଜେଡିର ନବନିର୍ବାଚିତ ବିଧାୟକମାନଙ୍କର ବୈଠକ ଅନୁଷ୍ଠିତ ହେବ। ବୈଠକରେ ନବୀନଙ୍କୁ ବିଧାୟକ ଦଳର ନେତା ଭାବେ ସର୍ବସମ୍ମତିକ୍ରମେ ଚୟନ କରାଯିବ। ଦଳର ବୃହତ୍ ବିଜୟ ପାଇଁ ସଭାପତିଙ୍କୁ ନବନିର୍ବାଚିତ ବିଧାୟକମାନେ ଫୁଲମାଳ ଦେଇ ସ୍ୱାଗତ କରିବା କାର୍ଯ୍ୟକ୍ରମ ରହିଛି।

**ନିରାଡ଼ମ୍ବର ହେବ ଶପଥ ଗ୍ରହଣ ଉତ୍ସବ**

■ ମୃତ୍ୟୁରେ ଶେଷ ପ୍ରେମ ସମ୍ପର୍କ

# ଶଳାଭାଉଜ, ନଣଦେଇଙ୍କ ଆତ୍ମହତ୍ୟା

**ଅନୁଗୋଳ ଅଫିସ, ୨୫।୫**

ଅନୁଗୋଳ ସହର ଉପକଣ୍ଠ କୁମଣ୍ଡଠାରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି ଶଳାଭାଉଜ ଓ ନଣଦେଇ। ସକାଳେ ଲୋକେ ଦୁଇଜଣଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେବା ପରେ ଘଟଣାସ୍ଥଳକୁ ଲୋକଙ୍କ ସୁଅ ଛୁଟିଥିଲା। ପ୍ରେମ ସମ୍ପର୍କ କାରଣରୁ ଉଭୟ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଦେବା ସହ ପୋଲିସ ନଂ. ୯୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ପୋଲିସ କହିଛି, ମୃତ ନଣଦେଇ ହେଲେ ରଞ୍ଜନ ସାହୁ। ତାଙ୍କ ଘର କୁମଣ୍ଡ ଚଣ୍ଡିଛକରେ। ସେହିପରି ଶଳାଭାଉଜ ହେଲେ ବାଲୁଅକଟାର ସୁଜାତା ସାହୁ। ଉଭୟଙ୍କ ମଧ୍ୟରେ ଏପରି ପ୍ରେମ ସମ୍ପର୍କକୁ ପରିବାର ଲୋକେ ଜୋରଦାର ବିରୋଧ କରିଥିଲେ। ଏ ନେଇ ଉଭୟଙ୍କ ପରିବାରରେ ପାଟିତୁଣ୍ଡ ହୋଇଥିଲା। ୪ ଦିନ ପୂର୍ବରୁ ଦୁହେଁ ଘର ଛାଡ଼ି କେଉଁଆଡ଼େ ପଳାଇଯାଇଥିଲେ। ଶୁକ୍ରବାର ରାତିରେ କୁମଣ୍ଡର କିଛି ଲୋକ ସେମାନଙ୍କୁ ରେଳ ଧାରଣା ପାଖରେ ଦେଖିବାକୁ ପାଇଥିଲେ। ତେବେ ଶନିବାର ସକାଳେ ଦୁହିଁଙ୍କ ମୃତ ଦେହ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା।

# ମାଓବାଦୀଙ୍କ ବନ୍ଦ ଡାକରା ଆଂଶିକ ସଫଳ

**ମାଲକାନଗିରି,୨୫।୫ (ଡି.ଏନ.ଏ)**

ଆନ୍ଧ୍ର ଓ ଓଡିଶା ବର୍ଡର ଜୋନାଲ କମିଟି ପକ୍ଷରୁ ଦିଆଯାଇଥିବା ୨୪ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଆଂଶିକ ସଫଳ ହୋଇଛି। ବନ୍ଦ ପ୍ରଭାବରେ ମାଲକାନଗିରି ଜିଲାରେ ସରକାରୀ ବସ୍ ଚଳାଚଳ ଠପ୍ ହୋଇଯାଇଛି । ଜିଲା ସଦର ମହକୁମା ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଦୋକାନ ବଜାର ଖୋଲାଥିଲା। ସ୍ୱାଭିମାନ ଅଞ୍ଚଳରେ ମାଓବାଦୀମାନେ ଅନେକ ସ୍ଥାନରେ ପୋଷ୍ଟର ଲଗାଇ ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଗତ ୮ରେ ନନ୍ଦପୁର ବ୍ଲକ ପାଡୁଆ ଅଞ୍ଚଳରେ ପୋଲିସ ଏନକାଉଣ୍ଟରରେ ୫ଜଣ ମାଓବାଦୀ ଜୋନାଲ କମିଟିର କାମେଶ୍ୱରୀ, ଶକ୍ତିବାବୁ, କ୍ରାନ୍ତି, ଗୀତା ଓ ବାଲୁଙ୍କ ମୃତ୍ୟୁ ହୋଇଥିଲା। ଏହାର ପ୍ରତିବାଦରେ କମିଟି ସଚିବ ଗଣେଶ ବନ୍ଦ ଡାକରା ଦେଇଥିଲେ। ମରାଯାଇଥିବା ବ୍ୟାନର ଓ ପୋଷ୍ଟରରେ ଆନ୍ଧ୍ରର ଚନ୍ଦ୍ର ବାବୁ ନାଇଡୁ ସରକାର ଓ ଓଡିଶାର ନବୀନ ସରକାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା ବକ୍‌ସାଇଟ୍ ଓ ଜଙ୍ଗଲ ସମ୍ପଦ ଘରୋଇ କମ୍ପାନୀ ହାତରେ ଟେକି ଦେଇ ଏମଓୟୁ ସାକ୍ଷର କରିଛନ୍ତି। ଅଞ୍ଚଳବାସୀଙ୍କୁ ବିସ୍ଥାପିତ ପାଇଁ ଚକ୍ରାନ୍ତ କରିଥିବା ଅଭିଯୋଗ କରିଛନ୍ତି।

# ମାଟ୍ରିକ ପାସ୍ କଲେ ମାଆପୁଅ

**କୋରୁକୋଣ୍ଡା, ୨୫।୫(ଡି.ଏନ.ଏ)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତାରଲାକୋଟା ପଞ୍ଚାୟତର ସି କଲୋନୀରେ ଏଭଳି ଏକ ଘଟଣା ଘଟିଛି, ଯାହା ସମସ୍ତଙ୍କ ପାଇଁ ଖୁସି ଆଣିଦେଇଛି। ଏହି କଲୋନୀରେ ରହୁଥିବା ଗୋଟିଏ ପରିବାରର ମାଆପୁଅ ଏକା ସାଙ୍ଗରେ ମାଟ୍ରିକ ପରୀକ୍ଷାରେ ପାସ୍ କରିଛନ୍ତି। ମାଆ ବାସନ୍ତୀ ମୁଦୁଲି ଓ ପୁଅ ଶିବାନନ୍ଦ ବଡନାୟକ ଉଭୟ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ସି କଲୋନୀର ଅଙ୍ଗନୱାଡି କର୍ମୀ ରୂପେ କାର୍ଯ୍ୟ କରୁଥିବା ବାସନ୍ତୀ ବିବାହର ଦୀର୍ଘ ୧୮ ବର୍ଷ ପରେ ପୁଅ ସହ ମାଟ୍ରିକ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୁଅ ଶିବାନନ୍ଦ ତାରଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ। ସେ ମାଟ୍ରିକ ପରୀକ୍ଷାରେ ୩୪୦ ନମ୍ବର ରଖି ସି ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ତାଙ୍କ ମାଆ ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଠ୍ୟକ୍ରମରେ କୁଡୁମୁଲୁଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଇ ୨୦୩ ମାର୍କ ରଖି ଡି ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ବିଷୟ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।






TOLL-FREE Prestige CARE 1800-123-334411 BSNL/MTNL Customers 080 - 3756 9897 (Toll) | Follow 'prestigesocial' on | www.prestigesmartkitchen.com | BAJAJ FINSERV | PRIDE IN INDIA | Prestige

*ସର୍ତ୍ତାବଳୀ ଲାଗୁ । ଡିସ୍କାଉଣ୍ଟ କେବଳ ସ.ଖା.ମୂ. ଉପରେ । କେବଳ ନିର୍ଦ୍ଦିଷ୍ଟ ଡୀଲର୍ ଆଉଟ୍‌ଲେଟ୍‌ରେ ଉପଲବ୍ଧ । କ୍ରୟ କରାଯାଇଥିବା ସାମଗ୍ରୀ ଏବଂ ଫେରସ୍ତ ଦିଆଯାଇଥିବା ସାମଗ୍ରୀ ଉପରେ ଏକ୍ସଚେଞ୍ଜ ମୂଲ୍ୟ ନିର୍ଭର କରେ । ଉ.ସ୍ୱ. ଯଦି ଆପଣ 10ଲି. ଆଲ୍ୟୁମିନିଅମ୍ ପ୍ରେଶର୍ କୁକର୍ ବଦଳରେ 2ଲି. ପପୁଲାର୍ ପ୍ରେଶର୍ କୁକର କ୍ରୟ କରନ୍ତି, ତେବେ ପ୍ରକୃତ ଛାଡ଼ ଟ.475 ଅଟେ । ପ୍ରକୃତ ଏକ୍ସଚେଞ୍ଜ ଅଫର୍ ମୂଲ୍ୟ ଜାଣିବା ସକାଶେ ଦୟାକରି ନିର୍ଦ୍ଦିଷ୍ଟ ଡୀଲର୍ ଆଉଟ୍‌ଲେଟ୍‌ରେ ଉପଲବ୍ଧ ଯେକୌଣସି ବଦଳରେ ଯେକୌଣସି ଏକ୍ସଚେଞ୍ଜ ଅଫର୍ ମୂଲ୍ୟ ସୂଚୀ ଦେଖି ନିଅନ୍ତୁ । ବଦଳା ଯାଇପାରୁଥିବା ପୁରୁଣା ସାମଗ୍ରୀ ମଧ୍ୟରେ ଆଲ୍ୟୁମିନିଅମ୍ ଏବଂ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ରେଶର୍ କୁକର୍ସ, ଆଲ୍ୟୁମିନିଅମ୍ କୁକ୍‌ୱେର୍ (ବାସନ ଅତିକମ୍‌ରେ 400 ଗ୍ରାମ୍ ଓଜନ ହେବା ଜରୁରୀ), ଗ୍ୟାସ୍ ଷ୍ଟୋଭ୍ସ, (ଅତିକମ୍‌ରେ 2ଟି ବର୍ନର ଯୁକ୍ତ), ମିକ୍ସର୍ ଗ୍ରାଇଣ୍ଡର୍ସ (ବଡ଼ା, ଏବଂ ଦୁଇଟି ଷ୍ଟେନ୍‌ଲେସ୍ ଷ୍ଟିଲ୍ ଜାର୍ ଥିବା ପୁରୁଣା ମିକ୍ସର୍ ଗ୍ରାଇଣ୍ଡର୍), ଇଣ୍ଡକ୍ସନ୍ କୁକ୍‌ଟପ୍, ରାଇସ୍ କୁକର, ଚିମ୍ନୀ, ହବ୍ସ, ଓଟିଜିଏସ୍, କେଟିଲ୍, ଟୋଷ୍ଟର୍, ଆୟରନ୍, ମାଇକ୍ରୋୱେଭ୍ ଓଭନ୍, କୁସର୍ ଏବଂ ବ୍ଲେଣ୍ଡର୍ସ ସାମିଲ ଅଟେ ।

For Franchisee enquiries, please contact Soumyadeep Roy, Mob: 7077721612 • For Trade enquiries, Call +91 70777 21602 • For Clean Home products trade enquiries, Call +91 90739 09475

Prestige Xclusive

BHUBANESWAR • Rabi Takies Chhak; Opposite to Kedar Gouri Resort; Mob: 7978609305. 105, • Bapujinagar; Post Office Lane; Near Yes Bank, Landline : 0674 -2597141 Mob : 9937138998 • 237, Bapujinagar; Pani Tanki Lane, Ph: 0674 2597685/ 9777744071 • 10, Janpath, Satyangar, Ph: 0674 2573408, 8280056821 • Shop No FG 3, I.D. Market, Near Reliance Fresh, IRC Village, Mob: 9861404879; RAGHUNATHPUR: Shop No - S5, Manson Green, Raghunathpur, Nandankanan Road, Bhuvneswar - 754005, Ph: 7205876694; CUTTACK • Dolmundai Hotel Akbari complex, Dolomundai, Haripur Road, Ph: 0671 2411580; Mob: 9658725456, • Baxi Bazar, Manisahoo Chhak, Mob: 6371736954 • CDA: Plot No. CM/3 (In front of Police Station), Markat Nagar, Sector - 7, Ph: 0671-2504833, Mob: 8280079702; PURI Behind Gundicha Temple , Sarvodaya Nagar Road, Beside Suruchi Mandap, Ph: 7978547991 SAMBALPUR • Golbazaar: near Durga Temple Mob: 9338194750, • Budharaza: Opposite to Budharaza High School, Mob: 8908974370/ 7008477688; KENDRAPARA: Kakat Chhak, Ph: 06727 221241; Mob: 9040562233 JAGATSINGHAPUR: C/o: Orchid Mart – Central Market, 06724221090/ 06724221080; DHENKANAL: Room No 14; I.G.Super Market, near SBI ATM; Mob: 9777190558/ 9348178750; BERHAMPUR One Way Traffic Road; Near Reliance Digital; Mob: 6370530195/ 7853802278/ 06802222145; BOLANGIR A.B.S.S. Road, Near Samaleswari Temple, Ph: 06652 232419; Mob : 9437331171, 9437241863; Rayagada: Main road, Near Old Station, Ph: 9439239394/ 8249517365; JEYPORE: Beside Usha Stores, Main Road, Ph: 06854 231221, Mob: 7008402905; SEMILIGUDA: College Chhak, O.C.C Nagar, Main Road, Mob: 8328800974. SUNDERGARH Shop No 8; Nehru Market Complex; Private Bus Stand, Sundergarh, Mob: 9438076828; BARGARH: New patra needs – Infront of Gopal Goshala, NH-6, Main Road, PH-9937171761/ 9556446300, 06646230124, Rourkella : Main Road, Daily Market, Udit Nagar, Mob: 9777457774

PRESTIGE PRIORITY RETAILER :- BHUBANESWAR- REETA, Ph: 0674-2597111, UTKAL LIGHT HOUSE, Ph: 9937019272, CUTTACK –UNION SALES EMPORIUM, Ph:2307878. AUTHORISED DISTRIBUTORS:- BHUBANESWAR- Manorama Trading Co.,Ph No.9437279239; JATINI- Kanha Agencies, Ph. No.9437090516; CUTTACK- Mahavir Enterprise, Chauliganga, Ph. No.9937092599; TALCHER- Sidharth Enterprises, Hatatota, Ph. No.9437003384; ROURKELA- Shah Distributor, Ph-0661-2506904, 9438712456; SAMBALPUR- Gayatri Traders, Ph-9937074072,9437925273; BALASORE- Satyabhama Sales, Ph. No.7008096876); BHADRAK- Akhandalamani Enterprise, Ph No.9437436221,9437960230; MAYURBHANJ- Cooling Point Ph No.9437161333; GANJAM & PHULBANI –Sri Sitaram Enterprises, Ph. No.9437216521; BALANGIR & KALAHANDI- Ably Info Solutions Ph No. 9437025475. AUTHORISED DEALERS :- BHUBANESWAR:- Royal Care, Ph 9937057177. Anu Agency, Ph 9437034488. Swosti Agency ,Ph. 9439433333. Spectra Vision, Ph.-9937722277.Crockery Plaza, Ph. 0674-2534631. Maa Santoshi Agency, Ph. 9778289266. Kitchen Gallery, Ph-9437185026. Gharsansar, Ph 9437040438. Shreeji ,Ph. 9861085294. Kitchen King, Ph 9938475829. SB Enterprises, Ph 9861155551; Shree Balaji Distributors, Ph 7008715226;Shri Jaganath Enterprises, Ph.9861150572. Baba Enterprises-99178550816. Swana Electronics, Ph.9938274127. Sai Associates-7381065641. Sonamona VarietyStore , Ph. 9437287620. Situ Plastic, Ph. 9861772109; S.R.Electronics, Ph.-6861155300. Kitchen Queen, Ph.7894082707. Karan Electricals, Ph.-9778337345; A.S.Enterprises, Ph.8249658303. Das & DAS Home Appliances & Fan, Ph.8895014877. Galaxy Enterprises, Ph.9937133040. Utkal Sales, Ph. 9853150619. Nilakantha Agency- 9937346923, SB Enterprise-9861155551; CUTTACK:- Janata General Store, Ph-2419948, Arbind Plastic, Ph 8763923528. Patra Electronics, Ph. 2631222, SALEPUR:- Sanjay Electronics NX, Ph. 9777777329. ANGUL: Saralia Trading Co. Ph-9439471222, Shree Agency- Ph 9437013144. TALCHER- Beauty Palace-9437118065, Home Maker-9776173777; DHENKANAL:- Beauty House-9777190558.NTPC:- Pani Enterprise, Ph 9437056860. PARADEEP:- Krishna Enterprise, Ph. 9937451474. KENDRAPARA :- Purnamasi Electrical ,Ph. 9937070448. UMARKOT:- Balaji Metal Store , Ph 9437524982. ROURKELA:- Prestige, Ph-2642265. City Super Bazar ,Ph-9437047413. Khemka General Store, Ph-2502396. Suruchi Bazar, Ph-9861117222. Pawan Store, Ph-9861040291. Garg Enterprises, Ph 9437046546. BK Enterprises, Ph 9861339753. RAJGANGPUR- Pradeep Store, Ph-9437244015. Kitchen Plaza, Ph. 9937109583. SUNDARGARH- Laxmi Steel, Ph-9776164771. Satyam Enterprises, Ph. 9937425413; KANTABANJI:- Ganapati Electricals, Ph. 9938669100. BARIPADA: Aerovision, Ph 9861828643. BALASORE: United Sales Agency-9583519516; CHOWDWAR: PREMIUM:-9861101122; RAHAMA- MAA PADMABATI ENTERPRISE:-9861202577. AUTHORISED SERVICE CENTRE :- CUTTACK: TTK Prestige Ltd (RSC) Plot No 864/2677. Near Pala Mandap, Near By Shibani Glass House Ph 0671-2367499; BHUBANESWAR- Ph -9776322880; ROURKELA- Ph. 9853522686. BERHAMPUR- Ph. 0680-2228066. Sambalpur- Ph. 8895149244; BOLANGIR- Ph. 06652-234443. ANGUL- Ph. 9437903195. Balasore: Ph. 9937393936, JEYPORE- Ph. 9438445339, 06854-232339; JAJPUR ROAD: Ph. 9658464643; RAHAMA: Ph - 9437483032: KEONJHAR: 7008589306; BARGARH: 9438015648; BHAWANIPATNA: 8328805215

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆଇସା
ପରିବାରବର୍ଗ


ଜୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନାବାଳିକା ୫ ମାସର ଗର୍ଭବତୀ

**ବରପାଲି, ୨୫।୫ (ଡି.ଏନ.ଏ)**

ବରପାଲି ବ୍ଲକ ବରମକେଲା ପଞ୍ଚାୟତ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବିବାହିତ ଯୁବକ ଜଣେ ୧୨ ବର୍ଷର ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ସମ୍ପୃକ୍ତ ନାବାଳିକା ଜଣକ ଏବେ ୫ମାସର ଗର୍ଭବତୀ ହୋଇଛନ୍ତି । ଏହା ଜଣାପଡିବା ପରେ ନାବାଳିକାଙ୍କ ପିତା ଶନିବାର ବରପାଲି ଥାନାରେ ଏତଲା ଦେଇଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଅଭିଯୁକ୍ତ ଯୁବକ ଫେରାର ଅଛନ୍ତି।

# ଶ୍ୱଶୁର ଘରୁ ଫେରୁଥିବା ଯୁବକଙ୍କୁ ହତ୍ୟା

**ବାଲିଶଙ୍କରା, ୨୫।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ତଲସରା ଥାନା ବନଡେଗା ଫାଣ୍ଡି ନିକଟ ଲୁଲକିଡିହ ବିଛାଟଲିରେ ଶୁକ୍ରବାର ରାତି ସାଢ଼େ ୧୦ଟାରେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ବିଛାଟଲିର କୈଳାସ ନାଏକ (୪୫)। କୈଳାସ ନିଜ ଘରଠାରୁ ୧୦୦ ମିଟର ଦୂର ତାଙ୍କ ଶ୍ୱଶୁର ଘରୁ ଟିଭି ଦେଖି ଫେରୁଥିବାବେଳେ କୌଣସି ଦୁର୍ବୃତ୍ତ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। କୈଳାସ ଜୀବନ ବିକଳରେ ଚିତ୍କାର କରି ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଦୁର୍ବୃତ୍ତ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଫଳରେ କୈଳାସ ଶ୍ୱଶୁର ଘର ସମ୍ମୁଖରେ ଟଳିପଡ଼ିଥିଲେ। କୈଳାସଙ୍କ ଚିତ୍କାର ଶୁଣି ପଡ଼ାବାସୀ ରୁଣ୍ଡ ହେବାରୁ ଦୁର୍ବୃତ୍ତ ଖସି ପଳାଇଥିଲେ।

ଗ୍ରାମବାସୀ କହିଛନ୍ତି, ଏହି ଅଞ୍ଚଳ ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ ସୀମାନ୍ତବର୍ତ୍ତୀ ହୋଇଥିବାରୁ ଗୋରୁ ତଥା ଛେଳିମେଣ୍ଢା ଚୋରି ବଢ଼ିବାରେ ଲାଗିଛି। କୌଣସି ଦୁର୍ବୃତ୍ତ ଗାଈ, ଛେଳି ଚୋରି କରିବାକୁ ଆସିଥିବାବେଳେ କୈଳାସ ସେମାନଙ୍କୁ ଚିହ୍ନିଥିବାରୁ ଦୁର୍ବୃତ୍ତମାନେ ତାଙ୍କୁ ହତ୍ୟା କରିଥାଇପାରନ୍ତି । ଥାନା ଅଧିକାରୀ ମଞ୍ଜରୀ ନାୟକ, ଏସ୍‌ପି ସୌମ୍ୟା ମିଶ୍ର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଚଳାଇଛନ୍ତି।

ଗତ ୪ ବର୍ଷ ହେବ ଆମ ପୋଲିସ ସମିତି ବୈଠକ ତଲସରା ଥାନାରେ ବସିନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ଉପରୋକ୍ତ ଅଞ୍ଚଳରେ ମୋବାଇଲ ଟାୱାରଟିଏ ମଧ୍ୟ ନାହିଁ। ରାତ୍ରିକାଳୀନ ଗାଡ଼ି ଯାଞ୍ଚ କରାଯାଉ ନାହିଁ। ତେଣୁ ଅପରାଧ ବଢ଼ି ଚାଲିଛି। ପୋଲିସ ପାଟ୍ରୋଲିଂ ବଢ଼ାଇବା ସହ ଅନ୍ୟ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ଗ୍ରାମବାସୀ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି। ଜିଲାପାଳଙ୍କ ସହ ଆଲୋଚନା କରି ଅତିଶୀଘ୍ର ସମସ୍ୟା ସମାଧାନ କରାଯିବ। ପାଟ୍ରୋଲିଂ ବ୍ୟବସ୍ଥା ଚାଲୁ କରିବାକୁ ଥାନାକୁ ନିର୍ଦ୍ଦେଶ ଦେବେ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣା ପରେ ଲୁଲକିଡିହ ଗ୍ରାମରେ ଆତଙ୍କ ଖେଳିଯାଇଛି।

# ଭଉଣୀ ବିବାହ ପୂର୍ବଦିନ ଭାଇଙ୍କ ମୃତ୍ୟୁ

**ଅତାବିରା, ୨୫।୫ (ଡି.ଏନ.ଏ)**

ନିଜ ଭଉଣୀଙ୍କ ବିବାହ ଜାକଜମକ ସହିତ କରିବା ପାଇଁ ଭାଇ ଲାଗି ପଡିଥିଲେ । ଯାନି ଯୌତୁକ ଉପହାର ଦେବା ପାଇଁ ପ୍ରସ୍ତୁତି କରିଥିଲେ । ଭୋଜି ପାଇଁ ସଉଦା କିଣି ଘରକୁ ଆଣିଥିଲେ । କିନ୍ତୁ ରବିବାର ଭଉଣୀଙ୍କ ବିବାହ ଦିନ ଥିବା ବେଳେ ଶନିବାର ସେହି ଭାଇଙ୍କ ମୃତ୍ୟୁ ହୋଇଯାଇଛି । ବରଗଡ ଜିଲା ଅତାବିରା ବ୍ଲକ ବୁଗବୁଗା ଗ୍ରାମରେ ରବିବାର ବଣ୍ଟି ମହାକୁର (୧୯)ଙ୍କ ଭଉଣୀ ବିବାହ ଉତ୍ସବ ଥିଲା । ଶନିବାର ବଣ୍ଟିଙ୍କ ଦେହ ଖରାପ ହେବାରୁ ତାଙ୍କୁ ଅତାବିରା ଓ ପରେ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବଣ୍ଟିଙ୍କ ମୃତ୍ୟୁ ହୋଇଥିଲା ।

# ପର୍ବତାରୋହୀ କଳ୍ପନା ଦାଶଙ୍କ ମୃତ୍ୟୁ ଘଟଣା
# ତଦନ୍ତ ପାଇଁ ନେପାଳ ମାନବାଧିକାର କମିଶନରେ ପିଟିଶନ




ଏଭରେଷ୍ଟ ଶୀର୍ଷରେ ପାଦ ରଖିବା ପରେ କଳ୍ପନା ଦାଶ। ଅଭିଯାନ ସାରି ଫେରୁଥିବାବେଳେ ଅସୁସ୍ଥ ହୋଇ ବରଫ ଚଟାଣରେ ପଡ଼ିଯାଇଛନ୍ତି। (କଳ୍ପନାଙ୍କ ପୁତୁରା ଗୌରୀଶଙ୍କର ଦାଶଙ୍କ ସୂତ୍ରରୁ ମିଳିଥିବା ଫଟୋ।)

**କଟକ ଅଫିସ, ୨୫।୫**

ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ଏଭରେଷ୍ଟ ଆରୋହଣ କରି ଫେରୁଥିବା ସମୟରେ ପର୍ବତାରୋହୀ କଳ୍ପନା ଦାଶ ଓ ଅନ୍ୟ ୧୩ଜଣଙ୍କ ମୃତ୍ୟୁ ହେବା ଘଟଣାରେ ସେଠାକାର ପ୍ରଶାସନିକ ଅବହେଳାକୁ ଦାୟୀ କରାଯାଇଛି। ଏହି ଅବହେଳା ବିରୋଧରେ ଓଡ଼ିଶାର ମାନବାଧିକାର କର୍ମୀ ଅଖଣ୍ଡ ନେପାଳ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଏକ ପିଟିଶନ ଦାଖଲ କରି ପର୍ବତାରୋହୀଙ୍କ ମୃତ୍ୟୁ ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି ।

କଳ୍ପନା ଏକ ୩ ଜଣିଆ ଅଭିଯାତ୍ରୀ ଦଳର ନେତୃତ୍ୱ ନେଇ ଦ୍ୱିତୀୟ ଥର ପାଇଁ ଏଭରେଷ୍ଟ ଆରୋହଣରେ ସଫଳ ହୋଇଥିଲେ। ଗତ ୨୩ ତାରିଖରେ ଏଭରେଷ୍ଟ ଶିଖରରୁ ଅବତରଣ କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଓ ଏଭରେଷ୍ଟ ବାଲ୍‌କୋନି ଏରିଆରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କୁ ମିଶାଇ ପର୍ବତାରୋହଣର ଏହି ଋତୁରେ ମୋଟ୍ ୧୪ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ଘଟିସାରିଲାଣି। ସିଭିଲ ସୋସାଇଟି ଫୋରମ୍ ଅନ୍ ହ୍ୟୁମାନ୍ ରାଇଟସ୍‌ର ୱାର୍କିଂଗ୍ରୁପ୍ କାର୍ଯ୍ୟକାରୀ ସଦସ୍ୟ ଅଖଣ୍ଡ ଜାତୀୟ ମାନବାଧିକାର କମିଶନ (ନେପାଳ)ଙ୍କୁ ଦେଇଥିବା ପିଟିଶନରେ ଦର୍ଶାଇଛନ୍ତି, ନେପାଳ ସରକାର ଅର୍ଥ ଲୋଭରେ ବର୍ଷକୁ ବର୍ଷ ଅଧିକ ପର୍ବତାରୋହୀଙ୍କୁ ଅନୁମତି ଦେଉଛନ୍ତି । ଗତବର୍ଷ ୩୭୩ ଜଣଙ୍କୁ ଅନୁମତି ଦିଆଯାଇଥିବାବେଳେ ଏବର୍ଷ ୩୭୮ ଜଣଙ୍କୁ ଅନୁମତି ମିଳିଛି। ମେ ମାସରେ ଅପେକ୍ଷାକୃତ ଅନୁକୂଳ ପାଗ ରହୁଥିବାରୁ ଏହି ସମୟରେ ହିଁ ସମସ୍ତେ ପର୍ବତାରୋହଣ କରୁଛନ୍ତି। ପୁଣି ଏମାନଙ୍କ ସଙ୍ଗେ ଜଣେ ଲେଖାଏ ନେପାଳୀ ଗାଇଡ୍ ଯାଉଛନ୍ତି। ଅର୍ଥାତ୍ ୭୫୦ରୁ ଅଧିକ ଚଢାଳି ଏକସଙ୍ଗେ ଯାଉଛନ୍ତି, ଯାହାଫଳରେ ସେଠାରେ ପ୍ରବଳ ଭିଡ ଜମୁଛି । ଏଭଳି କି ଓହ୍ଲାଇବା ପାଇଁ ଜଣଙ୍କୁ ୧୦ ଘଣ୍ଟାରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଛି । ସେଠାରେ ଗୋଟିଏ ଦଉଡି ଲାଗିଥିବାରୁ ଚଢୁଥିବା ଓ ଓହ୍ଲାଉଥିବା ଲୋକ ତାହା ଉପରେ ନିର୍ଭର କରନ୍ତି । କାହିଁକି ଏତେ ପର୍ବତାରୋହୀଙ୍କୁ ଅନୁମତି ମିଳିଛି ଓ ଏତେ ଲୋକଙ୍କୁ କେଉଁ ଆଧାରରେ ଅନୁମତି ମିଳୁଛି, ତାହାର ତଦନ୍ତ କରିବାକୁ ସେ ନେପାଳ ମାନବାଧିକାର କମିଶନଙ୍କ ନିକଟରେ ଦାବି କରିଛନ୍ତି । ତେବେ କଳ୍ପନାଙ୍କ ମୃତ୍ୟୁ ସଂକ୍ରାନ୍ତରେ ବିଧିବଦ୍ଧ ତଦନ୍ତ କରିବାକୁ ଅଖଣ୍ଡ ନିଜ ଆବେଦନରେ ଦାବି କରିଛନ୍ତି।

ଅନ୍ୟପଟେ ୨୮ ତାରିଖରେ ନେପାଳ ସରକାର କଳ୍ପନାଙ୍କ ମରଶରୀର ହସ୍ତାନ୍ତର କରିବେ ବୋଲି ଜଣାପଡ଼ିଛି। ଏଥି ପାଇଁ ୨୭ ତାରିଖରେ ପରିବାର ସଦସ୍ୟ କାଠମାଣ୍ଡୁ ଅଭିମୁଖେ ବାହାରିବେ ବୋଲି ମୃତ କଳ୍ପନାଙ୍କ ପୁତୁରା ଗୌରୀଶଙ୍କର ଦାଶ ସୂଚନା ଦେଇଛନ୍ତି।

# ପ୍ରେରଣାର ଉତ୍ସ କବି ଜୟନ୍ତ ମହାପାତ୍ର

**କଟକ ଅଫିସ, ୨୫।୫**

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବିଶିଷ୍ଟ କବି ଜୟନ୍ତ ମହାପାତ୍ରଙ୍କୁ ଅନୁଷ୍ଠାନର ମର୍ଯ୍ୟାଦାଜନକ ମହତ୍ତର ସଦସ୍ୟତା(ଫେଲୋଶିପ) ପ୍ରଦାନ କରାଯାଇଛି। କଟକ ଶତାବ୍ଦୀ ଭବନଠାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ଏକ ଉତ୍ସବରେ ସାହିତ୍ୟ ଏକାଡେମୀର ସଭାପତି ଡ. ଚନ୍ଦ୍ରଶେଖର କମ୍ବର କବି ମହାପାତ୍ରଙ୍କୁ ମହତ୍ତର ସଦସ୍ୟତା ପ୍ରଦାନ କରିଛନ୍ତି। ଜୟନ୍ତଙ୍କ ନିଷ୍ପାପର ସାରସ୍ୱତ ସାଧନା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ତାଙ୍କୁ ଖ୍ୟାତି ଆଣିଦେଇଛି। ପରପିଢ଼ି ନିମନ୍ତେ ସେ ପ୍ରେରଣାର ଉତ୍ସ ବୋଲି ଏହି ଅବସରରେ କମ୍ବର କହିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସଚିବ କେ. ଶ୍ରୀନିବାସ ରାଓ ମାନପତ୍ର ପାଠ କରିବା ସହ ଜୟନ୍ତଙ୍କ ସାହିତ୍ୟା କୃତି ଅନନ୍ୟ ଓ ଅନବଦ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟ ସମାଲୋଚକ ସୁକ୍ରୁତ ପଲ୍ କୁମାର, ଅରୁଣ କମଲ, ଯତୀନ୍ଦ୍ର କୁମାର ନାୟକ ଉପସ୍ଥିତ ରହି ଜୟନ୍ତଙ୍କ ସାହିତ୍ୟ କୃତିର ବିଭିନ୍ନ ଦିଗ ଓ ବୈଶିଷ୍ଟ୍ୟ ସମ୍ପର୍କରେ ମତ ଦେଇଥିଲେ। ଉତ୍ସବରେ ଓଡ଼ିଆ ପରାମର୍ଶ ପରିଷଦର ଆବାହକ ଡ. ବିଜୟାନନ୍ଦ ସିଂ ଅଧ୍ୟକ୍ଷତା କରିଥିବାବେଳେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ପରାମର୍ଶ ପରିଷଦର ସଭ୍ୟ ତରୁଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି କବି ରମାକାନ୍ତ ରଥ, ହରପ୍ରସାଦ ଦାସ, ସେକ୍ ମତଲୁବ ଅଲ୍ଲୀ, ଦାଶରଥି ଦାସ, କେନ୍ଦ୍ର ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ଅମରେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଓଡ଼ିଶାର ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ତଥା ସାରସ୍ୱତ ସ୍ରଷ୍ଟା ଚନ୍ଦ୍ରଶେଖର କମ୍ବର ଓ ସଚିବ କେ. ଶ୍ରୀନିବାସ ରାଓଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ବନ୍ଧୁମିଳନ ଏବଂ ସମ୍ବର୍ଦ୍ଧନା ଉତ୍ସବରେ ସଭାପତିତ୍ୱ କରିଥିଲେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂ। ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ତରୁଣ କୁମାର ସାହୁ ଓ ଉପସଭାପତି ସୁଶାନ୍ତ କୁମାର ନାୟକ ମାନପତ୍ର ପାଠ, ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଧନ୍ୟବାଦ ଦେଇଥିଲେ। ସଂଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ ସଭା ପରିଚାଳନା କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ଗ୍ରୀଷ୍ମ ବଳୟରେ...

୪୬.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୬.୩, ତାଳଚେର ୪୫.୭, ଝାରସୁଗୁଡା ୪୫.୨, ସମ୍ବଲପୁର ୪୫.୨, ଚାନ୍ଦବାଲି ୪୦.୨, କଟକ ୪୦.୫, ସୁନ୍ଦରଗଡ଼ ୪୩, ହୀରାକୁଦ ୪୪.୫, ଭବାନୀପାଟଣା ୪୪.୩, ମାଲକାନଗିରି ୪୩,ସୋନପୁର ୪୪.୮, ଭୁବନେଶ୍ୱର ୩୯.୫ ଏବଂ କେନ୍ଦୁଝର ସର୍ବାଧିକ ୩୯.୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ଉପକୂଳ ଓଡ଼ିଶା ବାୟୁମଣ୍ଡଳରେ ଆର୍ଦ୍ରତା ୮୦ରୁ ୯୫ ପ୍ରତିଶତ ରହୁଥିବାରୁ ଦେହ ମୁଣ୍ଡରୁ ଗମ୍ ଗମ୍ ଝାଳ ବାହାରି ଅସ୍ୱସ୍ତିକର ପରିବେଶ ସୃଷ୍ଟି କରିଛି। ଆସନ୍ତା ୩୧ ଯାଏ ତାତି ଓ ଗୁଳୁଗୁଳିରୁ ନିସ୍ତାର ମିଳିବ ନାହିଁ। ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ଶାରେ ତାତି ଆହୁରି ବଢ଼ିବା ସହ ଗ୍ରୀଷ୍ମପ୍ରବାହ ଜାରିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ବରଗଡ଼, ସୋନପୁର, ବଲାଙ୍ଗୀର, ନୂଆପଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳ ଗ୍ରୀଷ୍ମପ୍ରବାହ ହେବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ବୌଦ୍ଧ, କନ୍ଧମାଳ, ଗଞ୍ଜାମ ଏବଂ କୋରାପୁଟ ଜିଲାର କେତେକ ସ୍ଥାନରେ କାଳବୈଶାଖୀଜନିତ ଝଡ଼ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

## ମନ୍ତ୍ରୀପଦ ପାଇଁ...

ଭାଜପା ସଙ୍ଗଠନର ପ୍ରମୁଖ ଚେହେରାଭାବେ ଉଭା ହୋଇଥିଲେ। ପ୍ରତିଟି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ବହୁ କଂଗ୍ରେସ,ବିଜେଡି ନେତାଙ୍କୁ ଭାଜପାରେ ସାମିଲ କରାଇପାରିଥିଲେ। ପଞ୍ଚାୟତ ନିର୍ବାଚନରେ ଦଳକୁ ଆଶାତୀତ ସଫଳତା ମିଳିବାର ଶ୍ରେୟ ମଧ୍ୟ ଅନେକାଂଶରେ ଧର୍ମେନ୍ଦ୍ରଙ୍କୁ ଯାଇଥାଏ। ଭାଜପାର ସବୁ ପ୍ରମୁଖ ନେତା ନିର୍ବାଚନ ଲଢୁଥିଲେ। ହେଲେ ଧର୍ମେନ୍ଦ୍ର ସାରା ରାଜ୍ୟର ପ୍ରଚାର ମଙ୍ଗ ସମ୍ଭାଳିଥିଲେ। କେନ୍ଦ୍ର ସରକାରଙ୍କ ପ୍ରମୁଖ ସଫଳତା ମଧ୍ୟରେ ଉଜ୍ଜ୍ୱଳା ଯୋଜନା ଅନ୍ୟତମ। ଧର୍ମେନ୍ଦ୍ରଙ୍କ ହାତରେ ରହିଥିବା ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟକୁ ଏହାର ଶ୍ରେୟ ଯାଇଥାଏ। ବିଭିନ୍ନ ଜାତୀୟ ଗଣମାଧ୍ୟମର ଚର୍ଚ୍ଚା ଅନୁଯାୟୀ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ନୀତିନ ଗଡକରୀ ଏବଂ ପୀୟୂଷ ଗୋଏଲଙ୍କ ଭଳି ଧର୍ମେନ୍ଦ୍ର ପ୍ରଧାନ ମୋଦିଙ୍କ ନିକଟତମ ରାଜନେତାଙ୍କ ମଧ୍ୟରୁ ଜଣେ। ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ବିକାଶ ମନ୍ତ୍ରଣାଳୟର ଦାୟିତ୍ୱ ମଧ୍ୟ ଧର୍ମେନ୍ଦ୍ର ସୁଚାରୁ ରୂପେ ସମ୍ପାଦନ କରିଛନ୍ତି। ତେଣୁ ଧର୍ମେନ୍ଦ୍ର ଲଗାତର ଦ୍ୱିତୀୟଥର କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ହେବା ସମ୍ଭାବନା ଅଧିକ ବୋଲି ସମୀକ୍ଷକମାନେ ମତ ରଖିଛନ୍ତି।

ଜୁଏଲ ଓ ଧର୍ମେନ୍ଦ୍ରଙ୍କୁ ବାଦ୍ ଦେଇ ରାଜ୍ୟରୁ ଜଣେ କିମ୍ବା ଦୁଇଜଣ ରାଷ୍ଟ୍ରମନ୍ତ୍ରୀ ଅଥବା ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ) ପାଇପାରନ୍ତି। ଚଳିତ ନିର୍ବାଚନରେ ସୁନ୍ଦରଗଡରୁ ଜୁଏଲ ଓରାମ, ଭୁବନେଶ୍ୱର ଲୋକ ସଭା ଆସନରୁ ଅପରାଜିତା ଷଡ଼ଙ୍ଗୀ, ବାଲେଶ୍ୱରରୁ ପ୍ରତାପ ଷଡ଼ଙ୍ଗୀ, ସମ୍ବଲପୁରରୁ ନୀତେଶ ଗଙ୍ଗଦେବ, ବରଗଡରୁ ସୁରେଶ ପୂଜାରୀ, ବଲାଙ୍ଗୀରରୁ ସଙ୍ଗୀତା ସିଂ ଦେଓ , ମୟୂରଭଞ୍ଜରୁ ବିଶ୍ୱେଶ୍ୱର ଟୁଡୁ ଏବଂ କଳାହାଣ୍ଡିରୁ ବସନ୍ତ ପଣ୍ଡା ବିଜୟୀ ହୋଇଛନ୍ତି। ସୂତ୍ରରେ ମିଳୁଥିବା ଖବର ଅନୁଯାୟୀ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କୁ ଯଦି ସଙ୍ଗଠନରେ ରଖିବାକୁ କେନ୍ଦ୍ରୀୟ ନେତୃତ୍ୱ ଚାହିଁବେ ତେବେ ତାଙ୍କୁ ମନ୍ତ୍ରୀ ପଦ ନ ମିଳିପାରେ। ସେହିଭଳି ସୁରେଶ ପଶ୍ଚିମବଙ୍ଗର ସହପ୍ରଭାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ସେଠାରେ ଭାଜପା ଉତ୍ତମ ପ୍ରଦର୍ଶନ କରିଛି। ୨୦୨୧ରେ ସେଠାରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ସୁରେଶଙ୍କୁ ସାଙ୍ଗଠନିକ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇ ନ ପାରେ। ସେହିଭଳି ପ୍ରଶାସିକାରୁ ରାଜନେତ୍ରୀ ପାଲଟିଥିବା ଅପରାଜିତା, ବଲାଙ୍ଗୀରରୁ ଏକାଧିକ ଥର ଜିତିଥିବା ସଙ୍ଗୀତା ଏବଂ ବାଲେଶ୍ୱରରୁ ନିର୍ବାଚିତ ପ୍ରତାପ ଷଡ଼ଙ୍ଗୀଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ହେଲେ ଅନ୍ୟ କେତେକ ରାଜନୈତିକ ବିଶ୍ଳେଷକଙ୍କ କହିବାନୁଯାୟୀ, ଚଳିତଥର କେନ୍ଦ୍ରରେ ଏନ୍‌ଡିଏର ଆସନ ବୃଦ୍ଧି ପାଇଛି। ଏନ୍‌ଡିଏ ସହଯୋଗୀ ଦଳଗୁଡିକ ମଧ୍ୟ ପୂର୍ବାପେକ୍ଷା ଅଧିକ ଆସନ ପାଇଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ପରିପକ୍ୱତା ଦେଖାଇ ସହଯୋଗୀଙ୍କୁ ମନ୍ତ୍ରିମଣ୍ଡଳରେ ସୁଯୋଗ ଦେଇପାରନ୍ତି। ସେହିପରି ଭାଜପାର ନବନିର୍ବାଚିତ ଏମ୍‌ପିଙ୍କୁ ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରିପାରନ୍ତି ବୋଲି ଆଲୋଚନା ହେଉଛି।

## କାଳୀ ସାଧକଙ୍କ...

କରିଥିଲେ। ଏହାପରେ ଜିତୁଙ୍କୁ କେହି ହତ୍ୟା କରିଥିବା ଅଭିଯୋଗ ଆଣିଥିଲେ ପରିବାର ଲୋକେ। ଟାଉନ୍ ଥାନାକୁ ଏ ନେଇ ସୂଚନା ଦିଆଯାଇଥିଲା।

ଶନିବାର ସକାଳୁ ପଡାର ଏକ ନିର୍ଦ୍ଦିଷ୍ଟ ପରିବାର ଉପରେ ସମସ୍ତଙ୍କ ନଜର ରହିଥିଲା। ଜିତୁଙ୍କୁ ସେହି ପରିବାର ସଦସ୍ୟମାନେ ବଳି ଦେଇଥିବା ସନ୍ଦେହ କରାଯାଇଥିଲା। ସେହି ପଡାର ଜଣେ କାଳୀ ସାଧକ ଜିତୁଙ୍କୁ ବଳି ଦେବା ଉଦ୍ଦେଶ୍ୟରେ ହତ୍ୟା କରିଥାଇପାରନ୍ତି ବୋଲି ପରିବାରର କେତେଜଣ ସଦସ୍ୟ ସନ୍ଦେହ ପ୍ରକାଶ କରିବା ପରେ ପଡାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ଟାଉନ ଥାନା ପୋଲିସ ଉକ୍ତପଡା ଉପରେ ନଜର ରଖିଥିଲା। ଏ ନେଇ ଟାଉନ ଥାନା ଅଧିକାରୀ ତୋଫାନ ବାଗଙ୍କୁ ପଚରାଯିବାରୁ ଜିତୁର ମୃତ୍ୟୁକୁ ନେଇ ପରିବାର ଲୋକେ ହତ୍ୟା ସନ୍ଦେହ ପ୍ରକାଶ କରି ଥାନାରେ ଅଭିଯୋଗ କରିଛନ୍ତି। ଶିଶୁର ମୃତଦେହ ବ୍ୟବଚ୍ଛେଦ ହୋଇସାରିଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ଯୁବକଙ୍କୁ ଘରୁ...

ପୋଲିସ ନଂ. ୭୨/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଅଲେଖ ଗ୍ରାମର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଭଲ ପାଉଥିଲେ। ଝିଅଘର ଲୋକେ ଏହାକୁ ବାରଣ କରିବା ସହ ଅଲେଖଙ୍କୁ ଏଥିରୁ ଦୂରେଇ ରହିବାକୁ ତାଗିଦ୍ କରୁଥିଲେ। ଅଲେଖ ଏହାକୁ ନ ମାନି ସମ୍ପୃକ୍ତ ଛାତ୍ରୀଙ୍କ ସହ ମିଳାମିଶା କରୁଥିଲେ। ଶୁକ୍ରବାର ରାତି ପ୍ରାୟ ୧୨ଟାରେ ଅଲେଖ ଜେଜେବାପାଙ୍କ ସହ ଘରେ ଶୋଇଥିବାବେଳେ ଗ୍ରାମର ୮ରୁ ୧୦ଜଣ ଲୋକ ଆସି ତାଙ୍କୁ ଘରୁ ଡାକି ନେଇଥିଲେ। ଏଥିରେ ଝିଅଘର ପରିବାର ଲୋକେ ମଧ୍ୟ ଥିଲେ। ଅଲେଖଙ୍କୁ ଝିଅ ଘରକୁ ନେଇ ନିସ୍ତୁକ ମାଡ ମରାଯାଇଥିଲା। ଖବର ପାଇ ତାଙ୍କ ବାପା ସେଠାରେ ପହଞ୍ଚି ପୁଅକୁ ମାଡ ମରାଯାଉଥିବା ଦେଖି ଧରାକୋଟ ଥାନାକୁ ଖବର ଦେଇଥିଲେ। ଧରାକୋଟ ଥାନା ଅଧିକାରୀ ଶେଷଦେବ କହଁର ସଦଳବଳ ପହଞ୍ଚି ଅଲେଖଙ୍କୁ ଝିଅଘରୁ ଉଦ୍ଧାର କରିଥିଲେ। ତାଙ୍କ ଦେହରେ ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାବେଳେ ଅବସ୍ଥା ଗୁରୁତର ଥିବାରୁ ପୋଲିସ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲା। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ଧରାକୋଟ ପୋଲିସ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ଝିଅଙ୍କ ପରିବାରର ୪ ଜଣଙ୍କୁ ଥାନାକୁ ଆଣି ପୋଲିସ ପଚରାଉଚରା ଚଳାଇଛି। ଝିଅଙ୍କ ବାପା, ମା'ଙ୍କ ସମେତ ଅନ୍ୟ ସଦସ୍ୟ ଫେରାର ହୋଇଯାଇଛନ୍ତି।


ଅଲେଖ ନାହାକ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଏକାଦଶସ୍ଥ ଚନ୍ଦ୍ର ହେତୁ ଯାହା କରିବେ ତାହା ନିର୍ବିଘ୍ନରେ ଫଳପ୍ରଦ ହେବ। କିନ୍ତୁ ଘାତବାର ଯୋଗୁ ଚୁ ଓ ଲ-ନାମାକ୍ଷର ବ୍ୟକ୍ତିଙ୍କ ବିଚାରଧାରା ବିଗିଡ଼ିଯିବ। ପାରିବାରିକ ସମସ୍ୟା, ଯାନବାହନରେ କ୍ଷତିର ସମ୍ଭାବନା ହେତୁ ସତର୍କତା ରକ୍ଷା କରିବା ଭଲ। କର୍ମକ୍ଷେତ୍ରସ୍ଥ ବିଶୃଙ୍ଖଳିତ ପରିସ୍ଥିତିରେ ପଡ଼ି ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ।

**ବୃଷ**
ତୃତୀୟାଧିପ କର୍ମସ୍ଥ ହେତୁ ବନ୍ଧୁ ପରିଜନ ଆପଣଙ୍କ କାମରେ ସହଯୋଗ କରିବେ। ସାଧାରଣ କଥାରେ ଅତ୍ୟଧିକ ଉତ୍ତେଜନା ନିଜର ହିଁ କ୍ଷତି ସାଧନ କରିପାରେ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ, କିନ୍ତୁ ସକାଳୁ ବିତର୍କଜନିତ ମନଟା ବିଗିଡ଼ି ଯାଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ କର୍ମକ୍ଷେତ୍ର ସମସ୍ୟାବହୁଳ ରହିବ।

**ମିଥୁନ**
ନିଜ ଲୋକମାନଙ୍କ ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ ପ୍ରକାର ସମସ୍ୟା ଦେଇ ଦିନଟି ଅତିବାହିତ ହେବ। ଅବଶ୍ୟ ବନ୍ଧୁଙ୍କ ସାହାଯ୍ୟ ହେତୁ ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବ। ମାଲିମକଦ୍ଦମା, ପ୍ରଶାସନ, ରାଜନୀତି ତଥା ଗଠନମୂଳକ ଓ ରାଜନୈତିକ ପୃଷ୍ଠଭୂମିରେ ଉତ୍ସାହିତ ରହିବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିପାରେ।

**କର୍କଟ**
ଆଜିର ଶନି କ୍ଷେତ୍ରସ୍ଥ ଅଷ୍ଟମ ଚନ୍ଦ୍ର ଧନିଷ୍ଠା ନକ୍ଷତ୍ରସ୍ଥ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇପାରେ। କ୍ରନିକ୍ ରୋଗର ପ୍ରାଦୁର୍ଭାବ ଫଳରେ ସାମୟିକ ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବାର ସୂଚନା ମଧ୍ୟ ରହିଛି। ତଥାପି ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦମୁକ୍ତ ହୋଇପାରନ୍ତି।

**ସିଂହ**
ଆଜିର ଦିନଟି ଏକ ସ୍ମରଣୀୟ ଦିବସ ଭଳି ସବୁଦିନ ପାଇଁ ମନେରହିବ। ଯେଉଁ କାମ କରିବେ, ତାହା ପୂର୍ଣ୍ଣତାପ୍ରାପ୍ତ ହେବାରେ କୌଣସି ଅସୁବିଧା ରହିବ ନାହିଁ। ସଭାସମିତି, ପରିବହନ, ପ୍ରଶାସନ, ମାଲିମକଦ୍ଦମା କ୍ଷେତ୍ର ଉନ୍ନତ ରହିବ। ଦ୍ରୁତୋନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇପାରେ।

**କନ୍ୟା**
ଆଜି ଯାହା କରନ୍ତୁ ନା କାହିଁକି ଅତ୍ୟଧିକ ଖର୍ଚ୍ଚାନ୍ତ ସାଙ୍ଗକୁ ଟେନ୍‌ସନ ଲାଗି ରହିବା ହେତୁ ମାନସିକ ସ୍ଥିତି ଠିକ୍ ରହିବନାହିଁ । ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ କିମ୍ବା ଅପରିଣାମଦର୍ଶିତାଜନିତ କାର୍ଯ୍ୟ ସମସ୍ୟାକୁ ବଢ଼ାଇ ଦେଇପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟି ଲକ୍ଷ୍ୟ ସାଧନରେ ବ୍ୟାଘାତ ସୃଷ୍ଟି କରିବାର ଆଶଙ୍କା ରହିଛି।

**ତୁଳା**
ଶୁକ୍ର ଓ ଚନ୍ଦ୍ରଙ୍କ ଶୁଭ ସଂସ୍ଥାନ କାରଣରୁ ସକାଳୁ ସକାଳୁ ଖୁସି ଖବର ପାଇ ମନ ଉଲ୍ଲସିତ ହୋଇ ଉଠିବ। ଖଳଲୋକଙ୍କ କଥାକୁ ବିଶ୍ୱାସ କରି ନିଜର ଅତି ବିଶ୍ୱସ୍ତ ବନ୍ଧୁଙ୍କୁ ଭୁଲ୍ ବୁଝିପାରନ୍ତି। ଆଲୋଚନା ପରିସରରେ ଗୁରୁଜନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅର୍ଥଲାଭରୁ ଖୁସି ରହିବେ। ଘର ସାଜସଜ୍ଜାରେ ସମୟ ଅତିବାହିତ ହୋଇପାରେ।

**ବିଛା**
ଭାଗ୍ୟାଧିପ ଶନିଙ୍କ କ୍ଷେତ୍ରରେ କେନ୍ଦ୍ରସ୍ଥ ହେତୁ ପ୍ରତ୍ୟେକ କାର୍ଯ୍ୟରେ ଧିମା ଗତିରେ ସଫଳତା ପାଇବେ । ସଭାସମିତି, ଆଲୋଚନା, ବନ୍ଧୁସମ୍ପର୍କ, ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ମିଳିବ। ପାରିବାରିକ କ୍ଷେତ୍ରରେ ଛୋଟ ମୋଟ ସମସ୍ୟାକୁ ନେଇ ବିଶେଷ ବ୍ୟସ୍ତ ହୋଇପାରନ୍ତି।

**ଧନୁ**
ଅଷ୍ଟମାଧିପତିଙ୍କ ତୃତୀୟଭାବ ସଂସ୍ଥିତି ଯୋଗୁ କଅଁଳ କଥାରେ ମର୍ମଭେଦୀ ବିବାଦୀୟ କଥା କହି ଅପ୍ରିୟତା ଅର୍ଜନ କରିପାରନ୍ତି। ଏହା ସାଙ୍ଗକୁ କର୍ମକ୍ଷେତ୍ରରେ ମଧ୍ୟ ବିଭିନ୍ନ ସମସ୍ୟା ସାଙ୍ଗକୁ ଖର୍ଚ୍ଚ ପରିମାଣ ବଢିଯିବା କାରଣରୁ ମାନସିକ ସ୍ଥିତି ବିଗିଡ଼ି ଯାଇପାରେ। ଅତି ନିଜର ଲୋକଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ସେହି ବ୍ୟକ୍ତି କାମ କରିବେ ନାହିଁ।

**ମକର**
ରାଶିରେ ଶନି କ୍ଷେତ୍ରରେ ଦ୍ୱିତୀୟସ୍ଥ ଚନ୍ଦ୍ର ଅତୀତ ସ୍ମୃତିକୁ ମନରେ ଜାଗ୍ରତ କରି ଭାବୁକ ବନାଇପାରେ। ବନ୍ଧୁଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। ଅଯଥା କଳହରୁ ଦୂରେଇ ରୁହନ୍ତୁ। ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆର୍ଥିକ ଅନଟନ ଲାଗି ରହିବା ସହ ଉଚ୍ଚବର୍ଗଙ୍କ ସହାୟତା ପାଇବା ଯୋଗୁ ସ୍ଥିରତା ଫେରିପାଇବେ।

**କୁମ୍ଭ**
ଧନକର୍ମାଧିପ ବୃହସ୍ପତି ଓ ବିପରୀତ ରାଜଯୋଗ ପ୍ରଭାବରେ ଆଜିର କର୍ମକ୍ଷେତ୍ର, ପରିବାର, ଯାନବାହନ, ବନ୍ଧୁ ସମ୍ପର୍କ ଦୃଢ଼ୀଭୂତ ରହିବ। ବିନା ଆହ୍ୱାନରେ ଅନ୍ୟମାନଙ୍କ ସକାଶେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ଶିକ୍ଷା, ଗବେଷଣା, ବିଦେଶ ଯାତ୍ରା, କଳା, ସାହିତ୍ୟ, ସଙ୍ଗୀତ ଓ ଆଲୋଚନା କ୍ଷେତ୍ର ପ୍ରଶସ୍ତ ରହିବାର ସୂଚନା ରହିଛି।

**ମୀନ**
ଆଜିର ଅନୁକୂଳ ଗ୍ରହସ୍ଥିତି ଆପଣଙ୍କର ସର୍ବାଙ୍ଗୀନ ଉନ୍ନତିର କାରଣ ହେବ। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦ ବଢ଼ିପାରେ। ଅଫିସ୍‌ରେ ଅଧସ୍ତନ କର୍ମଚାରୀଙ୍କୁ ଅସହ୍ୟ କଟୁକଥା ପ୍ରୟୋଗ କଲେ ନିଜକୁ ହିଁ ଅପମାନିତ ହେବାକୁ ପଡ଼ିବ। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

ଆଜି ଶ୍ରୀକ୍ଷେତ୍ରେ ଭଉଁରି, ଜ୍ୟେଷ୍ଠ କୃଷ୍ଣ ସପ୍ତମୀଯୁକ୍ତ ଅଷ୍ଟମୀ, ରବିବାର, ମେ ୨୬ ତାରିଖ, ରାଶି ନକ୍ଷତ୍ର-ଦିବା ଘ୧।୫୧ମି. ପର୍ଯ୍ୟନ୍ତ ଧନିଷ୍ଠା/କୁମ୍ଭ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଧନିଷ୍ଠା ନକ୍ଷତ୍ରେ ବିବାହ ପାଣିଗ୍ରହଣ, ମେଷରାଶିର ଘାତବାର, ଶରଣଂ, ସକାଳ ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୭ମି. ଗତେ ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୩୮ମି. ଗତେ ଘ୬।୧୬ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

■ ଭୁବନେଶ୍ୱରରେ ବିମାନର ଜରୁରୀ ଅବତରଣ

### ଅସୁସ୍ଥ ବାଂଲାଦେଶୀ ଯାତ୍ରୀଙ୍କ ମୃତ୍ୟୁ

**ଭୁବନେଶ୍ୱର,୨୫।୫(ବ୍ୟୁରୋ):** ଏମିତି ବି ଆସିପାରେ ମୃତ୍ୟୁ। ବିମାନରେ ଘରକୁ ଫେରିବା ସମୟରେ ଜଣେ ଯାତ୍ରୀ ଅସୁସ୍ଥ ହୋଇ ପ୍ରାଣ ହରାଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଥିଲା ଶନିବାର ଭୁବନେଶ୍ୱରରେ। ଚେନ୍ନାଇରୁ କୋଲକାତା ଯାତ୍ରା କରୁଥିବା ବେଳେ ବାଂଲାଦେଶର ନୁର୍ ଶେଖ୍‌ଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ଚେନ୍ନାଇ-କୋଲକାତା ଇଣ୍ଡିଗୋ ବିମାନ ଶନିବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। ୬ଇ୨୯୨ ବିମାନ ଚେନ୍ନାଇରୁ ଅପରାହ୍ନ ୧ଟା ୩୬ରେ କୋଲକାତା ଅଭିମୁଖେ ଉଡ଼ାଣ କରିଥିଲା। ତେବେ ବିମାନରେ ନୁର୍ ଶେଖ୍ ହଠାତ୍ ଅସୁସ୍ଥତା ଅନୁଭବ କରିଥିଲେ। ଛାତିରେ ଯନ୍ତ୍ରଣା ହେବାରୁ ବିମାନକୁ ଜରୁରୀ ଅବତରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଭୁବନେଶ୍ୱର ନିକଟ ବିମାନବନ୍ଦର ହୋଇଥିବାରୁ ଏଠାରେ ଅବତରଣ କରିବା ପାଇଁ ପାଇଲଟ୍ ଏଟିସିକୁ ଅନୁମତି ମାଗିଥିଲେ। ଏଟିସିଙ୍କଠାରୁ ଅନୁମତି ପାଇବା ପରେ ବିମାନ ଅପରାହ୍ନ ୩ଟା ୧୭ରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିଥିଲା। ଏହାପରେ ବିମାନବନ୍ଦରରେ ପୂର୍ବରୁ ଏୟାରପୋର୍ଟ ଅଥରିଟୀ ଅଫ୍ ଇଣ୍ଡିଆ(ଏଏଆଇ) ଆମ୍ବୁଲାନ୍ସ ପ୍ରସ୍ତୁତ ହୋଇ ରହିଥିଲା। ସଙ୍ଗେ ସଙ୍ଗେ ଉକ୍ତ ଯାତ୍ରୀଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ନୁର୍ ଶେଖ୍‌ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ସେପଟେ ଶନିବାର ସନ୍ଧ୍ୟାରେ କୋଲକାତାରେ ଖରାପ ପାଗ ଯୋଗୁ ଭୁବନେଶ୍ୱର ବିମାନବନ୍ଦରରେ ଦୁଇଟି ବିମାନ ଜରୁରୀ ଅବତରଣ କରିଥିଲା।

■ ଲୋକସଭା ନିର୍ବାଚନ

### ଜମ୍ମୁ-କଶ୍ମୀରରେ ୮୦% ପ୍ରାର୍ଥୀ ଅମାନତ ହରାଇଛନ୍ତି

**ଜମ୍ମୁ,୨୫।୫:** ସଦ୍ୟ ସମାପ୍ତ ଲୋକ ସଭା ନିର୍ବାଚନରେ ଜମ୍ମୁ-କଶ୍ମୀରର ୮୦ ପ୍ରତିଶତ ପ୍ରାର୍ଥୀ ଅମାନତ ହରାଇଥିବା ଜଣାପଡ଼ିଛି। କେବଳ ଲଦାଖ ଲୋକ ସଭାକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟସବୁ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଅମାନତ ହରାଇଛନ୍ତି। ଏମିତିକି ୫୧ଜଣ ପ୍ରାର୍ଥୀଙ୍କୁ ୧% ଭୋଟ ମଧ ମିଳିନାହିଁ। ରାଜ୍ୟରେ ମୋଟ ୬ଟିରୁ ଭାଜପା ଜମ୍ମୁ, ଉଦ୍ଧମପୁର ଓ ଲଦାଖ ଆସନରେ ବିଜୟୀ ହୋଇଛି। ଶ୍ରୀନଗର, ଅନନ୍ତନାଗ ଓ ବାରମୂଲାରେ ନ୍ୟାସନାଲ କନଫରେନ୍ସ ବିଜୟ ଲାଭ କରିଛି। ୬ଟି ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତାରେ ୭୯ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ମଧରୁ ୬୩ ଜଣ ଅମାନତ ହରାଇଛନ୍ତି। ଅମାନତ ନହରାଇବା ଲାଗି ଜଣେ ପ୍ରାର୍ଥୀଙ୍କୁ ଏକ-ଷଷ୍ଠମାଂଶ ଭୋଟ ଦରକାର ପଡ଼ିଥାଏ।

# ମହିଳାଙ୍କୁ ମାଡ଼ ମାରି ବିଷ୍ଠା ଖୁଆଇଲେ

**ଡାହାଣୀ ସନ୍ଦେହ**

■ ଦମ୍ପତି ଗିରଫ

■ ପୋଲିସ ତଦନ୍ତ ଜାରି

**ଢେଙ୍କିକୋଟ, ୨୫।୫(ଡି.ଏନ୍.ଏ.)**

ଡାହାଣୀ ସନ୍ଦେହ ଭଳି ଅନ୍ଧବିଶ୍ୱାସକୁ ନେଇ କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅଧୀନ ଆମ୍ବୁଆପଡ଼ା ଗ୍ରାମରେ ଜଣେ ମହିଳାଙ୍କୁ ବୁଧବାର ଅପରାହ୍ନରେ ଉଲଗ୍ନ କରି ମାରଧର କରିବା ସହ ବିଷ୍ଠା ଖୁଆଇବା ଭଳି ଅମାନବୀୟ କାଣ୍ଡ ଘଟିଛି। ଘଟଣା ଜଣାପଡ଼ିବା ପରେ ପୋଲିସ ଶୁକ୍ରବାର ତଦନ୍ତ ଚଳାଇ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରିଛି। ସେମାନଙ୍କୁ ପଚରାଉଚରା କରାଯାଉଛି। ପୀଡ଼ିତା ମହିଳାଙ୍କୁ ଚିକିତ୍ସା ପାଇଁ ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁଇଦିନ ପରେ ଏହି ଘଟଣା ଲୋକଲୋଚନକୁ ଆସିଛି। ସ୍ୱାସ୍ଥ୍ୟସେବା ଅପହଞ୍ଚ ଥିବା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଡାହାଣୀ ସନ୍ଦେହ ଭଳି ଅନ୍ଧବିଶ୍ୱାସ ଦୂର କରିବାକୁ ପୋଲିସ ଓ ପ୍ରଶାସନର ଉଦ୍ୟମ କିଭଳି ଫେଲ ମାରୁଛି ଏହି ଘଟଣାରୁ ସ୍ପଷ୍ଟ ହୋଇଛି।

ପୋଲିସ ସୂଚନା ଅନୁଯାୟୀ ଢେଙ୍କିକୋଟଠାରୁ ୧୦ କି.ମି. ଦୂର ଆଦିବାସୀ ଅଧ୍ୟୁଷିତ ଭୋଳବେଡ଼ା ପଞ୍ଚାୟତ ଆମ୍ବୁଆପଡ଼ା ଗ୍ରାମର ଏକ ଦମ୍ପତି ରମେଶ ମୁଣ୍ଡା ଓ ଗଦଲି ମୁଣ୍ଡା ଏହି ବିଧବା ମହିଳାଙ୍କୁ ଦୀର୍ଘଦିନ ଧରି ଡାହାଣୀ ବୋଲି ସନ୍ଦେହ କରି ଆସୁଥିଲେ। ଜେରାବେଳେ ରମେଶ ଓ ତାଙ୍କ ସ୍ତ୍ରୀ କହିଛନ୍ତି, ଦୁଇବର୍ଷ ତଳେ ସେମାନଙ୍କର ଏକ ଝିଅ ହୋଇଥିଲା। ତାର ସ୍ୱାସ୍ଥ୍ୟ ଭଲ ନ ରହିବାରୁ ସେମାନେ ଗୁଣିଗାରେଡ଼ି ଦ୍ୱାରା ପୂଜାପାଠ କରାଇ ନିରାଶ ହୋଇଥିଲେ। ପଡ଼ିଶା ଘରର ସମ୍ପୃକ୍ତ ମହିଳା ତାଙ୍କ ଝିଅକୁ ଡାହାଣୀ ହୋଇ ଗୁଣି କରୁଥିବା ସେମାନେ ସନ୍ଦେହ ପ୍ରକାଶ କରିଥିଲେ। କିଛିଦିନ ପରେ ଝିଅଟି ମରିଯାଇଥିଲା। ଦୁଇବର୍ଷ ପରେ ରମେଶଙ୍କର ଏକ ପୁଅ ହୋଇଥିଲା। ଜନ୍ମ ପରଠାରୁ ପିଲାଟି ସବୁବେଳେ କାନ୍ଦୁଥିଲା। ଏଥିଲାଗି ସମ୍ପୃକ୍ତ ମହିଳା ଗୁଣି କରିଥିବା ସେମାନଙ୍କ ସନ୍ଦେହ ଅଧିକ ଦୃଢ଼ୀଭୂତ ହୋଇଥିଲା। ଗତ ବୁଧବାର ଅପରାହ୍ନ ୩ଟା ବେଳେ ଏହି ଦମ୍ପତି ଗ୍ରାମବାସୀଙ୍କ ଉପସ୍ଥିତିରେ ମହିଳାଙ୍କୁ ତାଙ୍କ ଘରୁ ଘୋଷାରି ଆଣି ପୂର୍ବରୁ ମରିଯାଇଥିବା ଝିଅକୁ ଯେଉଁଠି ପୋତାଯାଇଥିଲା, ସେଠାକୁ ନେଇଯାଇଥିଲେ। ପରେ ସେମାନେ ତାଙ୍କୁ ବିଷ୍ଠା ଖୁଆଇ ମୁହଁରେ ବୋଳି ନିସ୍ଥୁକ ମାଡ଼ ମାରିଥିଲେ। କେତେକ ଗ୍ରାମବାସୀ ବିରୋଧ କରିଥିଲେ ମଧ ସେମାନେ ଏହି ଦମ୍ପତିଙ୍କୁ ରୋକି ପାରି ନ ଥିଲେ। ତେବେ ମହିଳା ଜଣଙ୍କ କୌଶଳକ୍ରମେ ସେଠାରୁ ଖସି ଆସି ଢେଙ୍କିକୋଟ ଫାଣ୍ଡିକୁ ଯାଇ ଜଣାଇଥିଲେ। ଏହାପରେ ଫାଣ୍ଡି ଏଏସଆଇ ସତ୍ୟନାରାୟଣ ପରିଡ଼ା ସଦଳବଳ ଆମ୍ବୁଆପଡ଼ା ଗ୍ରାମରେ ପହଞ୍ଚି ରମେଶ ମୁଣ୍ଡା ଓ ତାଙ୍କ ସ୍ତ୍ରୀ ଗଦଲି ମୁଣ୍ଡାଙ୍କୁ ଗିରଫ କରିଥିଲେ। ଏନେଇ ଢେଙ୍କିକୋଟ ଥାନାରେ ଦଫା ୩୦୭, ୩୫୪ ଓ ୫୦୬ ଆଇପିସିରେ ଏକ ମାମଲା (ନଂ ୫୩/୧୯) ରୁଜୁ ହୋଇଛି। ଗିରଫ ଦମ୍ପତିଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଏହି ଦମ୍ପତିଙ୍କ ପୁଅ କେଉଁ କାରଣରୁ କାନ୍ଦୁଛି, ଚିକିତ୍ସା ନ କରି ଡାହାଣୀ ସନ୍ଦେହ ଭଳି ଅନ୍ଧବିଶ୍ୱାସକୁ ମାନି ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ପୀଡ଼ିତା ମହିଳାଙ୍କୁ ଡାକ୍ତରଖାନାରେ ପଚରାଉଚରା କରି ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା କହିଛି।



ବାତ୍ୟା ଫନୀରେ ଭୁବନେଶ୍ୱର ଉପକଣ୍ଠ ଅଟଳା ସୋମବିହାର ଅଞ୍ଚଳରେ ଭାଙ୍ଗିଯାଇଥିବା ଏକ କଦଳୀ ଗଛରେ ଭଣ୍ଡା ବାହାରିଛି।

## ଦେଢ଼ ଟନ୍ ଗଞ୍ଜେଇ ଜବତ, ୬ ଗିରଫ

**ଅପରେଶନ କ୍ଲିନ୍-୨: ଗୋଟିଏ ଦିନରେ ୩ ଚଢ଼ାଉ**

**ଜୟପୁର/ବୈପାରୀଗୁଡ଼ା, ୨୫।୫(ଡି.ଏନ୍.ଏ./ନି.ପ୍ର.)**

କୋରାପୁଟ ଏସ୍‌ପିଙ୍କ କନୱର ବିଶାଲ ସିଂଙ୍କ ନିର୍ଦ୍ଦେଶ କ୍ରମେ ଜୟପୁର ଏସ୍‌ଡିପିଓ ତଥା ଯୁବ ଆଇପିଏସ୍ ସାଗରିକା ନାଥଙ୍କ ନେତୃତ୍ୱରେ ଜିଲାରେ ଗଞ୍ଜେଇ ଚାଲାଣ ରୋକିବା ପାଇଁ ଆରମ୍ଭ ହୋଇଛି ଅପରେଶନ କ୍ଲିନ୍-୨। ଏହି କ୍ରମରେ ଶନିବାର ଜିଲାର ପୃଥକ୍ ସ୍ଥାନରୁ ମୋଟ ୧୪୯୦ କେଜି ଗଞ୍ଜେଇ ଜବତ କରିଛି ୩ଟି ଥାନାର ପୋଲିସ। ଏଥିରେ ୬ ଜଣଙ୍କୁ ଗିରଫ କରାଯିବା ସହ ଗୋଟିଏ ଟ୍ରକ୍, ୨ଟି କାର୍, ୨ଟି ଭୁଜାଲି, ମୋବାଇଲ, ନକଲି ଗାଡ଼ି ନମ୍ବର ପ୍ଲେଟ୍ ଜବତ ହୋଇଛି।

ଶନିବାର ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ନାଥ ସୂଚନା ଦେଇ କହିଛନ୍ତି, ମାଲକାନଗିରି ରାସ୍ତାର ସ୍ଥାନୀୟ ଗ୍ଲୋକାଲ ଚିକିତ୍ସାଳୟ ନିକଟରେ ଇନୋଭା (ଓଡି୧୪ଜି୭୧୧୪)ରୁ ୨୨୦ କିଲୋଗ୍ରାମ ଗଞ୍ଜେଇ ଜବତ କରାଯିବା ସହ ମଧ୍ୟପ୍ରଦେଶର ଚନ୍ଦ୍ରଭାନୁ ବର୍ମନ (୩୦) ଓ ଛତିଶଗଡର ଶାହବାଜ ଅନସାରୀ (୨୯)ଙ୍କୁ ଗିରଫ କରାଯାଇଛି। ସେହିପରି ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥର ବିଶୋଇପୁଟ ନିକଟରେ ଚଷୁ ବୋଝେଇ ଟ୍ରକ୍ (ୟୁପି୬୩ ଏଟି ୧୨୩୨)ରୁ ୧୧୯୦ କିଲୋଗ୍ରାମ ଗଞ୍ଜେଇ ମିଳିଥିଲା। ଏଥିରେ ସମ୍ପୃକ୍ତ ଥିବା ମଧ୍ୟପ୍ରଦେଶର ଅଶୋକ ରାଠୋର (୩୨) ଓ ଜୟପୁର ସଦରଥାନା ଗଡ଼ପଦର ଗ୍ରାମର ସନ୍ତୋଷ ଖିଲ (୨୦)ଙ୍କୁ ଗିରଫ କରାଯାଇଥିଲା। ବୈପାରୀଗୁଡ଼ା ଥାନା ୩୨୬ ନମ୍ବର ଜାତୀୟ ରାଜପଥର ବାଡ୍ରିପୁଟ ନିକଟରେ ଶନିବାର ଭୋର୍ ସମୟରେ ଏକ ହୋଣ୍ଡା ଆମେଜ କାର (ଓଡି୦୨ କ୍ୟୁ ୮୪୨୨)ରୁ ୧୧ଟି ପଲିଥିନ ବସ୍ତାରେ ୮୦ କିଲୋଗ୍ରାମ ଗଞ୍ଜେଇ ମିଳିଥିଲା। ଏଥିରେ ମାଲକାନଗିରି ଥାନା ଅଧୀନ ବୁଟିଗୁଡ଼ା କଲୋନିର ଶୁଭେନ୍ଦୁ ଶେଖର ରାଉତ ଓ ଝାଟିମାଟିଗୁଡ଼ା ଗ୍ରାମର ପ୍ରସନ୍ନ ଆରଡିଙ୍କୁ ଗିରଫ କରାଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଲେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

ବିଜୁ ଜନତା ଦଳ ପଞ୍ଚମ ଥର ପାଇଁ କ୍ରମାଗତ ଭାବେ ବିପୁଳ ବିଜୟ ହାସଲ କରିଛି। ମହିଳା ଭୋଟରଙ୍କ ଯୋଗୁ ଏହି ସଫଳତା ମିଳିଥିବା କୁହାଯାଉଛି। ଚଳିତ ନିର୍ବାଚନରେ ବିଜୟ ହାସଲ କରିଥିବାରୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରାପଡା, ନୟାଗଡ, ଖୋର୍ଦ୍ଧା, ପୁରୀ ଓ କଟକ ଜିଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ସଦସ୍ୟମାନେ ନବୀନ ନିବାସଠାରେ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମହିଳା ସମବାୟ ବିକାଶ ନିଗମ ଅଧ୍ୟକ୍ଷ ତଥା ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ନେତୃତ୍ୱରେ ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଛନ୍ତି।

**ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ**

## ବିନା ବ୍ୟାଟେରି, ବିଦ୍ୟୁତ୍‌ରେ ବାଜୁଛି ରେଡିଓ

■ ବାତ୍ୟାରେ ର୍‍ୟାକ୍‌ରୁ ଖସି ଭାଙ୍ଗିଯିବା ପରେ ଘଟିଛି ଚମତ୍କାରିତା

**ପୁରୀ ଅଫିସ,୨୫।୫**

ବର୍ତ୍ତମାନ ରେଡିଓର ଆଉ ଚାହିଦା ନାହିଁ। ଟିଭି, ମୋବାଇଲ ଯୁଗରେ ରେଡିଓ ଏକପ୍ରକାର ଅଦରକାରୀ ହୋଇପଡ଼ିଛି। ହେଲେ ଏମିତି ଅଲୋଡ଼ା ପଡିଥିବା ଏକ ରେଡ଼ିଓରେ ଦେଖିବାକୁ ମିଳିଛି ଚମତ୍କାରିତା। ବିନା ବ୍ୟାଟେରି ଏବଂ ବିଦ୍ୟୁତ୍‌ରେ ବାଜୁଛି ରେଡିଓ । ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ପୁରୀ ସହର ମାଟିଆପଡ଼ା ରାଧାକୃଷ୍ଣ ଲେନ୍‌ର ଉମାକାନ୍ତ ରଥଙ୍କ ଘରେ ଘଟିଛି ଏପରି ଏକ ଚମତ୍କାରିତା। ବାତ୍ୟାରେ ତାଙ୍କ ଘର ର୍‍ୟାକ୍ ଉପରୁ ତଳେ ପଡ଼ି ଭାଙ୍ଗିଯିବା ପରେ ସେବେଠାରୁ ରେଡ଼ିଓ ବାଜୁଛି। ଏହି କଥା ପ୍ରଘଟ ହେବା ପରେ ଆଖପାଖର ଲୋକେ ଉମାକାନ୍ତଙ୍କ ଘରେ ପହଞ୍ଚି ଏହାର ସତ୍ୟତା ପରଖୁଛନ୍ତି।

ବାତ୍ୟା 'ଫନୀ' ଭୟଙ୍କର ରୂପ ଧାରଣ କରି ଉପକୂଳ ଆଡ଼କୁ ମାଡ଼ି ଆସୁଥିବା ଭାରତୀୟ ପାଣିପାଗ ବିଭାଗର ସତର୍କ ସୂଚନା ପରେ ପୁରୀ ଜିଲାବାସୀ ଭୟଭୀତ ହୋଇପଡ଼ିଥିଲେ। ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ କଡ଼ରେ ରହୁଥିବା ଉମାକାନ୍ତଙ୍କ ପରିବାର ବି ସତର୍କ ହୋଇପଡିଥିଲେ। ବିଦ୍ୟୁତ୍ କଟିଯିବ, ତେଣୁ ଟିଭି ଚାଲିବନି। ବାତ୍ୟା ବିଷୟରେ ଜାଣିବା ପାଇଁ ଘରେ ଥିବା ଏକ ପୁରୁଣା ରେଡ଼ିଓ ବାହାର କରିଥିଲେ। ସେଥିରେ ୩ଟି ନୂଆ ବ୍ୟାଟେରି ପକାଇବା ପରେ ତାହା ବାଜିଥିଲା। ତେବେ ରେଡିଓରେ ଘଟିଥିବା ଚମତ୍କାରିତା ସମ୍ପର୍କରେ ଉମାକାନ୍ତ କହିଛନ୍ତି, ୨ତାରିଖ ବିଳମ୍ବିତ ରାତିରୁ ବର୍ଷା, ପବନ ଆରମ୍ଭ ହୋଇଥିଲେ ହେଁ ୩ତାରିଖ ଭୋରୁ ପବନର ବେଗ ବଢିଥିଲା। ସକାଳ ପ୍ରାୟ ସାଢେ ୮ଟାରେ ଘର ର୍‍ୟାକ୍ ଉପରେ ଥିବା ରେଡିଓଟି ତଳକୁ ଖସିପଡ଼ିଥିଲା। ଫଳରେ ରେଡିଓ ଭାଙ୍ଗିଯିବା ସହ ବ୍ୟାଟେରି ଛିଟିକି ଏଣେତେଣେ ପଡ଼ିଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା। ବ୍ୟାଟେରି ନ ଥିଲେ ମଧ ରେଡ଼ିଓ ବାଜୁଥିଲା। ପରିବାର ଲୋକେ ଏହା ଦେଖି ହଠାତ୍ କିଛି ବୁଝିପାରି ନ ଥିଲେ। ତେବେ କେମିତି କ'ଣ ଭିତରେ ହୋଇଯାଇଥିବ ଭାବି ରେଡିଓକୁ ବନ୍ଦ କରିଦେଲୁ। ତାହା ବନ୍ଦ ହୋଇଗଲା। ହେଲେ ପୁଣି ଅନ୍ କରିବାରୁ ଏହା ବାଜିଲା। କିନ୍ତୁ ବ୍ୟାଟେରି ପକାଇ ନ ଥିଲୁ। ଇତିମଧରେ ୨୩ଦିନ ହେଲାଣି, ବିନା ବ୍ୟାଟେରି ଓ ବିଦ୍ୟୁତ୍‌ରେ ରେଡିଓ ବାଜୁଛି।



ଉମାକାନ୍ତ ରଥ ରେଡିଓ ଧରି ଦେଖାଉଛନ୍ତି।

୧୯୯୮ରେ ୩୫୦ ଟଙ୍କା ଦେଇ ସେ ଏହି ରେଡିଓ କିଣିଥିଲେ। ଟିଭି ଆସିବା ପରେ ୭/୮ ବର୍ଷ ହେବ ରେଡିଓକୁ ଘର ର୍‍ୟାକ୍ ଉପରେ ରଖିଦେଇଥିଲେ। ଏହାର କୌଣସି ଆବଶ୍ୟକତା ପଡ଼ି ନ ଥିଲା। ହେଲେ ଏବେ ବିନା ବ୍ୟାଟେରିରେ ରେଡିଓ ବାଜୁଥିବା ଜାଣିବା ପରେ ଆଖପାଖର ଲୋକେ ତାଙ୍କ ଘରକୁ ଆସି ଏହାକୁ ଦେଖୁଛନ୍ତି। ଏପରି କି ଜଣେ ରେଡିଓ ମେକାନିକ ମଧ ତାଙ୍କ ଘରକୁ ଆସି ଏହାକୁ ପରଖିଛନ୍ତି। ହେଲେ କେମିତି ବାଜୁଛି ସେ ବି ଆଶ୍ଚର୍ଯ୍ୟ ପ୍ରକଟ କରିଥିବା ଉମାକାନ୍ତ କହିଛନ୍ତି।

# ରାଜ୍ୟ ସଂଗ୍ରହାଳୟରେ ସ୍ଥାନ ପାଇବେ କଳ୍ପନା

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

ଦ୍ୱିତୀୟ ଥର ପାଇଁ ଏଭରେଷ୍ଟ ଶୃଙ୍ଗ ଆରୋହଣ କରି ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ଜୀବନ ହାରିଛନ୍ତି ଏଭରେଷ୍ଟ ବିଜୟିନୀ କଳ୍ପନା ଦାସ। ରାଜ୍ୟର ପ୍ରଥମ ମହିଳା ଭାବେ ୨୦୦୮ରେ ସଫଳତାର ସହ ଏଭରେଷ୍ଟ ଆରୋହଣ କରିଥିବା କଳ୍ପନା ଏଭରେଷ୍ଟର ବାଲ୍‌କୋନୀ ଏରିୟାରେ ଅସୁସ୍ଥ ହୋଇ ପ୍ରାଣ ହରାଇବା ସମଗ୍ର ରାଜ୍ୟ ଓ ଦେଶକୁ ସ୍ତବ୍ଧ କରିଛି। ଏଭଳିସ୍ଥଳେ କଳ୍ପନାଙ୍କ ସ୍ମୃତିକୁ ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ିଙ୍କ ପାଇଁ ସାଇତି ରଖିବାକୁ ଯୋଜନା କରିଛି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ। କଳ୍ପନା ଗତବର୍ଷ ତାଙ୍କ ସଫଳତାର ସନ୍ତକ ଭାବେ ଏଭେରେଷ୍ଟ ଆରୋହଣ ସମୟରେ ପିନ୍ଧିଥିବା ପୋଷାକ, ଜୋତା ଓ ଅନ୍ୟାନ୍ୟ ସାମଗ୍ରୀ ସଂସ୍କୃତି ବିଭାଗକୁ ପ୍ରଦାନ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ସହ ଏକ ଅନୌପଚାରିକ ସାକ୍ଷାତ ଅବସରରେ ସେ ଉପରୋକ୍ତ ସାମଗ୍ରୀଗୁଡ଼ିକ ପ୍ରଦାନ କରିଥିଲେ। ଏହି ସାମଗ୍ରୀ ଏବେ ସଂଗୃହୀତ ହୋଇ ରାଜ୍ୟ ସଂଗ୍ରହାଳୟରେ ରଖାଯାଇଛି। କଳ୍ପନାଙ୍କ ମୃତ୍ୟୁ ପରେ ତାଙ୍କ ସ୍ମୃତି ଭାବେ ଏହି ସାମଗ୍ରୀଗୁଡ଼ିକୁ ଏଣିକି ସଂଗ୍ରହାଳୟରେ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶନ କରାଯିବ। ଏହାଦ୍ୱାରା ଓଡ଼ିଶାର ଗୌରବ କଳ୍ପନା ଦାସଙ୍କ ସ୍ମୃତିକୁ ଉଜ୍ଜୀବିତ ରଖାଯାଇପାରିବ ବୋଲି ସଂଗ୍ରହାଳୟ ଅଧୀକ୍ଷକ ଡ. ଜୟନ୍ତୀ ରଥ କହିଛନ୍ତି।

କଳ୍ପନା 'ତିନି ମହିଳା ଅଭିଯାତ୍ରୀ' ଦଳର ସଦସ୍ୟ ଭାବରେ ଦ୍ୱିତୀୟ ଥର ପାଇଁ ଏଭରେଷ୍ଟ ଶୃଙ୍ଗ ଆରୋହଣ କରୁଥିଲେ। ପୂର୍ବରୁ ୨୦୦୮ ମେ ୨୧ରେ ସେ ଆମେରିକା, କାନାଡା ଓ ନେପାଳର ପର୍ବତାରୋହୀଙ୍କ ଦଳରେ ସାମିଲ ହୋଇ ବିଶ୍ୱର ଉଚ୍ଚତମ ପର୍ବତ ଶୃଙ୍ଗ ଆରୋହଣ କରିବାରେ ସଫଳ ହୋଇଥିଲେ। ଜଣେ ଆଇନଜୀବୀ ହୋଇଥିଲେ ମଧ ଦୁଃସାହସିକ କ୍ରୀଡ଼ାରେ ଆଜୀବନ ରୁଚି ରଖିଥିଲେ। ଦୁଃସାହସିକ ଅଭିଯାନରେ ସେ ଭାରତ ସହ ନେପାଳ, ଦକ୍ଷିଣ ଆମେରିକା, ଅଷ୍ଟ୍ରେଲିଆ ଓ ୟୁରୋପର ଅନେକ ପର୍ବତ ଶୃଙ୍ଗ ଆରୋହଣ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ଦେଶର ସଫଳ ପର୍ବତାରୋହିଣୀ ଭାବେ ସମଗ୍ର ରାଜ୍ୟର କ୍ରୀଡ଼ାବିତ୍ ଓ ଯୁବକମାନଙ୍କ ପାଇଁ ଏକ ମଡେଲ୍ ପାଲଟିଥିଲେ। ରାଜ୍ୟର ସମକାଳୀନ ଦୁଃସାହସିକ କ୍ରୀଡ଼ା ଇତିହାସରେ କଳ୍ପନା କିମ୍ବଦନ୍ତୀ ଭାବେ ସ୍ମରଣୀୟ ରହିବେ ବୋଲି ପ୍ରମୁଖ ଶାସନ ସଚିବ ପାଣିଗ୍ରାହୀ କହିଛନ୍ତି।






ଗୋଟିଏ ସ୍ଥାନରେ ମାଟି ଗଦା କରିବା ଅର୍ଥ ଅନ୍ୟସ୍ଥାନରେ ମାଟି ଖୋଳି ଗାତ ତିଆରି କରିବା। ଠିକ୍ ସେହିପରି ଜଣକର ବିଳାସ ବ୍ୟସନ ଅନ୍ୟ କେତେକଙ୍କର ଦାରିଦ୍ର୍ୟର କାରଣ ହୋଇଥାଏ। -ଶ୍ରୀମା



# କେଉଁଠି ଭୁଲ୍ ରହିଲା



ଆକାର ପଟେଲ

ଶୋଚନୀୟ ପରାଜୟ ପରେ ବିରୋଧୀ ଦଳ କିପରି ଅଣ୍ଟା ସଳଖି ଠିଆହୋଇ ପାରିବ? ଏଥିରେ ବିରୋଧୀ ଦଳର କେତେ ବିରାଟ ଆକାରର କ୍ଷତି ଘଟିଛି, ତାହା ରାଜନୀତିରେ ନ ଥିବା ଲୋକେ ବୁଝିପାରିବେ ନାହିଁ। ପରାଜୟର ସମସ୍ୟାଗୁଡ଼ିକ ବ୍ୟକ୍ତିଗତ ସ୍ତରରୁ ଆରମ୍ଭ ହେଉଛି। ଆତ୍ମବିଶ୍ୱାସ ତୁଟିବା ସହ ପରାଜୟର ଲଜ୍ଜା ଓ ଗ୍ଲାନି ଯେଉଁ ମାତ୍ରାରେ ଘଟିଛି, ତାହା ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଜୀବନରେ ଘଟି ନ ଥିବ। ଆମର ପରାଜୟ ଓ କ୍ଷତି ସାଧାରଣତଃ ବ୍ୟକ୍ତିଗତ ହୋଇଥାଏ ଏବଂ ଆମେ କହିଲେ ହିଁ ତାହା ଅନ୍ୟମାନେ ଜାଣନ୍ତି। କିନ୍ତୁ ବିରୋଧୀ ନେତାଙ୍କ ଏଭଳି ଦୁର୍ଦ୍ଦଶା ସମସ୍ତେ ଜାଣୁଛନ୍ତି। ପରାଜିତ ନେତାମାନଙ୍କୁ ଗଣମାଧ୍ୟମ ବିଭିନ୍ନ ପ୍ରକାର ଉପଦେଶ ଦେବ- କେଉଁଠି ଭୁଲ୍ ରହିଲା ଓ ଏବେ କ'ଣ କରିବାକୁ ହେବ ଇତ୍ୟାଦି। ଏ ଉପଦେଶଗୁଡ଼ିକ ମଧ୍ୟରୁ କିଛି କାମ ଦେଇପାରେ, ମାତ୍ର ମୋ ବିଚାରରେ ଅଧିକାଂଶ କାମ ଦେବ ନାହିଁ।

ଏକ ଟିଭି ଚ୍ୟାନେଲରେ ମୁଁ ଅତିଥି ଥିଲି, ଯେଉଁଠି ଆମ ନାମ ପୂର୍ବରୁ କୁହାଯାଉଥିବା ଉପାଧି 'ବରିଷ୍ଠ ପତ୍ରକାର' ଶୁଣି ଆମକୁ ହସ ଲାଗୁଥିଲା। ବାସ୍ତବରେ ଏକ ର୍‍ୟାଲିରେ ୩୫ ମିନିଟ୍‌ର ଉଦ୍‌ବୋଧନରୁ ଜନତାଙ୍କଠାରୁ ଯେଉଁ ସଙ୍କେତ ମିଳେ, ଖବରକାଗଜରେ ୩୦ ବା ୪୦ ବର୍ଷ ଲେଖିବାର ଅଭିଜ୍ଞତା ତା' ସହ ସମାନ ନୁହେଁ। ଜୟ ବା ପରାଜୟର କାରଣ ପରାଜିତ ବ୍ୟକ୍ତିଠାରୁ ଅଧିକ କେହି ଭଲଭାବେ ବୁଝିପାରେ ନାହିଁ। ପରାଜିତ ବ୍ୟକ୍ତି ଯୁଦ୍ଧକ୍ଷେତ୍ର ସାରା ବୁଲିଥାନ୍ତି ଏବଂ ସେମାନେ ନିଜ ସୈନିକ ଓ ବିରୋଧୀ ସୈନିକଙ୍କ ଆଖିକୁ ଭଲଭାବେ ଦେଖିଥାନ୍ତି। ସେମାନଙ୍କର ବାସ୍ତବ ଅଭିଜ୍ଞତା ଥାଏ। ତେଣୁ ଆମେ ସେମାନଙ୍କୁ ଉପଦେଶ ଦେବା ବଦଳରେ ସେମାନେ ଆଗକୁ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବା ଉଚିତ।

ଯେତେବେଳେ ପାକିସ୍ତାନର ସେନାଧ୍ୟକ୍ଷ ୧୯୫୦ରେ ଦେଶର ରାଷ୍ଟ୍ରପତି ହେଲେ ସେ କହିଲେ ଯେ, ସେ ପ୍ରଥମେ ଏକ 'ଆପ୍ରିସିଏଶନ' ଲେଖିଥିଲେ। ଏହା ଏକ ସାମରିକ ଶବ୍ଦ ଯାହାର ଅର୍ଥ ନିଜର ସ୍ଥିତି ବିଷୟରେ ଜାଣିବା ବା ବୁଝିବା। ମୋ ମତରେ ତାହା ହେଉଛି ଉତ୍ତମ ପ୍ରଥମ ପଦକ୍ଷେପ। ବିଜୟର ମୂଲ୍ୟାୟନ କରିବାରେ ମଜା ଥାଏ (ସାମରିକ ଇତିହାସର ଛାତ୍ରମାନେ ଫାର୍‌ସାଲସ୍‌ଠାରେ ଜୁଲିୟସ୍ ସିଜରଙ୍କର ବା ଝେଲମ୍‌ଠାରେ ଆଲେକ୍‌ଜାଣ୍ଡାରଙ୍କର ମାନଚିତ୍ର ଅଧ୍ୟୟନ କରିବାରେ ଘଣ୍ଟା ଘଣ୍ଟା ସମୟ ଅତିବାହିତ କରନ୍ତି)। ଜଣେ ପରାଜିତ ବ୍ୟକ୍ତିଙ୍କର ସ୍ଥିତି ଅନୁଧ୍ୟାନ କରିବା ସମ୍ଭବତଃ କଷ୍ଟକର, ତଥାପି ତାହା କରିବାକୁ ହେବ। ପ୍ରତ୍ୟେକ ରାଜ୍ୟର ତଥା ପ୍ରାର୍ଥୀଙ୍କର ବର୍ତ୍ତମାନର ସ୍ଥିତି ଆକଳନ କରିବା ଆବଶ୍ୟକ। ବିନା ଭାବପ୍ରବଣତାରେ ସଚ୍ଚୋଟ ଭାବରେ ପ୍ରତିଦ୍ୱନ୍ଦ୍ୱୀଙ୍କର ମଧ୍ୟ ସ୍ଥିତି ଆକଳନ କରିବା ଦରକାର। ଜଣେ ନେତା ଓ ଜଣେ ପରିଚାଳକଙ୍କର ସବୁଠୁ ଶାଣିତ ଅସ୍ତ୍ର ହେଉଛି ସ୍ୱଚ୍ଛତା। କୁହାଯାଏ, ସୂର୍ଯ୍ୟାଲୋକ ହେଉଛି ସର୍ବୋତ୍ତମ ଜୀବାଣୁନାଶକ। ହୃଦୟର ଖୋଲାପଣ ହିଁ ନୈତିକ ମନୋବଳ ହରାଇଥିବା ସେନା ଓ ସମର୍ଥକଙ୍କର ମନୋବଳ ଫେରାଇ ଆଣିବାରେ ସାହାଯ୍ୟ କରିବ। ପରାଜିତ ବ୍ୟକ୍ତି ଯଦି ବାସ୍ତବତାକୁ ଅନୁଭବ କରନ୍ତି ଏବଂ ସେମାନେ କାହିଁକି ପରାଜିତ ହେଲେ ଓ ସେମାନଙ୍କର ବର୍ତ୍ତମାନ ସ୍ଥିତି କ'ଣ ତାହା ବୁଝିପାରନ୍ତି, ତେବେ ସେମାନଙ୍କର ଆତ୍ମବଳ ବୃଦ୍ଧି ପାଇବ।

ତା'ପରେ ଆସୁଛି ଉତ୍ତରଦାୟିତ୍ୱ ପ୍ରସଙ୍ଗ। ମୁଁ ଏହା ନିନ୍ଦା ଅର୍ଥରେ ନେଉନାହିଁ। ମୁଁ ଭାବୁଛି ଜଣେ ନେତାଙ୍କ ପାଇଁ ପରାଜୟ ଲାଗି ଦାୟିତ୍ୱ ମୁଣ୍ଡାଇ ପଦତ୍ୟାଗ କରିବା ସହଜ ଏବଂ ତାହା କରିବା ବୋଧହୁଏ ଠିକ୍ ହେବ। ବୋଧହୁଏ ଏହା ହେଉଛି ସ୍ୱଚ୍ଛତା ପ୍ରଦର୍ଶନର ପ୍ରଥମ ଧାପ। ମୋ ମତରେ ବିରୋଧୀ ଦଳ ପାଖରେ ଏଇ ମୁହୂର୍ତ୍ତରେ ଆଉ କରିବାକୁ କିଛି ନାହିଁ। ଏହି ନିର୍ବାଚନ ଯେଉଁଭଳି ଭାବରେ ଶେଷ ହେଲା, ସେଥିରୁ ମନେହୁଏ ମେଣ୍ଟ ଗଠନ ଠିକ୍‌ଭାବରେ ହୋଇ ନ ପାରିବା ବା କୌଣସି ନିର୍ବାଚନମଣ୍ଡଳୀରେ ଉପଯୁକ୍ତ ପ୍ରାର୍ଥୀ ଦିଆ ନ ଯିବା ଆଦି ପରାଜୟର ମୁଖ୍ୟ କାରଣ ହୋଇ ନ ପାରେ। ଯେଉଁ ବିଶାଳ ଧରଣର ମାଡ଼ ସେମାନଙ୍କୁ ସହିବାକୁ ପଡ଼ିଲା, ତାକୁ କୌଣସି କୌଶଳ ବା ରଣନୀତି ଦ୍ୱାରା ଏଡ଼ାଇବା ସମ୍ଭବ ହୋଇ ନ ଥାନ୍ତା। ଏହାଠୁ ଆହୁରି ଗଭୀର କିଛି କାରଣ ରହିଛି, ଯାହାର ନିରସନ ଆବଶ୍ୟକ। ପରାଜୟ ପାଇଁ ବିରୋଧୀ ଦଳକୁ ଯେଉଁସବୁ ଦୋଷ ଦିଆଯାଉଛି, ଯଥା ଆକ୍ରମଣାତ୍ମକ ନ ହେବା, ନିର୍ବାଚନକୁ ସହଜ ମନେ କରିବା, ଛୁଟି କଟାଇବାକୁ ଚାଲିଯିବା, ଅନ୍ୟ ଦଳକୁ ମେଣ୍ଟ ପାଇଁ ନ ଡାକିବା ଆଦି ଠିକ୍ ନୁହେଁ, କାରଣ ଏ ସବୁ କରାଯାଇଛି। ତଥାପି ଯଦି ପରାଜୟ ଆସିଲା, ଏହାର କାରଣ ସଚେତନତା ବା ପ୍ରଚେଷ୍ଟାର ଅଭାବ ନୁହେଁ। ଏବେ ମେଣ୍ଟ ସହଯୋଗୀ ଓ ବନ୍ଧୁମାନଙ୍କୁ ଏକାଠି କରିବା ଦରକାର। ବିରୋଧୀ ଦଳ ପ୍ରତି ନାଗରିକ ସମାଜ ବା ବେସରକାରୀ ଗୋଷ୍ଠୀ ବା ସଂସ୍ଥା ପକ୍ଷରୁ ସମବେଦନା ପ୍ରକାଶ ପାଉଛି, ଯେଉଁମାନେ କିଛି ରାଜନୈତିକ ପ୍ରସଙ୍ଗ ନେଇ ଲଢ଼େଇ କରୁଛନ୍ତି। ଦଳର ପୁନର୍ଗଠନରେ ଏମାନଙ୍କ ସହଯୋଗ ରହିବ। ଶେଷ କଥାଟି ହେଉଛି ପରାଜିତ ପୁରୁଣା ଦଳଗୁଡ଼ିକ ଏବେ ସେମାନଙ୍କ ଦଳ ପ୍ରତିଷ୍ଠା ସମୟର ମୂଳ ନୀତିଗୁଡ଼ିକର ସମୀକ୍ଷା କରିବା ଦରକାର ଏବଂ ଏବେ ସେମାନେ କେତେଦୂର ସେ ନୀତିଗୁଡ଼ିକ ପାଳନ କରୁଛନ୍ତି, ତାହା ଦେଖିବା ଦରକାର। ଏହି ନୀତିଗୁଡ଼ିକ ମଧ୍ୟରୁ କିଛି ହୁଏତ ଆଗରୁ ଲୋକଙ୍କୁ ଆକୃଷ୍ଟ କରୁଥିଲା, ଯାହାକୁ ଏବେ ପୁଣି ଆପଣାଇବାର ଆବଶ୍ୟକତା ଅଛି। ଏଥିସହ ମନୋବଳ ନ ହରାଇ ପୁଣି ଦଳକୁ ମଜଭୁତ କରିବାରେ ଲାଗିପଡ଼ିବା ଉଚିତ। ଏହି ଅଣଉପଦେଶମୂଳକ ବାର୍ତ୍ତାରେ ଶେଷରେ ଏତିକି କୁହାଯାଇପାରେ ଯେ, ପ୍ରତ୍ୟେକ ପରାଜିତ ଦଳ ଏକ ନିୟମିତ ରୁଟିନ୍ ଆରମ୍ଭ କରିବା ଦରକାର। ରୁଟିନ୍‌ବନ୍ଧା କାର୍ଯ୍ୟକ୍ରମ ମାଧ୍ୟମରେ ଦଳକୁ ସୁଦୃଢ଼ କରାଯାଇପାରେ।

Email: aakar.patel@gmail.com

# ଉପକୂଳର ଯୋଦ୍ଧା



ପ୍ରକାଶ ତ୍ରିପାଠୀ

ହୃଦୟକୁ ଛୁଇଁଲା ଭଳି ଲେଖାଟିଏ ଫେସ୍‌ବୁକ୍‌ରେ ପୋଷ୍ଟ କରିଛନ୍ତି ବନ୍ଧୁ ବଦ୍ରି ମିଶ୍ର- "ହେ ଯୋଦ୍ଧା! ତୁମକୁ ସଲାମ୍। ଦୀର୍ଘ ୪ ଘଣ୍ଟା ଫନୀ ସହ ପ୍ରାଣାନ୍ତକ ଲଢ଼େଇ କରି ଆମକୁ ରକ୍ଷା କରିଛ। ଅନେକ ପ୍ରାଣବଳି ଦେଇଛ। ଗୁରୁତର ଆହତ ହୋଇଛ, ପକ୍ଷାଘାତରେ ବି ଆକ୍ରାନ୍ତ ହୋଇଛ। ଯେଉଁମାନେ ଶହୀଦ ହୋଇଛ, ତୁମମାନଙ୍କ ପାଇଁ ଶୋକ କରୁଛି କିଏ? ଯିଏ ରକ୍ତାକ୍ତ, ଗୁରୁତର ଆହତ, ସେମାନଙ୍କ ପାଇଁ ଆହା କହୁଛି କିଏ?" ପ୍ରକୃତିପ୍ରେମୀ ବଦ୍ରି ମିଶ୍ରଙ୍କ ନଜରରେ ଏହି ଯୋଦ୍ଧାମାନେ ହେଉଛନ୍ତି ଉପକୂଳ ଓଡ଼ିଶାର କୋଟି କୋଟି ବୃକ୍ଷରାଜି, ଯେଉଁମାନେ କି ଚଳିତ ମାସ ପ୍ରଥମ ସପ୍ତାହରେ ଉପକୂଳ ଓଡ଼ିଶାକୁ ରକ୍ଷା କରିବା ପାଇଁ ନିଜ ଅସ୍ତିତ୍ୱକୁ ବାଜି ଲଗାଇ ସାମୁଦ୍ରିକ ବାତ୍ୟା ଫନୀର ଆକ୍ରମଣକୁ ପ୍ରତିରୋଧ କରିଥିଲେ। ସମୁଦ୍ରରେ ଏକାଧିକ ଦିନ ରହି ବଳ ଗୋଟାଇ ଗୋଟାଇ ମହାଶକ୍ତିଶାଳୀ ପାଲଟିଥିବା ଫନୀ ସ୍ଥଳଭାଗ ଛୁଉଁ ଛୁଉଁ ପ୍ରଥମେ ସାମନା କରିଥିଲା ଏହି ଉପକୂଳ ଯୋଦ୍ଧାମାନଙ୍କୁ। ଏହି ଯୋଦ୍ଧାମାନଙ୍କ ବୀରତ୍ୱ, ସଂଗ୍ରାମ ଓ ବଳିଦାନର ପ୍ରମାଣ ପାଇବାକୁ ଯଦି ଚାହୁଁଛ, ତେବେ ଥରେ ମାତ୍ର କୋଣାର୍କରୁ ମେରାଇନ ଡ୍ରାଇଭ୍ ରାସ୍ତା ଦେଇ ପୁରୀ ଆସନ୍ତୁ। ଯଦି ଆପଣଙ୍କ ହୃଦୟରେ ବୃକ୍ଷଲତା ପ୍ରତି ସାମାନ୍ୟତମ ଦରଦ ଥାଏ, ତେବେ ଆପଣଙ୍କ ଆଖି ନିଶ୍ଚିତ ଲୋତକାପ୍ଲୁତ ହୋଇଯିବ। ଯେଉଁ ଯୋଦ୍ଧାମାନେ ପ୍ରାଣବଳି ସ୍ୱରୂପ ମୂଳୋତ୍ପାଟନ ହୋଇଗଲେ ଓ ଏ ସଂସାରରୁ ଚାଲିଗଲେ ସେମାନେ ତରିଗଲେ। ଆଉ ଯେଉଁ କୋଟି କୋଟି ଯୋଦ୍ଧା ଗୁରୁତର କ୍ଷତବିକ୍ଷତ ହୋଇ ଚିତ୍କାର କରୁଛନ୍ତି, ସେ ଚିତ୍କାର କେତେଜଣ ଶୁଣିପାରୁଛନ୍ତି? ପାଣି ଟୋପେ ସିଞ୍ଚିଦେବା ତ ପରର କଥା, ଆହା ବୋଲି ପଦୁଟିଏ ବି କହିବାକୁ କେହି ନାହିଁ। କାହିଁକି ନା ଆମ ମଣିଷମାନଙ୍କ ଭଳି ସେମାନେ ରିଲିଫ ରିଲିଫ ବୋଲି ଚିତ୍କାର କରିପାରୁନାହାନ୍ତି କି ସେମାନଙ୍କ ଦାବି ପାଇଁ ରାସ୍ତାରୋକୋ କରୁନାହାନ୍ତି। ପ୍ରଚଣ୍ଡ ରୌଦ୍ର ସତ୍ତ୍ୱେ ସେହି ବିକଳାଙ୍ଗ ଯୋଦ୍ଧାମାନଙ୍କ ଅଙ୍ଗରେ ନୂତନ ପତ୍ର କଅଁଳିଲାଣି। ପୁଣି ପଲ୍ଲବିତ ହୋଇ ସେବା ପ୍ରଦାନ କରିବାକୁ ଆପେ ଆପେ ପ୍ରସ୍ତୁତ ହେଲେଣି।

ପୁରୀ କୋଣାର୍କ ବେଳାମାର୍ଗର ନୈସର୍ଗିକ ଶୋଭାକୁ ବାତ୍ୟା ଫନୀ ଆମଠୁ ଛଡ଼ାଇ ନେଇଛି। ପ୍ରକୃତିରାଣୀର ସେ ସମ୍ମୋହନ ଆଉ ନାହିଁ କି ରାସ୍ତାର ଉଭୟ ପାର୍ଶ୍ୱର ସେ ଚିରସବୁଜ ବଳୟ ଆଉ ଦେଖିବାକୁ ମିଳୁନାହିଁ। କୃଷ୍ଣଚୂଡ଼ା-ରାଧାଚୂଡ଼ା ପରିବେଷ୍ଟିତ ବେଳାଭୂମି ରାସ୍ତା ମନରେ ଆଉ କୃତ୍ରିମ ସୁଡ଼ଙ୍ଗର ଭ୍ରମ ସୃଷ୍ଟି କରୁନାହିଁ କି ଯୁବପ୍ରେମୀଙ୍କୁ ଫଟୋ ସେସନ ପାଇଁ ଆଉ ମତୁଆଲା କରୁନାହିଁ। ଚତୁର୍ଦ୍ଦିଗ ଖାଲି ଖାଁ ଖାଁ। ଝାଉଁ, କାଜୁ, ଆକାଶିଆ, ପଟାସ ଓ ଜାମୁ ଆଦି ଗଛର ସେ ଗହଳିଆ ଡାଳପତ୍ର ସୂର୍ଯ୍ୟରଶ୍ମିକୁ ଆଉ ପ୍ରତିହତ କରିପାରୁନାହିଁ। ହରିଣଙ୍କ ଚଳାଚଳ ଯୋଗୁ ଯାନବାହନ ଧୀରେ ଚଳାଇବାକୁ ଥିବା ଜଙ୍ଗଲ ବିଭାଗର ସୂଚନା ଫଳକ ଏବେ ଭୂପତିତ। ସତରେ କ'ଣ ବାଲୁଖଣ୍ଡରେ ବିରଳ କୃଷ୍ଣମୃଗ, ହରିଣ ଆଉ ଥିବେ? ଏ ମଣିଷ ପାଇଁ ସିନା ବାତ୍ୟା ଆଶ୍ରୟସ୍ଥଳ ରହିଛି, ହେଲେ ସେ ପଶୁଜନ୍ତୁଙ୍କ ପାଇଁ? ମଣିଷଙ୍କ ସୁରକ୍ଷା ପାଇଁ ପକ୍କାଘର ଅବା ବାତ୍ୟା ଆଶ୍ରୟସ୍ଥଳ ଯୋଜନା ଭଳି ବାଲୁଖଣ୍ଡରେ କଂକ୍ରିଟ ଛାମୁଡିଆ ବା ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କଲେ ହୁଅନ୍ତାନି! କମ୍ ଉଚ୍ଚତାର କଂକ୍ରିଟ ଛାତ ଓ ତା' ନିକଟରେ ଘାସ ବଗିଚାମାନ ସୃଷ୍ଟି କରାଯାଇ ଉକ୍ତ ସ୍ଥାନ ପ୍ରତି ସେମାନଙ୍କଠାରେ ଆକର୍ଷଣ ସୃଷ୍ଟି କରାଯାଇପାରିଲେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି କଂକ୍ରିଟ ଛାତ ସେମାନଙ୍କ ପାଇଁ ଆଶ୍ରୟସ୍ଥଳ ପାଲଟିଯାଆନ୍ତା।

ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରାସ୍ତାର କଡ଼େ କଡ଼େ ପ୍ରାୟ ୮୭ ବର୍ଗକିଲୋମିଟର ଅଞ୍ଚଳ ପରିବ୍ୟାପ୍ତ ବାଲୁଖଣ୍ଡ ଜଙ୍ଗଲକୁ ୧୯୮୪ ମସିହାରେ ମିଳିଥିଲା ଅଭୟାରଣ୍ୟର ମାନ୍ୟତା। ଏହା ପଛେ ପଛେ ସେଠାରେ ବୃଦ୍ଧିପାଇଥିଲା ବିରଳ କୃଷ୍ଣସାର ମୃଗ, ହରିଣ, କୁତ୍ରା ଓ ଗଧିଆ ଆଦିଙ୍କ ବଂଶ। ୨୫୦ କି.ମି.ରୁ ଅଧିକ ବେଗଶାଳୀ ଫନୀ ବାତ୍ୟାର ପ୍ରଭାବରେ ବାଲୁଖଣ୍ଡ ଅଭୟାରଣ୍ୟ ସମ୍ପୂର୍ଣ୍ଣ ବିଧ୍ୱସ୍ତ ହୋଇଯିବା ପରେ ଆଶଙ୍କା କରାଯାଉଥିଲା କି ସମସ୍ତ ପ୍ରାଣୀ ନିଶ୍ଚିହ୍ନ ହୋଇଯାଇଥିବେ। ମାତ୍ର ଜଙ୍ଗଲ ବିଭାଗର ଡ୍ରୋନ କ୍ୟାମେରାରେ କିଛି ହରିଣ ଆସିବା ପରେ ମନରେ ଆଶା ସଞ୍ଚାର ହୋଇଛି ଯେ ପ୍ରକୃତିର ପ୍ରତିକୂଳ ପରିସ୍ଥିତିରେ ସଂଗ୍ରାମ କରି କିଛି ଜୀବଜନ୍ତୁ ଜିତିଯାଇଛନ୍ତି। ୧୯୯୯ ମହାବାତ୍ୟାରେ ଉପକୂଳ ତଥା କିଛି ଆଭ୍ୟନ୍ତରୀଣ ଓଡ଼ିଶାର ବରଗଛ, ଓସ୍ତଗଛ ଆଦି ବଡ଼ ବଡ଼ ଗଛ ସମେତ ଅନେକ ଅର୍ଥକରୀ ଗଛ ଯଥା ନଡିଆ, ଆମ୍ବ, ପଣସ, ଜାମୁଗଛ ଆଦି ନିଶ୍ଚିହ୍ନ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ପରେ ସ୍ଥିତି ସୁଧୁରି ଆସିବା ବେଳକୁ ୨୦୧୩ରେ ଫାଇଲିନ ଓ ତତ୍‌ପରବର୍ତ୍ତୀ ହୁଦ୍‌ହୁଦ୍, ତିତ୍‌ଲି ଓ ବର୍ତ୍ତମାନର ଫନୀ ସାମୁଦ୍ରିକ ବାତ୍ୟା ବୃକ୍ଷସମ୍ପଦକୁ ଭୀଷଣ ଆଘାତ ପହଞ୍ଚାଇଛି। ଏବେ ଓଡ଼ିଶାର ପ୍ରାୟ ୪୮୦ କି.ମି. ବ୍ୟାପୀ ସାମୁଦ୍ରିକ ଉପକୂଳ ସମ୍ପୂର୍ଣ୍ଣ ବୃକ୍ଷଶୂନ୍ୟ। ସାମୁଦ୍ରିକ ବାତ୍ୟାକୁ ସର୍ବପ୍ରଥମେ ପ୍ରତିରୋଧ କରୁଥିବା ଏହି ଉପକୂଳ ଯୋଦ୍ଧାମାନଙ୍କ ଅଭାବରେ ଓଡ଼ିଶା ଏବେ ଭୀତତ୍ରସ୍ତ। ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଓଡ଼ିଶା ଏକ ବାତ୍ୟାପ୍ରବଣ ରାଜ୍ୟ ଏବଂ ପରିବର୍ତ୍ତିତ ଜଳବାୟୁରେ ଆଗାମୀ ଦିନରେ ଓଡ଼ିଶାରେ ଅଧିକ ବାତ୍ୟା ହେବାର ସମ୍ଭାବନା ଥିବାରୁ ଓଡ଼ିଶାର ମୁକୁଳା ଉପକୂଳକୁ ସବୁଜିମାମୟ କରାଯିବାର ଗୁରୁଦାୟିତ୍ୱ ରହିଛି। ଅବଶ୍ୟ ଉପକୂଳ ସୁରକ୍ଷା ବଳୟର ପୁନରୁଦ୍ଧାର ଓ ବନୀକରଣ ଯୋଜନାରେ ରାଜ୍ୟ ସରକାର ନେଇଥିବା କିଛି ପଦକ୍ଷେପ ସ୍ୱାଗତଯୋଗ୍ୟ। ଆସନ୍ତା ୫ ବର୍ଷ ମଧ୍ୟରେ ୮ ହଜାର ହେକ୍ଟର ପରିମିତ ଅଞ୍ଚଳରେ ବୃକ୍ଷରୋପଣ ତଥା ଚଳିତବର୍ଷ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଦ୍ୱିଗୁଣିତ କରାଯିବାର ପ୍ରସ୍ତାବ ନିଶ୍ଚିତ ଏକ ଭଲ ଖବର।

ଖବର ପ୍ରକାଶ ପାଇଛି ଯେ, ବିଶ୍ୱରେ ଜଙ୍ଗଲ ସମ୍ପଦର କ୍ରମାଗତ କ୍ଷୟ ଯୋଗୁ ବିଶ୍ୱତାପମାତ୍ରା ବୃଦ୍ଧି ଓ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ୍‌ର ମାତ୍ରା ଅହେତୁକ ବୃଦ୍ଧି ପାଉଥିବାରୁ ଆଗାମୀ ଦିନରେ ବିଶ୍ୱ ପ୍ରତି ଏହା ଗୁରୁତର ସଙ୍କଟ ସୃଷ୍ଟି କରିବ। ପ୍ରତିବର୍ଷ ବିଶ୍ୱରେ ପ୍ରାୟ ୩ ପିପିଏମ୍‌ରୁ ଅଧିକ ଅଙ୍ଗାରକାମ୍ଳ ଗ୍ୟାସ୍ ବାୟୁମଣ୍ଡଳରେ ମିଶୁଛି ବୋଲି ଆମେରିକାସ୍ଥିତ ନ୍ୟାଶ୍‌ନାଲ ଓସେନିକ ଆଣ୍ଡ୍ ଆଟ୍‌ମସ୍ଫିୟରିକ ଆଡ୍‌ମିନିଷ୍ଟ୍ରେଶନ୍ ପକ୍ଷରୁ କୁହାଯାଇଛି। ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ପକ୍ଷରୁ ସଦ୍ୟ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ପୃଥିବୀରେ ୫୦ ପ୍ରତିଶତ ଜଙ୍ଗଲ ନଷ୍ଟ ହୋଇସାରିଲାଣି ଓ ବାର୍ଷିକ ପ୍ରାୟ ୧୮.୭ ନିୟୁତ ଏକର ଜଙ୍ଗଲ ପୃଥିବୀରୁ ନଷ୍ଟ ହେବାରେ ଲାଗିଛି। ସେହିପରି ଜଙ୍ଗଲ ନଷ୍ଟ ହେବା ଯୋଗୁ ଏହା ଉପରେ ନିର୍ଭର କରି ରହୁଥିବା ଜୀବଜନ୍ତୁମାନଙ୍କ ଅସ୍ତିତ୍ୱ ପ୍ରତି ମଧ୍ୟ ବିପଦ ଦେଖାଦେଇଛି। ପ୍ରାୟ ୩୧୯୫ ପ୍ରଜାତିର ଜୀବଜନ୍ତୁ ନିକଟ ଭବିଷ୍ୟତରେ ନିଶ୍ଚିହ୍ନ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ପୃଥିବୀର ସ୍ଥଳଭାଗର ମାତ୍ର ଶତକଡ଼ା ୩୦ ଭାଗରେ ଜଙ୍ଗଲ ରହିଛି ଓ ବର୍ଷକୁ କଟାଯାଉଛି ହାରାହାରି ୫.୩ ବିଲିୟନ ଗଛ। ବିଶ୍ୱବ୍ୟାପୀ ମଣିଷ ପିଛା କେତେ ଗଛ ରହିଛି ସେ ସମ୍ପର୍କରେ ଏକ ତଥ୍ୟ ଏଠାରେ ଉପସ୍ଥାପନ କରିବା ଉଚିତ ହେବ। ବ୍ୟକ୍ତି ପିଛା ସର୍ବାଧିକ ୯୦୦୦ ଗଛ କାନାଡାରେ ଥିବାବେଳେ ରୁଷିଆରେ ୪୪୬୧, ଆମେରିକାରେ ୭୧୬, ବ୍ରାଜିଲରେ ୧୪୯୪ ଓ ଚାଇନାରେ ୧୦୨ ରହିଛି। ଏ ଦୃଷ୍ଟିରୁ ଭାରତର ସ୍ଥାନ ଅତି ନୈରାଶ୍ୟଜନକ। ଭାରତରେ ମୁଣ୍ଡ ପିଛା ଗଛ ସଂଖ୍ୟା ମାତ୍ର ୨୮। ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ, ଦୁର୍ବଳ ମୌସୁମୀ, ଅନିୟମିତ ଋତୁ ତଥା ବାୟୁମଣ୍ଡଳରେ ଉଷ୍ମତା ବୃଦ୍ଧି ଯୋଗୁ ପ୍ରାକୃତିକ ବିପର୍ଯ୍ୟୟ ବିଶେଷକରି ସାମୁଦ୍ରିକ ବାତ୍ୟା, ବନ୍ୟା ଓ ମରୁଡ଼ି ହିଁ ଆଗାମୀ ଦିନରେ ବିଶ୍ୱ ପ୍ରଗତିର ମୁଖ୍ୟ ବାଧକ ହେବ। ସେ ଦୃଷ୍ଟିରୁ ଭାରତର ପୂର୍ବ ଉପକୂଳ ରାଜ୍ୟଗୁଡ଼ିକ ଅଧିକ ସାମୁଦ୍ରିକ ବାତ୍ୟାପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ ହୋଇଥିବାରୁ ଉପରୋକ୍ତ ରାଜ୍ୟଗୁଡ଼ିକର ଉପକୂଳରେ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି। ବ୍ୟକ୍ତି ପିଛା ବୃକ୍ଷର ସଂଖ୍ୟା ଅନ୍ତର୍ଜାତୀୟ ସ୍ତରରେ ଖୁବ୍ କମ୍ ଥିବାରୁ ଏହାକୁ ଅତି ଗୁରୁତର ଭାବେ ଗ୍ରହଣ କରାଯାଇ ଅତି କମ୍‌ରେ ଆଗାମୀ ପାଞ୍ଚବର୍ଷ ଭିତରେ ବୃକ୍ଷସଂଖ୍ୟା ପାଞ୍ଚଗୁଣା ବୃଦ୍ଧି କରାଯାଉ। ଉପକୂଳ ସୁରକ୍ଷାରେ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରୁଥିବା ଏହି ବୃକ୍ଷରୂପକ ଯୋଦ୍ଧାଙ୍କ ସଂଖ୍ୟା ବୃଦ୍ଧି କରା ନ ଗଲେ ସାମୁଦ୍ରିକ ବାତ୍ୟା ହିଁ ଓଡ଼ିଶା ସମେତ ପୂର୍ବଭାରତର ଉପକୂଳ ରାଜ୍ୟଗୁଡ଼ିକର ପ୍ରଗତିରେ ନିଶ୍ଚିତ ବାଧକ ହେବ।

ମୋ-୯୪୩୭୨୩୨୪୬୩
ଇମେଲ-prakas.tripathy09@gmail.com

# ପରିବର୍ତ୍ତନର ବାର୍ତ୍ତାବହ

## ବ୍ୟକ୍ତିତ୍ୱ



ଜଗନମୋହନ ରେଡ୍ଡୀ

ସପ୍ତଦଶ ଲୋକ ସଭା ସହ ୪ ରାଜ୍ୟ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଅରୁଣାଚଳ ପ୍ରଦେଶ ଏବଂ ସିକ୍କିମ୍ ବିଧାନସଭା ଲାଗି ନିର୍ବାଚନ ଶେଷ ହୋଇ ଫଳ ପ୍ରକାଶ ପାଇଛି। କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଗଠନ କରିବାକୁ ଯାଉଛି। ସେହିଭଳି ଓଡ଼ିଶାରେ ବିଜୁ ଜନତା ଦଳ, ଅରୁଣାଚଳ ପ୍ରଦେଶରେ ଭାଜପା, ସିକ୍କିମରେ ସିକ୍କିମ୍ କ୍ରାନ୍ତିକାରୀ ମୋର୍ଚ୍ଚା (ଏସ୍‌କେଏମ୍) ଏବଂ ଆନ୍ଧ୍ରରେ ୱାଇଏସ୍‌ଆର କଂଗ୍ରେସ ପାର୍ଟି (ୱାଇଏସ୍‌ଆର୍‌ସିପି) ସରକାର ଗଠନ କରିବା ଲାଗି ସଂଖ୍ୟା ପାଇଯାଇଛନ୍ତି। ତେବେ ସବୁଠାରୁ ସରକାରୀ ବିରୋଧୀ ହାୱାକୁ ଭୋଟରେ ରୂପାନ୍ତରିତ କରି ୱାଇଏସ୍‌ଆର୍‌ସିପି ନେତା ୱାଇ.ଏସ୍. ଜଗନମୋହନ ରେଡ୍ଡୀ ବିଧାନସଭାର ୧୭୫ରୁ ୧୫୪ ଆସନ ହାସଲ କରିଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଶେଷ ଚର୍ଚ୍ଚାରେ ରହିଛି।

ଯେଦୁଗୁରି ସାନ୍‌ଦିନ୍ତି ଜଗନମୋହନ ରେଡ୍ଡୀ ୨୧ ଡିସେମ୍ବର ୧୯୭୨ରେ ଆନ୍ଧ୍ରପ୍ରଦେଶର ପୁଲିଭେନ୍ଦୁଲାଠାରେ ଜନ୍ମଗ୍ରହଣ କରିଥିଲେ। ପୁଲିଭେନ୍ଦୁଲାରୁ ପ୍ରାରମ୍ଭିକ ଶିକ୍ଷା ଶେଷ କରିବା ପରେ ହାଇଦ୍ରାବାଦ ପବ୍ଲିକ ସ୍କୁଲରେ ପାଠ ପଢ଼ିଥିଲେ। ଜଗନମୋହନ ଜଣେ ପ୍ରୋଟେଷ୍ଟାଣ୍ଟ ଖ୍ରୀଷ୍ଟିୟାନ୍। ପିତା ଥିଲେ ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ରାଜଶେଖର ରେଡ୍ଡୀ (ୱାଇଏସ୍‌ଆର୍ ଭାବେ ପରିଚିତ)। ମୁଖ୍ୟମନ୍ତ୍ରୀ ଥିବା ବେଳେ ୨୦୦୯ରେ ଏକ ବିମାନ ଦୁର୍ଘଟଣାରେ ତାଙ୍କର ପରଲୋକ ହୋଇଥିଲା। ଜଗନମୋହନଙ୍କ ମା' ୱାଇ. ଏସ୍. ବିଜୟାମ୍ମା ରାଜନୀତିରେ ସକ୍ରିୟ ଅଛନ୍ତି। କଂଗ୍ରେସର ଜଣେ ଟାଣୁଆ ଓ ଲୋକପ୍ରିୟ ନେତା ଭାବେ ୱାଇଏସ୍‌ଆର୍ ଜଣାଶୁଣା ଥିବାରୁ ତାଙ୍କ ଲିଗାସୀକୁ ଜଗନ୍ ଆଗେଇ ନେବାକୁ ଉଦ୍ୟମ କରିଥିଲେ। ହେଲେ ପ୍ରାରମ୍ଭିକ ଅବସ୍ଥାରେ ତାଙ୍କ ପାଇଁ ପ୍ରତିବନ୍ଧକ ସାଜିଥିଲା କଂଗ୍ରେସ ଶୀର୍ଷ ନେତୃତ୍ୱର ବିମୁଖଭାବ। ୨୦୦୯ରେ କଡପ୍ପା ଲୋକ ସଭା ନିର୍ବାଚନମଣ୍ଡଳୀରୁ ଜଗନ୍ କଂଗ୍ରେସ ଟିକଟରୁ ବିଜୟୀ ହୋଇଥିଲେ ମଧ୍ୟ ତାଙ୍କୁ ଆନ୍ଧ୍ରରେ ଉଠାଇବାକୁ ଦିଆଯାଇ ନ ଥିଲା। ପିତାଙ୍କ ଦେହାନ୍ତ ପରେ ଅଧିକାଂଶ ବିଧାୟକ ଜଗନ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରିବା ଲାଗି ଇଚ୍ଛା କରିଥିଲେ। ହେଲେ ସୋନିଆ ଗାନ୍ଧୀ ଓ ତାଙ୍କ ପୁତ୍ର ରାହୁଲ ଉକ୍ତ ନିଷ୍ପତ୍ତିରେ ରାଜି ହୋଇ ନ ଥିଲେ। ସେଥିପାଇଁ ଜଗନ୍ ପିତାଙ୍କ ମୃତ୍ୟୁର ୬ ମାସ ପରେ ଓଡାର୍ପୁ ଯାତ୍ରା ବା ସମବେଦନା ଯାତ୍ରା କରିଥିଲେ। ୱାଇଏସ୍‌ଆର୍‌ଙ୍କ ଦେହାନ୍ତ ପରେ ଯେଉଁମାନେ ଆତ୍ମହତ୍ୟା କରିଥିଲେ ବା ଯେଉଁମାନେ ମ୍ରିୟମାଣ ହୋଇ ଭଗ୍ନସ୍ୱାସ୍ଥ୍ୟ ଦେଇ ଗତିକରୁଥିଲେ ସେମାନଙ୍କ ପରିବାରବର୍ଗଙ୍କୁ ଭେଟି ଜଗନ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ସେହି ସମୟରେ କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱ ଯାତ୍ରା ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେ ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହା ପରେ କଂଗ୍ରେସ ସହ ତାଙ୍କ ସମ୍ପର୍କ ବିଗିଡ଼ି ଯାଇଥିଲା। ଫଳରେ ୨୯ ନଭେମ୍ବର ୨୦୧୦ରେ ଜଗନ୍ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ପରେ ପିତାଙ୍କ ନାମାନୁସାରେ ଦଳର ନାମ ଦେଇଥିଲେ ୱାଇଏସ୍‌ଆର୍‌ସିପି। ଏହା ପରଠାରୁ ସେ ପଛକୁ ଚାହିଁ ନ ଥିଲେ। ହେଲେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ଅଣାଯାଇ ତାଙ୍କ ପଛରେ ସିବିଆଇକୁ ଲଗାଇ ଦିଆଯାଇଥିଲା। ଏଥିଯୋଗୁ ୨୦୧୨ରେ ସେ ଗିରଫ ହୋଇ ୧୬ ମାସ ଜେଲ୍‌ରେ ରହିଥିଲେ। ସେହି ସମୟରେ ତେଲେଙ୍ଗାନା ରାଜ୍ୟ ଗଠନ ନେଇ ଜୋରଦାର ଆନ୍ଦୋଳନ ଚାଲିଥିଲା। ହେଲେ ସେ ଜେଲ୍‌ରେ ଥାଇ ଏହାକୁ ଘୋର ବିରୋଧ କରିଥିଲେ। ଏପରି କି ୧୨୫ ଘଣ୍ଟା ଆମରଣ ଅନଶନ କରି ଓସ୍‌ମାନିଆ ଜେନେରାଲ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଜଗନ୍‌ଙ୍କ ସହ ବିଧାୟକ ଥିବା ତାଙ୍କ ମା ବିଜୟାମ୍ମା ମଧ୍ୟ ଆମରଣ ଅନଶନରେ ଯୋଗ ଦେଇଥିଲେ। ଜେଲରୁ ମୁକ୍ତ ହେବା ପରେ ତେଲେଙ୍ଗାନା ରାଜ୍ୟ ଗଠନକୁ ପ୍ରତିବାଦ କରି ଜଗନ୍ ୭୨ ଘଣ୍ଟିଆ ବନ୍ଦ ପାଳନ କରିଥିଲେ। ରାଜ୍ୟ ପ୍ରତି ସ୍ୱାଭିମାନ ତାଙ୍କୁ ସେତେବେଳେ ଲୋକପ୍ରିୟତା ଆଣି ଦେଇଥିଲା।

ଜଗନ୍‌ଙ୍କ ରାଜନୈତିକ କ୍ୟାରିୟର ୨୦୧୪ରେ ସେଭଳି ସଫଳତା ଛୁଇଁପାରି ନ ଥିଲା। ବିଧାନସଭାର ୧୭୫ ଆସନ ମଧ୍ୟରୁ ମାତ୍ର ୬୭ ପାଇ ତାଙ୍କୁ ବିରୋଧୀ ଦଳ ଆସନରେ ବସିବାକୁ ପଡ଼ିଥିଲା। ହେଲେ ସେ ୬ ନଭେମ୍ବର ୨୦୧୭ରେ 'ପ୍ରଜା ସଂକଳ୍ପ ପଦଯାତ୍ରା' କରି ୩,୦୦୦ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ଅତିକ୍ରମ କରିଥିଲେ। ଏହାଦ୍ୱାରା ଲୋକଙ୍କ ସହ ତାଙ୍କ ସିଧାସଳଖ ସମ୍ପର୍କ ଯୋଡ଼ିବା ସମ୍ଭବ ହୋଇଥିଲା। ଫଳସ୍ୱରୂପ ଚଳିତ ବିଧାନସଭା ନିର୍ବାଚନରେ ତାଙ୍କୁ ବିପୁଳ ସମର୍ଥନ ମିଳିଛି। ବିଧାନସଭାର ୧୭୫ ଆସନରୁ ୧୫୪ ଏବଂ ସମୁଦାୟ ୨୫ ଲୋକ ସଭା ଆସନ ଦଳ ଜିତିବା ଜଣାଇ ଦେଇଛି, ଆନ୍ଧ୍ରବାସୀ ତାଙ୍କୁ କେତେ ଭଲପାଇବା ଦେଇଛନ୍ତି। ଟିଡିପି ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଶାସନର ଅବସାନ ଘଟାଇ ମେ ୩୦ରେ ସେ ଆନ୍ଧ୍ରପ୍ରଦେଶର ୧୭ତମ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଜଗନ୍‌ଙ୍କ ନେତୃତ୍ୱ ରାଜ୍ୟ ପାଇଁ ନୂଆ ପରିବର୍ତ୍ତନ ଆଣିଦେବ ବୋଲି ଆଶା କରାଯାଉଛି। ସେ କେବଳ ରାଜନୀତିରେ ନୁହେଁ, ପୂର୍ବରୁ ଜଣେ ଉଦ୍ୟୋଗପତି ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ତେଲୁଗୁ ଭାଷାର ଖବରକାଗଜ ଓ ଟେଲିଭିଜନ୍ ଚ୍ୟାନେଲ 'ସାକ୍ଷୀ'ର ସେ ପ୍ରତିଷ୍ଠାତା ହୋଇଥିବା ବେଳେ ଭାରତୀ ସିମେଣ୍ଟର ମୁଖ୍ୟ ପ୍ରମୋଟର ଅଛନ୍ତି। ବ୍ୟକ୍ତିଗତ ଜୀବନ କହିଲେ ସ୍ତ୍ରୀ ଓ ଦୁଇ ଝିଅଙ୍କୁ ନେଇ ତାଙ୍କ ସଂସାର।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଶାଶୁଘରେ ବୋହୂ ନିର୍ଯାତନା ପାଇବା ଏକ ସାଧାରଣ ଘଟଣା। ପୁଣି ବୋହୂ ବିଧବା ହେଲେ ସାହା ହେବାକୁ କେହି ନ ଥାନ୍ତି। କିନ୍ତୁ ବିଧବା ବୋହୂଙ୍କର ପୁଣିଥରେ ବିବାହ କରାଇ ଜଣେ ଶାଶୁ ସମାଜରେ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଛତିଶଗଡ଼ ବାଲୋଦ ଜିଲାରେ ଘଟିଛି ଏପରି ଏକ ଘଟଣା। ସ୍ଥାନୀୟ ହୀରାପୁର ଗାଁରେ ବାସକରୁଥିବା ଚମ୍ପା ବାଇ ବିଧବା ବୋହୂ ଜ୍ଞାନେଶ୍ୱରୀଙ୍କ ବିବାହ ନିଜର ଝିଅ ଭଳି କରିଛନ୍ତି। ୨୦୧୭ ଏପ୍ରିଲ ୨୦ରେ ଜ୍ଞାନେଶ୍ୱରୀଙ୍କ ସ୍ୱାମୀ ଡୋମେନ୍ଦ୍ର ସାହୁଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ପୁଅର ମୃତ୍ୟୁ ପରେ ମା' ଚମ୍ପା ବାଇ ବୋହୂର ପୁଣିଥରେ ବିବାହ କରାଇବାକୁ ଯୋଜନା କରିଥିଲେ। ଖୋଜାଖୋଜି କରିବା ପରେ କୋମଳ ରାମ ସାହୁ ନାମକ ଜଣେ ଯୁବକଙ୍କ ସହିତ ଚମ୍ପା ବାଇ ଏନେଇ କଥାବାର୍ତ୍ତା କରିଥିଲେ। କୋମଳ ରାମଙ୍କ ସ୍ତ୍ରୀ କୌଣସି କାରଣରୁ ତାଙ୍କୁ ଛାଡ଼ପତ୍ର ଦେଇଥିବାରୁ ସେ ବିପତ୍ନୀକ ହୋଇଯାଇଥିଲେ। ଏହାପରେ ଯୋଗାଡଯନ୍ତ୍ର କରି କୋମଳ ରାମଙ୍କ ସହିତ ଜ୍ଞାନେଶ୍ୱରୀଙ୍କ ବିବାହ କରାଯାଇଥିଲା। ଏହି ଘଟଣା ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## ଚିରନ୍ତନୀ

ଧବଳ ହରିତ କୃଷ୍ଣ ବହୁ ବର୍ଣ୍ଣ ଚର୍ମ ବେଶବାସ
ବୌଦ୍ଧ ହିନ୍ଦୁ ମୁସଲମାନ ଶିଖ ବା ଖ୍ରୀଷ୍ଟାନ
ସଂଗ୍ରାମ ମାଗଇ ନମ୍ର ବିଦଳିତ ଧୂଳିତଳ ଘାସ
ଶତେକ ଶତାବ୍ଦୀ ପରେ ରଚେ ଅଭିଯାନ।

(ଶତାବ୍ଦୀ-ସୈନିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୬ ମେ ୧୯୯୪

- ସୌଦି ଆରବର ମକ୍କାଠାରେ ଦଳାଚକଟା ଘଟିବା ଫଳରେ ୧୦୦୦ ହଜ୍ ତୀର୍ଥଯାତ୍ରୀ ପ୍ରାଣ ହରାଇଛନ୍ତି।
- ଚଳିତ ଉପନିର୍ବାଚନରେ ଭୋଟ ଗ୍ରହଣ ପ୍ରକ୍ରିୟାର ଭିଡିଓ ଚିତ୍ର ଉତ୍ତୋଳନ ଲାଗି ପ୍ରଥମଥର ସକାଶେ ପରୀକ୍ଷାମୂଳକ ପଦକ୍ଷେପ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | E | | | | | | | | | 9 |
| | 6 | | | | | | 3 | 7 | | | | | A | 8 |
| 7 | D | | 1 | | | 8 | 6 | | | 5 | | | 3 | E |
| A | 1 | | D | | | 5 | | | | 4 | 6 | 0 | | |
| | 5 | | 2 | | | | | | | | | | | 1 |
| | A | B | | | 3 | | | | | | | 7 | 1 | |
| 6 | | | | | 1 | | A | 5 | C | | | E | 2 | |
| 3 | 7 | | | | | | | E | 9 | 8 | 4 | | | 5 |
| | | | | | | | | D | 5 | 2 | | | 6 | C |
| | | 5 | | 9 | 6 | | | B | 1 | | | | | |
| | 2 | | | 7 | | | D | | | E | | 8 | 0 | |
| | | | | 3 | | | E | 4 | 6 | C | | | | |
| | | | | | | | 7 | 2 | | B | 5 | | | |
| | 4 | | C | E | | | | A | | 9 | | D | | 3 |
| | | 1 | 4 | 5 | 9 | | | | 0 | A | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | D | 5 | 2 | B | 3 | C | 8 | 7 | 9 | A | E | 0 | 4 | 6 |
| B | E | 8 | D | 4 | 5 | 9 | 2 | 6 | 0 | C | 7 | A | 1 | 3 |
| 4 | C | A | 8 | 1 | 7 | 5 | E | 0 | 2 | 3 | 6 | D | 9 | B |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାଲିର ବାଂଲାଦେଶୀ ଆଜି ଭାରତୀୟ

ମହାଶୟ,

କେନ୍ଦ୍ରାପଡ଼ା ଜିଲାରେ ବାଂଲାଦେଶୀ ଅନୁପ୍ରବେଶ ଦିନକୁ ଦିନ ବୃଦ୍ଧି ପାଇବା ସମ୍ପର୍କିତ ତଥ୍ୟମୂଳକ ଖବର ଉଦ୍‌ବେଗଜନକ। ଜିଲା ମଧ୍ୟରେ ପ୍ରବାହିତ ହେଉଥିବା ଇଚ୍ଛାମତୀ ନଦୀ ପାରହୋଇ ସେମାନେ ଭାରତରେ ଅବାଧରେ ପ୍ରବେଶ କରୁଛନ୍ତି। ଏହାକୁ ପ୍ରଶାସନ ସେପରି ଗୁରୁତ୍ୱ ଦେଲା ପରି ମନେ ହୁଏନାହିଁ। ବିଭିନ୍ନ ଆଳରେ ଏଠାରେ ଶ୍ରମିକ ଭାବରେ କାମ କରି ଜମିବାଡ଼ି କିଣି ଘରଦ୍ୱାର କରି ବିବାହିତ ହୋଇ ବସବାସ କରି ରହୁଛନ୍ତି। ଦୁଇଟି ସାମୁଦ୍ରିକ ଥାନା ଅନୁପ୍ରବେଶକାରୀଙ୍କୁ ରୋକିବା ଉଦ୍ଦେଶ୍ୟରେ ସ୍ଥାପିତ ହୋଇଥିଲେ ହେଁ ସେମାନଙ୍କ ଦ୍ୱାରା ତାହା ସମ୍ଭବ ହେଉନାହିଁ। ଏମାନେ ରାତିରେ ଜଳପଥରେ ଆସି ଏହି ଅଞ୍ଚଳରେ ପଶୁଛନ୍ତି। ଭାରତ ସରକାରଙ୍କ କୋଷ୍ଟ ଗାର୍ଡ ଏମାନଙ୍କୁ ଧରିବା ପାଇଁ ଉଦ୍ୟମ କରୁନାହିଁ। ଫଳରେ ବହୁ ବର୍ଷ ଧରି ଏମାନେ କାୟାବିସ୍ତାର କରି ରାଜନେତାଙ୍କୁ ଧରାଧରି କରି ଓ ସ୍ଥାନୀୟ ପ୍ରଶାସନର କେତେକଙ୍କ ସହାୟତାରେ ୩୯,୦୦୦ ଭୋଟର ତାଲିକାଭୁକ୍ତ ହୋଇ ସାରିଲେଣି। ତେଣୁ ନିର୍ବାଚନରେ ପ୍ରାର୍ଥୀ ତାଙ୍କ ଦ୍ୱାରସ୍ଥ ହେବା ସ୍ୱାଭାବିକ। ଶ୍ରୀଲଙ୍କାରେ ଯେପରି ଏଲ୍‌ଟିଟିଇ ସଂଖ୍ୟା ବୃଦ୍ଧି ପାଇ ପୃଥକ୍ ତାମିଲ ରାଜ୍ୟ ଗଠନ ପାଇଁ ବର୍ଷ ବର୍ଷ ଧରି ଲଢ଼େଇ ଲାଗିଲା, ସେପରି ଭବିଷ୍ୟତରେ ସମସ୍ୟା ସୃଷ୍ଟି ନ ହେବ ବୋଲି କହିହେବ ନାହିଁ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ପରିବେଶର ବନ୍ଧୁ ବାଇଚଢ଼େଇ

ବାଇଚଢ଼େଇ ଆମ ପରିବେଶର ବନ୍ଧୁ। ଏମାନଙ୍କର ବିଶେଷତ୍ୱ ହେଲା ଏମାନେ ସବୁ ପ୍ରକାରର ଖାଦ୍ୟ ଖାଇଥାନ୍ତି। ବିଶେଷକରି ବିଲବାରି ଓ ଦାଣ୍ଡ ଅଗଣାର ବିଷାକ୍ତ ଏବଂ କ୍ଷତିକାରକ ପୋକଜୋକ ଖାଇ ଏମାନେ ପରିବେଶକୁ ବିଶୁଦ୍ଧ ରଖିଥାନ୍ତି। ୨୦୦୪ ମସିହାର ଏକ ବିଶ୍ୱ ଜୈବ ସଂଗଠନ ଦ୍ୱାରା ହୋଇଥିବା ଅନୁଧ୍ୟାନରୁ ଜଣାପଡିଛି ଯେ, ଗତ ୫୦ ବର୍ଷ ମଧ୍ୟରେ ୯୦ ପ୍ରତିଶତ ଏହି ପ୍ରଜାତିର ପକ୍ଷୀ ଲୋପ ପାଇଗଲେଣି। ପରିବେଶକୁ ପ୍ରଦୂଷଣମୁକ୍ତ କରିବା ସହ ଘର ଅଗଣା ଓ ଦାଣ୍ଡରେ ଏମାନେ କିଚିରି ମିଚିରି ଶବ୍ଦ କରି ଖେଳିବା ବେଳେ ଏକ ନିଆରା ପରିବେଶ ସୃଷ୍ଟି କରନ୍ତି। ଚାଳଘରର ଅଭାବ, ବ୍ୟାପକ ଗଛକଟା ଓ କଂକ୍ରିଟ ରାସ୍ତା ଏମାନେ ଲୋପ ପାଇବାର ମୁଖ୍ୟ କାରଣ। ବ୍ୟାପକ ବୃକ୍ଷରୋପଣ ସହ ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସବୁ ସ୍ତରରୁ ବ୍ୟାପକ ଉଦ୍ୟମ ହେବାର ଆବଶ୍ୟକତା ରହିଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବ୍ରଜପାତରେ ମହିଳା ମୃତ, ବ୍ୟାପକ କ୍ଷୟକ୍ଷତି

**ମହାକାଳପଡା,୨୫।୫(ଡି.ଏନ୍.ଏ.):** ମହାକାଳପଡା ବ୍ଲକର ବିଭିନ୍ନ ସ୍ଥାନରେ ବ୍ରଜପାତ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ବଜ୍ରପାତରେ ଏହି ବ୍ଲକର ବଡିଘର ପଞ୍ଚାୟତ ଅନ୍ତର୍ଗତ କଜଳପାଡିଆ ଗ୍ରାମରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଗ୍ରାମର ଭବେଶ ମୁର୍ଖାଜୀଙ୍କ ସ୍ତ୍ରୀ ପ୍ରମିଳା ମୁର୍ଖାଜୀ(୪୦)। ଏନେଇ ସ୍ଥାନୀୟ ସରପଞ୍ଚ ଦେବବ୍ରତ ମାଇତି ସୂଚନା ଦେଇଛନ୍ତି। ପ୍ରମିଳା ଘରେ ବସିଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବଡିଘର ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବ୍ରଜପାତରେ ବାରଡାଙ୍ଗ ଓ ପାରେଶ୍ୱର ଆଦି ଗ୍ରାମରେ ଅନେକ ନଡିଆଗଛ ଜଳିଯାଇଛି। ରାମନଗର ପଞ୍ଚାୟତ ଅନ୍ତର୍ଗତ ବାହାକୁଦ ଗ୍ରାମରେ ଅଗ୍ନିକାଣ୍ଡ ଘଟି ହରିହର ବେହେରାଙ୍କ ୨ ବଖରା ଜଳିଯାଇଛି। ଏଥିରେ ତାଙ୍କର ସମସ୍ତ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଛି। ଖବରପାଇ ମହାକାଳପଡା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ଖରିନାସୀ, ପେଟଛେଳା, ବଉଳକଣି ଓ ଜମ୍ବୁ ଆଦି ପଞ୍ଚାୟତରେ ବ୍ରଜପାତ ହେବା ଯୋଗୁ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ପ୍ରାୟ ୧୦ ମିନିଟ ଭିତରେ ଅନେକ ସ୍ଥାନରେ ତୁହାକୁତୁହା ଘଡଘଡି ହେବା ସହ ବର୍ଷା ହୋଇଥିଲା।

# ପାଟକୁରାରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା

**କେନ୍ଦ୍ରାପଡା ଅଫିସ, ୨୫।୫**


ଜୟନ୍ତ ମହାନ୍ତି(କଂଗ୍ରେସ)


ବିଜୟ ମହାପାତ୍ର(ଭାଜପା)


ସାବିତ୍ରୀ ଅଗ୍ରୱାଲ (ବିଜେଡି)

କେନ୍ଦ୍ରାପଡା ଲୋକସଭା ଓ ଜିଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ଜିତିଛି । ତେବେ ପାଟକୁରାରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ ବୋଲି ଆଲୋଚନା ହେଉଛି।

ରାଜନୈତିକ ବିଶ୍ଲେଷକଙ୍କ ମତ ଅନୁଯାୟୀ, ଆଗାମୀ ପାଟକୁରା ନିର୍ବାଚନ ବିଜେଡିପାଇଁଏତେସହଜସାଧ୍ୟହେବନାହିଁ କେନ୍ଦ୍ରାପଡାରୁ ଲୋକ ସଭା ନିର୍ବାଚନ ଲଢ଼ିଥିବା ଅନୁଭବ ମହାନ୍ତି ବିଜୟୀ ହୋଇଥିଲେ ମଧ୍ୟ ଏହି କ୍ଷେତ୍ର ମଧ୍ୟରେ ରହିଥିବା ପାଟକୁରା ଓ ମହାକାଳପଡା ବିଧାନସଭା ମଣ୍ଡଳରେ ଭାଜପା ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଯଥେଷ୍ଟ ଅଧିକ ଭୋଟ ପାଇଛନ୍ତି। ମହାକାଳପଡାରେ ବିଧାୟକ ଭାବେ ଅତନୁ ସବ୍ୟସାଚୀ ନାୟକ ନିର୍ବାଚିତ ହୋଇଥିଲେ ମଧ୍ୟ ଏମ୍‌ପି ଭୋଟ ସଂଗ୍ରହରେ ବିଜେଡି ପଛରେ ରହିଛନ୍ତି । ଏସମ୍ପର୍କରେ ରାଜନୈତିକ ବିଶ୍ଲେଷକ ଅମରବର ବିଶ୍ୱାଳ, ପ୍ରତାପ କୁମାର ମହାନ୍ତି, ପ୍ରତାପ କୁମାର ପାଢ଼ୀ, ମିଳନ କୁମାର ଧଳ ପ୍ରମୁଖ କୁହନ୍ତିଯେ, ଭୋଟ ଗଣତି ତଥ୍ୟ, ନିର୍ବାଚନ ମଣ୍ଡଳୀର ପରିସୀମା ଓ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ବିଜେଡି ପାଇଁ ବାଧକ ସୃଷ୍ଟି କରିବାର ଆଶଙ୍କା ରହିଛି। ସେମାନେ କୁହନ୍ତି, ଡେରାବିଶ ବ୍ଲକର ୨୬ ପଞ୍ଚାୟତ, ଗରଦପୁରର ୧୮ ପଞ୍ଚାୟତ ଓ ମାର୍ଶାଘାଇ ବ୍ଲକର ୭ ପଞ୍ଚାୟତକୁ ନେଇ ପାଟକୁରା ନିର୍ବାଚନ ମଣ୍ଡଳୀ ଗଠିତ । ଏହି ନିର୍ବାଚନ ମଣ୍ଡଳୀରେ ଭୋଟରଙ୍କ ସଂଖ୍ୟା ୨,୪୪,୭୪୭ହୋଇଥିବା ବେଳେ ୨୦୧୯ ଲୋକସଭା ନିର୍ବାଚନରେ ୧,୭୩,୩୧୯ ଭୋଟର ମତଦାନ କରିଛନ୍ତି । ନିର୍ବାଚନରେ ପାଟକୁରାରୁ ଭାଜପା ବିଜେଡିଠାରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଛି। ଏଠାରେ ମୋଟ ୧୦ ପ୍ରାର୍ଥୀ ଥିବା ବେଳେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ଓ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆଲୋଚନା ହେଉଛି । ଅପରପକ୍ଷେ କଂଗ୍ରେସ ଭୋଟ ବିଜୟୀ ପ୍ରାର୍ଥୀଙ୍କୁ ନିର୍ଣ୍ଣାୟକ ମୋଡ ଦେଇପାରିବ । ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତି ୨୦୧୪ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ୪୨,୧୩୮ ଖଣ୍ଡ ଭୋଟ ପାଇଥିଲେ । ଗତ ୫ ବର୍ଷ ହେବ ସେ ଏହି ନିର୍ବାଚନ କ୍ଷେତ୍ରରେ ସଂଗଠନ ବୃଦ୍ଧି କରିବା ପାଇଁ କାର୍ଯ୍ୟ କରୁଛନ୍ତି । ଆଗାମୀ ନିର୍ବାଚନ ଜିତିବା ପାଇଁ କଂଗ୍ରେସ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଚାଲିଛି।

### ପଛରେ ପଡ଼ିବନି କଂଗ୍ରେସ

ଅପରପକ୍ଷେ ରାଜନୈତିକ ସ୍ଥିତି ଅନୁଯାୟୀ, ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ ପୂର୍ବତନ ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ମଧ୍ୟରେ ମନାନ୍ତର ହୋଇଥିଲା । ଏଥିରେ ସରୋଜକାନ୍ତ ଅସନ୍ତୁଷ୍ଟ ହୋଇ ଭାଜପାରେ ଯୋଗ ଦେଇଥିଲେ। । ଇତିମଧ୍ୟରେ ସରୋଜକାନ୍ତ ବିଜେଡିକୁ ଫେରି ଆସିଥିଲେ ମଧ ତାଙ୍କର ସମର୍ଥକମାନେ ଭାଜପାରେ ଯୋଗଦେଇଛନ୍ତି । ସେହିପରି ବିଜୟ ମହାପାତ୍ର ରାଜ୍ୟ ରାଜନୀତିରେ ଜଣେ ଚର୍ଚ୍ଚିତ ବ୍ୟକ୍ତି । ଏହି ନିର୍ବାଚନ ମଣ୍ଡଳୀରେ ସେ ପୂର୍ବରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ଏଥିସହ ତାଙ୍କର ରାଜନୈତିକ ଗୋଟିଚାଳନା ଓ ସମର୍ଥକଙ୍କ ବିଶ୍ୱାସ ପାଇଁ ଚଳିତ ନିର୍ବାଚନରେ କେନ୍ଦ୍ରାପଡା ଲୋକ ସଭା ଆସନ ପାଇଁ ମହାକାଳପଡା ଓ ପାଟକୁରା ବିଧାନସଭା କ୍ଷେତ୍ରରୁ ଭୋଟହାର ବୃଦ୍ଧି ପାଇଛି। ସେମାନେ ଦର୍ଶାଇଛନ୍ତି ଯେ, ଗତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁଖ୍ୟ ଟାର୍ଗେଟରେ ଭାଜପା ଏମପି ପ୍ରାର୍ଥୀ ବୈଜୟନ୍ତ ଓ ପାଟକୁରା ବିଧାୟକ ପ୍ରାର୍ଥୀ ବିଜୟ ମହାପାତ୍ର ଥିଲେ । ଅପରପକ୍ଷେ ଏହି ଦୁହିଁଙ୍କୁ ଚେକ ଦେବା ପାଇଁ ନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଗୋଟିଏ ମାସରେ ୭ ଥର କେନ୍ଦ୍ରାପଡା ଜିଲା ଗସ୍ତ କରିଛନ୍ତି। ସେହିପରି ଜିଲାରେ ଭୟଙ୍କର ବାତ୍ୟା ହୋଇଥିବା ଦର୍ଶାଇ ପାଟକୁରା ନିର୍ବାଚନ ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀ ନିର୍ବାଚନ କମିଶନଙ୍କୁ ଦେଖା କରିଛନ୍ତି । ଜିଲାର ଏହି ଚର୍ଚ୍ଚିତ ରାଜନେତା ବିଜୟଙ୍କୁ ଚେକ୍ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ବିଶେଷ ଧ୍ୟାନ ଦେଇ ଥିବାରୁ ଏହି ବିଧାନସଭା ପାଇଁ ଜୋରଦାର ଲଢ଼େଇ ଦେଖିବାକୁ ମିଳିବ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ଯେ, ଏହି ଆସନ ପାଇଁ ଏପର୍ଯ୍ୟନ୍ତ ନିର୍ବାଚନ ତାରିଖ ଘୋଷଣା ହୋଇନାହିଁ । ଗତ ୭ରେ ନିର୍ବାଚନ ୨ ମାସ ଘୁଞ୍ଚିଥିବା ନେଇ ନିର୍ବାଚନ କମିଶନ ଘୋଷଣା କରିଛନ୍ତି।

# ମନ୍ତ୍ରୀ ପଦ ଦୌଡ଼ରେ କେନ୍ଦ୍ରାପଡ଼ାରୁ ୪ ଆଶାୟୀ

**କେନ୍ଦ୍ରାପଡା ଅଫିସ, ୨୫।୫**

ରାଜ୍ୟରେ ପଞ୍ଚମ ଥର ପାଇଁ ବିଜେଡି ସରକାର ଗଠନ କରିବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳ ଗଠନ ହେବ । ଏହି ମନ୍ତ୍ରିମଣ୍ଡଳରେ ଜିଲା ୪ ନିର୍ବାଚିତ ପ୍ରତିନିଧି ମନ୍ତ୍ରୀ ପଦ ଦୌଡରେ ଥିବା ନେଇ ଆଲୋଚନା ହେଉଛି । କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ ଓ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ପୂର୍ବରୁ ବିଜେଡି ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ । ଚଳିତ ଥର ନିର୍ବାଚନରେ ଏମାନେ ପ୍ରଥମ ଦାବିଦାର ହେବେ ବୋଲି ଚର୍ଚ୍ଚା ହେଉଛି। ସେହିପରି ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ନୂଆ ମୁହଁ ଭାବେ ରାଜନଗର ବିଧାୟକ ଧ୍ରୁବଚରଣ ସାହୁଙ୍କୁ ନିଆଯାଇ ପାରେ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ଯେ, ବିଜୁବାବୁଙ୍କ ସମୟରେ କେନ୍ଦ୍ରାପଡାର ୩ ବିଧାୟକ ମନ୍ତ୍ରୀପଦ ପାଇଥିଲେ । ଏଥିପାଇଁ କେନ୍ଦ୍ରାପଡାକୁ ମନ୍ତ୍ରୀପଡା ଭାବେ ଗଣାଯାଉଥିବା ବେଳେ ପୁଣି ଥରେ ଏହି ସମ୍ଭାବନା ସୃଷ୍ଟି ହୋଇଛି ।

# କାଳବୈଶାଖୀ ଯୋଗୁ ଲୋକେ ଆତଙ୍କିତ

**ରାଜକନିକା, ୨୫।୫(ଡି.ଏନ୍.ଏ.)**

ରାଜକନିକା ବ୍ଲକରେ ଶନିବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ଝଡତୋଫାନ ଦେଖିବାକୁ ମିଳିଛି । ଶନିବାରସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ଘନ ଘନ ବଜ୍ରପାତ ହୋଇଛି। ଏହା ଲୋକଙ୍କୁ ଆତଙ୍କିତ କରିଛି । ବିଭିନ୍ନସ୍ଥାନରେ ଗଛ ଉପୁଡିପଡିଛି । ଚରପଡା, ନମତରା, ଅବଦୁଲପୁର, ହାଟସାହି, ପଧାନପଡା, ପଣସଗଣ୍ଡ, ଦେଉଳତରା, ସିହୋପଡା, ପେଗରପଡା ଆଦି ପଞ୍ଚାୟତରେ ବିଦ୍ୟୁତ୍ ସେବା ବନ୍ଦ ରହିଛି । କଣ୍ଡିଆ ହାଟରେ ଥିବା ଦୋକାନଗୁଡିକ ବନ୍ଦ ରହିବା ସହ ବଜାର ଶୁନଶାନ ହୋଇଯାଇଥିଲା।

# ସ୍ୱାସ୍ଥ୍ୟ ବିଭାଗର କ୍ଷୟକ୍ଷତି ଆକଳନ କରିବେ ଅନ୍ତର୍ଜାତୀୟ ପ୍ରତିନିଧି ଦଳ

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା ଲାଗି ଓଡ଼ିଶା ଗସ୍ତରେ ଆସିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ବିଶ୍ୱବ୍ୟାଙ୍କ ଏବଂ ୟୁନିସେଫ୍ ପ୍ରତିନିଧି ଦଳ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧାଙ୍କ ସହିତ ବିସ୍ତୃତ ଆଲୋଚନା କରିଛନ୍ତି। ବାତ୍ୟାରେ ସ୍ୱାସ୍ଥ୍ୟ ବିଭାଗର ହୋଇଥିବା କ୍ଷୟକ୍ଷତି ସହ ବାତ୍ୟା ପରବର୍ତ୍ତୀ ସ୍ଥିତିରେ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ପଚାରି ବୁଝିଛନ୍ତି। ଓଡ଼ିଶା ଗସ୍ତରେ ଆସିଥିବା ଏହି ପ୍ରତିନିଧି ଦଳ ୬ ଭାଗରେ ବିଭକ୍ତ ହେବେ। ଆସନ୍ତା ୨୬ରୁ ୨୮ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବାତ୍ୟା କ୍ଷତିଗ୍ରସ୍ତ ଜିଲା ପରିଦର୍ଶନ କରି ଜୁନ୍ ୩ରେ ସେମାନଙ୍କ ରିପୋର୍ଟ ପ୍ରଦାନ କରିବେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଡା. ରୀତୁ ସିଂ ଚୌହାନ ଓ ଡା. ଅବନୀ ଚନ୍ଦ୍ରନାଥ ସାହୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ସତ୍ୟବାଦୀ ବ୍ଲକ ଗସ୍ତରେ ଯିବେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଡା. ଗୌରବ ଗୁପ୍ତା ଓ ଡା. ସନ୍ତୋଷ ସାହୁଙ୍କୁ ନେଇ ଗଠିତ ଅନ୍ୟ ଟିମ୍ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ କ୍ୟାପିଟାଲ ହସ୍ପିଟାଲ, କଟକସ୍ଥିତ ସିଟି ହସ୍ପିଟାଲ ଯାଇ କ୍ଷୟକ୍ଷତି ଆକଳନ କରିବେ। ସେହିଭଳି ୟୁନିସେଫ୍‌ର ଡା. ବ୍ରଜେଶ ରାଜ ମିତ୍ର, ବିଶ୍ୱ

### ଜୁନ୍ ୩ରେ ରିପୋର୍ଟ ପ୍ରଦାନ

ସ୍ୱାସ୍ଥ୍ୟ ସଙ୍ଗଠନର ଡା. ଦୀପକ କୁମାର କର ଓ ଡା. ଜ୍ଞାନ ଚାନ୍ଦଙ୍କୁ ନେଇ ଗଠିତ ଟିମ୍ ଯାଜପୁର ଏବଂ ଭଦ୍ରକ ଜିଲା ଗସ୍ତରେ ଯିବାକୁ ସ୍ଥିର ହୋଇଛି। ବିଶ୍ୱବ୍ୟାଙ୍କର ଡା. ସୁରେଶ କୁମାର ମହମ୍ମଦ ଓ ୟୁନିସେଫ୍‌ର ଦୀପକ କୁମାର ବିଶ୍ୱାଳଙ୍କୁ ନେଇ ଗଠିତ ଟିମ୍ ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ାର ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନ ପରିଦର୍ଶନ ସହିତ କ୍ଷୟକ୍ଷତି ଆକଳନ କରିବେ। ଆଲୋଚନା ସମୟରେ ବିଭାଗ ପକ୍ଷରୁ କ୍ଷୟକ୍ଷତି ସଂକ୍ରାନ୍ତରେ କରାଯାଇଥିବା ଆକଳନ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଏଥିସହିତ ବାତ୍ୟା ପୂର୍ବରୁ ଓ ପରେ ବିଭାଗ ପକ୍ଷରୁ ଜାରି ରହିଥିବା ବିଭିନ୍ନ ପଦକ୍ଷେପ ସଂକ୍ରାନ୍ତରେ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ବିଭାଗ କମିଶନର ଡା. ମେହେର୍ଦ୍ଧାଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ବିଭାଗ ଯୁଗ୍ମ ସଚିବ ଯାମିନୀ ଷଡ଼ଙ୍ଗୀ, ସ୍ୱତନ୍ତ୍ର ସଚିବ ଡା. ବି.କେ. ବ୍ରହ୍ମା ଓ ଡା. ଲିଙ୍ଗରାଜ ମିଶ୍ରଙ୍କ ସହ ସମସ୍ତ ବିଭାଗୀୟ ନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ପୋଷ୍ଟାଲ ଭୋଟରେ ଭାଜପା ଆଗୁଆ

**କେନ୍ଦ୍ରାପଡା ଅଫିସ, ୨୫।୫**

କେନ୍ଦ୍ରାପଡା ଲୋକ ସଭା ଓ ଜିଲା ଅନ୍ତର୍ଗତ ୪ ବିଧାନସଭା ଆସନରେ ବିଜେଡି ବିଜୟୀ ହୋଇଛି । ମାତ୍ର ପୋଷ୍ଟାଲ ଭୋଟରେ ଭାଜପା ଆଗୁଆ ରହିଥିବା ନେଇ ଭୋଟ ଗଣତି ପରେ ସୂଚନା ମିଳିଛି। ଚଳିତ ନିର୍ବାଚନରେ ପୋଷ୍ଟାଲ ଭୋଟରେ ଲୋକ ସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ୨୩୦୪ ଖଣ୍ଡ ଭୋଟ ମିଳିଥିବା ବେଳେ ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କୁ ମାତ୍ର ୮୩୦ ଖଣ୍ଡ ଭୋଟ ମିଳିଛି । ଏହି ପ୍ରତିଦ୍ୱନ୍ଦ୍ୱିତାରେ କଂଗ୍ରେସ ପ୍ରାର୍ଥୀ ଧରଣୀଧର ନାୟକ ମାତ୍ର ୧୯୩ ଖଣ୍ଡ ଭୋଟ ପାଇଛନ୍ତି । ସେହିପରି କେନ୍ଦ୍ରାପଡା ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ୧୬୯ ଖଣ୍ଡ ପୋଷ୍ଟାଲ ଭୋଟ, ଭାଜପା ପ୍ରାର୍ଥୀ ସୁନାକର ବେହେରାଙ୍କୁ ୧୧୯ ଓ ବିଜେଡି ପ୍ରାର୍ଥୀ ଶଶିଭୂଷଣ ବେହେରାଙ୍କୁ ୮୮ ଖଣ୍ଡ ଭୋଟ ମିଳିଛି । ମହାକାଳପଡା ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀ ବିଜୟ ପ୍ରଧାନଙ୍କୁ ୨୭୧ ଖଣ୍ଡ, ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକଙ୍କୁ ୧୪୮ ଖଣ୍ଡ ଓ କଂଗ୍ରେସ ପ୍ରାର୍ଥୀ ବିଭ୍ରାଂଶୁ ଶେଖର ଲେଙ୍କାଙ୍କୁ ମାତ୍ର ୨୧ ଖଣ୍ଡ ପୋଷ୍ଟାଲ ଭୋଟ ମିଳିଛି । ଆଳିରେ ପୋଷ୍ଟାଲ ଭୋଟ ସର୍ବାଧିକ କଂଗ୍ରେସ ଖାତାକୁ ଯାଇଛି । କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ୧୭୮, ବିଜେଡି ପ୍ରାର୍ଥୀ ଧ୍ରୁବ ଚରଣ ସାହୁଙ୍କୁ ୮୨ ଖଣ୍ଡ ଓ ଭାଜପା ପ୍ରାର୍ଥୀ ଅଲେଖ ଚନ୍ଦ୍ର ଜେନାଙ୍କୁ ୬୯ ଖଣ୍ଡ ପୋଷ୍ଟାଲ ଭୋଟ ମିଳିଛି । ଜିଲାର ଆଳି ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ୧୮୪ ଖଣ୍ଡ ପୋଷ୍ଟାଲ ଭୋଟ ମିଳିଥିବା ବେଳେ ଭାଜପା ପ୍ରାର୍ଥୀ ଦୋଳଗୋବିନ୍ଦ ନାୟକଙ୍କୁ ୧୧୭ ଖଣ୍ଡ ଓ କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ଶର୍ମାଙ୍କୁ ୮୭ ଖଣ୍ଡ ଭୋଟ ମିଳିଛି । ସୂଚନାଯୋଗ୍ୟ ଯେ, ଫନୀ ବାତ୍ୟା ପାଇଁ ଏହି ଜିଲାର ପାଟକୁରା ବିଧାନସଭା ଆସନରେ ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଛି।


## ଏସ୍.ଇ. ରେଳପଥ ଟେଣ୍ଡର

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୦୬-ଇଏଲ୍-ଡବ୍ଲ୍ୟୁଟି-୨୦୧୯-୨୦, ତାରିଖ: ୨୩।୦୫।୨୦୧୯**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଇଇ(ଜି)/ସିକେପି, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି ଯେକୌଣସି ଅଫର୍‌କୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ରାଉରକେଲାଠାରେ ୨ୟ ପ୍ରବେଶ ପାଇଁ ୧୩ ଜଣିଆ କ୍ଷମତାର ଏଲିଭେଟର୍‌ର ବ୍ୟବସ୍ଥା ସଂକ୍ରାନ୍ତରେ ବୈଦ୍ୟୁତିକ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୧୦,୩୧,୨୪୭.୨୬। **ଇଏମ୍‌ଡି:** ₹୨୦,୭୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୨,୦୦୦। **ସମାପ୍ତି/ଖୋଲାଯିବା ତାରିଖ:** ୨୮।୦୬।୨୦୧୯। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର୍‌ମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ।
PR-207






## ପୂର୍ବ ତଟ ରେଳପଥ
### ଇଂଜିନିୟରିଂ କାର୍ଯ୍ୟ

ଫାଇଲ ନଂ. DRM/Engg/KUR/19-20/E-Tender/ Short Notice/11, ତା: 20.05.2019

1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender HQ-KUR-47-2019, ତା: 17.05.2019
**ବିବରଣୀ :** ପୁରୀ ଠାରେ ରଥଯାତ୍ରା-2019 ସମ୍ବନ୍ଧୀୟ ପ୍ରସ୍ତାବିତ ଅସ୍ଥାୟୀ ସେଡ୍ ଏବଂ ଅନ୍ୟ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹50.46 ଲକ୍ଷ, EMD(ଟଙ୍କାରେ):₹ 1,00,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 30 (ତିରିଶି) ଦିନ ।

2)ଟେଣ୍ଡର ବିଜ୍ଞପ୍ତି ସଂ. e-Tender HQ-KUR-56-2019, ତା: 17.05.2019
**ବିବରଣୀ :** ପୁରୀ ଠାରେ ପ୍ରବଳ ଝଡ଼ବାତ୍ୟା 'ଫୋନି' ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପ୍ଲାଟଫର୍ମ/ଷ୍ଟ୍ରକ୍‌ଚରଗୁଡ଼ିକର ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟ, ମେଳା ସେଡ୍, କଲ୍ୟାଣ ମଣ୍ଡପ, GRP କାର୍ଯ୍ୟାଳୟ, ପାର୍ସଲ ଏବଂ TTE କାର୍ଯ୍ୟାଳୟର ମରାମତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹74.47 ଲକ୍ଷ, EMD(ଟଙ୍କାରେ):₹ 1,48,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 02 (ଦୁଇ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.31.05.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-107/K/19-20

## ପୂର୍ବ ତଟ ରେଳପଥ
### ଭଡ଼ା ସୂତ୍ରରେ ଗାଡ଼ି

1) ଟେଣ୍ଡର ବିଜ୍ଞପ୍ତି ସଂ. ST-OT-VEHICLE-ASTECTC-155, ତା: 20.05.2019
**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ସିଗ୍ନାଲ ଏବଂ ଟେଲିକମ୍ୟୁନିକେସନ ଯନ୍ତ୍ରୀ, କଟକଙ୍କ ବିଭାଗୀୟ ବ୍ୟବହାର ନିମନ୍ତେ ସଡ଼କ ଗାଡ଼ି (ପିକ୍-ଅପ୍ ଭ୍ୟାନ୍) ଭଡ଼ା ସୂତ୍ରରେ ନେବା ।
**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 8,70,977.04, EMD (ଟଙ୍କାରେ) : 17,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ) ।

2) ଟେଣ୍ଡର ବିଜ୍ଞପ୍ତି ସଂ. ST-OT-VEH-SSES-BALU-156, ତା: 20.05.2019
**କାର୍ଯ୍ୟର ନାମ :** ଅବଶିଷ୍ଟ 24 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ ପରିସଂପତ୍ତି (Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ(Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ(Enroute Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର/ସିଗ୍ନାଲ/ବାଲୁଗାଁ ଅଧୀନରେ ସିଗ୍ନାଲିଙ୍ଗ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନ ରାତି (Round the clock)ଚାଳକ ସହିତ TATA-207 DI କିମ୍ବା ଅନୁରୂପ ଗୋଟିଏ ବହୁ-ଉପଯୋଗିତା ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା ।
**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 8,22,336/-, EMD (ଟଙ୍କାରେ) : 16,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ) ।

ବିଡ୍ ଆରମ୍ଭ ହେବା ତାରିଖ : ତା.28.05.2019 ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.06.2019 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-106/K/19-20

See Career Appointment on every Wednesday & Saturday



बैंक ऑफ़ इंडिया Bank of India BOI

## ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ : ଭୁବନେଶ୍ୱର ଅଞ୍ଚଳ, ୧/୧ଡ଼ି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫

## ଦଖଲ ନୋଟିସ୍
[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ ବନ୍ଧକଦାତା /ଜାମିନ୍‌ଦାରମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ, ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ବନ୍ଧକଦାତା / ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡିକ ଦଖଲକୁ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା /ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଚନ୍ଦନପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ , ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଚନ୍ଦନପୁର ଶାଖା/ ଋଣଗ୍ରହୀତା / ଜାମିନଦାରମାନଙ୍କ ନାମ ଓ ଠିକଣା /ଆକାଉଣ୍ଟ ନଂ. | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା : ଶ୍ରୀ ଦିଲ୍ଲୀପ କୁମାର ମହାପାତ୍ର, ପିତା: ଶ୍ରୀ ବ୍ରଜ ବନ୍ଧୁ ମହାପାତ୍ର, ଜାମିନଦାର: ଗୌରୀମଣି ମହାପାତ୍ର, ସ୍ୱାମୀ: ଶ୍ରୀ ଦିଲ୍ଲୀପ କୁମାର ମହାପାତ୍ର, ଉଭୟଙ୍କ ଠିକଣା- ସା: ବୀରକିଶୋରପୁର, ପୋ/ଥାନା: ଚନ୍ଦନପୁର, ଜିଲ୍ଲା: ପୁରୀ, ପିନ୍: ୭୫୨୦୧୨/ ଆକାଉଣ୍ଟ ନଂ.: ୫୧୬୪୭୫୧୧୦୦୦୦୦୦୬ | ଟ.୨,୯୮,୩୩୭ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୭.୦୩.୨୦୧୯ / ୨୨.୦୫.୨୦୧୯ | ଶ୍ରୀ ଦିଲ୍ଲୀପ କୁମାର ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା : ବୀରକିଶୋରପୁର, ଥାନା: ଚନ୍ଦନପୁର,ଏସ୍‌ଆରଓ : ପୁରୀ, ତହସିଲ/ଜିଲ୍ଲା:ପୁରୀ, ଖାତା ନଂ.୨୩୧/୮୬, ପ୍ଲଟ ନଂ. ୫୯୯, କ୍ଷେତ୍ର: ଏକର ୦.୦୬ ଡିସିମିଲ, କିସମ : ଘରବାଡ଼ି, ଚୌହଦୀ - ଉତ୍ତର : ରାସ୍ତା ଏବଂ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଦକ୍ଷିଣ : ଭାଗବତ ଠାକୁର, ପୂର୍ବ : ରେନ୍ ବେହେରା ଏବଂ ନୀଳକଣ୍ଠ ଦେବ, ପଶ୍ଚିମ : ପଦ୍ମନାଭ ସ୍ୱାଇଁ ଏବଂ ରବି ଜେନା । |

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୫.୦୫.୨୦୧୯
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ




## ସଂକ୍ଷେପରେ

### ରାହାମାରେ ସମ୍ବିତଙ୍କୁ ସମ୍ବର୍ଦ୍ଧନା

ରାହାମା,୨୫ା୫(ଡି.ଏନ୍.ଏ.): ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ ବିଜୟ ଲାଭ କରିବା ପରେ ରାହାମାଠାରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାହାମା ହାଟ ବଜାରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ସାଇଲୋର ପୂର୍ବତନ ସରପଞ୍ଚ ତଥା ଜଗତ୍‌ସିଂହପୁର ଜିଲା ବିଜେଡି ସମ୍ପାଦକ ଶିଶିର ଦାସଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ସମ୍ବିତ ଯୋଗଦେଇ ବିଜୟର ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପାରାଦୀପ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ପ୍ରଦାନ କରିଥିଲେ। ତାଳପଡ଼ା ସରପଞ୍ଚ ମମତା ସାହୁ, ପୂର୍ବତନ ଜିଲା ପରିଷଦ ଅଜୟ କୁମାର ସାହୁ, ସାମାଜିକ କର୍ମୀ ସୁନାକର ବେହେରା, ତାଳପଡା ପଞ୍ଚାୟତ ବିଜେଡି ସଭାପତି ରବିନାରାୟଣ ସାହୁ, ଚିନ୍ମୟ ଦାସ, କାଠକୋଟ ସରପଞ୍ଚ ମିହିର ପଟ୍ଟନାୟକ, ହଂସୁରା ସରପଞ୍ଚ ସ୍ମୃତିରେଖା ସ୍ୱାଇଁ, ମନୋଜ ସାହ, ଭିକାରୀ ଚରଣ ସେନାପତି, ସମିତି ସଭ୍ୟ ଅନୁଗାମୀ ଦାସ ଓ ମନୋରମା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସମ୍ବିତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ମା'ଚର୍ଚ୍ଚିକାଙ୍କ ଚନ୍ଦନଯାତ୍ରା ଆରମ୍ଭ

ବାଙ୍କୀ,୨୫ା୫(ସ୍ୱ.ପ୍ର.): ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ଚନ୍ଦନଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶାର ସର୍ବତ୍ର ଚନ୍ଦନଯାତ୍ରା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇ ୨୧ ଦିନ ପର୍ଯ୍ୟନ୍ତ ପାଳିତ ହେଉଥିବା ବେଳେ ଚର୍ଚ୍ଚିକାଙ୍କ ପୀଠରେ ଶେଷ ତିନିଦିନ ପାଳିତ ହେଉଛି। ଭୋରରୁ ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳଆଳତି, ପଞ୍ଚ ଅବକାଶ ପରେ ମା'ଙ୍କ ସେବା ପୂଜା କରାଯାଇଥିଲା। ମଧାହ୍ନରେ ସ୍ୱତନ୍ତ୍ର ମାଜଣା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଚନ୍ଦନ ମାଜଣାରେ ମା'ଙ୍କ ମସ୍ତକରୁ କଟିଦେଶ ପର୍ଯ୍ୟନ୍ତ ଚନ୍ଦନ ଲେପନ କରାଯାଇଥିଲା। ଚଳନ୍ତି ପ୍ରତିମା କନକଦୁର୍ଗାଙ୍କୁ ପିତଳ ଚଉଖୁଣ୍ଟିଆ ଚନ୍ଦନ କୁଣ୍ଡରେ ରଖାଯାଇଥିଲା। ରାତ୍ରିରେ ଚଳନ୍ତି ପ୍ରତିମାଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଇ ଶୋଭାଯାତ୍ରାରେ ନଗର ଓ ଚର୍ଚ୍ଚିକା ଗ୍ରାମ ପରିକ୍ରମା କରାଯାଇ ମହାନଦୀର ରେଣୁକା ତୁଠକୁ ନିଆଯାଇଥିଲା। ସେଠାରେ ଦେବୀଙ୍କ ଚାପଖେଳ ଆରମ୍ଭ ହୋଇ ରଣପୁର ତୁଠରେ ଶେଷ ହୋଇଥିଲା। ଏହି ଚାପଖେଳ ସୋମବାର ଶେଷ ହେବ। ସେହିପରି ବାଙ୍କୀ ଉପଖଣ୍ଡ ପଥୁରୀପଡ଼ାର ଗୋପୀନାଥ ଦେବଙ୍କୁ ମଧ ଶୋଭାଯାତ୍ରାରେ ନେଇ ଦୁଇଦିନ ଚାପଖେଳର ବିଧି ବ୍ୟବସ୍ଥା ବହୁ ପୁରାତନ କାଳରୁ ରହିଛି।

# ତିର୍ତ୍ତୋଲରେ ବିଷ୍ଣୁଙ୍କ ପ୍ରତି ବଢ଼ିଛି ସମର୍ଥନ

- ସୁଧୁରିଛି ଭାଜପାର ସ୍ଥିତି
- କଂଗ୍ରେସ ପାଦ ତଳୁ ମାଟି ଖସୁଛି

ଜଗତ୍‌ସିଂହପୁର ଅଫିସ,୨୫ା୫

୨୦୧୯ ନିର୍ବାଚନ ଫଳାଫଳକୁ ନେଇ ଏବେ ପ୍ରମୁଖ ରାଜନୈତିକ ଦଳଗୁଡିକ ପକ୍ଷରୁ ଚାଲିଛି ପୋଷ୍ଟ ମର୍ଟମ। ବିଶେଷକରି ପରାଜିତ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ଆତ୍ମସମୀକ୍ଷା ଚଳାଇଛନ୍ତି। ୨୦୧୪ ନିର୍ବାଚନରେ ଜିଲାର ୪ ବିଧାନସଭା ଆସନ ମଧ୍ୟରୁ କଂଗ୍ରେସକୁ କେବଳ ଜଗତ୍‌ସିଂହପୁର ବିଧାନସଭା ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। କିନ୍ତୁ ଏଥର ତାହା ମଧ ହାତଛଡ଼ା ହେଲା। ବିଜେଡି ୪ ବିଧାନସଭା ଆସନ ଅକ୍ତିଆର କରିନେଲା। ଏଥିସହ ଜିଲାରେ ବିଜେଡିର ଭୋଟ ହାର ମଧ ବଢିଲା। ଏହି ଜିଲାର ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ କଥା ବିଚାରକୁ ନେଲେ, ଯଦିଓ ଗତଥର ଏଠାରେ ବିଜେଡି ପ୍ରାର୍ଥୀ ଜିତିଥିଲେ ତେବେ ଏଥର ଦଳକୁ ଅଧିକ ଭୋଟ୍ ମିଳିଛି। ଏଠାରୁ ନୂଆକରି ପ୍ରାର୍ଥୀ ହୋଇଥିବା ବିଷ୍ଣୁ ଚରଣ ଦାସ ଅସୁସ୍ଥ ଥିବା ସତ୍ତ୍ୱେ ନିଜ ଲୋକପ୍ରିୟତା ଦେଖାଇଛନ୍ତି।

୨୦୧୪ରେ ଏଠାରୁ ବିଜେଡି ପ୍ରାର୍ଥୀ ହୋଇଥିଲେ ରାଜଶ୍ରୀ ମଲ୍ଲିକ। ତାଙ୍କୁ ୮୮,୯୫୩ ଅର୍ଥାତ୍ ମୋଟ ମତଦାନର ୫୫.୨% ଭୋଟ ମିଳିଥିଲା। ବିଷ୍ଣୁଙ୍କୁ ଅଧିକ ୫,୦୧୪ ଅର୍ଥାତ୍ ୯୩,୯୬୭ ଭୋଟ ମିଳିଛି। ସେ ଜଗତ୍‌ସିଂହପୁର ବିଧାନସଭା ଆସନରୁ ୫ ଥର ବିଧାୟକ ହୋଇଥିବାବେଳେ ଥରେ ମନ୍ତ୍ରୀ, ଥରେ ରାଜ୍ୟସଭା ଏମ୍‌ପି ଓ ଥରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ହୋଇଛନ୍ତି। ନିର୍ବାଚନମଣ୍ଡଳୀ ପୁନର୍ଗଠନ ପୂର୍ବରୁ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ବିରିଡ଼ି ଓ ରଘୁନାଥପୁର ବ୍ଲକର କିଛି ଅଂଶ ଥିଲା। ସେତେବେଳେ ଦାସଙ୍କ ଗଡ଼ ଥିଲା ବିରିଡ଼ି। ପୁନର୍ଗଠନ ପରେ ମଧ ସେ ବିରିଡ଼ି, ରଘୁନାଥପୁର ଅଞ୍ଚଳର ଲୋକଙ୍କ ସହ ସମ୍ପର୍କ ଛିନ୍ନ କରି ନ ଥିଲେ। ଅନ୍ୟପକ୍ଷରେ ବିଧାୟିକା ହେଲା ପରେ ରାଜଶ୍ରୀଙ୍କ ବିରୋଧରେ ଦଳ ଭିତରେ ଅସନ୍ତୋଷ ବଢିବାରୁ କର୍ମୀମାନେ ଦାସଙ୍କ ସହ ସମ୍ପର୍କରେ ରହିବାକୁ ଚାହିଁଥିଲେ। ଏପରି କି ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ମଧ ଦାସଙ୍କ ସଙ୍ଗଠନ ବଢିଥିଲା। ତେଣୁ ସେ ଏଠାରୁ ପ୍ରାର୍ଥୀ ହେବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କର ସାଙ୍ଗଠନିକ କାର୍ଯ୍ୟକୁ ଦେଖି ଦଳ ମଧ ତାଙ୍କୁ ଏଠାରୁ ପ୍ରାର୍ଥୀ କଲା। ତାଙ୍କ ବିରୋଧରେ ଭାଜପାରୁ ରମାକାନ୍ତ ଭୋଇ ଓ କଂଗ୍ରେସରୁ ଦେବୀ ପ୍ରସାଦ ମଲ୍ଲିକ ପ୍ରାର୍ଥୀ ହୋଇଥିଲେ। ଭୋଇ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଆଶା କରାଯାଉଥିଲା। ବାସ୍ତବରେ ତାହା ହେଲା। କିନ୍ତୁ ଦାସ ୪୦,୩୮୬ ଭୋଟ ବ୍ୟବଧାନରେ ବିଜୟୀ ହେଲେ। ସେହିପରି ୨୦୧୪ ତୁଳନାରେ ଏଥର ଭାଜପା ଭୋଟ ହାର ୨୧.୮୯% ବଢିଛି। ୨୦୧୪ରେ ଭୋଇ ପ୍ରାର୍ଥୀ ହୋଇ ୧୪,୫୧୬ ଖଣ୍ଡ ଅର୍ଥାତ୍ ୯.୦୧% ଭୋଟ ପାଇଥିଲେ। ଏଥର ତାଙ୍କୁ ୫୩,୫୮୧ ଖଣ୍ଡ ଅର୍ଥାତ୍ ୩୦.୯% ଭୋଟ ମିଳିଛି। କଂଗ୍ରେସ ସ୍ଥିତି କିନ୍ତୁ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ ରାଜକିଶୋର ବେହେରା। ବେହେରାଙ୍କୁ ୫୩,୫୦୫ ଅର୍ଥାତ୍ ୩୩.୨୧% ଭୋଟ ମିଳିଥିଲା। ଏଥର ତାଙ୍କ ସ୍ଥାନରେ ମଲ୍ଲିକଙ୍କୁ ଦଳ ପ୍ରାର୍ଥୀ କରିଥିଲା। ତାଙ୍କୁ ମାତ୍ର ୨୩,୮୦୯ ଖଣ୍ଡ ଅର୍ଥାତ୍ ମୋଟ ମତଦାନର ୧୩.୭୩% ଭୋଟ ମିଳିଛି। ତେଣୁ ୨୦୧୪ ତୁଳନାରେ କଂଗ୍ରେସ ଭୋଟ ଆଶାତୀତ ଭାବେ ଅର୍ଥାତ୍ ୧୯.୪୮% କମିଛି। ସେହିପରି ୨୦୦୯ ତୁଳନାରେ ୨୦୧୪ରେ ଭୋଟ ହାର ୧.୧୨% କମିଥିଲା। ଏ ସମ୍ପର୍କରେ କେତେଜଣ କଂଗ୍ରେସ ନେତାଙ୍କ କହିବା କଥା ହେଲା ବିଭୂ ପ୍ରସାଦ ତରାଇଙ୍କୁ ଏହି ନିର୍ବାଚନମଣ୍ଡଳୀରୁ ଦଳ ପ୍ରାର୍ଥୀ କରିଥିଲା। ସେ କିନ୍ତୁ ଏମ୍‌ପି ସିଟ୍‌ରେ ପ୍ରାର୍ଥୀ ହେବାକୁ ଚାହୁଁଥିଲେ। ଏଥିପାଇଁ ସେ କଂଗ୍ରେସ ଛାଡି ଭାଜପାରେ ମିଶିବା ସହ ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ହୋଇଥିଲେ, ଯାହାକି ନକାରାତ୍ମକ ପ୍ରଭାବ ପକାଇଥିଲା। ଦ୍ୱିତୀୟ କଥା ହେଲା ପ୍ରତିମା ମଲ୍ଲିକ ଓ ଦେବ ମଲ୍ଲିକ ତିର୍ତ୍ତୋଲରୁ ବିଧାୟକ ପ୍ରାର୍ଥୀ ହେବାକୁ ଇଛା କରିଥିଲେ। କିନ୍ତୁ ସେପରି କରା ନ ଯାଇ ପ୍ରତିମାଙ୍କୁ ଏମ୍‌ପି ପ୍ରାର୍ଥୀ ଓ ତାଙ୍କ ଭାଇ ଦେବୀ ପ୍ରସାଦ ମଲ୍ଲିକଙ୍କୁ ତିର୍ତ୍ତୋଲରୁ ବିଧାୟକ ପ୍ରାର୍ଥୀ କରାଗଲା। ଗୋଟିଏ ପରିବାରରୁ ଅର୍ଥାତ୍ ଭଉଣୀ ଭାଇଙ୍କୁ ପ୍ରାର୍ଥୀ କରାଯିବାରୁ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ସମାଧାନ କରିବାରେ ଚିରଞ୍ଜୀବ ବିଶ୍ୱାଳଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ଆଗ୍ରହ ପ୍ରକାଶ ନ କରିବାରୁ ଏଭଳି ପରିସ୍ଥିତି ହେଲା ବୋଲି କୁହାଯାଉଛି। ତେବେ ଆଗକୁ ଦେଖିବାର ଅଛି କଂଗ୍ରେସ ଏନେଇ ମାନସ ମନ୍ଥନ କରୁଛି କି ପୂର୍ବପରି ତଳକୁ ତଳକୁ ଯାଉଛି। ଭାଜପା କିନ୍ତୁ ଉତ୍ସାହିତ ଥିବାବେଳେ ବିଜେଡି ସଙ୍ଗଠନ ଆହୁରି ଆଗେଇବ ବୋଲି ବିଧାୟକ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏହା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଲୋକଙ୍କ ମତ। ତେଣୁ ସେ ପ୍ରତ୍ୟେକଙ୍କ ନିକଟରେ କୃତଜ୍ଞ। ଲୋକେ ତାଙ୍କ ଉପରେ ଯେଉଁ ଆସ୍ଥା ପ୍ରକଟ କରଛନ୍ତି, ତାହା ଅତୁଟ ରଖିବାକୁ ସେ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ହୋଇନାହିଁ ବାଳକାଳେ**
**ତାହା ହୁଏ ନାହିଁ ପାଚିଲା ବାଳେ।**

ପିଲାଦିନୁ ଯେଉଁ କଥା ଅଭ୍ୟାସ କରାଯାଇ ନ ଥାଏ, ବୁଢ଼ା ବେଳକୁ ସେକଥା କରିବାକୁ ଚାହିଁଲେ ସହଜରେ ହୋଇପାରି ନ ଥାଏ। ଅଭ୍ୟାସ ସହଜେ ବଦଳି ନ ଥାଏ। ଆଦ୍ୟରୁ ଯାହା ନାହିଁ ଉତ୍ତର କାଳରେ ତାହା ହେବା ଆଦୌ ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯା'ର ଘରେ ନାହିଁ ବୁଢ଼ା,**
**ତା'ର ଘରେ ଦେଖ କତରା କୁଢ଼ା।**

ବୃଦ୍ଧ ବା ବୟସ୍କ ବ୍ୟକ୍ତି ହିଁ ଘରର ଅସଲ ଜଗୁଆଳି ତଥା ଅସଲ ମୁରବି ହୋଇଥାନ୍ତି। ବୟସ ଦୃଷ୍ଟିରୁ ସାଂସାରିକ ଅଭିଜ୍ଞତା ଢେର୍ ଅଧିକ ରହିଥାଏ। ଫଳସ୍ୱରୂପ ଘର ସଂସାରକୁ ଠିକ୍‌ଭାବେ ଚଳାଇନେବାରେ ନିପୁଣ ବା ସିଦ୍ଧହସ୍ତ ହୋଇଥାନ୍ତି। ତାଙ୍କ ବିନା ଘରର ସଂସ୍କୃତି ନାହିଁ କି ମର୍ଯ୍ୟାଦା ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସ୍ମରଣିକା ଲଗ୍ନବେଦୀ ଉନ୍ମୋଚିତ



ଅତିଥିମାନେ ସ୍ମରଣିକା ଲଗ୍ନବେଦୀ ଉନ୍ମୋଚନ କରୁଛନ୍ତି।

ବାଲିକୁଦା,୨୫ା୫(ସ୍ୱ.ପ୍ର.)

ବାଲିକୁଦା ଉତ୍କଳୀୟ ସମୂହ ଲଗ୍ନୋତ୍ସବ ସମିତିର ଏକ ଜରୁରୀ ବୈଠକ ଓ ସ୍ମରଣିକା ଉନ୍ମୋଚନ ପର୍ବ ଅନୁଷ୍ଠିତ ହୋଇଛି। ଜୟଗାଁସ୍ଥିତ ଶ୍ରୀକୃଷ୍ଣ ଗୁରୁକୁଳ ପରିସରରେ ସମିତିର ସଭାପତି କୃଷ୍ଣଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପଣ୍ଡିତ ହୃଷିକେଶ ସାହୁ ମୁଖ୍ୟଅତିଥି, ସ୍ମରଣିକାର ସମ୍ପାଦକ ତଥା ଶିକ୍ଷାବିତ୍ ଧର୍ମାନନ୍ଦ ଦାସ ମୁଖ୍ୟବକ୍ତା, ବାଲିକୁଦା ପୂଜ୍ୟପୂଜା ସଂସଦ ସଭାପତି କୈଳାସ ବିଶ୍ୱାଳ, ସମ୍ପାଦକ ଅରୁଣ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ବାବନ ଚରଣ ସ୍ୱାଇଁ, ସରପଞ୍ଚ ଅଶୋକ ବିଶ୍ୱାଳ, ସହସମ୍ପାଦକ ସୁଦାମ ଚରଣ ଦାସ, ଉପଦେଷ୍ଟା କେଳୁ ଚରଣ ସାହୁ, କୋଷାଧ୍ୟକ୍ଷା ରୀତା ପରିଡା, ଅଧ୍ୟାପକ ପ୍ରଶାନ୍ତ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୌତୁକ ବିରୋଧୀ ଅଭିଯାନରେ ଯୁବ ପିଢି ସାମିଲ ହେବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଏଥିସହ ସମିତିର ସ୍ମରଣିକା 'ଲଗ୍ନବେଦୀ' ଉନ୍ମୋଚିତ ହୋଇଥିଲା। ସମ୍ପାଦକ ମଣ୍ଡଳିର ରୁଷେନ୍ଦ୍ର ସାହୁ, ପଣ୍ଡିତ ଅଜୟ ଶତପଥୀ, ପ୍ରଫୁଲ୍ଲ ଷଡ଼ଙ୍ଗୀ, ନରେନ୍ଦ୍ର ପରିଡା, ରାମଚନ୍ଦ୍ର ଶତପଥୀ, ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ଗଣେଶ ଚନ୍ଦ୍ର ଷଡ଼ଙ୍ଗୀ, ବିଷ୍ଣୁ ଚରଣ ବାରିକ, ବିଷ୍ଣୁ ଚରଣ ସାହୁ, ବଂଶୀଧର ଦାସ, ମନ୍ମଥ ପରିଡା, ସୁଶ୍ରୀ ସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ ପରିଡା ଧନ୍ୟବାଦ ଦେଇଥିଲେ।

# ଆମୋନିଆ ଦୁର୍ଘଟଣା ସମ୍ପର୍କିତ ସଚେତନତା



ଆମୋନିଆ ଗ୍ୟାସ୍ ଦୁର୍ଘଟଣା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।

ପାରାଦୀପ,୨୫ା୫(ସ୍ୱ.ପ୍ର.)

ସ୍ଥାନୀୟ ଗଡ଼ ଶିଳ୍ପାଞ୍ଚଳରେ ଶନିବାର ଆମୋନିଆ ଗ୍ୟାସ୍ ଦୁର୍ଘଟଣା ସମ୍ପର୍କିତ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପିପିଏଲ, ଇଫ୍‌କୋ, ଫାଲକନ ମେରାଇନ, କାରଖାନା ଓ ବାଷ୍ପିତ ବିଭାଗର ମିଳିତ ଉଦ୍ୟମରେ ଏହି ଶିବିର ହୋଇଥିଲା। ଏଥିରେ ପାରାଦୀପର ଦୁଇ ବୃହତ ଶିଳ୍ପ ଇଫ୍‌କୋ ଓ ପିପିଏଲ ସମେତ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ଥିବା ୨୦ରୁ ଉର୍ଦ୍ଧ୍ୱ ବରଫ କାରଖାନାର ପ୍ରତିନିଧି ଯୋଗଦେଇଥିଲେ। କାର୍ଯ୍ୟ କ୍ଷେତ୍ରରେ କୌଣସି କାରଣବସତଃ ଆମୋନିଆ ନିର୍ଗତ ହେଲେ କିପରି ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯିବ ସେ ସମ୍ପର୍କରେ କୁହାଯାଇଥିଲା। ଏଥିସହ ଆମୋନିଆ ନିର୍ଗତ ଅଞ୍ଚଳର ଲୋକେ ଭୟଭୀତ ନ ହୋଇ କିପରି ଓଦା ସୂତା କପଡ଼ାରେ ମୁହଁ ଢାଙ୍କି ସୁରକ୍ଷା ମୂଳକ ପଦକ୍ଷେପ ଗ୍ରହଣ କରିବେ ସେ ସମ୍ପର୍କରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ କାରଖାନା ଓ ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଏଲ ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ, ସୁରକ୍ଷା ଅଧିକାରୀ ନିହାର କାନ୍ତି ରାଉତ, ଇଫ୍‌କୋର ଜେ.ପି. ଶ୍ରୀବାସ୍ତବ, ଏସ୍.କେ. କାମ୍ବଲେ, ଫାଲକନ କମ୍ପାନୀର ଜଗବନ୍ଧୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଶିବିରରେ ଆମୋନିଆ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ପିଆଇସିଟିରେ ଦୁର୍ଘଟଣା, ଶ୍ରମିକଙ୍କ ଗୋଡ଼ କଟିଲା

ପାରାଦୀପ,୨୫ା୫(ସ୍ୱ.ପ୍ର.)

ପାରାଦୀପ ବନ୍ଦରରେ ୩୦ ବର୍ଷ ପାଇଁ ବିଓଟି ବେସିସ୍‌ରେ କାମ ପାଇଥିବା ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ)ରେ ଶନିବାର ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଶ୍ରମିକଙ୍କ ଗୋଟିଏ ଗୋଡ଼ କଟିଯାଇଛି। ସେ ହେଲେ ବିଶ୍ୱାଳି ଗ୍ରାମର ବୀରେନ୍ଦ୍ର ଶଗଡ଼ିଆ। ସେ କାମ କରୁଥିବାବେଳେ ଏକ ଓଜନିଆ ଲୁହା ପାଇପ ତାଙ୍କ ଗୋଡ଼ ଉପରେ ଖସିପଡ଼ିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ କମ୍ପାନୀର ମାନବ ସମ୍ବଳ ଅଧିକାରୀ କୁଳମଣି ପଣ୍ଡା କହିଛନ୍ତି ଯେ ଏହା ଛୋଟ ଦୁର୍ଘଟଣା। ସମ୍ପୃକ୍ତ ଶ୍ରମିକଙ୍କୁ ଡ୍ରେସିଂ କରି ଛାଡ଼ିଦିଆଯାଇଛି। ଶ୍ରମିକଙ୍କ ନାମ କ'ଣ ପଚାରିବାରେ ସେ ଜାଣି ନ ଥିବା କହିଥିଲେ। ଉକ୍ତ କମ୍ପାନୀରେ ପ୍ରାୟତଃ କଣ୍ଟେନର କାର୍ଗୋ କାରବାର ହେଉଛି। ୨ବର୍ଷ ମଧ୍ୟରେ ଏଭଳି ଦୁର୍ଘଟଣା ଏକାଧିକଥର ଘଟିଲାଣି।

## ବାଳିକା ବିଦ୍ୟାଳୟର ଶତ ପ୍ରତିଶତ ସଫଳତା

ଏରସମା,୨୫ା୫(ସ୍ୱ.ପ୍ର.)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏରସମା ବ୍ଲକ ସଦରମହକୁମାସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ବିଦ୍ୟାଳୟର ୨୭ ଛାତ୍ରୀଙ୍କ ମଧ୍ୟରୁ ଜଣେ ଏ୧ ଗ୍ରେଡ୍ ପାଇଛନ୍ତି। ଅନ୍ୟମାନେ ବି୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ଓ ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କିଶୋର ତ୍ରିପାଠୀ ପ୍ରମୁଖ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ରଘୁନାଥପୁରରେ ବିଷ୍ଣୁ ଦାସଙ୍କୁ ସମ୍ବର୍ଦ୍ଧନା



ଗୋରେଖନାଥ ପୀଠରେ ସମର୍ଥକଙ୍କ ସହ ବିଷ୍ଣୁ ଦାସ।

ରଘୁନାଥପୁର, ୨୫ା୫ (ଡି.ଏନ.ଏ.)

ରଘୁନାଥପୁର ବିଜେଡି ନେତୃବୃନ୍ଦ ତଥା କର୍ମୀଙ୍କ ପକ୍ଷରୁ ତିର୍ତ୍ତୋଲ ନବନିର୍ବାଚିତ ବିଧାୟକ ବିଷ୍ଣୁ ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶୁକ୍ରବାର ରାତି ୯ଟାରେ ବିଧାୟକ ଦାସ ଗୋରେଖନାଥ ପୀଠରେ ପହଞ୍ଚି ଆଶୀର୍ବାଦ ଭିକ୍ଷା କରିବା ସହ ଉପସ୍ଥିତ କର୍ମୀଙ୍କ ସହ କିଛି ସମୟ ବିତାଇଥିଲେ। ଯୁବନେତା ତପନ ସାମଲ, ବସନ୍ତ ମହାନ୍ତି, ଚୈତନ୍ୟ ଦାସ, ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି ପ୍ରମୁଖ ଫୁଲତୋଡା ଦେଇ ଦାସଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଦାସ ରଘୁନାଥପୁରରେ ପହଞ୍ଚି ସ୍ୱର୍ଗତ ବିଜୁବାବୁ, ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ୧୯ ପଞ୍ଚାୟତରୁ ଆସିଥିବା ଦଳୀୟ କର୍ମୀ ଓ ସରପଞ୍ଚ ସଭ୍ୟଙ୍କ ସହ ସମୟ ବିତାଇଥିଲେ। ପୂର୍ବତନ ବ୍ଲକ ସଭାପତି ସରୋଜକାନ୍ତ ସ୍ୱାଇଁ ବିଧାୟକ ଦାସଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦାସ ଜିତିବାର ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ସାଧାରଣଜନତାଙ୍କୁ ଦେଇଥିଲେ। ଅସୁସ୍ଥତା ସତ୍ତ୍ୱେ ଦଳୀୟ କର୍ମୀଙ୍କ ଉଦ୍ୟମ ପ୍ରଶଂସନୀୟ। ସେହିମାନଙ୍କ କର୍ତ୍ତବ୍ୟ ମୋତେ ବିଜୟ ମୁକୁଟ ପିନ୍ଧାଇଲା ବୋଲି ଦାସ କହିଥିଲେ। ତେବେ ଆଗାମୀଦିନରେ କୃଷକ, ଶ୍ରମିକ ଓ ମହିଳା ସଶକ୍ତୀକରଣ ପ୍ରତି ଅଧିକ ଗୁରୁତ୍ୱ ଦେବେ ବୋଲି ସେ କହିଥିଲେ। ଏହାଛଡା ନିର୍ବାଚନମଣ୍ଡଳୀରେ କୃଷକ ଭାଇମାନଙ୍କ ପାଇଁ ଶୀତଳଭଣ୍ଡାର, ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଓ ସାଧାରଣଜନତାଙ୍କ ସ୍ୱାର୍ଥ ରହିତ ଯେକୌଣସି ସମସ୍ୟା ପ୍ରତି ଯଥେଷ୍ଟ ଧ୍ୟାନ ଦେବେ ବୋଲି ଦାସ ମନ୍ତବ୍ୟ ରଖିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଜତ ପାତ୍ର, ସରୋଜ ରାୟ, ସରପଞ୍ଚ ପ୍ରମୋଦ କୁମାର ଜେନା, ସରୋଜ କୁମାର ଦାସ, ଶେଷଦେବ ସେଠୀ, କବିତା ନାୟକ, ତାରାକାନ୍ତ ଜେନାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସଭ୍ୟ, ବରିଷ୍ଠ କର୍ମୀ ଓ ଯୁବଛାତ୍ର ସଙ୍ଗଠନ ଦାସଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS · ASTROLOGY · FINANCE

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ
ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ
ମାସକୁ ଭଡା 60,000/- ଟଙ୍କା
ପାଆନ୍ତୁ । ଜଣକୁ ଚାକିରି +
ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929606415
8929609224
SCO- 106, Second Floor, Vishal Tower, Cannaught Place, Delhi.

FINANCE
ସ୍ୱୀକୃତୀପ୍ରାପ୍ତ ରାମ ଫାଇନାସ ଦ୍ୱାରା ମାର୍କସିଟ, କୃଷି, ଶିକ୍ଷା, ଆଧାରକାର୍ଡ, ସମ୍ପତି, BPL, ଗୃହ ଓ ବ୍ୟକ୍ତିଗତ ଋଣ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ ଏବଂ 50% ଛାଡ
2th floor, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7088207357
9758645827

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 6390091675
8527858125
9454715754

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନବନିର୍ବାଚିତ ସଦସ୍ୟ

## ଉତ୍ତରପ୍ରଦେଶ (୮୦)

- ହାଜି ଫଜୁର ରେହମାନ — ୧.ସାହାରନପୁର (ବିଏସ୍‌ପି)
- ପ୍ରଦୀପ କୁମାର — ୨.କୈରାନା (ଭାଜପା)
- ସଞ୍ଜୀବ କୁମାର ବାଲ୍ୟନ — ୩.ମୁଜାଫରନଗର (ଭାଜପା)
- ମାଲୁକ ନାଗର — ୪.ବିଜ୍ନୋର (ବିଏସ୍‌ପି)
- ଗିରିଶ ଚନ୍ଦ୍ର — ୫.ନାଗିନା (ବିଏସ୍‌ପି)
- ଡ. ଏସ୍.ଟି. ହସନ — ୬.ମୋରାଦାବାଦ (ଏସ୍‌ପି)
- ମହମ୍ମଦ ଆଜମ ଖାନ — ୭.ରାମପୁର (ଏସ୍‌ପି)
- ସଫିକୁର ରେହମାନ — ୮.ସମ୍ଭଲ (ଏସ୍‌ପି)
- କନୱାର ଡାନିସ ଅଲ୍ଲୀ — ୯.ଆମରୋହା (ବିଏସ୍‌ପି)
- ରାଜେନ୍ଦ୍ର ଅଗ୍ରୱାଲ — ୧୦.ମିରଟ୍ (ଭାଜପା)
- ଡ. ସତ୍ୟପାଲ ସିଂ — ୧୧.ବାଗପତ୍ (ଭାଜପା)
- ଜିଜୟ କୁମାର ସିଂ — ୧୨.ଗାଜିଆବାଦ (ଭାଜପା)
- ଡ. ମହେଶ ଶର୍ମା — ୧୩.ଗୌତମବୁଦ୍ଧନଗର (ଭାଜପା)
- ଭୋଲା ସିଂ — ୧୪.ବୁଲନ୍ଦସହର (ଭାଜପା)
- ସତୀଶ କୁମାର ଗୌତମ — ୧୫.ଆଲିଗଡ଼ (ଭାଜପା)
- ରାଜଭିର ଦିଲେର — ୧୬.ହାଥ୍ରାସ୍ (ଭାଜପା)
- ହେମାମାଳିନୀ — ୧୭.ମଥୁରା (ଭାଜପା)
- ସତ୍ୟପାଲ ସିଂ ବାଘେଲ — ୧୮.ଆଗ୍ରା (ଭାଜପା)
- ରାଜକୁମାର ଚାହାର — ୧୯.ଫତେପୁର ସିକ୍ରି (ଭାଜପା)
- ଚନ୍ଦ୍ରସେନ ଜାଡୋନ — ୨୦.ଫିରୋଜାବାଦ (ଭାଜପା)
- ମୁଲାୟମ ସିଂ ଯାଦବ — ୨୧.ମୈନପୁରୀ (ଏସ୍‌ପି)
- ରାଜବିର ସିଂ — ୨୨.ଏଟା (ଭାଜପା)
- ଡ. ସଂଘମିତ୍ରା ମୌର୍ଯ୍ୟ — ୨୩.ବଦାଉଁ (ଭାଜପା)
- ଧର୍ମେନ୍ଦ୍ର କାଶ୍ୟପ — ୨୪.ଆଓଁଲା (ଭାଜପା)
- ସନ୍ତୋଷ କୁମାର ଗଙ୍ଗୱାର — ୨୫.ବରେଲି (ଭାଜପା)
- ଫିରୋଜ ବରୁଣ ଗାନ୍ଧୀ — ୨୬.ପିଲିଭିଟ୍ (ଭାଜପା)
- ଅରୁଣ କୁମାର ସାଗର — ୨୭.ଶାହଜାହାନପୁର (ଭାଜପା)
- ଅଜୟ କୁମାର — ୨୮.ଖେରି (ଭାଜପା)
- ରେଖା ବର୍ମା — ୨୯.ଧୌରହରା (ଭାଜପା)
- ରାଜେଶ ବର୍ମା — ୩୦.ସୀତାପୁର (ଭାଜପା)
- ଜୟପ୍ରକାଶ — ୩୧.ହରଦୋଇ (ଭାଜପା)
- ଅଶୋକ କୁମାର ରାଉତ — ୩୨.ମିସ୍ରିଖ୍ (ଭାଜପା)
- ସ୍ୱାମୀ ସାକ୍ଷୀ ମହାରାଜ — ୩୩.ଉନାଓ (ଭାଜପା)
- କୌଶଳ କିଶୋର — ୩୪.ମୋହନଲାଲଗଞ୍ଜ (ଭାଜପା)
- ରାଜନାଥ ସିଂ — ୩୫.ଲକ୍ଷ୍ନୌ (ଭାଜପା)
- ସୋନିଆ ଗାନ୍ଧୀ — ୩୬.ରାଏ ବରେଲି (କଂଗ୍ରେସ)
- ସ୍ମୃତି ଇରାଣୀ — ୩୭.ଅମେଠି (ଭାଜପା)
- ମାନେକା ଗାନ୍ଧୀ — ୩୮.ସୁଲତାନପୁର (ଭାଜପା)
- ସଙ୍ଗମଲାଲ ଗୁପ୍ତା — ୩୯.ପ୍ରତାପଗଡ଼ (ଭାଜପା)
- ମୁକେଶ ରାଜପୁତ — ୪୦.ଫରୁଖାବାଦ (ଭାଜପା)
- ରାମଶଙ୍କର କାଠେରିଆ — ୪୧.ଏଟୱା (ଭାଜପା)
- ସୁବ୍ରତ ପାଠକ — ୪୨.କନୌଜ (ଭାଜପା)
- ଅରଜାର ସତ୍ୟଦେବ ପଚୌରି — ୪୩.କାନପୁର ଅର୍ବାନ (ଭାଜପା)
- ଦେବେନ୍ଦ୍ର ସିଂ ଭୋଲେ — ୪୪.ଆକବରପୁର (ଭାଜପା)
- ଭାନୁପ୍ରତାପ ସିଂ ବର୍ମା — ୪୫.ଜଲୌନ୍ (ଭାଜପା)
- ଅନୁରାଗ ଶର୍ମା — ୪୬.ଝାନ୍ସୀ (ଭାଜପା)
- କନୱାର ପୁଷ୍ପେନ୍ଦ୍ର ସିଂହ — ୪୭.ହମିରପୁର (ଭାଜପା)
- ଆର.କେ. ସିଂ ପଟେଲ — ୪୮.ବନ୍ଦା (ଭାଜପା)
- ନିରଞ୍ଜନ ଜ୍ୟୋତି — ୪୯.ଫତେପୁର (ଭାଜପା)
- ବିନୋଦ କୁମାର ସୋନକାର — ୫୦.କୌଶମ୍ବୀ (ଭାଜପା)
- କେଶରିଦେବୀ ପଟେଲ — ୫୧.ଫୁଲପୁର (ଭାଜପା)
- ରୀତା ବହୁଗୁଣା ଯୋଶୀ — ୫୨.ଆଲ୍ଲାହାବାଦ (ଭାଜପା)
- ଉପେନ୍ଦ୍ର ସିଂ ରାୱତ — ୫୩.ବାରାବାଙ୍କି (ଭାଜପା)
- ଲାଲୁ ସିଂ — ୫୪.ଫୈଜାବାଦ୍ (ଭାଜପା)
- ରୀତେଶ ପାଣ୍ଡେ — ୫୫.ଆମ୍ବେଦକର ନଗର (ବିଏସ୍‌ପି)
- ଅଖାଇବାବ ଲାଲ — ୫୬.ବହରାଇଚ (ଭାଜପା)
- ବ୍ରିଜଭୂଷଣ ଶରନ ସିଂ — ୫୭.କୈସରଗଞ୍ଜ (ଭାଜପା)
- ରାମ ଶିରୋମଣି — ୫୮.ଶ୍ରାବସ୍ତି (ବିଏସ୍‌ପି)
- ରାଜ ଭେଁଓଯା — ୫୯.ଗୋଣ୍ଡା (ଭାଜପା)
- ଜଗଦମ୍ବିକା ପାଲ — ୬୦.ଡୋମାରିଆଗଞ୍ଜ (ଭାଜପା)
- ହରିଶ ଦ୍ୱିବେଦୀ — ୬୧.ବସ୍ତି (ଭାଜପା)
- ପ୍ରବୀଣ କୁମାର ନିଶାଦ — ୬୨.ସନ୍ଥ କବୀର ନଗର (ଭାଜପା)
- ପଙ୍କଜ ଚୌଧୁରୀ — ୬୩.ମହାରାଜଗଞ୍ଜ (ଭାଜପା)
- ରବି କିଶନ — ୬୪.ଗୋରଖପୁର (ଭାଜପା)
- ବିଜୟ କୁମାର ଦୁବେ — ୬୫.କୁଶୀନଗର (ଭାଜପା)
- ରାମପତି ତ୍ରିପାଠୀ — ୬୬.ଦେଓରିଆ (ଭାଜପା)
- କମଲେଶ ପାସ୍ୱାନ — ୬୭.ବାଂଶଗାଓଁ (ଭାଜପା)
- ସଙ୍ଗୀତା ଆଜାଦ୍ — ୬୮.ଲାଲଗଞ୍ଜ (ବିଏସ୍‌ପି)
- ଅଖିଳେଶ ଯାଦବ — ୬୯.ଆଜମଗଡ଼ (ଏସ୍‌ପି)
- ଅତୁଲ କୁମାର ସିଂ — ୭୦.ଘୋଷି (ବିଏସ୍‌ପି)
- ରବିନ୍ଦର — ୭୧.ସାଲେମପୁର (ଭାଜପା)
- ବୀରେନ୍ଦ୍ର ସିଂ — ୭୨.ବାଲିଆ (ଭାଜପା)
- ଶ୍ୟାମସିଂ ଯାଦବ — ୭୩.ଜୌନପୁର (ବିଏସ୍‌ପି)
- ଭୋଲାନାଥ (ବି.ପି.ସରୋଜ) — ୭୪.ମଛଲିସହର (ଭାଜପା)
- ଅଫଜଲ ଅନସାରି — ୭୫.ଗାଜିପୁର (ବିଏସ୍‌ପି)
- ଡ. ମହେନ୍ଦ୍ର ନାଥ ପାଣ୍ଡେ — ୭୬.ଚନ୍ଦୌଲି (ଭାଜପା)
- ନରେନ୍ଦ୍ର ମୋଦି — ୭୭. ବାରାଣସୀ (ଭାଜପା)
- ରମେଶ ବାଇନ୍ଦ — ୭୮.ଭାଦୋହି (ଭାଜପା)
- ଅନୁପ୍ରିୟା ସିଂ ପଟେଲ — ୭୯.ମିର୍ଜାପୁର (ଅପ୍ନା ଦଳ-ଏସ୍)
- ପାକାଉରି ଲାଲ କୋଲ୍ — ୮୦.ରବର୍ଟସଗଞ୍ଜ (ଅପ୍ନା ଦଳ-ଏସ୍)

## ବିହାର (୪୦)

- ବୈଦ୍ୟନାଥ ପ୍ରସାଦ ମହତୋ — ୧.ବାଲ୍ମିକି ନଗର (ଜେଡିୟୁ)
- ସଞ୍ଜୟ ଜୟସ୍ୱାଲ — ୨.ପଶ୍ଚିମ ଚମ୍ପାରଣ (ଭାଜପା)
- ରାଧା ମୋହନ ସିଂ — ୩.ପୂର୍ବ ଚମ୍ପାରଣ (ଭାଜପା)
- ରମା ଦେବୀ — ୪.ଶେଓହର (ଭାଜପା)
- ସୁନୀଲ କୁମାର ପିଣ୍ଟୁ — ୫.ସୀତାମଢ଼ି (ଜେଡିୟୁ)
- ଅଶୋକ କୁମାର ଯାଦବ — ୬.ମଧୁବନୀ (ଭାଜପା)
- ରାମପ୍ରୀତ୍ ମଣ୍ଡଳ — ୭.ଝଞ୍ଜରପୁର (ଜେଡିୟୁ)
- ଦିଲ୍ଲେଶ୍ୱର କାମାଇତ — ୮.ସୁପୌଲ (ଜେଡିୟୁ)
- ପ୍ରଦୀପ କୁମାର ସିଂ — ୯.ଆରାରିଆ (ଭାଜପା)
- ମହମ୍ମଦ ଜାଭେଦ୍ — ୧୦.କିଶାନ୍‌ଗଞ୍ଜ (କଂଗ୍ରେସ)
- ଦୁଲାଲ ଚନ୍ଦ୍ର ଗୋସ୍ୱାମୀ — ୧୧.କଟିହାର (ଜେଡିୟୁ)
- ସନ୍ତୋଷ କୁମାର — ୧୨.ପୂର୍ଣ୍ଣିଆ (ଜେଡିୟୁ)
- ଦୀନେଶ ଚନ୍ଦ୍ର ଯାଦବ — ୧୩.ମାଧେପୁରା (ଜେଡିୟୁ)
- ଗୋପାଳଜୀ ଠାକୁର — ୧୪.ଦରଭଙ୍ଗା (ଭାଜପା)
- ଅଜୟ ନିଶାଦ — ୧୫.ମୁଜାଫରପୁର (ଭାଜପା)
- ବୀଣା ଦେବୀ — ୧୬.ବୈଶାଳୀ (ଏଲଜେପି)
- ଆଲୋକ ସୁମନ — ୧୭.ଗୋପାଳଗଞ୍ଜ (ଜେଡିୟୁ)
- କବିତା ସିଂ — ୧୮.ସିୱାନ (ଜେଡିୟୁ)
- ଜନାର୍ଦ୍ଦନ ସିଂ — ୧୯.ମହାରାଜଗଞ୍ଜ (ଭାଜପା)
- ରାଜୀବ ପ୍ରତାପ ରୁଡ଼ି — ୨୦.ସାରନ୍ (ଭାଜପା)
- ପଶୁପତି ପାରସ — ୨୧.ହାଜିପୁର (ଏଲଜେପି)
- ନିତ୍ୟାନନ୍ଦ ରାୟ — ୨୨.ଉଜିଆରପୁର (ଭାଜପା)
- ରାମଚନ୍ଦ୍ର ପାସ୍ୱାନ୍ — ୨୩.ସମସ୍ତିପୁର (ଏଲଜେପି)
- ଗିରିରାଜ ସିଂ — ୨୪.ବେଗୁସରାଇ (ଭାଜପା)
- ମେହବୁବ ଅଲି କାଇସେର — ୨୫.ଖଗରିଆ (ଏଲଜେପି)
- ଅଜୟ କୁମାର ମଣ୍ଡଳ — ୨୬.ଭାଗଲପୁର (ଜେଡିୟୁ)
- ଗିରିଧାରୀ ଯାଦବ — ୨୭.ବାଙ୍କା (ଜେଡିୟୁ)
- ରାଜୀବ ରଞ୍ଜନ ସିଂ — ୨୮.ମୁଙ୍ଗେର (ଜେଡିୟୁ)
- କୌଶଲେନ୍ଦ୍ର କୁମାର — ୨୯.ନାଳନ୍ଦା (ଜେଡିୟୁ)
- ରବିଶଙ୍କର ପ୍ରସାଦ — ୩୦.ପାଟ୍ନା ସାହିବ (ଭାଜପା)
- ରାମକୃପାଲ ଯାଦବ — ୩୧.ପାଟଳିପୁତ୍ର (ଭାଜପା)
- ଆର୍.କେ. ସିଂ — ୩୨.ଆରା (ଭାଜପା)
- ଅଶ୍ୱିନୀ କୁମାର ଚୌବେ — ୩୩.ବକ୍ସାର (ଭାଜପା)
- ଛେଦି ପାସ୍ୱାନ — ୩୪.ସାସାରାମ (ଭାଜପା)
- ମହାବଳୀ ସିଂ — ୩୫.କାରାକାଟ (ଜେଡିୟୁ)
- ଚନ୍ଦେଶ୍ୱର ପ୍ରସାଦ — ୩୬.ଜାହାନାବାଦ (ଜେଡିୟୁ)
- ସୁଶୀଲ କୁମାର ସିଂ — ୩୭.ଔରଙ୍ଗାବାଦ (ଭାଜପା)
- ବିଜୟ କୁମାର — ୩୮.ଗୟା (ଜେଡିୟୁ)
- ଚନ୍ଦନ ସିଂ — ୩୯.ନାୱାଦା (ଏଲଜେପି)
- ଚିରାଗ ପାସ୍ୱାନ — ୪୦.ଜାମୁଇ (ଏଲଜେପି)

## କେରଳ (୨୦)

- ରାଜମୋହନ ଉନିଥାନ — ୧.କାସାରଗଡ଼ (କଂଗ୍ରେସ)
- କେ. ସୁଧାକରନ — ୨.କନୁର (କଂଗ୍ରେସ)
- କେ. ମୁରଲୀଧରନ — ୩.ବାଦାକାରା (କଂଗ୍ରେସ)
- ରାହୁଲ ଗାନ୍ଧୀ — ୪.ୱାୟନାଡ (କଂଗ୍ରେସ)
- ଏମ୍.କେ. ରାଘବନ — ୫.କୋଝିକୋଡ (କଂଗ୍ରେସ)
- ପି.କେ. କୁହ୍ନାଲିକୁଟ୍ଟି — ୬.ମାଲାପ୍ପୁରମ (ଆଇୟୁଏମ୍ଏଲ୍)
- ଇ.ଟି. ମହମ୍ମଦ ବଶୀର — ୭.ପୋନାନି (ଆଇୟୁଏମ୍ଏଲ୍)
- ଭି.କେ. ଶ୍ରୀକନ୍ଦନ — ୮.ପାଲାକ୍କାଡ (କଂଗ୍ରେସ)
- ରାମ୍ୟା ହରିଦାସ — ୯.ଆଲାଥୁର (କଂଗ୍ରେସ)
- ଟି.ଏନ.ପ୍ରଥାପାନ — ୧୦.ତ୍ରିଶୁର (କଂଗ୍ରେସ)
- ବେନି ବେହନାନ — ୧୧.ଚାଲାକୁଡି (କଂଗ୍ରେସ)
- ହିବି ଏଡେନ — ୧୨.ଏର୍ନାକୁଲମ (କଂଗ୍ରେସ)
- ଡିନ୍ କୁରିଆକୋସ — ୧୩.ଇଡୁକ୍କି (କଂଗ୍ରେସ)
- ଥୋମାସ୍ ଚାଜିକଡନ — ୧୪.କୋଟ୍ଟାୟମ (କେରଳ କଂଗ୍ରେସ-ଏମ୍)
- ଏ.ଏମ୍.ଆରିଫ — ୧୫.ଆଲାପୁଝା (ସିପିଏମ୍)
- କୋଡିକୁନ୍ନିଲ ସୁରେଶ — ୧୬.ମଭେଲିକାରା (କଂଗ୍ରେସ)
- ଆଣ୍ଟୋ ଆଣ୍ଟୋନି — ୧୭.ପଥାନମଥ୍ଥା (କଂଗ୍ରେସ)
- ଏନ.କେ. ପ୍ରେମଚନ୍ଦ୍ରନ — ୧୮.କୋଲ୍ଲମ (ଆରଏସ୍‌ପି)
- ଅଦୁର ପ୍ରକାଶ — ୧୯.ଆଟ୍ଟିଙ୍ଗଲ (କଂଗ୍ରେସ)
- ଶଶୀ ଥରୁର — ୨୦.ଥିରୁଭନନ୍ତପୁରମ୍ (କଂଗ୍ରେସ)





# ନବନିର୍ବାଚିତ ସଦସ୍ୟ

## ତାମିଲନାଡୁ (୩୯)

ଡ. କେ. ଜୟକୁମାର
୧.ତିରୁଭାଲ୍ଲୁର (କଂଗ୍ରେସ)

କଳାନିଧି ବୀରସ୍ୱାମୀ
୨.ଚେନ୍ନାଇ ନର୍ଥ (ଡିଏମକେ)

ତାମିଯାଚି ଥାଙ୍ଗାପାଣ୍ଡିଆନ
୩.ଚେନ୍ନାଇ ସାଉଥ୍ (ଡିଏମକେ)

ଦୟାନିଧି ମାରାନ
୪.ଚେନ୍ନାଇ ସେଣ୍ଟ୍ରାଲ୍ (ଡିଏମକେ)

ବାଲୁ ଟି.ଆର୍.
୫.ଶ୍ରୀପେରୁମ୍ବୁଦୁର (ଡିଏମକେ)

ସେଲଭାମ. ଜି
୬.କାଞ୍ଚିପୁରମ (ଡିଏମକେ)

ଏସ୍. ଜଗତରାକ ସାକନ
୭.ଆରକୋଣମ୍ (ଡିଏମକେ)

ନିର୍ବାଚନ ହୋଇନାହିଁ
୮.ଭେଲୋର

ଡ. ଏ. ଚେଲାକୁମାର
୯.କ୍ରିଷ୍ଣଗିରି (କଂଗ୍ରେସ)

ଡିଏନଭି ସେନ୍ଥିଲ କୁମାର ଏସ.
୧୦.ଧର୍ମପୁରୀ (ଡିଏମକେ)

ଆନ୍ନାଦୁରାଇ ସିଏନ
୧୧.ତିରୁଭନ୍ନମାଲାଇ (ଡିଏମକେ)

ବିଷ୍ଣୁପ୍ରସାଦ ଏମ.କେ.
୧୨.ଆରାନୀ (କଂଗ୍ରେସ)

ରବିକୁମାର ଡି
୧୩.ଭିଲୁପୁରମ୍ (ଡିଏମକେ)

ଗୌତମ ସିଗାମାନି ପନ
୧୪.କାଲାକୁରିଚି (ଡିଏମକେ)

ପାର୍ଥିବାନ ଏସ.ଆର
୧୫.ସାଲେମ୍ (ଡିଏମକେ)

ଚିନରାଜ ଏକେପି
୧୬.ନମକାଲ୍ (ଡିଏମକେ)

ଗଣେଶ ମୂର୍ତ୍ତି ଏ
୧୭.ଇରୋଡ୍ (ଡିଏମକେ)

ସୁବ୍ରୟାନ କେ.
୧୮.ତିରୁପୁର (ସିପିଆଇ)

ଏ.ରାଜା
୧୯.ନୀଲଗିରିସ (ଡିଏମକେ)

ନଟରାଜନ ପିଆର
୨୦.କୋଏମ୍ବାଟୁର (ସିପିଆଇ(ଏମ)

ସାନମୁଗା ସୁନ୍ଦରମ.କେ
୨୧.ପୋଲାଚି (ଡିଏମକେ)

ଭେଲୁସାମି ପି
୨୨.ଡିଣ୍ଡିଗୁଲ (ଡିଏମକେ)

ଜୋତିମାନି ଏସ
୨୩.କାରୁର (କଂଗ୍ରେସ)

ଥିରୁନାଭୁକାରସର
୨୪.ତିରୁଚିରାପଲ୍ଲୀ (କଂଗ୍ରେସ)

ଡ. ପରିଭେନ୍ଦାର, ଟି.ଆର
୨୫.ପେରାମ୍ବାଲୁର (ଡିଏମକେ)

ଟି.ଆର. ଭି.ଏସ. ରମେଶ
୨୬.କୁଡାଲୋର (ଡିଏମକେ)

ଥିରୁମାଭାଲଭାନ ଥୋଲ
୨୭.ଚିଦାମ୍ବରମ (ଭିସିକେ)

ରାମଲିଙ୍ଗନ.ଏସ
୨୮.ମାୟିଲାଦୁଥୁରାଇ (ଡିଏମକେ)

ସେଲଭରାଜ (ଏମ)
୨୯.ନାଗାପାଚ୍ଚିନମ (ସିପିଆଇ)

ପାଲାନି ମାନିକମ ଏସଏସ
୩୦.ଥାଞ୍ଜାଭୁର (ଡିଏମକେ)

କାର୍ତ୍ତି. ଚିଦାୟରମ
୩୧.ଶିବଗଙ୍ଗା (କଂଗ୍ରେସ)

ଭେଙ୍କଟସେନ ଏସ
୩୨.ମଦୁରାଇ (ସିପିଆଇ(ଏମ))

ରବୀନ୍ଦ୍ରନାଥ କୁମାର ପି
୩୩.ଥେନୀ (ଏଆଇଏଡିଏମକେ)

ମାନିକାମ ଟାଗୋର
୩୪.ବିରୁଧୁନଗର (କଂଗ୍ରେସ)

କେ.ନଭସ୍କାନି
୩୫.ରାମନାଥପୁରମ୍ (ଆଇୟୁଏମଏଲ)

କାନିମୋଝି କରୁଣାନିଧି
୩୬.ଥୁଥୁକୁଡ଼ି (ଡିଏମକେ)

ଧନୁଷ ଏମ. କୁମାର
୩୭.ତେନ୍‌କାଶୀ (ଡିଏମକେ)

ଜ୍ଞାନଥିରାଭିଆମ୍
୩୮.ତିରୁନେଲ୍ଭେଲି (ଡିଏମକେ)

ବସନ୍ତ କୁମାର . ଏଚ
୩୯.କନ୍ୟାକୁମାରୀ (କଂଗ୍ରେସ)

## ମିଜୋରାମ (୧)

ସି ଲାଲାରୋ ସାଙ୍ଗା
ଏମ୍‌ଏନ୍‌ଏଫ୍

## ନାଗାଲାଣ୍ଡ (୧)

ଟୋକେହୋ ୟୋପଥୋମି
ଏନଡିପିପି

## ସିକିମ୍ (୧)

ଇନ୍ଦ୍ରାହାଙ୍ଗ ସୁବା
ଏସକେଏମ୍

## କର୍ଣ୍ଣାଟକ (୨୮)

ଆନ୍ନାସାହେବ ଶଙ୍କର ଜୁଲେ
୧.ଚିକୋଡି (ଭାଜପା)

ଅଙ୍ଗଦି ସୁରେଶ ଚାନାବାସାପା
୨.ବେଲଗାଭି (ଭାଜପା)

ଗାଡି ଗୌଦାର ଚନ୍ଦନ ଗୌଡା
୩.ବାଗଲ୍‌କୋଟ (ଭାଜପା)

ଜିଗଜିନାଗି ରମେଶ ଚନ୍ଦପ୍ପା
୪.ବିଜାପୁର (ଭାଜପା)

ଡ. ଉମେଶ ଜୀ ଯାଦବ
୫.କାଲାବୁରାଗୀ (ଭାଜପା)

ରାଜା ଅମରେଶ୍ୱରା ନାଏକ
୬.ରାଇଚୁର (ଭାଜପା)

ଭଗୱନ୍ତ ଖୁବା
୭.ବିଦର (ଭାଜପା)

କରାଡି ସାଙ୍ଗନା ଅମରପ୍ପା
୮.କୋପ୍ପାଲ୍ (ଭାଜପା)

ୱାଇ. ଦେବେନ୍ଦ୍ରପା
୯.ବେଲାରୀ (ଭାଜପା)

ଉଦସି. ଏସ.ସି.
୧୦.ହାଭେରୀ (ଭାଜପା)

ପ୍ରହ୍ଲାଦ ଯୋଶୀ
୧୧.ଧରୱାଡ୍ (ଭାଜପା)

ଅନନ୍ତ କୁମାର ହେଗ୍‌ଡେ
୧୨.ଉତ୍ତର କନ୍ନଡ଼ (ଭାଜପା)

ଜି.ଏମ. ସିଦ୍ଧେଶ୍ୱର
୧୩.ଦାବାଙ୍ଗିର (ଭାଜପା)

ବି.ୱାଇ. ରାଘବେନ୍ଦ୍ର
୧୪.ଶିମୋଗା (ଭାଜପା)

ଶୋଭା କରାଣ୍ଡଲାଜେ
୧୫.ଉଡୁପି ଚିକ୍‌ମାଗାଲୁର (ଭାଜପା)

ପ୍ରଜୱାଲ ରେଭାନା
୧୬.ହାସନ୍ (ଜନତାଦଳ (ଏସ)

ନଳିନ କୁମାର କଟିଲ
୧୭.ଦକ୍ଷିଣ କନ୍ନଡ଼ (ଭାଜପା)

ନାରାୟଣ ସ୍ୱାମୀ
୧୮.ଚିତ୍ରଦୁର୍ଗ (ଭାଜପା)

ଜି.ଏସ.ବାସବରାଜ
୧୯.ଟୁମ୍‌କୁର (ଭାଜପା)

ସୁମଲତା ଅମ୍ବରୀଶ
୨୦.ମାଣ୍ଡ୍ୟା (ସ୍ୱାଧୀନ)

ପ୍ରଥାପ ସିମ୍ହା
୨୧.ମହୀଶୂର (ଭାଜପା)

ଭି.ଶ୍ରୀନିବାସ ପ୍ରସାଦ
୨୨.ଚାମରାଜନଗର (ଭାଜପା)

ଡି.କେ. ସୁରେଶ
୨୩.ବାଙ୍ଗାଲୋର ରୁରାଲ (କଂଗ୍ରେସ)

ଡିଭି ସଦାନନ୍ଦ ଗୌଡା
୨୪.ବାଙ୍ଗାଲୋର ନର୍ଥ (ଭାଜପା)

ପି.ସି. ମୋହନ
୨୫.ବାଙ୍ଗାଲୋର ସେଣ୍ଟ୍ରାଲ (ଭାଜପା)

ତେଜସ୍ୱୀ ସୂର୍ଯ୍ୟ
୨୬.ବାଙ୍ଗାଲୋର ସାଉଥ (ଭାଜପା)

ବି.ଏନ. ଗଛେଗୌଡା
୨୭.ଚିକ୍‌ବାଲାପୁର (ଭାଜପା)

ଏସ୍.ମୁନିସ୍ୱାମୀ
୨୮.କୋଲାର (ଭାଜପା)

## ଗୁଜରାଟ (୨୬)

ଚାବ୍‌ଡା ବିନୋଦ ଲାଖମସି
୧.କଚ୍ଛ (ଭାଜପା)

ପର୍ବତଭାଇ ପଟେଲ
୨.ବାନସ୍‌କଣ୍ଠା (ଭାଜପା)

ଡଭି ଶଙ୍କରଜୀ
୩.ପଟନ (ଭାଜପା)

ସାର୍ଦ୍ଦାବେନ ଅନିଲଭାଇ ପଟେଲ
୪.ମେହସାନା (ଭାଜପା)

ରାଠୋଡ ଶଙ୍କରସିଂ
୫.ସାବରକଣ୍ଠ (ଭାଜପା)

ଅମିତ ଶାହ
୬.ଗାନ୍ଧିନଗର (ଭାଜପା)

ପଟେଲ ହସମୁଖ ସୋମାଭାଇ
୭.ଅହମ୍ମଦାବାଦ ପୂର୍ବ (ଭାଜପା)

ଡଃ କିରିଟ ପି ସୋଲାଙ୍କି
୮.ଅହମ୍ମଦାବାଦ ପଶ୍ଚିମ (ଭାଜପା)

ଡ. ମୁଞ୍ଜପରା ମହେନ୍ଦ୍ରଭାଇ
୯.ସୁରେନ୍ଦ୍ରନଗର (ଭାଜପା)

କୁନ୍ଦାରିଆ କଲ୍ୟାଣଜୀଭାଇ
୧୦.ରାଜକୋଟ (ଭାଜପା)

ରମେଶଭାଇ ଧାଡୁକ
୧୧.ପୋରବନ୍ଦର (ଭାଜପା)

ପୁନମ୍ ବେନ ମାଡାମ
୧୨.ଜାମନଗର (ଭାଜପା)

ଚୁଡାସାମା ନାରନବାଇ
୧୩.ଜୁନାଗଡ଼ (ଭାଜପା)

କଚାଡିଆ ନାରଣ ଭାଇ ଭିକାଭାଇ
୧୪.ଅମ୍ରେଲି (ଭାଜପା)

ଭାରତୀବେନ ସିଆଲ
୧୫.ଭାବନଗର (ଭାଜପା)

ପଟେଲ ମିତେଶ ରମେଶଭାଇ
୧୬.ଆନନ୍ଦ (ଭାଜପା)

ଚୌହ୍ୱାନ ଦେବୁସିନ
୧୭.ଖେଡ଼ା (ଭାଜପା)

ରତନ ସିଂ ରାଠୋଡ
୧୮.ପଞ୍ଚମହଲ୍ (ଭାଜପା)

ଯଶବନ୍ତ ସିଂ ଭାଭୋର
୧୯.ଦାହୋଦ (ଭାଜପା)

ରଞ୍ଜନବେନ ଭଟ୍ଟ
୨୦.ଭଦୋଦରା (ଭାଜପା)

ରଥଭା ବଜେସିଂଭାଇ
୨୧.ଛୋଟା ଉଦୟପୁର (ଭାଜପା)

ମନସୁଖଭାଇ ଭାସଭା
୨୨.ଭାରୁଚ୍ (ଭାଜପା)

ପରଭୁଭାଇ ଭାସଭା
୨୩.ବର୍ଦ୍ଦୋଲି (ଭାଜପା)

ଦର୍ଶନ ବିକ୍ରମ ଜାର୍ଡୋଶ
୨୪.ସୁରଟ୍ (ଭାଜପା)

ସିଆର ପାଟିଲ
୨୫.ନବସାରି (ଭାଜପା)

ଡ. କେ. ସି. ପଟେଲ
୨୬.ବଲ୍‌ସାଦ (ଭାଜପା)

## ଓଡ଼ିଶା (୨୧)

ସୁରେଶ ପୂଜାରୀ
୧. ବରଗଡ଼ (ଭାଜପା)

ଜୁଏଲ ଓରାମ
୨. ସୁନ୍ଦରଗଡ଼ (ଭାଜପା)

ନୀତେଶ ଗଙ୍ଗଦେବ
୩. ସମ୍ବଲପୁର (ଭାଜପା)

ଚନ୍ଦ୍ରାଣୀ ମୁର୍ମୁ
୪. କେନ୍ଦୁଝର (ବିଜେଡି)

ବିଶ୍ୱେଶ୍ୱର ଟୁଡୁ
୫. ମୟୂରଭଞ୍ଜ (ଭାଜପା)

ପ୍ରତାପ ଷଡ଼ଙ୍ଗୀ
୬. ବାଲେଶ୍ୱର(ଭାଜପା)

ମଞ୍ଜୁଲତା ମଣ୍ଡଳ
୭. ଭଦ୍ରକ(ବିଜେଡି)

ଶର୍ମିଷ୍ଠା ସେଠୀ
୮. ଯାଜପୁର (ବିଜେଡି)

ମହେଶ ସାହୁ
୯. ଢେଙ୍କାନାଳ(ବିଜେଡି)

ସଙ୍ଗୀତା କୁମାରୀ ସିଂହଦେଓ
୧୦. ବଲାଙ୍ଗୀର (ଭାଜପା)

ବସନ୍ତ କୁମାର ପଣ୍ଡା
୧୧. କଳାହାଣ୍ଡି (ଭାଜପା)

ରମେଶ ଚନ୍ଦ୍ର ମାଝି
୧୨. ନବରଙ୍ଗପୁର (ବିଜେଡି)

ଅଚ୍ୟୁତ ସାମନ୍ତ
୧୩. କନ୍ଧମାଳ (ବିଜେଡି)

ଭର୍ତ୍ତୃହରି ମହତାବ
୧୪. କଟକ(ବିଜେଡି)

ଅନୁଭବ ମହାନ୍ତି
୧୫. କେନ୍ଦ୍ରାପଡ଼ା(ବିଜେଡି)

ରାଜଶ୍ରୀ ମଲ୍ଲିକ
୧୬. ଜଗତ୍‌ସିଂହପୁର(ବିଜେଡି)

ପିନାକୀ ମିଶ୍ର
୧୭. ପୁରୀ(ବିଜେଡି)

ଅପରାଜିତା ଷଡ଼ଙ୍ଗୀ
୧୮. ଭୁବନେଶ୍ୱର(ଭାଜପା)

ପ୍ରମିଳା ବିଶୋୟୀ
୧୯. ଆସ୍କା(ବିଜେଡି)

ଚନ୍ଦ୍ରଶେଖର ସାହୁ
୨୦. ବ୍ରହ୍ମପୁର(ବିଜେଡି)

ସପ୍ତଗିରି ଉଲ୍ଲାକା
୨୧. କୋରାପୁଟ(କଂଗ୍ରେସ)

## ଆସାମ (୧୪)

କୃପାନାଥ ମଲ୍ଲାହ
୧.କରିମଗଞ୍ଜ (ଭାଜପା)

ରାଜଦୀପ ରୟ
୨.ସିଲ୍‌ଚର (ଭାଜପା)

ହୋରେନ୍ ସିଂ ବେ
୩.ଅଟୋନମସ୍ ଡିଷ୍ଟ୍ରିକ୍ଟ (ଭାଜପା)

ବଦ୍‌ରୁଦ୍ଦିନ୍ ଅଜମଲ
୪.ଧୁବ୍ରି (ଏଆଇୟୁଡିଏଫ୍)

ନବକୁମାର ସରନିଆ
୫.କୋକ୍ରାଝର (ସ୍ୱାଧୀନ)

ଅବଦୁଲ୍ ଖାଲିକ୍
୬.ବାରପେଟା (କଂଗ୍ରେସ)

କୁଇନ୍ ଓଜା
୭.ଗୁଆହାଟୀ (ଭାଜପା)

ଦିଲୀପ ସାଇକିଆ
୮.ମାଙ୍ଗାଲଦୋଇ (ଭାଜପା)

ପଲ୍ଲବ ଲୋଚନ ଦାସ
୯.ତେଜ୍‌ପୁର (ଭାଜପା)

ପ୍ରଦ୍ୟୁତ ବର୍ଦ୍ଦୋଲୋଇ
୧୦.ନାଓଗଙ୍ଗ (କଂଗ୍ରେସ)

ଗୌରବ ଗୋଗୋଇ
୧୧.କାଲିଆବୋର (କଂଗ୍ରେସ)

ତପନ କୁମାର ଗୋଗୋଇ
୧୨.ଜୋରହାଟ୍ (ଭାଜପା)

ରାମେଶ୍ୱର ତେଲି
୧୩.ଡିବ୍ରୁଗଡ଼ (ଭାଜପା)

ପ୍ରଦାନ ବରୁଆ
୧୪.ଲକ୍ଷ୍ମୀପୁର (ଭାଜପା)

# ନବନିର୍ବାଚିତ ସଦସ୍ୟ

## ରାଜସ୍ଥାନ (୨୫)

ନିହାଲ ଚାନ୍ଦ
୧.ଗଙ୍ଗାନଗର (ଭାଜପା)

ଅର୍ଜୁନରାମ ମେଘୱାଲ
୨.ବିକାନେର (ଭାଜପା)

ରାହୁଲ କସୱାନ
୩.ଚୁରୁ (ଭାଜପା)

ନରେନ୍ଦ୍ର କୁମାର
୪.ଝୁନ୍‌ଝୁନୁ (ଭାଜପା)

ସୁମେଧାନନ୍ଦ ସରସ୍ୱତୀ
୫.ସିକର (ଭାଜପା)

ରାଜ୍ୟବର୍ଦ୍ଧନ ରାଠୋର
୬.ଜୟପୁର ରୁରାଲ (ଭାଜପା)

ରାମଚରଣ ବୋରା
୭.ଜୟପୁର (ଭାଜପା)

ବାଲକ ନାଥ
୮.ଅଲୱର (ଭାଜପା)

ରଞ୍ଜିତା କୋଲି
୯.ଭରତପୁର (ଭାଜପା)

ମନୋଜ ରାଜୋରିଆ
୧୦.କରୌଲି ଧୋଲପୁର (ଭାଜପା)

ଯଶକୌର ମିନା
୧୧.ଦୌସା (ଭାଜପା)

ସୁଖବୀର ସିଂହ ଜଉନାପୁରିଆ
୧୨.ଟଙ୍କ ମାଧୋପୁର (ଭାଜପା)

ଭାଗୀରଥ ଚୌଧରୀ
୧୩.ଅଜ୍‌ମେର (ଭାଜପା)

ହନୁମାନ ବେନିୱାଲ
୧୪.ନାଗୌର (ଆରଏଲପି)

ପି.ପି. ଚୌଧରୀ
୧୫.ପାଲି (ଭାଜପା)

ଗଜେନ୍ଦ୍ର ସିଂହ ଶେଖାୱତ
୧୬.ଯୋଧପୁର (ଭାଜପା)

କୈଳାସ ଚୌଧରୀ
୧୭.ବାରମେର (ଭାଜପା)

ଦେବାଜି ପଟେଲ
୧୮.ଜାଲୋର (ଭାଜପା)

ଅର୍ଜୁନଲାଲ ମିନା
୧୯.ଉଦୟପୁର (ଭାଜପା)

କନକମଲ କାଟାରା
୨୦.ବାଂଶୱାଡ଼ା (ଭାଜପା)

ଚନ୍ଦ୍ରପ୍ରକାଶ ଯୋଶୀ
୨୧.ଚିତ୍ତୋରଗଡ଼ (ଭାଜପା)

ଦିୟା କୁମାରୀ
୨୨.ରାଜସାମନ୍ଦ (ଭାଜପା)

ସୁବାସ ଚନ୍ଦ୍ର ବାହେରିଆ
୨୩.ଭିଲୱାଡ଼ା (ଭାଜପା)

ଓମ୍ ବିର୍ଲା
୨୪.କୋଟା (ଭାଜପା)

ଦୁଷ୍ୟନ୍ତ ସିଂହ
୨୫.ଝଲାୱାର ବାରନ୍ (ଭାଜପା)

## ଆନ୍ଧ୍ରପ୍ରଦେଶ (୨୫)

ଗୋଡ୍ଡେତି ମାଧବୀ
୧.ଆରାକୁ (ୱାଇଏସଆରସିପି)

ରାମମୋହନ ନାଇଡୁ କିଞ୍ଜାରାପୁ
୨.ଶ୍ରୀକାକୁଲମ୍ (ଟିଡିପି)

ବେଲାନା ଚନ୍ଦ୍ରଶେଖର
୩.ବିଜୟାନଗରମ୍ (ୱାଇଏସଆରସିପି)

ଏମ୍‌ଭିଭି ସତ୍ୟନାରାୟଣ
୪.ବିଶାଖାପାଟଣା (ୱାଇଏସଆରସିପି)

ଡ. ବିସେତ୍ତି ଭେଙ୍କଟ ସତ୍ୟବତୀ
୫.ଆନାକାପଲି (ୱାଇଏସଆରସିପି)

ଭଙ୍ଗା ଗୀତାବିଶ୍ୱନାଥ
୬.କାକିନାଡ଼ା (ୱାଇଏସଆରସିପି)

ଚିନ୍ତା ଅନୁରାଧା
୭.ଅମଲାପୁରମ୍ (ୱାଇଏସଆରସିପି)

ମର୍ଗାନି ଭାରତ
୮.ରାଜମହେନ୍ଦ୍ରୀ (ୱାଇଏସଆରସିପି)

କାନୁମୁରୁ ରଘୁରାମକ୍ରିଷ୍ଣ ରାଜୁ
୯.ନରସାପୁରମ୍ (ୱାଇଏସଆରସିପି)

କୋଟାଗିରି ଶ୍ରୀଧର
୧୦.ଏଲୁରୁ (ୱାଇଏସଆରସିପି)

ବାଲାଶୋରେ ଭଲ୍ଲାବାନେନି
୧୧.ମଚ୍ଛିଲିପାଟନାମ୍ (ୱାଇଏସଆରସିପି)

କେସିନେନି ଶ୍ରୀନିବାସ
୧୨.ବିଜୟୱାଡ଼ା (ଟିଡିପି)

ଜୟଦେବ ଗାଲ୍ଲା
୧୩.ଗୁଣ୍ଟୁର (ଟିଡିପି)

ଲାଭୁ ଶ୍ରୀକ୍ରିଷ୍ଣ ଦେବରାୟାଲୁ
୧୪. ନରସାରାଓପେଟ୍ (ୱାଇଏସଆରସିପି)

ନନ୍ଦିଗାମ ସୁରେଶ
୧୫.ବାପ୍‌ତଲା (ୱାଇଏସଆରସିପି)

ମଗୁନ୍ତା ଶ୍ରୀନିବାସୁଲୁ ରେଡ୍ଡୀ
୧୬.ଓଙ୍ଗଲ୍ (ୱାଇଏସଆରସିପି)

ପୋଚା ବ୍ରହ୍ମାନନ୍ଦ ରେଡ୍ଡୀ
୧୭.ନନ୍ଦ୍ୟାଲ୍ (ୱାଇଏସଆରସିପି)

ସଞ୍ଜୀବ କୁମାର
୧୮.କୁର୍ନୁଲ୍ (ୱାଇଏସଆରସିପି)

ତଲାରି ରଙ୍ଗାଇଆ
୧୯.ଅନନ୍ତପୁର (ୱାଇଏସଆରସିପି)

କୁରୁଭା ଗୋରାନ୍ତଲା
୨୦.ହିନ୍ଦୁପୁର (ୱାଇଏସଆରସିପି)

ୟେଦୁଗୁରି ଏସ୍. ଅବିନାଶ ରେଡ୍ଡୀ
୨୧.କଡ୍ଡାପା (ୱାଇଏସଆରସିପି)

ଅଦଲା ପ୍ରଭାକର ରେଡ୍ଡୀ
୨୨.ନେଲୋର (ୱାଇଏସଆରସିପି)

ବାଲ୍ଲି ଦୁର୍ଗାପ୍ରସାଦ ରାଓ
୨୩.ତିରୁପତି (ୱାଇଏସଆରସିପି)

ପି.ଭି. ମିଥୁନ ରେଡ୍ଡୀ
୨୪.ରାଜାମ୍‌ପେଟ୍ (ୱାଇଏସଆରସିପି)

ଏନ୍. ରେଡେପ୍ପା
୨୫.ଚିତ୍ତୁର (ୱାଇଏସଆରସିପି)

## ତେଲେଙ୍ଗାନା (୧୭)

ସ୍ୱୟଂମ ବାପୁରାଓ
୧.ଆଦିଲାବାଦ (ଭାଜପା)

ଭେଙ୍କଟେଶ ନେଥା ବୋର୍ଲାକୁଣ୍ଡା
୨.ପେଡାପଲ୍ଲୀ (ଟିଆରଏସ୍)

ବଣ୍ଡି ସଞ୍ଜୟ କୁମାର
୩.କରିମନଗର (ଭାଜପା)

ଅରବିନ୍ଦ ଧର୍ମପୁରୀ
୪.ନିଜାମାବାଦ (ଭାଜପା)

ବି.ବି. ପାଟିଲ
୫.ଜାହିରାବାଦ (ଟିଆରଏସ୍)

କୋଠା ପ୍ରଭାକର ରେଡ୍ଡି
୬.ମେଡକ୍ (ଟିଆରଏସ୍)

ଅନୁମୁଲା ରେଭାନ୍ତ ରେଡ୍ଡି
୭.ମାଲ୍‌କାଜଗିରି (କଂଗ୍ରେସ)

ଜି. କିଶନ ରେଡ୍ଡି
୮.ସିକନ୍ଦରାବାଦ (ଭାଜପା)

ଅସାଦୁଦ୍ଦିନ ଓୱାଇସି
୯.ହାଇଦ୍ରାବାଦ (ଏଆଇଏମଇଆଇଏମ)

ଜି.ରଣଜିତ ରେଡ୍ଡି
୧୦.ଚେଭେଲା (ଟିଆରଏସ୍)

ମାନେ ଶ୍ରୀନିବାସ ରେଡ୍ଡି
୧୧.ମହବୁବ୍‌ନଗର (ଟିଆରଏସ୍)

ପୁଥୁଗାଣ୍ଟି ରାମୁଲୁ
୧୨.ନଗରକୁର୍ନୁଲ୍ (ଟିଆରଏସ୍)

ଉତ୍ତମ କୁମାର ରେଡ୍ଡି
୧୩.ନାଲଗୋଣ୍ଡା (କଂଗ୍ରେସ)

କୋମାଟି ରେଡ୍ଡି ଭେଙ୍କଟି ରେଡ୍ଡୀ
୧୪.ଭୋଙ୍ଗିର (କଂଗ୍ରେସ)

ଦୟାକର ପାସୋନୁରି
୧୫.ୱାରଙ୍ଗଲ (ଟିଆରଏସ୍)

କବିତା ମାଲୋଥୋ
୧୬.ମହବୁବାନଗକର (ଟିଆରଏସ୍)

ନମୋ ନାଗେଶ୍ୱର ରାଓ
୧୭.ଖମାମ୍ (ଟିଆରଏସ୍)

## ଛତିଶଗଡ଼ (୧୧)

ରେଣୁକା ସିଂ ସାରୁକା
୧.ସରଗୁଜା (ଭାଜପା)

ଗୋମତି ସାଇ
୨.ରାଜଗଡ଼ (ଭାଜପା)

ଗୁହାରାମ ଆଜଗାଲେ
୩.ଜଞ୍ଜଗିର (ଭାଜପା)

ଜ୍ୟୋତ୍ସ୍ନା ଚରଣଦାସ ମହନ୍ତ
୪.କୋର୍ବା (କଂଗ୍ରେସ)

ଅରୁଣ ସାଓ
୫.ବିଳାସପୁର (ଭାଜପା)

ସନ୍ତୋଷ ପାଣ୍ଡେ
୬.ରାଜନନ୍ଦଗାଁ (ଭାଜପା)

ବିଜୟ ବାଘେଲ
୭.ଦୁର୍ଗ (ଭାଜପା)

ସୁନୀଲ କୁମାର ସୋନି
୮.ରାୟପୁର (ଭାଜପା)

ଚୁନିଲାଲ ସାହୁ
୯.ମହସମୁନ୍ଦ (ଭାଜପା)

ଦୀପକ ବୈଜ
୧୦.ବସ୍ତର (କଂଗ୍ରେସ)

ମୋହନ ମାଣ୍ଡଭି
୧୧.କାଙ୍କର (ଭାଜପା)

## ପଞ୍ଜାବ (୧୩)

ସନ୍ନି ଦେଓଲ
୧.ଗୁରଦାସପୁର (ଭାଜପା)

ଗୁରଜିତ ସିଂ ଆଉଜଲା
୨.ଅମୃତସର (କଂଗ୍ରେସ)

ଯଶବୀର ସିଂହ ଗିଲ
୩.ଖଦୁର ସାହିବ (କଂଗ୍ରେସ)

ସନ୍ତୋଷ ସିଂ ଚୌଧୁରୀ
୪.ଜଲନ୍ଧର (କଂଗ୍ରେସ)

ସୋମ୍ ପ୍ରକାଶ
୫.ହୋସିଆରପୁର (ଭାଜପା)

ମନୀଷ ତିୱାରୀ
୬.ଆନନ୍ଦପୁର ସାହିବ (କଂଗ୍ରେସ)

ରଭନିତ ସିଂ ବିଟ୍ଟୁ
୭.ଲୁଧିଆନା (କଂଗ୍ରେସ)

ଅମର ସିଂହ
୮.ଫତେଗଡ଼ ସାହିବ (କଂଗ୍ରେସ)

ମହମ୍ମଦ ସାଦିକ
୯.ଫରିଦ୍‌କୋଟ୍ (କଂଗ୍ରେସ)

ସୁଖ୍‌ବୀର ସିଂବାଦଲ
୧୦.ଫିରୋଜପୁର (ଏସଏଡି)

ହରସିମ୍ରତ କୌର ବାଦଲ
୧୧.ଭଟିଣ୍ଡା (ଏସଏଡି)

ଭଗୱନ୍ତ ମନ୍
୧୨.ସଙ୍ଗରୁର୍ (ଏଏପି)

ପ୍ରୀନିତ କୌର
୧୩.ପଟିଆଲା (କଂଗ୍ରେସ)

## ଉତ୍ତରାଖଣ୍ଡ (୫)

ମାଲା ରାଜଲକ୍ଷ୍ମୀ ଶାହ
୧.ଟିହରିଗଡ଼ୱାଲ (ଭାଜପା)

ତିରଥ ସିଂହ ରାୱତ
୨.ଗଡ଼ୱାଲ୍ (ଭାଜପା)

ଅଜୟ ଟାମଟା
୩.ଅଲମୋଡ଼ା (ଭାଜପା)

ଅଜୟ ଭଟ୍ଟ
୪.ନୈନିତାଲ-ଉଧମସିଂ ନଗର (ଭାଜପା)

ରମେଶ ପୋଖରିଆଲ
୫.ହରିଦ୍ୱାର (ଭାଜପା)

## ହରିୟାଣା (୧୦)

ରତନଲାଲ କଟାରିଆ
୧.ଅମ୍ବାଲା (ଭାଜପା)

ନାଏବ ସିଂ
୨.କୁରୁକ୍ଷେତ୍ର (ଭାଜପା)

ସୁନୀତା ଦୁଗଲ
୩.ସିର୍ସା (ଭାଜପା)

ବ୍ରିଜେନ୍ଦ୍ର ସିଂ
୪.ହିସାର (ଭାଜପା)

ସଞ୍ଜୟ ଭାଟିଆ
୫.କାର୍ନାଲ (ଭାଜପା)

ରମେଶ ଚନ୍ଦ୍ର କୌଶିକ
୬.ସୋନିପତ୍ (ଭାଜପା)

ଅରବିନ୍ଦ କୁମାର ଶର୍ମା
୭.ରୋହତକ (ଭାଜପା)

ମହେନ୍ଦ୍ରଗଡ ଧରମବିର ସିଂ
୮.ଭିୱାନୀ-ମହେନ୍ଦ୍ରଗଡ଼ (ଭାଜପା)

ରାଓ ଇନ୍ଦ୍ରଜିତ୍ ସିଂ
୯.ଗୁଡ଼ଗାଁଓ (ଭାଜପା)

କିଶନ ପାଲ୍
୧୦.ଫରିଦାବାଦ (ଭାଜପା)

## କେନ୍ଦ୍ରଶାସିତ ଅଞ୍ଚଳ (୧୩)

### ଦିଲ୍ଲୀ(୭)

ହର୍ଷବର୍ଦ୍ଧନ
୧.ଚାନ୍ଦନୀଚୌକ (ଭାଜପା)

ମନୋଜ ତିୱାରୀ
୨.ଉତ୍ତର-ପୂର୍ବ ଦିଲ୍ଲୀ (ଭାଜପା)

ଗୌତମ ଗମ୍ଭୀର
୩.ପୂର୍ବଦିଲ୍ଲୀ (ଭାଜପା)

ମୀନାକ୍ଷୀ ଲେଖି
୪.ନୂଆଦିଲ୍ଲୀ (ଭାଜପା)

ହଂସରାଜ ହଂସ
୫.ଉତ୍ତର-ପଶ୍ଚିମ ଦିଲ୍ଲୀ (ଭାଜପା)

ପରଭେସ ସାହିବ ସିଂ ବର୍ମା
୬.ପଶ୍ଚିମ ଦିଲ୍ଲୀ (ଭାଜପା)

ରମେଶ ବିଧୂରୀ
୭.ଦକ୍ଷିଣ ଦିଲ୍ଲୀ (ଭାଜପା)

### ଚଣ୍ଡୀଗଡ଼ (୧)

କିରନ ଖେର
ଭାଜପା

### ଆଣ୍ଡାମାନ ନିକୋବର (୧)

କୁଲଦୀପ ରାଏ ଶର୍ମା
କଂଗ୍ରେସ

### ଲକ୍ଷ୍ୟଦ୍ୱୀପ (୧)

ମହମ୍ମଦ ଫୈଜାଲ ପିପି
ଏନସିପି

### ପୁଡୁଚେରୀ (୧)

ଭି. ବୈଥିଲିଙ୍ଗମ
କଂଗ୍ରେସ

### ଦାଦ୍ରା ଓ ନଗର ହାଭେଲି (୧)

ଦେଲକର ମୋହନଭାଇ
ସ୍ୱାଧୀନ

### ଡାମନ ଡିଉ (୧)

ଲାଲୁଭାଇ ବାବୁ ଭାଇ ପଟେଲ
ଭାଜପା

## ହିମାଚଳ ପ୍ରଦେଶ (୪)

କିଶନ କପୁର
୧.କାଙ୍ଗ୍ରା (ଭାଜପା)

ରାମସ୍ୱରୂପ ଶର୍ମା
୨.ମଣ୍ଡି (ଭାଜପା)

ଅନୁରାଗ ସିଂ ଠାକୁର
୩.ହମିରପୁର (ଭାଜପା)

ସୁରେଶ କୁମାର କାଶ୍ୟପ
୪.ଶିମ୍‌ଲା (ଭାଜପା)

## ତ୍ରିପୁରା (୨)

ପ୍ରତିମା ଭୌମିକ
୧.ତ୍ରିପୁରା ପଶ୍ଚିମ (ଭାଜପା)

ରେବତୀ ତ୍ରିପୁରା
୨.ତ୍ରିପୁରା ପୂର୍ବ (ଭାଜପା)

## ମେଘାଳୟ (୨)

ଭିନ୍‌ସେଣ୍ଟ ଏଚ. ପାଲ୍ଲା
୧.ଶିଲଙ୍ଗ (କଂଗ୍ରେସ)

ଆଗାଥା କେ. ସାଙ୍ଗମା
୨.ତୁରା (ଏନପିପି)

## ମଣିପୁର (୨)

ରାଜୁମାର ରଞ୍ଜନ ସିଂହ
୧.ଇନର୍ ମଣିପୁର (ଭାଜପା)

ଲୋରୋ ଏସ୍ ଫୋଜେ
୨.ଆଉଟର ମଣିପୁର (ଏନପିଏଫ)

## ଅରୁଣାଚଳପ୍ରଦେଶ (୨)

କିରେନ୍ ରିଜିଜୁ
୧.ଅରୁଣାଚଳ ୱେଷ୍ଟ (ଭାଜପା)

ତପିର ଗାଓ
୨.ଅରୁଣାଚଳ ଇଷ୍ଟ (ଭାଜପା)

## ଗୋଆ (୨)

ଶ୍ରୀପଦ ୟେସୋ ନାଏକ
୧.ଉତ୍ତର ଗୋଆ (ଭାଜପା)

କସମେ ଫ୍ରାନ୍‌ସିସକୋ ଟାଇଟାନୋ
୨.ଦକ୍ଷିଣ ଗୋଆ (କଂଗ୍ରେସ)

# ଖରାଦିନେ ନିଅନ୍ତୁ ଠିକ୍ ଡାଏଟ୍



**ଅତ୍ୟଧିକ ଗରମ ଯୋଗୁ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପଡିଥାଏ। ଖରାଦିନେ କିପରି ରହିବ ଆପଣଙ୍କ ଖାଦ୍ୟପେୟ,ଏଥିଲାଗି କିଛି ଟିପ୍ସ....**

ଖରାଦିନେ ଡିହାଇଡ୍ରେସନ୍, ଫୁଡ୍ ପଏଜନିଂ, ପେଟଜନିତ ସମସ୍ୟା ଦେଖାଯାଏ। ଡାକ୍ତର ଓ ଡାଏଟିସିଆନ୍‌ଙ୍କ ପରାମର୍ଶ ଅନୁଯାୟୀ ଅଧିକରୁ ଅଧିକ ପାନୀୟଦ୍ରବ୍ୟ ସେବନ କରନ୍ତୁ। ଏହା ଡିହାଇଡ୍ରେସନ୍‌ରୁ ରକ୍ଷା କରିବାରେ ସାହାଯ୍ୟ କରେ। ଭୀଷଣ ଗରମରେ କିପରି ସୁସ୍ଥ ରହିବେ ସେଥିପାଇଁ ଖାଦ୍ୟପେୟ ସମ୍ବନ୍ଧିତ କେତେକ ପରାମର୍ଶ ଦିଆଯାଇଛି। କ'ଣ ଖାଇବେ ଓ ଖାଇବେନି, ଯାହା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିବ। ବିଭିନ୍ନ ରୋଗରୁ କିପରି ଦୂରେଇ ରହିବେ ଜାଣନ୍ତୁ ସେ ସମ୍ପର୍କରେ...

**ତରଭୁଜ ଖାଆନ୍ତୁ...**

ତରଭୁଜ ଖାଇବା ଯେତିକି ଟେଷ୍ଟି ହୋଇଥାଏ ସେତିକି ଲାଭଦାୟୀ ମଧ୍ୟ ହୋଇଥାଏ। ଏଥିରେ ୯୦ପ୍ରତିଶତ ପାଣି ଓ ଏଥିରେ କମ୍ କ୍ୟାଲୋରି ରହିଛି, ଯେଉଁଥିପାଇଁ ଶରୀରରେ ପାଣିର ମାତ୍ରାକୁ ଠିକ୍ ରଖିଥାଏ।

**ଦହି ଖାଆନ୍ତୁ**

ଏଥିରେ ପ୍ରୋବାୟୋଟିକ୍‌ର ସର୍ବୋତ୍କୃଷ୍ଟ ସ୍ରୋତ ରହିଛି। ଦହି ଖାଇବା ଦ୍ୱାରା





ପେଟ ଥଣ୍ଡା ରୁହେ। ଏହାକୁ ସମସ୍ତେ ଖାଇପାରିବେ। ଏଥିରେ କ୍ୟାଲ୍‌ସିୟମ୍ ଓ ପ୍ରୋଟିନ୍ ଭରପୂର ରହିଛି। ନିୟମିତ ଦହି ଖାଇବା ଦ୍ୱାରା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ।

**ପୁଦିନା**

ଏହାକୁ ବିଭିନ୍ନ ଆକାରରେ ଖାଇପାରିବେ। ଦହିରେ ମିଶାଇ ରାଇତା କିମ୍ବା ଚଟଣି ପ୍ରସ୍ତୁତ କରି ଖାଇପାରିବେ। ଏଥିରେ ପ୍ରଚୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଓ ଫାଇଟୋ ନ୍ୟୁଟ୍ରିଏଣ୍ଟ ରହିଛି, ଯାହା ପାଚନକ୍ରିୟାକୁ ସହଜ କରିବା ସହ ପେଟକୁ ଥଣ୍ଡା ରଖିଥାଏ। ଏହା ବ୍ୟତୀତ ପୁଦିନାରେ ଭଲ ଆପେଟାଇଜର ରହିଛି, ଯାହା ଭୋକ ବଢ଼ାଇବାରେ ସାହାଯ୍ୟ କରିଥାଏ।

**ମକା**

ମକାରେ ରହିଛି ଉଚ୍ଚ ଫାଇବର ଓ ଲୋ କ୍ୟାଲୋରି ଫୁଡ୍ , ଯାହା ପାଚନକ୍ରିୟାକୁ ଭଲ କରିଥାଏ। ଖରାଦିନ ଲାଗି ଏହା ଭଲ ସ୍ନାକ୍ସ ପରି କାମ ଦେଇଥାଏ।

**ସବୁଜ ପନିପରିବା**

ସବୁଜ ପନିପରିବାରେ ପ୍ରଚୁର ମାତ୍ରାରେ ପାଣି ରହିଛି। ଏହାକୁ ଖାଇବାର ପ୍ରକୃଷ୍ଟ ସମୟ ହେଲା ଯେତେବେଳେ ପନିପରିବା ସବୁଜ, ସତେଜ ଓ ନରମ ଥିବ। ପନିପରିବାରେ ଭିଟାମିନ୍, ମିନେରାଲ ଓ ଫାଇବର ଭରପୂର ରହିଛି। ଏହାକୁ ମଧ୍ୟ ନିଜ ଡାଏଟ୍‌ରେ ସାମିଲ କରିପାରିବେ।

**ଫ୍ରୁଟ୍ ସାଲାଡ୍ ଖାଆନ୍ତୁ**

ଫଳ ଖାଇବା ଦ୍ୱାରା ଏହାର ବହୁତ ଫାଇଦା ରହିଛି। ଓଜନ କମାଇବାକୁ ଚେଷ୍ଟା କରୁଥିଲେ ଏହି ଦିନ ହେଉଛି ବେଷ୍ଟ। ଏମିତିରେ ଫଳ ସେବନ କରିବା ସ୍ୱାସ୍ଥ୍ୟ ଲାଗି ଉପକାରୀ ହୋଇଥାଏ। ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଓ ମିନେରାଲ ରହିଛି। ଏଥିଲାଗି ଖରାଦିନେ ଗରମରୁ ରକ୍ଷା ପାଇବାକୁ ହେଲେ ଫ୍ରୁଟ୍ ସାଲାଡ୍ ଖାଆନ୍ତୁ।

**ପଇଡ଼ପାଣି**

ଶରୀରରୁ ଜଳୀୟଅଂଶ କମ୍‌କୁ ରୋକିବା ପାଇଁ ପଇଡ଼ ପାଣି ଭଲ କାମ ଦେଇଥାଏ। ଏହା ଶୋଷ ମେଣ୍ଟାଇବା ଲାଗି ପ୍ରାକୃତିକ ଉତ୍ସ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ମ୍ୟାଗ୍ନେସିୟମ୍, ପଟାସିୟମ୍ ରହିଛି।

**କ'ଣ ଖାଇବେନି**

ଖରାଦିନେ ଖାଦ୍ୟପେୟରେ ଏମିତି ଖାଦ୍ୟ ଓ ପାନୀୟ ସେବନ କରିଥାନ୍ତି, ଯାହା ସେଇ ମୁହୂର୍ତ୍ତରେ ହୁଏତ ଭଲ ଲାଗିପାରେ କିନ୍ତୁ ପରବର୍ତ୍ତୀ ସମୟରେ ଏହା କ୍ଷତିକାରକ ହୋଇଥାଏ। କିନ୍ତୁ ଏହାର ଲକ୍ଷଣ ଆମକୁ ଖୁବ୍‌ଶୀଘ୍ର ଜଣାପଡି ନ ଥାଏ।

**ସ୍ପୋର୍ଟସ ଡ୍ରିଙ୍କ୍ସ**

ଚିନି ଓ କ୍ୟାଲୋରିରେ ଭରପୂର ସ୍ପୋର୍ଟ୍ସ ଡ୍ରିଙ୍କ୍ସ ପିଇବା ଦ୍ୱାରା ଏହା ଆପଣଙ୍କୁ କିଛି ସମୟ ପାଇଁ ଆରାମ ଲାଗିପାରେ। କିନ୍ତୁ ଏହା ପର ମୁହୂର୍ତ୍ତରେ କ୍ଷତିକାରକ ହୋଇଥାଏ। ଏଥିରେ ସୋଡିୟମ୍, ଆର୍ଟିଫିସିଆଲ ଫ୍ଲେବର ଓ ଖାଇବା ରଙ୍ଗ ମିଶାଯାଇଥାଏ, ଯାହାଦ୍ୱାରା ଆଲର୍ଜି ରିଆକ୍ସନ୍, ହାଇପରଆକ୍ଟିଭିଟି, ପିଲାଙ୍କ ଆଇକ୍ୟୁ ଆଦିକୁ ପ୍ରଭାବିତ କରିବା ସହ କ୍ୟାନ୍‌ସର ଭଳି ରୋଗ ହେବାର ଆଶଙ୍କା ରହିଛି। ଏହାର ଅତିରିକ୍ତ ସେବନ ଦ୍ୱାରା ଦାନ୍ତର ଏନାମେଲକୁ ମଧ୍ୟ ନଷ୍ଟ କରି ଦେଇଥାଏ।

**ତୈଳଯୁକ୍ତ ଓ ଜଙ୍କଫୁଡ୍**

ବର୍ଗର, ପେଟିସ୍, ସିଙ୍ଗଡ଼ା, ପାମ୍ପଡ଼ ଆଦିରେ ଟ୍ରାନ୍ସ ଫ୍ୟାଟ୍ ରହିଛି, ଯେଉଁଥିରେ ଲୁଣର ମାତ୍ରା ଅଧିକ। ତେଲଜିନିଷ ଖାଇବା ଦ୍ୱାରା ଶରୀରକୁ ଗରମ କରିବା ସହ ପାଚନକ୍ରିୟାକୁ ଖରାପ କରିଥାଏ। ଏହାଦ୍ୱାରା ମଧ୍ୟ ଫୁଡ୍ ପଏଜନିଂ ହେବାର ଆଶଙ୍କା ରହିଛି। ଏଥିଲାଗି ତେଲଜାତ ଦ୍ରବ୍ୟ କମ୍ ଖାଆନ୍ତୁ।

**କୋଲ୍ଡ କଫି**

ଏକ ଗ୍ଲାସ୍ କୋଲ୍ଡ କଫି ହଜମ ପ୍ରକ୍ରିୟାକୁ ବିଗାଡ଼ିଥାଏ। ପେଟରେ ଗ୍ୟାସ୍ ହେବାରେ ଆଶଙ୍କା ବଢ଼ାଇଥାଏ। ଏହା ଏଲ୍‌ଡିଏଲ୍ କୋଲେଷ୍ଟରଲ ସ୍ତର ବଢ଼ାଇବା ସହ ଅନିଦ୍ରା ଓ ଥକ୍କା ଲାଗିବା ଲକ୍ଷଣ ଦେଖାଯାଇଥାଏ।

**ନନ୍‌ଭେଜ୍**

ଖରାଦିନେ ନନ୍‌ଭେଜ ଖାଇବା ଦ୍ୱାରା ଏହା ସହଜରେ ହଜମ ହୁଏନାହିଁ, ଯାହା ଶରୀର ପାଇଁ ଠିକ୍ ନୁହେଁ। ଏଥିଲାଗି ଶରୀରରୁ ଅଧିକ ଝାଳ ବୋହିବା ସହ ପାଚନ ସମସ୍ୟା ଆଦି ଲକ୍ଷଣ ଦେଖିବାକୁ ମିଳେ। ତରକାରି, କ୍ରିମ୍ ଦିଆହୋଇଥିବା ଚିକେନ୍, ମିଟ୍ ଓ ମାଛ ଖାଇବା କମ୍ କରନ୍ତୁ।

**ଆଇସ୍‌କ୍ରିମ୍ ଓ କୋଲ୍ଡଡ୍ରିଙ୍କ**

ଏହା ସତ ଯେ ଆଇସ୍‌କ୍ରିମ୍ ଓ କୋଲଡ୍ରିଙ୍କ ପାଟିକୁ ଭଲ ଲାଗିଥାଏ। କିନ୍ତୁ ଏହା ଶରୀରର ତାପମାତ୍ରା ବଢ଼ାଇଥାଏ। ସେଥିଲାଗି ଏହାଠାରୁ ଦୂରେଇ ରୁହନ୍ତୁ।

## ଏମାନେ କ'ଣ କରନ୍ତି

**ଦେବାଶିଷ ସାହୁ**(ଛାତ୍ର, ଖାନ୍‌ନଗର, ମଝିସାହି, କଟକ): ମୁଁ ଖରାଦିନେ ସାଧାରଣତଃ ଫଳମୂଳ ଖାଇବାକୁ ବେଶି ଭଲପାଏ। ଯେତେସମ୍ଭବ ତେଲଛଣା ଖାଦ୍ୟଠାରୁ ନିଜକୁ ରକ୍ଷା କରେ।



**ସ୍ୱପ୍ନାରାଣୀ ସାହୁ**(ଛାତ୍ରୀ, ବାଲିଚନ୍ଦ୍ରପୁର, ଯାଜପୁର): ଏହି ଦିନରେ ପ୍ରାୟତଃ ପଇଡ଼ପାଣି, ଆଖୁରସ ଆଦି ପିଇବାକୁ ମୋତେ ଭଲ ଲାଗେ। କୋଲ୍ଡଡ୍ରିଙ୍କ ଓ ଆଇସ୍‌କ୍ରିମ୍ ପ୍ରାୟ ମୁଁ ଖାଏନି।



## ଏ ସପ୍ତାହର ପ୍ରଶ୍ନ

୧. ଇଲେକ୍ଟ୍ରିକ କରେଣ୍ଟ ମାପିବାକୁ କେଉଁ ଏକକ ବ୍ୟବହାର କରାଯାଏ ?
୨. ପୃଥିବୀ ପୃଷ୍ଠରେ ଥିବା ସବୁଠାରୁ କଠିନ ପଦାର୍ଥ କ'ଣ ?
୩. ନେତାଜୀ ସୁଭାଷ ଇନଷ୍ଟିଚ୍ୟୁଟ୍ ଅଫ ସ୍ପୋର୍ଟସ କେଉଁଠି ଅବସ୍ଥିତ ?
୪. ବଣ୍ଡିପୁର ଅଭୟାରଣ୍ୟ କେଉଁ ରାଜ୍ୟରେ ଅବସ୍ଥିତ ?
୫. ପାଟନା (ବିହାର ରାଜଧାନୀ) ସହରର ପୁରୁଣା ନାମ କ'ଣ ଥିଲା ?

## ଗତ ଥରର ଉତ୍ତର

୧ ବିଗ୍ ଆପ୍ପୁଲ
୨ ସାର୍ ଥୋମାସ ଷ୍ଟାମଫୋର୍ଡ ରାଫେଲସ
୩ ଗୋଲାପ
୪ ବ୍ରାଜିଲ
୫ ଜନ୍ ମିଲଟନ୍

## ଏ ସପ୍ତାହର ପ୍ରଶ୍ନ



ଆଲୋକ କୁମାର ପ୍ରଧାନ
ଭୁବନେଶ୍ୱର



ପ୍ରମିଳା ସାହୁ
ପିପିଲି

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସୁନ୍ଦରତମ ବଟାନିକାଲ ଗାର୍ଡେନ



୧. ଜାର୍ଡିମ ବଟାନିକୋ- --------ବ୍ରାଜିଲ
୨. ବୃକ୍‌ଲିନ୍ ବଟାନିକାଲ ଗାର୍ଡେନ-------ନ୍ୟୁୟର୍କ
୩. ସିଙ୍ଗାପୁର ବଟାନିକାଲ ଗାର୍ଡେନ -------ସିଙ୍ଗାପୁର
୪. ରୟାଲ ବଟାନିକ ଗାର୍ଡେନ---------ଅଷ୍ଟ୍ରେଲିଆ
୫. ରୟାଲ ବଟାନିକ ଗାର୍ଡେନ---------ଇଂଲଣ୍ଡ
୬.ଡେନ୍‌ଭର ବଟାନିକାଲ ଗାର୍ଡେନ------ ଆମେରିକା
୭. କିର୍‌ସ୍ଟେନ ବୋଶ୍ଚ ନ୍ୟାସନାଲ ବଟାନିକାଲ ଗାର୍ଡେନ---ସାଉଥ ଆଫ୍ରିକା
୮. ମୋଣ୍ଟ୍ରିଲ ବଟାନିକାଲ ଗାର୍ଡେନ-------କାନାଡା
୯. ନୋଙ୍ଗନୁଚ୍ ଟ୍ରୋପିକାଲ ବଟାନିକାଲ ଗାର୍ଡେନ-----ଥାଇଲାଣ୍ଡ
୧୦ ଓସ୍‌ଲୋ ବଟାନିକାଲ ଗାର୍ଡେନ-------ନରଓ୍ୱେ



# ପ୍ରଥମ ଦିନରେ ୩ କୋଟି ଆୟ କଲା 'ପିଏମ୍ ନରେନ୍ଦ୍ର ମୋଦି'




**ମୁମ୍ବାଇ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଜନୈତିକ ଜୀବନୀ ଉପରେ ଆଧାରିତ ବାୟୋପିକ୍ 'ପିଏମ୍ ନରେନ୍ଦ୍ର ମୋଦି' ଶୁକ୍ରବାର ରିଲିଜ ହୋଇଛି। ଉକ୍ତ ଫିଲ୍ମ ପ୍ରଥମ ଦିନ ପାଖାପାଖି ୩ କୋଟି ଟଙ୍କା ଆୟ କରିପାରିଛି। ଏ ସମ୍ପର୍କରେ ବ୍ୟବସାୟିକ ବିଶ୍ଳେଷକ ତରନ୍ ଆଦର୍ଶ ଶନିବାର ଟୁଇଟ୍ କରିଛନ୍ତି। 'ପିଏମ୍ ନରେନ୍ଦ୍ର ମୋଦି' ଶୁକ୍ରବାର ସକାଳେ ଦେଶର ବିଭିନ୍ନ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିଲା। ଏଥିପ୍ରତି ଦର୍ଶକଙ୍କ ଚାହିଦା ଏତେ ବଢ଼ିଯାଇଥିଲା ଯେ, ରାତିସୁଦ୍ଧା ଉକ୍ତ ଫିଲ୍ମ ୨.୮୮କୋଟି ଟଙ୍କା ଅର୍ଜନ କରିପାରିଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୂମିକାରେ ଅଛନ୍ତି ବଲିଉଡ୍ ଅଭିନେତା ବିବେକ ଆନନ୍ଦ ଓବେରୟ। ଅନ୍ୟମାନଙ୍କ ମଧ୍ୟରେ ବୋମାନ ଇରାନୀ, ଓ୍ୱାହିଦା ରହମନ୍, ଦର୍ଶନ କୁମାର ଏବଂ ମନୋଜ ଜୋଷୀ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ମୋଦିଙ୍କ ରାଜନୈତିକ ଜୀବନର ଇତିହାସ ଏଥିରେ ନିଖୁଣ ଭାବେ ପ୍ରତିଫଳିତ ହୋଇଛି।

ଉକ୍ତ ଫିଲ୍ମ ଏପ୍ରିଲ ୧୧ରେ ରିଲିଜ ହେବାର ଥିଲେ ହେଁ ଏହାକୁ ବନ୍ଦକରିବା ପାଇଁ ପୂର୍ବ ରାତିରେ ମୁଖ୍ୟ ନିର୍ବାଚନ କମିଶନ୍ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ମୋଦିଙ୍କ ବାୟୋପିକ୍ ରିଲିଜ ହେଲେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସପକ୍ଷରେ ଅଧିକ ଭୋଟ ଯିବା ଆଶଙ୍କା କରି ବିଭିନ୍ନ ଦଳ ପକ୍ଷରୁ ନିର୍ବାଚନ କମିଶନଙ୍କଠାରେ ଅଭିଯୋଗ କରାଯାଇଥିଲା।

# ପ୍ରଧାନମନ୍ତ୍ରୀଙ୍କ ନାଁରେ ମୁସଲମାନ ନବଜାତକର ନାମକରଣ

**ଗୋଣ୍ଡା(ଉତ୍ତର ପ୍ରଦେଶ)**

ଦେଶର କେତେକ ଭାଗରେ ଜାତି ଓ ଧର୍ମକୁ ନେଇ ବେଳେବେଳେ ଅସହିଷ୍ଣୁ ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଉତ୍ତରପ୍ରଦେଶର ଗୋଣ୍ଡା ଜିଲାରେ ମୁସଲମାନ ପରିବାରରେ ଜନ୍ମିତ ନବଜାତକର ନାମ ପ୍ରଧାନମନ୍ତ୍ରୀଙ୍କ ନାମାନୁସାରେ 'ନରେନ୍ଦ୍ର ଦାମୋଦର ଦାସ ମୋଦି' ଦିଆଯାଇଛି।

ଚଳିତ ଲୋକ ସଭା ନିର୍ବାଚନରେ ଭାଜପା ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଛି। ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦେଶବ୍ୟାପୀ ସମ୍ବର୍ଦ୍ଧନାର ସୁଅ ଛୁଟିବାରେ ଲାଗିଛି। ଚଳିତ ମାସ ୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦିଙ୍କ ନେତୃତ୍ୱାଧୀନ ଭାଜପା ଲୋକ ସଭା ନିର୍ବାଚନ ଫଳାଫଳରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ପୁଣି କ୍ଷମତାକୁ ଫେରିଛି। ଏହି ଦିନ ଜନ୍ମିତ ଶିଶୁର ମା' ମେହନାଜ୍ ବେଗମ୍ ତାଙ୍କ ପୁଅର ନାଁ ପ୍ରଧାନମନ୍ତ୍ରୀଙ୍କ ନାମାନୁସାରେ ନାମିତ କରିଛନ୍ତି। ତେବେ ତାଙ୍କ ପରିବାର ପକ୍ଷରୁ ଏହାକୁ ବିରୋଧ କରିବା ଆଶଙ୍କା ଥିଲେ ବି ସେ ଏହାକୁ ଖାତିର କରି ନ ଥିଲେ। ନବଜାତକର ପିତା ମୁସ୍‌ତାକ ଅହମ୍ମଦ ଅବଶ୍ୟ ତାଙ୍କ ସ୍ତ୍ରୀଙ୍କୁ ଏହି ପ୍ରସଙ୍ଗରେ ସମର୍ଥନ କରିଛନ୍ତି। ଉକ୍ତ ଶିଶୁର ଜେଜେବାପା ଇଦ୍‌ରିସ୍ କହନ୍ତି, ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରି ତାଙ୍କ ପରିବାର ଏପରି ନାମ ଦେବାକୁ ନିଷ୍ପତ୍ତି ନେଇଥିଲା।

ଏହି ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରି ଭାଜପା ମୁଖପାତ୍ର ହରିଶ ଶ୍ରୀବାସ୍ତବ କହିଲେ, ହିନ୍ଦୁ ଓ ମୁସଲମାନ ମଧ୍ୟରେ ଭିନ୍ନତା ଦୂର ପାଇଁ ଭାଜପାର 'ସବ୍‌କା ସାଥ୍ ସବ୍‌କା ବିକାଶ' ଭଳି ସ୍ଲୋଗାନଠାରୁ ଏହା ବଡ଼ ଉଦାହରଣ ହୋଇ ନ ପାରେ। ମୋଦି ସରକାର ସେମାନଙ୍କ ପାଇଁ ଭଲ ବୋଲି ମୁସଲମାନମାନେ ବୁଝିବା ଆରମ୍ଭ କଲେଣି। ଉକ୍ତ ପରିବାର ଏହା ପ୍ରମାଣିତ କରିଛି।



## ସଂକ୍ଷେପରେ

### ଶିକ୍ଷା ବିଭାଗ ଅଧିକାରୀଙ୍କ ନାମରେ ୱାରେଣ୍ଟ ଜାରି

**କେନ୍ଦ୍ରାପଡା ଅଫିସ, ୨୫।୫:** ହିନ୍ଦୀ ଶିକ୍ଷକଙ୍କ ଚାକିରି ସ୍ଥାୟିତ୍ୱ ନେଇ ଚାଲିଥିବା ମାମଲାରେ ଶିକ୍ଷାବିଭାଗର ଦୁଇ ଅଧିକାରୀଙ୍କୁ ୩୦୦୦ ଟଙ୍କାର ଜାମିନଯୁକ୍ତ ଗିରଫ ଫରୱାନା ଜାରି କରାଯାଇଛି। ମେ ୧୫ ରେ ଓଡିଶା ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ ଏହି ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି।
ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଓ ଏଲିମେଣ୍ଟାରି ଏଡୁକେଶନ ନିର୍ଦ୍ଦେଶକ ଚୁଡାମଣି ସେଠଙ୍କ ବିରୋଧରେ ଏହି ଶୁଣାଣି ହୋଇଛି । ମାମଲା ଅନୁଯାୟୀ, ୧୯୯୬ରେ ରାଜ୍ୟର କେତେଜଣ ଏମ୍‌ଇ ସ୍କୁଲରେ ହିନ୍ଦୀ ଶିକ୍ଷକ ନିଯୁକ୍ତ ହୋଇଥିଲେ। ତେବେ ତାଙ୍କୁ ଚାକିରୀର ସ୍ଥାୟିତ୍ୱ ଓ ପେନ୍‌ସନ ଆଦି ପ୍ରଦାନ କରାଯାଇ ନ ଥିଲା। ଏନେଇ କେନ୍ଦ୍ରାପଡାର ଦୋଳଗୋବିନ୍ଦ କର, ରେଣୁକାସୁନ୍ଦରୀ କର, ଶ୍ରୀଚନ୍ଦନ ପରିଡା, ନାଗମଣୀ ରାଉତ, ଧୀରେନ କୁମାର ଲେଙ୍କା ପ୍ରମୁଖ ୨୦୧୫ରେ ଟ୍ରିବ୍ୟୁନାଲରେ ମାମଲା ରୁଜୁ କରିଥିଲେ।

### ସାନଜରିଆରେ ରାମଚରିତ ମାନସ ପାରାୟଣ

**ପଟ୍ଟାମୁଣ୍ଡାଇ,୨୫।୫(ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପଞ୍ଚାୟତ ସାନଜରିଆ ମହାବୀର ମଣ୍ଡପଠାରେ ୯ ଦିନ ବ୍ୟାପି ୨୧ତମ ଶ୍ରୀରାମଚରିତ ମାନସ ନବାହ୍ନ ପ୍ରାରାୟଣ କଥାମୃତ ପ୍ରବଚନ ଇତିମଧରେ ଉଦ୍‌ଯାପିତ ହୋଇଯାଇଛି । ଶ୍ରୀ ରାଘବେନ୍ଦ୍ର କୃପାଭିକ୍ଷା ପରିଷଦ ପକ୍ଷରୁ ଘଟସ୍ଥାପନ କରାଯାଇ ଶ୍ରୀରାମଚରିତ ମାନସ ପାରାୟଣ କଥାମୃତ ଆରମ୍ଭ କରାଯାଇଥିଲା । ବ୍ୟାସ ଭାବେ ପୁରୀ ରାମଦୟାଲ୍ ପରିଷଦର ବାବାଜୀ ହରିଚରଣ ମହାରାଜ ଦାୟିତ୍ୱ ସମ୍ପନ୍ନ କରିଥିଲେ । ଆଚାର୍ଯ୍ୟ ଭାବେ ନାରାୟଣ ପଣ୍ଡା ଯୋଗଦେଇ ପୂଜା କାର୍ଯ୍ୟ କରିଥିଲେ। ପରିବେଶବିତ୍ ରମେଶ ଚନ୍ଦ୍ର ଦାଶ ଓ ସାଥୀ ଯୋଗଦେଇ ଭଜନ ପରିବେଷଣ କରିଥିଲେ । ପ୍ରବଚକ ଶ୍ରୀକାନ୍ତ ନାରାୟଣ ଦାସ, ହରିହରାନନ୍ଦ ଆଶ୍ରମର ତ୍ରିଜୀବ ଦାଶ, ପୁରୀ ଆଶ୍ରମର ବସନ୍ତ କୁମାର ପଣ୍ଡା, ଭୁବନେଶ୍ୱରର ଇଂ. ମୃତ୍ୟୁଞ୍ଜୟ ଚୌଧୁରୀ ପ୍ରମୁଖ ଯୋଗଦେଇ ଶ୍ରୀରାମଙ୍କ ପ୍ରସଙ୍ଗ ଭିତିକ କଥାମୃତ ଉପରେ ଆଲୋଚନା କରିଥିଲେ । ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଶ୍ରୀରାମଚରିତ ମାନସ ପାରାୟଣ ସଭାପତି ମିର୍ଜା ଉମର ବେଗ, ବଂଶୀଧର ନାୟକ, ରମେଶ ଚନ୍ଦ୍ର ବେହେରା, ରବୀନ୍ଦ୍ର ଦାସ, ସିଦ୍ଧାର୍ଥ ଦାସଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

## ■ ସୋଲାର ଲାଇଟ୍ ବାବଦ ଅର୍ଥ ଆତ୍ମସାତ୍ ଅଭିଯୋଗ

# ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀଙ୍କ ଧାରଣା

**ଡେରାବିଶ,୨୫।୫(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତର ମୁଣ୍ଡାଳୋ ଗ୍ରାମରେ ଆଲୋକୀକରଣ କରିବା ପାଇଁ ବରାଦ ହୋଇଥିବା ଅର୍ଥକୁ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଆତ୍ମସାତ୍ କରିବା ଅଭିଯୋଗ ଆଣି ଶନିବାର ଗ୍ରାମବାସୀ ଙ୍କ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ହରିଅଙ୍କ ପଞ୍ଚାୟତର ପୂର୍ବତନ ସରପଞ୍ଚ କନକଲତା ପ୍ରଧାନଙ୍କ କାର୍ଯ୍ୟକାଳ ସମୟରେ ୨୦୧୫-୧୬ ଆର୍ଥିକ ବର୍ଷରେ ମୁଣ୍ଡାଳୋ ଗ୍ରାମକୁ ସୋଲାର ଲାଇଟ୍ ଯୋଗେ ଆଲୋକୀକରଣ କରିବା ପାଇଁ ୪ଲକ୍ଷ ୧୦ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା । ହେଲେ ଏହି ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବା ପାଇଁ ଘୋଷଣା କରାଯାଇଥିଲା । ଏବର ସରପଞ୍ଚ ଯୁଗଳ କିଶୋର ମହାନ୍ତି ଏହି ଅର୍ଥରେ ଗତ ସପ୍ତାହରେ ମାତ୍ର ୧୨ ଗୋଟି ସୋଲାର ଲାଇଟ୍ ଲଗାଇଛନ୍ତି । ଯାହାର ମୂଲ୍ୟ



ଗ୍ରାମବାସୀ ଧାରଣାରେ ବସିଛନ୍ତି ।

ଆନୁମାନିକ ୨ଲକ୍ଷ ୩୫ ହଜାର ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରି କି ବର୍ତ୍ତମାନ ଲାଗିଥିବା ଲାଇଟ୍‌ରୁ ୬ଟି ଲାଇଟ୍ ଜଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏବେ ଏହି ଗ୍ରାମର ୱାର୍ଡ଼ ମେମ୍ବର ସୁରେନ୍ଦ୍ର ବାରିକ ଓ ଜୟନ୍ତୀ ନାୟକ ୧୨ଟି ଲାଇଟ୍ ଲାଗିବା ପରେ ବଳକା ଅର୍ଥରେ ଆହୁରି ଅଧିକ ଲାଇଟ୍ ମୁଣ୍ଡାଳୋ ଗ୍ରାମରେ ଲଗାଇବା ପାଇଁ କହିବାରୁ ସରପଞ୍ଚ ତାଙ୍କୁ ତୁମ ଗ୍ରାମରେ ଆଉ ଲାଇଟ ଲଗାଯିବ ନାହିଁ ବୋଲି କହିଥିଲେ । ଏବେ ବଳକା ଅର୍ଥକୁ ସରପଞ୍ଚ ମହାନ୍ତି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆତ୍ମସାତ୍ ଲାଗି ଯୋଜନା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଉପରୋକ୍ତ ଦୁଇ ୱାର୍ଡ ମେମ୍ବରଙ୍କ ସମେତ ଧନେଶ୍ୱର ସାମଲ, ଅରୁଣ ନାୟକ, ବିଜୟ କୁମାର ନାୟକ, ପ୍ରଫୁଲ୍ଲ ମଲ୍ଲିକ, ପ୍ରଦୀପ୍ତ ସାମଲ, ରମେଶ ଚନ୍ଦ୍ର ରଣା, ସୁଦାମ ନାୟକ, ସୁରେନ୍ଦ୍ର ସ୍ୱାଇଁ, ଅଜୟ କୁମାର ଜେନା, ସୌମ୍ୟ ରଞ୍ଜନ ନାୟକଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସି ରହିଛନ୍ତି । ଅଭିଯୋଗକାରୀମାନେ ଡେରାବିଶ ବିଡିଓ, ଜିଲାପାଳ ଓ ଏସପିଙ୍କୁ ଜଣାଇବା ସହ ଚାନ୍ଦୋଳ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସରପଞ୍ଚ ମହାନ୍ତିଙ୍କୁ ପଚାରିବାରେ ଏହି ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି । ପୂର୍ବତନ ସରପଞ୍ଚଙ୍କ କାର୍ଯ୍ୟକାଳ ସମୟରେ ସୋଲାର ଲାଇଟ୍ ମୂଲ୍ୟ ଅଧିକ ଥିବା ବେଳେ ଏବେ ଏହାର ମୂଲ୍ୟ କମି ଯାଇଥିବାରୁ ସମୁଦାୟ ଅର୍ଥ ଖର୍ଚ୍ଚ କରାଯାଇନାହିଁ । ଅବଶିଷ୍ଟ ବଳକା ଅର୍ଥରେ ଅନ୍ୟ ଗ୍ରାମରେ ସୋଲାର ଲାଇଟ୍ ଲାଗିବ ବୋଲି ସରପଞ୍ଚ କହିଛନ୍ତି । ତେବେ ଯଦି ଲାଇଟ୍‌ର ମୂଲ୍ୟ କମିଲା ତେବେ ବଳକା ଟଙ୍କାରେ ସେହି ଗ୍ରାମରେ ଲୋକଙ୍କ ଦାବି ମୁତାବକ ଅଧିକ ସଂଖ୍ୟକ ଲାଇଟ୍ ନ ଲଗାଇ କାହିଁକି ଅର୍ଥକୁ ପକାଇ ରଖାଯାଇଛି ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି । ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଧାରଣାରତ ଗ୍ରାମବାସୀଙ୍କ ନିକଟରେ ସରପଞ୍ଚ କିମ୍ବା କୌଣସି ସରକାରୀ ଅଧିକାରୀ ପହଞ୍ଚି ନାହାନ୍ତି ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

୨୬।୫।୨୦୧୯ (ରବିବାର)
■ ଶ୍ରୀ ମହାପୁରୁଷ ମଧୁସୂଦନ ଦାସ ଗୋସ୍ୱାମୀଙ୍କ ସାମ୍ବତ୍ସରିକ ଉତ୍ସବ
**ସ୍ଥାନ–** କନ୍ତିଆ ମଠ, କେନ୍ଦ୍ରାପଡା
**ସମୟ–** ପୂର୍ବାହ୍ନ ୧୦ଟା

୨୮।୫।୨୦୧୯ (ମଙ୍ଗଳବାର)
■ ଲାଇଫ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା
**ସ୍ଥାନ–** ଆଳି, କେନ୍ଦ୍ରାପଡା
**ସମୟ–** ପୂର୍ବାହ୍ନ ୮ଟା

୨୯।୫।୨୦୧୯ (ବୁଧବାର)
■ ଲାଇଫ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା
**ସ୍ଥାନ–** ରାଜନଗର, କେନ୍ଦ୍ରାପଡା
**ସମୟ–** ପୂର୍ବାହ୍ନ ୮ଟା

୩୦।୫।୨୦୧୯ (ଗୁରୁବାର)
■ ଲାଇଫ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା
**ସ୍ଥାନ–** କେନ୍ଦ୍ରାପଡା
**ସମୟ–** ପୂର୍ବାହ୍ନ ୮ଟା

୩୧।୫।୨୦୧୯ (ଶୁକ୍ରବାର)
■ ଲାଇଫ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା
**ସ୍ଥାନ–** ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା
**ସମୟ–** ପୂର୍ବାହ୍ନ ୮ଟା

## ■ ପଟ୍ଟାମୁଣ୍ଡାଇରେ ଝଡ଼ତୋଫାନ

# ବ୍ରଜପାତରେ ଘର ପୋଡ଼ିଗଲା, ୩ ଆହତ





ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଆହତ ବ୍ୟକ୍ତିମାନେ।

**ପଟ୍ଟାମୁଣ୍ଡାଇ, ୨୫।୫ (ସ୍ୱ.ପ୍ର)**

ଶନିବାର ସନ୍ଧ୍ୟା ୬ଟା ବେଳେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଝଡ ତୋଫାନ ସାଙ୍ଗକୁ ବ୍ରଜପାତ ହୋଇଛି । ବଜ୍ରପାତରେ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଧୀନ ୧୬ନଂ ୱାର୍ଡ ଚାପଡା ଗ୍ରାମର ରବିନ୍ଦ୍ର ରାଉତଙ୍କ ୪ ବଖରା ଘର ସଂପୂର୍ଣ୍ଣ ପୋଡିଯାଇଛି । ନିଆଁ ଲିଭାଇବାକୁ ଯାଇ ତାଙ୍କ ପୁଅ ଆଲୋକ (୨୬) ଆହତ ହୋଇଛନ୍ତି । ଖବରପାଇ ଦମକଳବାହିନୀ ଅଗ୍ନିକାଣ୍ଡ ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ କୌଣସି ଆସବାବପତ୍ର ଉଦ୍ଧାର କରାଯାଇ ପାରିନାହିଁ । ସେହପରି ପଟ୍ଟାମୁଣ୍ଡାଇ ବ୍ଲକ ମଠସାହି ଗ୍ରାମରେ ବାସନ୍ତୀ ମଳିକ (୩୫) ଓ ରୀନାରାଣୀ ମଳିକ (୨୦) ଆହତ ହୋଇଛନ୍ତି। ଆହତ ୩ ଜଣଙ୍କୁ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ଶ୍ରଦ୍ଧାଞ୍ଜଳି ସଭା

**ପଟ୍ଟାମୁଣ୍ଡାଇ,୨୫।୫ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ଅମୃତମଣୋହୀ ସଦାନନ୍ଦ ବାଳିକା ହାଇସ୍କୁଲର ଗଣିତ ଶିକ୍ଷକ ସ୍ୱର୍ଗତ ପ୍ରମୋଦ କୁମାର ମଲ୍ଲିକଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପ୍ରାଧ୍ୟାପକ ନିର୍ମଳ ଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ବରିଷ୍ଠ ସାମାଜିକ କର୍ମୀ ବସନ୍ତ କୁମାର ମଲ୍ଲିକ, ଡା. ଗଦାଧର ମଲ୍ଲିକ, ଶିକ୍ଷାବିତ୍ ରାଜ୍ କୁମାର ବିଶ୍ୱାଳ, ବାଟିପଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ବିବେକାନନ୍ଦ ଚୌଧୁରୀ, ନୂଆପଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ପାର୍ଥସାରଥୀ ଦାଶ, ସରପଞ୍ଚ କୁଳମଣି ମଳିକ ପ୍ରମୁଖ ମଲ୍ଲିକଙ୍କ ସ୍ମୃତିଚାରଣ କରିଥିଲେ ।

# ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇରେ ଧ୍ରୁବଙ୍କୁ ସ୍ୱାଗତ କରାଯାଉଛି ।

**ପଟ୍ଟାମୁଣ୍ଡାଇ, ୨୫।୫ (ସ୍ୱ.ପ୍ର)**

ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିବା ଧ୍ରୁବ ଚରଣ ସାହୁଙ୍କୁ ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ନିର୍ବାଚନରେ ବିଜୟୀ ହେବା ପରେ ସାହୁ ସ୍ଥାନୀୟ ହରପାର୍ବତୀ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରିବାକୁ ଆସିଥିଲେ । ଏହି ଅବସରରେ ତାଙ୍କୁ ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଥିଲା । ବିଜେଡି ସଭାପତି କିଶୋର ସାହୁ, ପୂର୍ବତନ ନଗରପାଳ ହେମନ୍ତ ସାହୁ ଓ ବୈଜୟନ୍ତୀମାଳା ଲେଙ୍କା, ନଗର ଯୁବ ବିଜେଡି ସଭାପତି ମିଟୁ ମନୋଜ ନାୟକ, ନଗର ସଭାପତି ଭୋଳାନାଥ ପାତ୍ରୀ ତାଙ୍କୁ ସ୍ୱାଗତ ଜଣାଇଥିଲେ । ଏହାଛଡା ଯୁବନେତା ପ୍ରଦ୍ୟୁମ୍ନ ସାମନ୍ତରାୟ, କଳାକର ପ୍ରଧାନ, ସୁବାସ ଦାଶ, ଗଗନ ବାରିକ, ଲଳିତ ଧଳ, ସୁରେନ୍ଦ୍ର ଗିରି, ପ୍ରଫୁଲ୍ଲ ପ୍ରଧାନ, କାଶିନାଥ ସିଂହ, ସୁବାସ ଖଟୁଆ, ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ବେହେରାଙ୍କ ସମେତ ବହୁ ବିଜେଡି ନେତା, କର୍ମୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଜନସାଧାରଣ ସାହୁଙ୍କୁ ସ୍ୱାଗତ ଜଣାଇଥିଲେ । ଏହାପରେ ସାହୁ ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର, ପତିତପାବନ ମନ୍ଦିର, ବେଲତଳ ସିଦ୍ଧ ମହାପୁରୁଷ ଭୋଳିବାବା ମଠ ଦର୍ଶନ କରିଥିଲେ । ତାଙ୍କ ସହିତ ପ୍ରତାପ ଦାସ, ନିରଞ୍ଜନ ମାଝି, ପପୁ ସାମଲ, ଅଜୟ ସାହୁ, ସମୀର ପ୍ରଧାନ, ପୂର୍ବତନ ଉପାଧକ୍ଷ ସୁମନ୍ତ ପାତ୍ର, କୈଳାଶ ସିଂହ, କଲ୍ୟାଣ ସ୍ୱାଇଁ, ରାମଚନ୍ଦ୍ର ରାଉତଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ । ପରେ ଏକ ବାଇକ ଶୋଭାଯାତ୍ରାରେ ସେ ରାଜନଗର ଅଭିମୁଖେ ଯାଇଥିଲେ ।

# କଂଗ୍ରେସ ୭, ବିଜେଡି ୪୧ ପଞ୍ଚାୟତରେ ପାଇଛି ଅଧିକ ଭୋଟ

## ରାଜନଗର ନିର୍ବାଚନମଣ୍ଡଳୀ ଫଳାଫଳ

**ରାଜନଗର,୨୫।୫(ଡିଏନଏ)**

କେନ୍ଦ୍ରାପଡା ଜିଲାର ସବୁଠୁ ସମ୍ବେଦନଶୀଳ ରାଜନଗର ବିଧାନସଭା କ୍ଷେତ୍ରରେ ବିଜୁ ଜନତା ଦଳ ତାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦଳ ଜାତୀୟ କଂଗ୍ରେସ ଠାରୁ ଭଲ ପ୍ରଦର୍ଶନ କରିଛି। ସଦ୍ୟ ପ୍ରକାଶିତ ନିର୍ବାଚନ ଫଳାଫଳ ଅନୁଯାୟୀ ରାଜନଗର ନିର୍ବାଚନମଣ୍ଡଳୀରେ କଂଗ୍ରେସ ୭ଟି ପଞ୍ଚାୟତରେ ଅଧିକ ଭୋଟ ପାଇଥିବା ବେଳେ ଅନ୍ୟ ସମସ୍ତ ପଞ୍ଚାୟତରେ ବିଜେଡି ତାର ଦବଦବା ଜାରି ରଖିବା ସହିତ ବିଜୟ ଲାଭ କରିଛି। ଏହି ଆସନରେ ବିଜୁ ଜନତା ଦଳ ପ୍ରାର୍ଥୀ ଧ୍ରୁବ ଚରଣ ସାହୁ ବିଜୟୀ ହୋଇଛନ୍ତି । ରାଜନଗର ନିର୍ବାଚନମଣ୍ଡଳୀ ରାଜନଗର ବ୍ଲକର ୨୯ଟି ପଞ୍ଚାୟତ, ପଟ୍ଟାମୁଣ୍ଡାଇ ବ୍ଲକର ୧୯ ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିକୁ ନେଇ ଗଠିତ। ଚଳିତ ନିର୍ବାଚନରେ ବିଜେଡି ରାଜନଗର ବ୍ଲକର ୨୪ ପଞ୍ଚାୟତ, ପଟ୍ଟାମୁଣ୍ଡାଇ ବ୍ଲକର ୧୭ ପଞ୍ଚାୟତ ଓ ମ୍ୟୁନିସିପାଲିଟିରେ ଅଧିକ ଭୋଟ ପାଇଛି । ସେହିପରି କଂଗ୍ରେସ ରାଜନଗର ବ୍ଲକର ୫ ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ବ୍ଲକର ୨ଟି ପଞ୍ଚାୟତରେ ଅଧିକ ଭୋଟ ପାଇଛି। ବୁଥ ୱାରୀ ରିପୋର୍ଟ ଅନୁଯାୟୀ ରାଜନଗର ବ୍ଲକର ଖମାରସାହି ପଞ୍ଚାୟତରେ ବିଜେଡି ୪୦୯ଖଣ୍ଡ, ଡାଙ୍ଗମାଳ ପଞ୍ଚାୟତରେ ୨୮୬ଖଣ୍ଡ, କୃଷ୍ଣନଗର ପଞ୍ଚାୟତରେ ୧୬୨ ଖଣ୍ଡ, ତାଳଚୁଆ ପଞ୍ଚାୟତରେ ୪୦୭ଖଣ୍ଡ, ବାଘମାରି ପଞ୍ଚାୟତରେ ୧୮୧୪, କେରୁଆଁପାଳରେ ୮୨୭, ରଂଗଣୀରେ ୪୪୨, ଇଶ୍ୱରପୁରରେ ୮୪୩, ଘଡିଆମାଳରେ ୧୩୫, ଗୁପ୍ତିରେ ୭୩୫, ସାତଭାୟା ପଞ୍ଚାୟତରେ ୨୩୦ଖଣ୍ଡ ଭୋଟ ପାଇଛି । ସେହିପରି ଭିତରଗଡ ପଞ୍ଚାୟତରେ ୧୯୩ ଖଣ୍ଡ, ଚାନ୍ଦିବାଉଁଶମୂଳରେ ୩୪୫, ମହୁଲିଆରେ ୭, ଡେରାରେ ୧୭୩, କୋଇଲିପୁରରେ ୬୮୬, ମହିଁଷାସୁର ପଞ୍ଚାୟତରେ ୧ଖଣ୍ଡ, ରାଜନଗର ପଞ୍ଚାୟତରେ ୨୨୦ଖଣ୍ଡ, ସାନବଡଗୋପାଳପୁର ରେ ୩୨୧, ବାଲିସାହିପାଟଣାରେ ୭୯, କେରଡାଗଡରେ ୨୪୦, ରାଜପୁରରେ ୭୨୭, ବେଲପାଳରେ ୧୧୩୯, ଓସ୍ତିଆରେ ୭୬୩ ଖଣ୍ଡ ଭୋଟ ବିଜେଡି ପାଇଛି ।
ପଟ୍ଟାମୁଣ୍ଡାଇ ବ୍ଲକର ଓଉପଦା ପଞ୍ଚାୟତରେ ୧୦୪୪ ଖଣ୍ଡ, ଖଣତାରେ ୧୯୮, ସଂସାରଫଳରେ ୨୫୨, ଦିହୁଡିପୁରରେ ୮୦, ଚନ୍ଦନନଗରରେ ୩୩୯, ବଳଭଦ୍ରପୁର ରେ ୩୦୨ଖଣ୍ଡ, ଡାମରପୁରରେ ୩୬୧, ଶ୍ରୀରାମପୁରରେ ୬୩୩, ଶାସନରେ ୯୨୮ଖଣ୍ଡ, ଖରିଅଣ୍ଟାରେ ୪୮୯, କଖାରୁଣୀରେ ୨୭୯, ବାଛରାରେ ୧୭୦, ବଡପଡା ରେ ୬୧୯, ବଡମୋହନପୁରରେ ୩୮୨, ଅରଡପଲ୍ଲୀରେ ୭୯ଖଣ୍ଡ, ଗଙ୍ଗାରାମପୁର ରେ ୫୭୦, ସାନଜରିଆରେ ୮୪୯ ଖଣ୍ଡ ଭୋଟ ଅଧିକ ପାଇଥିବା ବେଳେ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିରେ ବିଜେଡି ୧୧୧୭ ଖଣ୍ଡ ଭୋଟ ଅଧିକ ପାଇଛି। ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ମହାନ୍ତି ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତରେ ୧୧୯ ଖଣ୍ଡ, ହାତୀନାରେ ୨୨୨, ବ୍ରାହ୍ମଣସାହିରେ ୧୩୦, କୁରୁଣ୍ଟି ରେ ୧୬୮, ବନ୍ଧପଡାରେ ୭୦୭ଖଣ୍ଡ, ପଟ୍ଟାମୁଣ୍ଡାଇ ବ୍ଲକର ବିଲିକଣା ପଞ୍ଚାୟତରେ ୩୧୮ ଓ ଦୋଷିଆ ପଞ୍ଚାୟତରେ ୩୭୯ ଖଣ୍ଡ ଭୋଟ ଅଧିକ ପାଇଥିବା ଜଣାଯାଇଛି ।

### ପ୍ରତାପଙ୍କ ବିଜୟରେ ବିଜେଡି କର୍ମୀ ଉଲ୍ଲସିତ

**ରାଜକନିକା,୨୫।୫,(ଡି.ଏନ୍.ଏ)**

ଆଳି ବିଧାନସଭା ଆସନ ପାଇଁ ନିର୍ବାଚନ ଲଢୁଥିବା ବିଜେଡିର ପ୍ରତାପ କେଶରୀ ଦେବଙ୍କ ବିଜୟ ପରେ ରାଜକନିକା ବ୍ଲକର କର୍ମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। କର୍ମୀମାନେ କଣ୍ଟପଡା ବଜାର, ଆୟତନ, ଅଶୋକବଜାର, ଓଳାଭର, କଣ୍ଡିଆହାଟ ଆଦି ଛକ ଓ ବଜାରରେ ବାଜା ଓ ବାଣ ଫୁଟାଇ ଖୁସି ଜାହିର କରିଛନ୍ତି। ଏହି ଆସନରୁ ପ୍ରତାପ ଦେବ କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ଶର୍ମାଙ୍କୁ ୫୫ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି।

# ରାଜନଗର ଆସନରେ ନୂଆ ମୁହଁ ଧ୍ରୁବ

**ରାଜନଗର, ୨୫।୫ (ଡିଏନଏ)**

ଏକ ସାଧାରଣ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିବା ରାଜନଗର ବ୍ଲକ ବେଲପାଳ ଗ୍ରାମର ଧ୍ରୁବ ଚରଣ ସାହୁ ପ୍ରଥମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ରାଜନୈତିକ ଜୀବନର ଉତ୍‌ଥାନ ପତନ ଦେଇ ସାହୁ ଶେଷରେ ଚଳିତ ନିର୍ବାଚନରେ ବାଜିମାତ୍ କରିଛନ୍ତି। ରାଜନଗର ନିର୍ବାଚନମଣ୍ଡଳୀରୁ ବିଜେଡିର ବିଧାୟକ ପ୍ରାର୍ଥୀ ଭାବେ ଲଢି ବିଜୟ ଲାଭ କରିବା ପରେ ବେଲପାଳ ଗ୍ରାମ ସମେତ ନିର୍ବାଚନମଣ୍ଡଳୀର ଦଳୀୟ କର୍ମୀ ଓ ସମର୍ଥକ ମହଲରେ ଖୁସିର ଲହରି ଖେଳିଯାଇଛି ।
ଜଣେ ଉଚ୍ଚଶିକ୍ଷିତ ଯୁବକ ଭାବେ ଧ୍ରୁବ ନବେ ଦଶକରୁ ରାଜ୍ୟ ରାଜନୀତିରେ ପାଦ ଥାପିଥିଲେ। ୧୯୯୩ ମସିହାରେ ବିଜୁ ବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଭିତରକନିକା ଜାତୀୟ ଉଦ୍ୟାନକୁ ରାଜ୍ୟ ରାଜଧାନୀ ସହିତ ସଡକପଥରେ ସଂଯୋଗ କରିବା ପାଇଁ ନଦୀନାଳ ଘେରା ରାଜନଗରର ହଂସିଣା ଏବଂ ଖୋଳା ନଦୀ ଉପରେ ସେତୁ ନିର୍ମାଣ ପାଇଁ ବିଜୁ ବାବୁ ପଦକ୍ଷେପ ନେଇଥିଲେ। କିନ୍ତୁ ସେତେବେଳର ପରିବେଶବିତ୍ ସ୍ୱର୍ଗତ ବାଙ୍କବିହାରୀ ଦାସ ଭିତରକନିକା ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି ହେବା ଦର୍ଶାଇ ଏହି ବିକାଶ ଧାରାକୁ ବିରୋଧ କରିଥିଲେ। ଏହି ସମୟରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଏହି ସେତୁ ନିର୍ମାଣକୁ ସ୍ଥଗିତ ରଖାଯାଇଥିଲା। ବିଜୁବାବୁଙ୍କ ନିର୍ଦ୍ଦେଶରେ ସେତେବେଳର କ୍ୟାବିନେଟ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତି ରାଜନଗର-ଭିତରକନିକା ବିକାଶ ପରିଷଦ ଗଠନ କରିଥିଲେ । ଏହି ପରିଷଦର ଆବାହକ ଭାବେ ଧ୍ରୁବଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିଦିନ ଠାରୁ ଧ୍ରୁବ ନିଜର ବିଚକ୍ଷଣ ବୁଦ୍ଧି ଯୋଗୁ ରାଜ୍ୟ ରାଜନୀତିରେ ପାଦ ଥାପିଥିଲେ। ୨୦୦୦ ମସିହାରେ ବିଜୁ ଜନତା ଦଳ ଗଠନ ହେବା ପରେ ରାଜ୍ୟ ଯୁବ ବିଜେଡିର ମହାସଚିବ ଭାବେ ମୁଖ୍ୟମନ୍ତ୍ରୀ ତାଙ୍କୁ ଦାୟିତ୍ୱ ଦେଇଥିଲେ। ୨୦୦୯ ମସିହାରେ ବିଜେଡିରୁ ରାଜନଗର ଟିକେଟ ପାଇବା ପାଇଁ ଲବିରେ ଥିଲେ। ୨୦୧୪ରେ ସେତେବେଳର ବିଜେଡି ବିଧାୟକ ଅଲେଖ କୁମାର ଜେନା ଦ୍ୱିତୀୟ ଥର ଦଳୀୟ ଟିକେଟ ହାତେଇ ଥିଲେ । କିନ୍ତୁ ଧ୍ରୁବ ରାଜନୈତିକ ଗୋଟି ଚାଳନା କରି ଶେଷ ମୁହୂର୍ତ୍ତରେ ଅଲେଖଙ୍କ ଟିକେଟ କାଟି ନିଜେ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ । କିନ୍ତୁ ଏହି ନିର୍ବାଚନରେ ତାଙ୍କର ରାଜନୈତିକ ଗୁରୁ ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ପୁତ୍ର ଅଂଶୁମାନ ମହାନ୍ତିଙ୍କ ଠାରୁ ସ୍ୱଳ୍ପ ଭୋଟ ବ୍ୟବଧାନରେ ସେ ପରାଜିତ ହୋଇଥିଲେ। ପରାଜିତ ହେବା ପରେ ଦଳର ସୁପ୍ରିମୋ ତାଙ୍କୁ କେନ୍ଦ୍ରାପଡା ଜିଲାର ବିଜେଡି ସଭାପତି ଭାବେ ଦାୟିତ୍ୱ ଦେଇଥିଲେ। ଏହି ୫ ବର୍ଷ ମଧ୍ୟରେ ପଞ୍ଚାୟତ ନିର୍ବାଚନରେ ରାଜନଗର ନିର୍ବାଚନମଣ୍ଡଳୀରେ ବିଜେଡିର ବିପୁଳ ବିଜୟ ଆଣିବାରେ ସେ ସହାୟକ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିର ୭ ଜଣ ଟିକେଟ ଆଶାୟୀଙ୍କୁ ପଛରେ ପକାଇ ସେ ଦଳୀୟ ଟିକେଟ ଲାଭ କରିଥିଲେ। ଶେଷରେ ଧ୍ରୁବ ନିଜର ସାଂଗଠନିକ ଦକ୍ଷତା ପାଇଁ ପ୍ରଥମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ।

# ଡାଙ୍ଗମାଳ-ବାଘମାରୀ ରାସ୍ତା କାମ ନିମ୍ନମାନର

**ପଟ୍ଟାମୁଣ୍ଡାଇ,୨୫।୫ (ସ୍ୱ.ପ୍ର)**

ଜନସାଧାରଣଙ୍କୁ ବ୍ଲକ ମୁଖ୍ୟାଳୟ ପର୍ଯ୍ୟନ୍ତ ଗମନାଗମନ ସୁବିଧା ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସଡକ ଯୋଜନା କାର୍ଯ୍ୟକାରୀ କରାଯାଉଛି । ରାଜ୍ୟ ସରକାରଙ୍କ ପକ୍ଷରୁ ମଧ ବିଭିନ୍ନ ଯୋଜନା କରାଯାଇ ସବୁଦିନିଆ ରାସ୍ତା ନିର୍ମାଣ କରାଯାଉଛି । କିନ୍ତୁ କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ଡାଙ୍ଗମାଳ ଠାରୁ ବାଘମାରୀ ପର୍ଯ୍ୟନ୍ତ ୧୨.୮କିମି ରାସ୍ତା ନିର୍ମାଣ କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ୨୦୧୫ ମେ ୫ ତାରିଖରେ ଏହି ରାସ୍ତା ନିର୍ମାଣ ଆରମ୍ଭ ହୋଇଥିବା ବେଳେ ୨୦୧୬ ମେ ୧୦ ତାରିଖ ସୁଦ୍ଧା ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଚୁକ୍ତି ହୋଇଥିଲା । ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ମାଧ୍ୟମରେ ଏହି ରାସ୍ତା ନିର୍ମାଣ ପାଇଁ ଜଣେ ଠିକାଦାର କାର୍ଯ୍ୟାଦେଶ ପାଇଥିଲେ । ମାତ୍ର ୪ ବର୍ଷ ବିତି ଯାଇଥିଲେ ମଧ ରାସ୍ତା ନିର୍ମାଣ ଶେଷ ହୋଇନାହିଁ । ଅପରପକ୍ଷରେ ନିର୍ମାଣ ଅଟକଳ ଖର୍ଚ୍ଚ ବଢି ଚାଲିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ବିଭାଜନ-୨ ଅଧୀନରେ ଏହି ରାସ୍ତା ନିର୍ମାଣ ଚାଲିଥିବା ବେଳେ



ରାସ୍ତାରୁ ପିଚୁ ଉଠିଯାଇଛି।

ବିଭାଗୀୟ ଅଧିକାରୀମାନଙ୍କ ଅଣଦେଖା ଓ ଖାମଖିଆଲି ନୀତି ଯୋଗୁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୫ଟି ପଞ୍ଚାୟତର ୮୦ ହଜାର ଲୋକ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ବାରମ୍ବାର ଅଭିଯୋଗ କଲେ ମଧ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ କର୍ଣ୍ଣପାତ କରୁ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି । ରାଜନଗର ବ୍ଲକ ଅଧୀନ ୫ଟି ପଞ୍ଚାୟତର ଲୋକଙ୍କ ପାଇଁ ଏକମାତ୍ର ମୁଖ୍ୟ ଗମନାଗମନ ରାସ୍ତା ଡାଙ୍ଗମାଳ ଠାରୁ ତାଳଚୁଆ-ବାଘମାରୀ ପର୍ଯ୍ୟନ୍ତ ଶୋଚନୀୟ ହୋଇପଡିଛି । ନାମକୁ ମାତ୍ର କାମ କରି ଠିକାଦାର, ଯନ୍ତ୍ରୀ ଓ ରାଜନେତାମାନେ ମାଲାମାଲ ହେଉଥିବା ବେଳେ ଜନସାଧାରଣ କିପରି ହୀନସ୍ତା ହେଉଛନ୍ତି, ତାହା କାହା ନଜରରେ ପଡୁନାହିଁ । ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୨୦୧୬ରେ ଶେଷ ହୋଇଥିବା ବିଭାଗ ପକ୍ଷରୁ କୁହା ଯାଇଥିଲା । ମାତ୍ର ନିମ୍ନମାନର କାମ ଯୋଗୁ ଏହି ରାସ୍ତାରୁ ପିଚୁ ଉଠିଯାଇ ଶୋଚନୀୟ ହୋଇପଡିଛି । ନିମ୍ନମାନର କାର୍ଯ୍ୟ ନେଇ ୫ ପଞ୍ଚାୟତବାସୀ ମିଳିତ ଭାବେ କେନ୍ଦ୍ରାପଡା ବିଭାଜନ-୨ ନିର୍ବାହୀ ଯନ୍ତ୍ରୀ ଓ ରାଜନଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ୨ ବର୍ଷ ତଳେ ଅବଗତ କରିଥିଲେ।

## ରାଜନଗର ବ୍ଲକ

ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତା କାର୍ଯ୍ୟ ଠିକ୍ ଭାବେ ନିର୍ମିତ ହେଉଥିବା ଲୋକଙ୍କୁ କହିଥିଲେ । ଏବେ ରାଜନଗର ବ୍ଲକର ବାଘମାରୀ, ଖମାରସାହି, କୃଷ୍ଣନଗର, ତାଳଚୁଆ, ଡାଙ୍ଗମାଳ, ରଙ୍ଗଣୀ, କେରୁଆପାଳ ଅଞ୍ଚଳର ଗଣେଶ ଗୁଡିଆ, ତପନ ମଣ୍ଡଳ, ବାବୁଲି ହୁସେନ୍, ଶକ୍ତି କୁଣ୍ଡ, ବାବୁଲି ପାତ୍ର, ମଙ୍ଗଳ ମାଇତି, ବିଜୟ ମାଇତି, ସୁଦର୍ଶନ ଦାସ, ମାଧମ ମାନ୍ନା, ସୁଧୀର ପାଳ, ଶୁକଦେବ ପ୍ରଧାନଙ୍କ ସମେତ ଶତାଧିକ ଲୋକ ଏହି ରାସ୍ତା କାର୍ଯ୍ୟ ନିମ୍ନମାନର ନେଇ ଅଭିଯୋଗ ଉଠାଇଛନ୍ତି । ଏହି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୮କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ହୋଇ ସାରିଥିଲେ ମଧ ଏହା ଯଥା ପୂର୍ବ ତଥା ପରଂ ଅବସ୍ଥାରେ ରହିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପକ୍ଷରେ ଟ୍ରକ୍, ବସ୍ ଚଳାଚଳକୁ ବିଭାଗୀୟ କର୍ତ୍ତୃପକ୍ଷ ଜାଣିଶୁଣି ବନ୍ଦ କରି ଦେଇଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ବୈଷୟିକ କମିଟି ଦ୍ୱାରା ଏହି ରାସ୍ତାର ତଦନ୍ତ କରାଯିବାକୁ ଦାବି ହେଉଛି।

# SUNDAY classifieds




## MATRIMONIAL

### BRIDE WANTED

Khandayat boy 1988/ 6' M.Tech, Phd. continuing only son. Required service holder/ housewife preferble western Odisha. Barsha: 9338229705,7749883585. D-66135

ତେଲିପାତ୍ର 55 1/2, କମ୍ପାନୀ ଚାକିରି, ମାଟ୍ରିକଙ୍କ ପାଇଁ ସହୃଦୟା ପାତ୍ରୀ ଆବଶ୍ୟକ: 7377316197. D-12593

35 yrs. to 40 yrs.widow /divorcee /unmarried poor educated bride is required for a 45 yrs Brahmin boy 5' 5" Private teacher M.A.BED. caste / language no bar brides may contact directly to 8005941580/ 9950451675 no dowry. D-12588

Need fair, beautiful, qualified Brahmin bride for BM, Indusind Bank of 35/ 5'71/2" based Bhubaneswar. 9692155737. D-12641

Wanted a beautiful educated bride for a handsome khandayat boy, 30 years, Height: 6', Rasi: Dhanu, Architect Engineer, having own business firm & house at Bangalore. Please contact: 9438677331, 8144614886. D-58087

Brahmin male 1990 B.Tech, MBA (IIM) Software Engineer Pune: 9776562742. D-58088

Business ବ୍ରାହ୍ମଣ B.Com 1987, ପିତା-ରିଟାୟର୍ଡ ଅଫିସର ଭୁବନେଶ୍ୱର ବାସିନ୍ଦା କନ୍ୟା ପାତ୍ରୀ ଆବଶ୍ୟକ: 7377701129 mohapatra@gmail.com. D-12642

Karan boy, 1989, 5.10, B.Tech, MBA, serving Bank Manager Bombay. Sunasansar: 9937512659. D-66386

ଭୁବନେଶ୍ୱରରେ ବ୍ୟବସାୟ କରୁଥିବା ୩୩ବର୍ଷ କରଣ ପୁଅପାଇଁ ଚାକିରି/ ଘରୋଇ କନ୍ୟା ଆବଶ୍ୟକ। 9938448480. D-66471

### GROOM WANTED

27 ବୟସ୍କା, B.A କରିଥିବା ଘରୋଇ ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପାତ୍ର ଦରକାର। 9658674636. D-62183

35 ବୟସ୍କା, B.A ପାସ୍ ନିଃସନ୍ତାନ ଛାଡ଼ପତ୍ର ପ୍ରାପ୍ତ ସୁନ୍ଦର ଧୋବା ଝିଅଙ୍କ ପାଇଁ ବିବାହିତ/ଅବିବାହିତ ପୁଅ ଦରକାର। 7381460017. D-62184

April 1991 born Odiya Brahmin girl kanya chitra (14/6) vegetarian fair, slim, five feet two, B.Tech, MBA, IIT, Corporate Senior Executive Mumbai. Placed, decent family. Contact: 8917399903, 7735285595. D-35843

Sundhi girl 1991, 5.3 B.Tech serving AAO LIC. Sunasansar: 9937512659. D-66387

Bhubaneswar settled Professor parents seeking matrimonial alliance for 26 yrs daughter BA (Hons) MA, M.Phil English from deserving Khandayat groom. 9970119909. D-66468

42, ବିଧବା, ନିଃସନ୍ତାନ, pvt job ଝିଅପାଇଁ Job/ Business କରୁଥିବା ଘରଜ୍ୱାଇଁ ପ୍ରସ୍ତାବ ଆବଶ୍ୟକ। (Caste No Bar). 8895458810. D-12668

48 ବର୍ଷ Central Bank of Indiaରେ Counselor ଭାବରେ ଓଡ଼ିଶା ବାହାରେ କାର୍ଯ୍ୟରତ ନୟାଗଡ଼ରେ ରହୁଥିବା ଖଣ୍ଡାୟତ ଘରର ଝିଅପାଇଁ ବରପାତ୍ର ଆବଶ୍ୟକ। (8763283720). D-63771

Widow bride Lecturer 40, Clerk 42, Business 35 (caste-no-bar): 7873374269. D-66470

**Now Matrimonial ads. only on Wednesday & Sunday**
**Book 1 Get 1 FREE**

## automobile

### SALE

Excellent condition Swift Dzire ZXI Petrol 26000km for sale. Contact: 9182574495. D-66385

Toyota Innova for immediate sale. Contact Mob: 9437055585, 6372502737, Bhubaneswar. D-65645

## real estate

### SALE

Revenue road gharabari plot for sale Hanspal Bhingarpur. 9937816565, 9937568585. D-12637

ଭୁବନେଶ୍ୱର କଣ୍ଟାବାଡ଼/ ଅନ୍ଧାରୁଆରେ (ପିତାପଲ୍ଲୀ କଟକ) NH bypass road sideରେ ଘରବାରି ପଟ୍ଟା plot- 9437971401. D-68137

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

3 acres Bagayat farm (Boundary wall, borewells, outhouse, electricity) at Dadhimachagadia, 900 mtrs from NH and 20 mins from proposed International Airport for sale @ Rs. 1.95 cr-65lacs per acre. Call 8018965945. D-66543

800m from Brahmahanjharilo Chaka 6.5 Guntha, 2Km from Pratap Nagari CTC to BBSR NH5 Road Gharabadi Commercial Plot. Mobile: 7978436284. D-12630

ଭୁବନେଶ୍ୱର ଗଙ୍ଗପଡ଼ା NH side plot 1200 ବର୍ଗଫୁଟକୁ 4,18,000/-, କିଛି ଦୂରତାରେ 1,44,000/- 7682934667, 6371207316. D-66372

Bhubaneswar Patia New Railway Station ଠାରେ ସ୍ଥିତିବାନ demarcated plot sqft. 500/-, 700/- 9337505891, 7978286401. D-66375

**Ready to move 2BHK, 4BHK flat's at PENGUIN TOWER (Jaydev Vihar) @ 5500/- per sqft. Call: 9040007267 9040046767.** D-12665

ନଖରା ତ୍ରିନାଥ ବଜାରଠାରେ SC ଘରବାରି plot 1200କୁ 3,80,000/-, ପ୍ରତାପନଗରୀ ଧାକୁଲେଇ ପୀଠଠାରେ 1200କୁ 3,00,000/- (outright) 9348817649, 8144706560. D-66377

3000 sqft. commercial plot near Fire station, Baramunda, Bhubaneswar. Price-2.64 crores. Mobile: 9078151122. D-66530

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାରଠାରେ electricity 30' ରାସ୍ତା ଥାଇ plot sqft.- 970/-ରେ ବିକ୍ରିହେବ: 7894216209. D-66378

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12646

Jupiter science back side per sqft. 300/- possession plot. 9777544478. D-56643

ଘାଟିକିଆରୁ କଳିଙ୍ଗ ନଗର road sideରେ ମୋର plot ଅଛି। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ: 9438166196. D-12585

3BHK fully furnished readymade flat sale at prime location of Puri nearby Srijagannath Temple. Contact: 7327858028, 8144658008. D-12591

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 20 ଦୂରତାରେ BDA plot ମିଳୁଅଛି: 8917543041. D-66380

Outright conversion demarcation plot sale ବ୍ରାହ୍ମଣଝରିଲୋ ନଖରାରୁ ୫ କିଲୋମିଟର 3000 sqft 16,50,000/-, Argul IIT 4,50,000/-. 9861281504. D-66379

1500 sqft. (6nos), 2000 sqft (7nos) main road side Plot, infront Tata Ariana Ghatikia, Sankarpur, Bhubaneswar 30ft. Road, Electricity, supply water available: 8114744495, 8328943165. D-66467

212 decml gharabari sthitiban plot, Yellowzone on 60ft road adjacent to 200ft road at a distance of 100 mtrs @ 1.1 crore for sale. Contact owner 8018965945. D-66544

2600 sft. corner plot sale at SUM Hospital (CET College) Bhubaneswar, Directly contact- Deepak: 9937329999. D-66233

ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ସାମ୍ନାରେ ସ୍ଥିତିବାନ possession plot ୨୮୦ ଟଙ୍କାରେ କିଣି ଘର କରନ୍ତୁ: 6370924129. D-66382

ଭୁବନେଶ୍ୱର ମାଉଣ୍ଟଲିଟ୍ରେକା ସ୍କୁଲ ଲାଗିକି ଘରବାରି ପ୍ଲଟ ନେଇ ଘର କରନ୍ତୁ: 9438859527. D-66384

Bhubaneswar near Pitapali. BDA Commercial Zone NH-5 50 mtr Distance 8599884236. D-12666

Gharabari plot sale Sundarpada near Hi-tech Plaza sqft. 850/-. 9337766961, 9861964818. D-12643

1750 sqft. prime plot with boundarywall adjacent to NH, near Gohira Chhaka, Tamando, Bhubaneswar for sale. Contact: 9437521476, 7978459842. D-66531

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 8908292617.** D-12644

1200 Gharabari boundary plot 30' internal road, Ranga bazar 8,40,000/-. 9861211481. D-66374

Simplex 1200 sqft. land BJEM-(2) 12,80,000/- monthly installment 5,000/-, Tankapani road Sai temple 20,50,000/-, Badagada canal road plots available. 7735738102. D-12604

2BHK simplex, duplex in Hanspal Atala and Ranga bazar 16lakh to 38lakh. 7735310849, 8112043892. D-12640

3 bedroom flat- 35 lakhs at SUM Hospital, Bhubaneswar, gated community, directly contact- Deepak: 9937329999. D-66232

Bhubaneswar ଫୁଲନଖରା ଛକ East college main road ପାଖରେ Immediate construction ହୋଇପାରିବା Plot ତୁରନ୍ତ ବିକ୍ରିହେବ। 9090556060. D-12589

BDA commercial ଜାଗା ପିତାପଲ୍ଲୀ ଛକ NH-16ରେ 550/-ରେ ମିଳୁଛି 7789999921. D-66383

Gharabari boundary plot with 30' road at Sundarapada area @ 550/-, 850/-, 1250/-. 7978992797, 7381213762. D-66134

Ready to move spacious 1BHK / 2BHK flats near BJEM-II school at Rangabazar. 9776080988, 9437493502. D-68948

BDA Yellow Zone ଥାଇ plot duplex ଭୁବନେଶ୍ୱର ଯାଆଁଳାରେ ମିଳୁଛି: 9853011628. D-12667

Private gharabari plot, Jagatsinghpur town Pandasahi, Revenue road, Boundarywall. 9853273211. D-66539

**Gharabari plot sale at Trisulia Banki main road side 600 mtrs distance from Trisulia Chhak Rs.1900/ sqft. 9438664354, 9937253888.** D-66533

Own gharabari plot 30ft Revenue Road, Balianta, Bhingarpur. 9658609631. D-66538

## construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12645

Construct your home @ 1150/- complete all branded materials. 7537874306. D-66540

## GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

## to-let

6000 sqft. new building on rent for office and commercial purpose. Back of Bhubaneswar Airport. Contact: 9958003695. D-58086

850 sqft. 1st floor Corporate office commercial space available at Kalsi complex behind Kalsi petrol pump. Contact: 9437001845, 8599090186. D-66466

3BR flat (1600 sqft.) in Sri Jagannath place Acharya vihar. Rent 19000/- 9437247039. D-65894

House at Nayapalli near DAV / Stweart School for family. 9438490107. D-65895

Ground floor house with one bedroom, drawing cum dinning, kitchen, bathroom with garage at Jagamara, Bhubaneswar. Contact: 8895502297, 6372674317. D-12654

House vacant, Canal road, Bomikhal, Bhubaneswar, rent- 8000.00. Contact: 9437013448. D-12621

1BRK in Chakeisiani near Mancheswar Industrial Estate for family. 7894435400. D-12569

Independent 2BHK/ 3BHK house with puja ghara, garage, borewell at Barabari, Jagamara. Contact: 8585088850, 7978485307. D-12658

## healthcare

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

New new openly full body massage leadies gents AC room: 7609923705. D-38553

Herbal full body massage by smart/expert therapist. Contact: 8338067247. D-66528

Newly opening ayurvedic body massage smart therapist, Shree herbal. 7750020754. D-66529

Full body massage with refreshment, expert therapist. 7381239385, 0674-2540855. D-66526

Experience full body massage with us (expert). Call: 7377048581, 0674- 2597822. D-66527

Summer special mesmerizing offer expert therapeutic refreshing massage appointment. 9668374480. D-66532

Physiotherapy, full body massage by trained ladies/ gents therapy: 7008773793. D-66469

## business

We are taken (AMC) for lift, generator, electrical work: 7381239233. D-64968

ଭୁବନେଶ୍ୱରରେ product ବ୍ୟବସାୟ କରି ୫୦୦୦/– ରୁ ୧୫୦୦୦/– ମାସିକ ରୋଜଗାର କରନ୍ତୁ। ଶିକ୍ଷାଗତ ଯୋଗ୍ୟତା ୨ୟ ଶ୍ରେଣୀ। 7327055871. D-12657

## education

Contact home Tutor for class 6th to 12th Mathematics and Science Tuhin Roy Chowdhury (IIT, Bhubaneswar) 8319499280. D-12653

## AFFIDAVIT

By virtue of an affidavit before Notary public, Bhubaneswar I have changed my name from Mathai P.T(Pookamala Thomas) to Mathew Thomas. Henceforth I shall be known as Mathew Thomas for all purposes. D-66469

### ଜନ୍ମଦିନ ଶୁଭେଚ୍ଛା



**ଆଇସା ରହେମାନ୍**
**(ପିପିଲି)**

ତୁମର ଶୁଭ ଜନ୍ମଦିନ ଅବସରରେ ଅଲ୍ଲାପାକ୍‌ଙ୍କ ନିକଟରେ ଦୁଆ ହେି ତୁହ୍ମାରା ଜିନ୍ଦଗି ଖୁସିଓଁଭରା ହୋ।

**ଶୁଭେଚ୍ଛା ସହ: ନାନି, ମାମା, ମାମି, ସାହିଲ, ମାମା ଓ ପରିବାରବର୍ଗ।**

ଧ-୧୨୫୮୬

## CLASSIFIED BOOKING STATIONS

**CUTTACK**

**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**JOGESWAR DAS**
Rayagada Mob: 06856222611, 9437234611

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

**EUREKA ADVERTISER**
IRC Village,Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ବିଦ୍ୟୁତ୍‌ଲତା ବହିଦାର**
ସ୍ୱାମୀ: ସ୍ୱର୍ଗତ ଦୁର୍ଗାପ୍ରସାଦ ବହିଦାର
ଝାଡୁଆପଡ଼ା, ସମ୍ବଲପୁର
(୧୯୧୯-୨୦୧୪)
ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:**
ପରିବାରବର୍ଗ ଓ ବନ୍ଧୁସ୍ୱଜନ।
ଧ-୧୨୫୮୭

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା ହରିପ୍ରିୟା ମହାନ୍ତି**
ଆବିର୍ଭାବ: ଅଗଷ୍ଟ ୧୯୪୬
ତିରୋଧାନ: ୨୦।୦୫।୨୦୧୪
Qrs. No.IVR–PF–19
Unit–6, Bhubaneswar
ତୁମ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶ୍ରଦ୍ଧାଞ୍ଜଳି ସହ:**
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୨୬୭୦

> ଏନ୍ଆଇଆଇଟି ଲିମିଟେଡର କର୍ପୋରେଟ ଲର୍ନିଂ ଗ୍ରୁପ୍ ରାଜସ୍ୱ ଆଦାୟରେ ରେକର୍ଡ କରିଛି। ଫଳରେ କମ୍ପାନୀର ଆୟ ବଢ଼ିଛି।
>
> –ବିଜୟ କେ.ଥାଡାନି, ଭାଇସ୍ ଚେୟାରମ୍ୟାନ ତଥା ଏମ୍‌ଡି



> ଫର୍ଟିସ ହେଲ୍‌ଥକେୟାର ଅପରେଶନ ଦିନକୁ ଦିନ ବଢ଼ିବାରେ ଲାଗିଛି। କ୍ଷତି ସହିବାର ଦିନ ଶେଷ ହୋଇଛି। ଏବେ କମ୍ପାନୀ ଲାଭ ଆଡ଼କୁ ଅଗ୍ରସର ହେଉଛି।
>
> –ଆଶୁତୋଷ ରଘୁବଂଶୀ, ଏମ୍‌ଡି ତଥା ସିଇଓ



## ସଂକ୍ଷେପରେ

### ମାଲ୍ୟାଙ୍କୁ ୟୁକେ ହାଇକୋର୍ଟ ଝଟକା



ଲଣ୍ଡନ,୨୫-୫: ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଆଉ ଏକ ଜୋର୍ ଝଟକା ଲାଗିଛି। ବ୍ରିଟେନର ଏକ ପାନୀୟ କମ୍ପାନୀ ଡିଆଜିଓକୁ ସେ ୧୩.୫ କୋଟି ଡଲାର ଅର୍ଥାତ୍ ପ୍ରାୟ ୯୪୫ କୋଟି ଟଙ୍କା ଦେବାକୁ ୟୁକେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାଲ୍ୟାଙ୍କଠାରୁ ବ୍ରିଟେନ କମ୍ପାନୀ ୧୭.୫ କୋଟି ଡଲାର ଅର୍ଥ ଦାବି କରିଥିଲା। ଡିଆଜିଓ ଯେପରି ଶୀଘ୍ର ଅର୍ଥ ଦାବି ନ କରେ ସେଥିଲାଗି କମ୍ପାନୀକୁ ମୌଖିକ ଭାବେ କୁହାଯାଇଥିଲା ବୋଲି ମାଲ୍ୟାଙ୍କ ଓକିଲଙ୍କ ପକ୍ଷରୁ ଅଦାଲତରେ ଯୁକ୍ତି ଦର୍ଶାଯାଇଥିଲା। ତେବେ ଏହାକୁ ହାଇକୋର୍ଟ ଖାରଜ କରି ସୁଧ ସହ ମୂଳ ଟଙ୍କା ଫେରାଇବାକୁ ବିଚାରପତି ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ରାୟ ପ୍ରକାଶ ପରେ ଡିଆଜିଓ ମୁଖପାତ୍ର ଡମିନିକ୍ ରେଡ଼ଫର୍ନ କମ୍ପାନୀ ପକ୍ଷରୁ ଖୁସି ବ୍ୟକ୍ତ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ମାଲ୍ୟାଙ୍କ ଦୁଇଟି କମ୍ପାନୀର ଅଂଶଧନ କିଣିବା ଲାଗି ଡିଆଜିଓ ଟଙ୍କା ଦେଇଥିଲା। କିନ୍ତୁ ମାଲ୍ୟା ଏଥିଲାଗି କମ୍ପାନୀକୁ କୌଣସି ଅଂଶଧନ ଦେଇ ନ ଥିଲେ। ଏଥିଯୋଗୁ ଡିଆଜିଓକୁ ବହୁତ କ୍ଷତି ସହିବାକୁ ପଡିଥିଲା। ମାଲ୍ୟାଙ୍କ ଦୁଇ କମ୍ପାନୀକୁ ତାଙ୍କ ପୁତ୍ର ସିଦ୍ଧାର୍ଥ ଚଳାଉଛନ୍ତି। ତିନି ବର୍ଷ ପୂର୍ବେ ତାଙ୍କ ସହ ଡିଆଜିଓର ଚୁକ୍ତି ହୋଇଥିଲା।

### ରାଜ୍ୟଗୁଡ଼ିକର ଋଣ ୯୧%କୁ ବୃଦ୍ଧି

ମୁମ୍ବାଇ,୨୫-୫: ଆର୍ଥିକ ବର୍ଷ ୨୦୧୮-୧୯ରେ ବିତ୍ତୀୟ ନିଅଣ୍ଟକୁ କମାଇବାକୁ ଯାଇ ରାଜ୍ୟଗୁଡ଼ିକର ବଜାର ଋଣ ୯୧ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଯାଇଛି। କେୟାର ରେଟିଙ୍ଗ୍‌ସର ରିପୋର୍ଟରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ, ଗତ ଆର୍ଥିକ ବର୍ଷରେ ରାଜ୍ୟଗୁଡ଼ିକର ବଜେଟୀୟ ରାଜସ୍ୱ ନିଅଣ୍ଟ ପରିମାଣ ପ୍ରାୟ ୨.୫% ଅର୍ଥାତ୍ ୪,୮୬,୫୦୦ କୋଟି ଟଙ୍କା ରହିଛି। ଏହି ଅବଧିରେ ରାଜ୍ୟଗୁଡ଼ିକର ବଜାର ଋଣ ପରିମାଣ ୪,୪୦,୭୦୦ କୋଟି ଟଙ୍କା ହୋଇଛି। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ରାଜ୍ୟଗୁଡ଼ିକର ରାଜସ୍ୱ ନିଅଣ୍ଟ ୫,୧୪,୩୦୦ କୋଟି ଓ ବଜାର ଋଣ ୩,୮୫,୦୦୦ କୋଟି ଟଙ୍କା ଥିଲା। ସେହିବର୍ଷ ବଜାର ଋଣ ପରିମାଣ ୭୫% ଥିଲା। ରିପୋର୍ଟ ଅନୁଯାୟୀ, ରାଜ୍ୟଗୁଡ଼ିକର ସଂଶୋଧିତ ବଜାର ଋଣ ୨୦୧୮-୧୯ରେ ୪,୭୮,୦୦୦ କୋଟି ଟଙ୍କା ରହିବ ବୋଲି ଅନୁମାନ କରାଯାଇଛି।

## ମୋଦି ସରକାର ୨.୦

# ମଧ୍ୟବିତ୍ତଙ୍କୁ ମିଳିପାରେ ଟିକସ ଛାଡ ଉପହାର

ନୂଆଦିଲ୍ଲୀ,୨୫-୫



ଏନ୍‌ଡିଏ ସରକାର ଆସନ୍ତା ଜୁଲାଇରେ ନିଜର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିପାରନ୍ତି। ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟରେ ସରକାର ମଧ୍ୟବିତ୍ତଙ୍କ ଲାଗି ଟିକସ ଛାଡ କରି ସେମାନଙ୍କୁ ଆଶ୍ୱସ୍ତ କରିପାରନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ଅନ୍ତରୀଣ ବଜେଟ ଉପସ୍ଥାପନ କରି ସେତେବେଳେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ପୀୟୂଷ ଗୋୟଲ କହିଥିଲେ ଯେ, ଜୁଲାଇରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ବେଳେ ମଧ୍ୟବିତ୍ତ ଓ ନୂତନ ମଧ୍ୟବିତ୍ତଙ୍କ ଲାଗି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଇତିମଧ୍ୟରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବଜେଟ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହା ଇଣ୍ଡଷ୍ଟ୍ରି ପ୍ରତିନିଧି ଏବଂ ଅର୍ଥନୀତିଜ୍ଞଙ୍କ ସହ ଆଲୋଚନା ଆରମ୍ଭ କରିସାରିଛି।

### ଆୟକର ଛାଡ

ଅନ୍ତରୀଣ ବଜେଟରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଛାଡ କରାଯାଇଥିଲା। ଏହାକୁ ବଜାୟ ରଖାଯାଇପାରେ। ଏହାବ୍ୟତୀତ, ପୂର୍ଣ୍ଣାଙ୍ଗ ବଜେଟରେ ମଧ୍ୟବିତ୍ତଙ୍କ ଲାଗି ଆୟକର ସ୍ଲାବ୍‌ରେ ପରିବର୍ତ୍ତନ କରାଯାଇପାରେ। ସେହିପରି ଆୟକର ଛାଡ ସୀମାକୁ ୧.୫୦ ଲକ୍ଷ ଟଙ୍କାରୁ ବଢ଼ାଯାଇପାରେ। ୫୦ ବର୍ଷ ଧରି ଚାଲି ଆସୁଥିବା ଆୟକର ଆଇନରେ ସଂଶୋଧନ କରାଯାଇପାରେ। ଏଥିଲାଗି ସରକାର ପୂର୍ବରୁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିସାରିଛନ୍ତି। ଆସନ୍ତା ୩୧ରେ ଏ ସଂକ୍ରାନ୍ତରେ ରିପୋର୍ଟ ମିଳିଯିବ। ଏହାର ସୁପାରିସ୍‌ଗୁଡ଼ିକୁ ବଜେଟରେ ଲାଗୁ କରାଯାଇପାରେ।

### କେୱାଇସି ସହ ଯୋଡାଯାଇପାରେ ଆଧାର

ଆଧାରକୁ କେୱାଇସି ସହ ଯୋଡିଦିଆଯାଇପାରେ। ସୁପ୍ରିମକୋର୍ଟ ରାୟ ପରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ମୋବାଇଲ ଫୋନ୍ ଲାଗି ନୂଆ ସିମ୍ ପ୍ରଦାନ କରିବା, ଅଣ ଆର୍ଥିକ ନେଣଦେଣ କ୍ଷେତ୍ରରେ ଆଧାର ବାଧ୍ୟତାମୂଳକ ହୋଇ ରହିନାହିଁ। ଏହାପରେ ସରକାର ଆଇନରେ ସଂଶୋଧନ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ଏକ ବିଲ୍ ଆଣିଲେ। ଏଥିରେ କେୱାଇସି ଲାଗି ଆଧାର ବାଧ୍ୟତାମୂଳକ କରାଯାଇଛି। ବର୍ତ୍ତମାନ ଏହି ବିଲ୍ ଲୋକ ସଭାରେ ଅନୁମୋଦନ ଲାଭ କରିଥିବା ବେଳେ ରାଜ୍ୟ ସଭାରେ ଅଟକିଛି।

### ପେନ୍‌ସନ ଯୋଜନାର ସମୟସୀମା ବୃଦ୍ଧି

ଏହାବ୍ୟତୀତ ବରିଷ୍ଠ ନାଗରିକଙ୍କ ଲାଗି ଆରମ୍ଭ କରାଯାଇଥିବା ପେନ୍‌ସନ ଯୋଜନାର ସମୟସୀମାକୁ ୨୦୨୦ରୁ ବୃଦ୍ଧି କରି ୨୦୨୪ ପର୍ଯ୍ୟନ୍ତ କରାଯାଇଛି। ଏହି ଯୋଜନା ଅଧୀନରେ ବରିଷ୍ଠ ନାଗରିକ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିବେଶ କରିପାରିବେ।

### ଗୃହଋଣ ସବ୍‌ସିଡି

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଗୃହଋଣ ଉପରେ ମିଳୁଥିବା ସବ୍‌ସିଡିକୁ ଆସନ୍ତା ୫ ବର୍ଷଲାଗି ବୃଦ୍ଧିକରାଯାଇପାରେ।

## ଓଡ଼ିଶା ପାଇଁ ଟିଡିଏସ୍ ଦାଖଲ ସମୟସୀମା ବୃଦ୍ଧି

ଭୁବନେଶ୍ୱର,୨୫-୫

The Central Board of Direct Taxes (CBDT)

ଫନୀ ଯୋଗୁ ରାଜ୍ୟରେ ଅନେକ କ୍ଷୟକ୍ଷତି ହୋଇଥିବା ବେଳେ ଯୋଗାଯୋଗ ପ୍ରକ୍ରିୟା ବ୍ୟାହତ ହୋଇଛି। ଏହା ଫଳରେ ଟିଡିଏସ୍ ଡିଡକ୍ଟରମାନେ ମଧ୍ୟ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏହି ସମସ୍ୟାକୁ ଧ୍ୟାନରେ ରଖି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଅନୁପାଳନ ନୀତିକୁ କୋହଳ କରିଛି। ଚଳିତ ବର୍ଷ ଏପ୍ରିଲର ଟିଡିଏସ୍ ଦାଖଲର ସମୟ ସୀମାକୁ ବଢାଯାଇଛି। ଏହା ମେ ୭ରୁ ୨୦କୁ ବୃଦ୍ଧି କରାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷର ଶେଷ କ୍ୱାର୍ଟର ଟିଡିଏସ୍ ଷ୍ଟେଟମେଣ୍ଟ ପୂରଣ କରିବାର ତାରିଖକୁ ମେ ୩୧ରୁ ଜୁନ ୩୦କୁ ବଢାଯାଇଛି। ଫର୍ମ ୧୬ ଏବଂ ଫର୍ମ ୧୬(କ)ର ଟିଡିଏସ୍ ପ୍ରମାଣପତ୍ର ପ୍ରଦାନ କରିବାର ତାରିଖକୁ ୨୦୧୯ ଜୁନ ୧୫ରୁ ଜୁଲାଇ ୧୫କୁ ବଢିଥିବା ସିବିଡିଟି ପକ୍ଷରୁ ସୂଚନା ରହିଛି।

## ଜୁନ୍ ୨୩ରେ ଫିଟ୍‌ଜୀର ଏକ୍ସ୍‌ଟ୍ରା ରେ ଏଜ୍ ପରୀକ୍ଷା

ଭୁବନେଶ୍ୱର,୨୫-୫

FIITJEE

ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଫିଟ୍‌ଜୀ ପକ୍ଷରୁ ଏକ୍ସ୍‌ଟ୍ରା ରେ ଏଜ୍ ପରୀକ୍ଷା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଜୁନ ୨୩ରେ ଅନୁଷ୍ଠିତ ହେବ। ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ଜେଇଇରେ ସଫଳତା ଲାଭ କରିବାର ସ୍ୱପ୍ନକୁ ପୂରଣ କରିବା ଲାଗି ଫିଟ୍‌ଜୀ ଏଭଳି ଏକ ପରୀକ୍ଷା ଆୟୋଜନ କରୁଛି। ଏହା ଦ୍ୱାରା ଛାତ୍ରୀଛାତ୍ର ଫିଟ୍‌ଜୀର କ୍ଲାସରୁମ ପ୍ରୋଗ୍ରାମରେ ଯୋଗ ଦେବାର ସୁଯୋଗ ପାଇ ପାରିବେ। ଆଇଆଇଟିରେ ପ୍ରବେଶ ଲାଗି ଯେଉଁମାନେ ଜେଇଇ ମେନ, ଜେଇଇ ଆଡଭାନ୍ସ ୨୦୧୯ରେ ଶ୍ରେଷ୍ଠ ର୍‌ୟାଙ୍କ ହାସଲ କରିବାକୁ ସକ୍ଷମ ହୋଇ ପାରି ନାହାନ୍ତି, ସେମାନଙ୍କୁ ପ୍ରସ୍ତୁତିରେ ସହାୟତା କରିବା ଲାଗି ଏଭଳି ଏକ ପଦକ୍ଷେପ ନିଆଯାଇଥିବା ଫିଟ୍‌ଜୀ ନିର୍ଦ୍ଦେଶକ ଆର୍.ଏଲ୍ ତ୍ରୀଖା କହିଛନ୍ତି।

## ଏନ୍ଏସ୍ଏସ୍ଓ ସହ ମିଶିଯିବ ସିଏସ୍ଓ

ନୂଆଦିଲ୍ଲୀ,୨୫-୫

### ପରିସଂଖ୍ୟାନ ବିଭାଗରେ ହେବ ପୁନର୍ଗଠନ

ପରିସଂଖ୍ୟାନ ବିଭାଗର ପୁନର୍ଗଠନ ଲାଗି କେନ୍ଦ୍ର ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ମନ୍ତ୍ରଣାଳୟ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍ଓ)କୁ

MOSPI NSSO MOSPI Field Investigators

ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ(ଏନ୍ଏସ୍ଏସ୍ଓ)ରେ ମିଶ୍ରଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ଗତ ୨୩ରେ ଏ ସମ୍ପର୍କରେ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଦେଶର ପରିସଂଖ୍ୟାନ ପ୍ରଣାଳୀକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ, ମନ୍ତ୍ରଣାଳୟର କାର୍ଯ୍ୟକୁ ଏକିକୃତ କରିବା ତଥା ତାଳମେଳ ବସାଇବା ଉଦ୍ଦେଶ୍ୟରେ ଉକ୍ତ ମିଶ୍ରଣକୁ ଅନୁମତି ଦିଆଯାଉଛି। ପରିସଂଖ୍ୟାନ ଶାଖା, ମନ୍ତ୍ରଣାଳୟର ଏକ ଅଭିନ୍ନ ଅଙ୍ଗ ହେବ। ଏନ୍ଏସ୍ଏସ୍ଓର ଅଧ୍ୟକ୍ଷତା ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ସଚିବ କରିବେ। ଏହାର ବିଭିନ୍ନ ବିଭାଗର ମହାନିର୍ଦ୍ଦେଶକମାନେ ସଚିବଙ୍କ ନିକଟରେ ଜବାବଦେହି ରହିବେ। ସୂଚନାଥାଉ କି, ସିଏସ୍ଓ ବୃହତ ଆର୍ଥିକ ପରିସଂଖ୍ୟାନ ଯେପରି କି ଜିଡିପି ଅଭିବୃଦ୍ଧି, ଔଦ୍ୟୋଗିକ ଉତ୍ପାଦନ ଏବଂ ମୁଦ୍ରାସ୍ଫୀତି ତଥ୍ୟ ପ୍ରକାଶ କରୁଥିବା ବେଳେ ଏନ୍ଏସ୍ଏସ୍ଓ ସ୍ୱାସ୍ଥ୍ୟ, ଶିକ୍ଷା, ଘରୋଇ ବ୍ୟୟ ଏବଂ ସାମାଜିକ ତଥା ଆର୍ଥିକ ସୂଚକାଙ୍କ ସହ ଜଡ଼ିତ ରିପୋର୍ଟ ଉପସ୍ଥାପନ ଏବଂ ସର୍ବେକ୍ଷଣ କରିଥାଏ।

## ସେଣ୍ଟ୍ରାଲ ବ୍ୟାଙ୍କ ମୁଖ୍ୟ ସତର୍କତା ଅଧିକାରୀଙ୍କ ସମ୍ବଲପୁର ଗସ୍ତ




ଭୁବନେଶ୍ୱର,୨୫-୫

ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ମୁଖ୍ୟ ସତର୍କତା ଅଧିକାରୀ ପର୍ଶୁରାମ ପଣ୍ଡା ପ୍ରଥମଥର ଲାଗି ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡା ବ୍ୟାଙ୍କରେ ହେଉଥିବା ଠକାମୀ ଏବଂ ଏହାର ନିବାରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି କେଉଁ ପରିସ୍ଥିତିରେ ଠକାମି ଘଟୁଛି ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସିଭିସି ଗାଇଡଲାଇନ ଲାଗୁ କରିବା ନିମନ୍ତେ ସେ କହିଥିଲେ। କାର୍ଯ୍ୟକ୍ରମରେ କ୍ଷେତ୍ରୀୟ ପ୍ରବନ୍ଧକ ପି.ସୁରେଶ, ରାୟପୁର ଭିଜିଲାନ୍ସ ଜୋନାଲ ଅଫିସର ମୁଖ୍ୟ ପ୍ରବନ୍ଧକ ମନୋଜ କୁମାର ପତି ଏବଂ ବ୍ୟାଙ୍କର ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଡ୍ୟୁକର ନୂଆ ସମର ୨୦୧୯ କଲେକ୍ସନ

ଭୁବନେଶ୍ୱର,୨୫-୫



ଡ୍ୟୁକ ଫ୍ୟାଶନ୍ସ ଲିମିଟେଡ ପକ୍ଷରୁ ନୂଆ ସମର କଲେକ୍ସନ ୨୦୧୯ ଶୁଭାରମ୍ଭ ହୋଇଛି। ବିଭିନ୍ନ ଷ୍ଟାଇଲ ଏବଂ ରଙ୍ଗରେ ଏହି କଲେକ୍ସନଗୁଡିକ ବଜାରରେ ଉପଲବ୍ଧ। ଏହା ମଧ୍ୟରେ ଶାର୍ଟ,ଟ୍ରାଉଜର ଏବଂ ଡେନିମ୍ ରହିଛି। ଏଥିରେ ଷ୍ଟାଇଲ ଏବଂ ଫ୍ୟାଶନ ଷ୍ଟେଟମେଣ୍ଟକୁ ପ୍ରାଥମିକତା ଦିଆଯାଇଛି। ଏହାକୁ ଉଭୟ ଫର୍ମାଲ ଏବଂ କାଜୁଆଲ ଭାବେ ବ୍ୟବହାର କରାଯାଇ ପାରିବ ବୋଲି କମ୍ପାନୀ ପ୍ରକାଶ କରିଛି। ସଦ୍ୟତମ ପୋଷାକପତ୍ର ଚାହୁଁଥିବା ଯୁବବର୍ଗଙ୍କୁ ଧ୍ୟାନରେ ରଖି ଏହା ବଜାରକୁ ଆସିଥିବା କମ୍ପାନୀର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ କହିଛନ୍ତି। ଏଥିରେ ଗ୍ରାହକମାନେ ଅନ୍ତର୍ଜାତୀୟ ଗୁଣବତ୍ତା ଏବଂ ଷ୍ଟାଇଲ ପାଇ ପାରିବେ ବୋଲି ଜୈନ ପ୍ରକାଶ କରିଛନ୍ତି।

**Food Corporation of India, Regional Office, Bhubaneswar**

Cont. 15 (358)/2019/HKD/A.Katapali-Simdega Date :25.05.2019

**INVITATION FOR E-TENDER**

On behalf of FCI, Odisha Region online tenders are invited from eligible tenderer for appointment of regular Road Transport Contractor(s) for transportation of food grains from FSD, Hirakud/SWC, A. Katapali (Odisha) to SWC, Simdega/PEG, Simdega (Jharkhand) for a period of two years. The tender documents containing detailed terms and conditions can be obtained from **https://eprocure.gov.in/eprocure/app** or FCI Website : **www.fci.gov.in** .

GENERAL MANAGER (ODISHA)

## ବିଭିନ୍ନ କମ୍ପାନୀ ପକ୍ଷରୁ ବାତ୍ୟା ସହାୟତା

### ଆଇଓବିଓଏ ପକ୍ଷରୁ ରିଲିଫ ପ୍ରଦାନ

ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ ପକ୍ଷରୁ ଫନୀ ପ୍ରଭାବିତଙ୍କୁ ରିଲିଫ ପ୍ରଦାନ କରାଯାଇଛି। ପୁରୀ ଚନ୍ଦନପୁରସ୍ଥିତ ବୀରକିଶୋରପୁରଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘ ପକ୍ଷରୁ ୧୦୦ ପରିବାରକୁ ପଲିଥିନ ଏବଂ ମଶାରି ବଣ୍ଟନ କରାଯାଇଛି। ଏଥିରେ ସଂଘର ଯୁଗ୍ମ ସମ୍ପାଦକ ଭବାନୀ ଶଙ୍କର ମିଶ୍ର, ସହକାରୀ ସାଧାରଣ ସମ୍ପାଦକ ସଞ୍ଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କର କ୍ଷେତ୍ରୀୟ ପ୍ରବନ୍ଧକ ଶଙ୍କର ରାଓ ବିପନ୍ନଙ୍କ ଲାଗି ଦୁଃଖ ପ୍ରକାଶ କରିବା ସହ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କହିଛନ୍ତି।

### ୧୦,୦୦୦ରୁ ଊର୍ଦ୍ଧ୍ୱ ପ୍ରଭାବିତଙ୍କୁ ଏନ୍‌ଟିପିସିର ଚିକିତ୍ସା

ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି) ପକ୍ଷରୁ ଭ୍ରାମ୍ୟମାଣ ମେଡିକାଲ ଚିକିତ୍ସା ଶିବିରରେ ୧୦,୦୦୦ରୁ ଊର୍ଦ୍ଧ୍ୱ ପ୍ରଭାବିତଙ୍କୁ ଚିକିତ୍ସା କରାଯାଇଛି। ଏହି ଶିବିରଗୁଡିକ ପୁରୀ, କୋଣାର୍କ, ବ୍ରହ୍ମଗିରି, ସାତପଡା ପଞ୍ଚାୟତ ଓ ବ୍ଲକ ସ୍ତରରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କ ସମନ୍ୱୟରେ ସ୍ଥାପନ କରାଯାଇଥିଲା। ତାଳଚେରଠାରେ ଥିବା ଏନ୍‌ଟିପିସି ହସ୍ପିଟାଲ ,ଆନ୍ଧ୍ରପ୍ରଦେଶ ରାମଗୁନ୍ଦମ ଏବଂ ମଧ୍ୟପ୍ରଦେଶ ବିନ୍ଧ୍ୟାଞ୍ଚଳରେ ଥିବା ହସ୍ପିଟାଲର ଡାକ୍ତର ଏବଂ ପାରାମେଡିକାଲ ଷ୍ଟାଫମାନଙ୍କ ଟିମ୍ ପୁରୀ ଅଞ୍ଚଳରେ ଏହି ଶିବିରଗୁଡିକୁ ପରିଚାଳନା କରିଥିଲେ।

### ରିଲିଫ ପାଣ୍ଠିକୁ ଇମ୍ଫା ଦେଲା ୭୫ ଲକ୍ଷ

ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏ (ଇମ୍ଫା) ପକ୍ଷରୁ ଫନୀ ପ୍ରଭାବିତ ଅଞ୍ଚଳଗୁଡିକରେ ସୌର ଲଣ୍ଠନ ଏବଂ ସାନିଟାରୀ ନାପକିନ ପ୍ୟାକେଟ ବଣ୍ଟନ କରାଯାଇଛି। ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ କମ୍ପାନୀ ପକ୍ଷରୁ ୭୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି।




## ଏନ୍‌ବିଏଫ୍‌ସିଙ୍କୁ ବଞ୍ଚାଇବାକୁ ଆର୍‌ବିଆଇର ପ୍ରୟାସ

ମୁମ୍ବାଇ,୨୫-୫

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଅଣ-ବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥା(ଏନ୍‌ବିଏଫ୍‌ସି)ଙ୍କୁ ନଗଦ ସଙ୍କଟରୁ ରକ୍ଷା କରିବା ଲାଗି ଏକ ରିସ୍କ ମ୍ୟାନେଜମେଣ୍ଟ ଡ୍ରାଫ୍ଟ ଜାରି କରିଛି। ଏନ୍‌ବିଏଫ୍‌ସି କମ୍ପାନୀଗୁଡ଼ିକ ସମ୍ଭାବ୍ୟ ବିପଦରୁ ମୁକ୍ତ ରହିବା ଲାଗି ସରକାରୀ ବଣ୍ଡ ଅଥବା ଜମା ଯୋଜନାରେ ନିବେଶ କରିବା ଲାଗି ଆର୍‌ବିଆଇ ପ୍ରସ୍ତାବ ଦେଇଛି। ଏହାଦ୍ୱାରା ସଙ୍କଟ ସମୟରେ ସେମାନଙ୍କ ନିକଟରେ ପର୍ଯ୍ୟାପ୍ତ ପୁଞ୍ଜି ରହିବ। ଭାରି ନଗଦ ସଙ୍କଟ ଦେଇ ଗତି କରୁଥିବା ଏନ୍‌ବିଏଫ୍‌ସି କମ୍ପାନୀଗୁଡ଼ିକ ଏବେ ଅର୍ଥ ଯୋଗାଡ କରି ନ ପାରି ଅସୁବିଧାରେ ପଡିଯାଇଛନ୍ତି। ସେମାନଙ୍କ ଅଫିସ୍‌ରେ ଏବେ ତାଲା ଝୁଲିବାର ସମୟ ଆସିଯାଇଛି।

## ବିଦେଶକୁ ଖସିପାରିଲେନି ନରେଶ ଗୋୟଲ

ମୁମ୍ବାଇ,୨୫-୫



### ସ୍ତ୍ରୀ ସହ ଯାଉଥିବା ବେଳେ ରୋକାଗଲା

ଜେଟ୍ ଏୟାରୱେଜ୍ ପ୍ରତିଷ୍ଠାତା ନରେଶ ଗୋୟଲ ଓ ତାଙ୍କ ସ୍ତ୍ରୀ ଅନୀତା ଗୋୟଲ ବିଦେଶ ଖସିଯିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଶନିବାର ଗୋୟଲ ଦମ୍ପତିଙ୍କୁ ବିଦେଶ ଯାତ୍ରା ପୂର୍ବରୁ ମୁମ୍ବାଇ ବିମାନ ବନ୍ଦରରେ ଇମିଗ୍ରେଶନ କର୍ତ୍ତୃପକ୍ଷ ରୋକିଥିଲେ। ସେମାନେ ଏମିରେଟ୍ସ ବିମାନ ବୋଇଙ୍ଗ୍-୭୭୭ ଯୋଗେ ଦୁବାଇ ଯାଇଥାନ୍ତେ। ତେବେ ଇମିଗ୍ରେଶନ କର୍ତ୍ତୃପକ୍ଷ ସେମାନଙ୍କୁ ଅନୁମତି ଦେଇ ନ ଥିଲା। କାରଣ ସେମାନଙ୍କ ନାମରେ ପୂର୍ବରୁ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଛି। ଏହି ଘଟଣା ପରେ ଅନୀତାଙ୍କ ନାମରେ ଥିବା ଚେକ୍‌ଡ ଇନ୍ ଲଗେଜକୁ ମଧ୍ୟ ବିମାନରୁ ଓହ୍ଲାଇ ଦିଆଯାଇଥିଲା। ଏହି ବିମାନଟି ଅପରାହ୍ନ ୩.୩୫ରେ ଉଡ଼ିଥିଲା। ସୂଚନାଥାଉ କି, ଜେଟ୍ ଏୟାରୱେଜ୍‌ରେ ଆର୍ଥିକ ସଙ୍କଟ ଦେଖାଦେବା ପରେ ଏସ୍‌ବିଆଇ ନେତୃତ୍ୱରେ ଋଣପ୍ରଦାନକାରୀ ବ୍ୟାଙ୍କ ସମୂହ ଚାପରେ ନରେଶ ଗୋୟଲ ଓ ଅନୀତା କମ୍ପାନୀ ବୋର୍ଡରୁ ଇସ୍ତଫା ଦେଇଥିଲେ। ଏଥିସହ ନରେଶ କମ୍ପାନୀର ଅଧ୍ୟକ୍ଷ ପଦରୁ ମଧ୍ୟ ଓହରିଯାଇଥିଲେ। ତାଙ୍କର ଇସ୍ତଫା ପରେ ବ୍ୟାଙ୍କ ସମୂହ ଜେଟ୍‌ର ନିୟନ୍ତ୍ରଣ ନିଜ ହାତକୁ ନେଇ ଏହାର ଅଂଶଧନ ବିକ୍ରି ପାଇଁ ଉଦ୍ୟମ କରୁଛି। ଅନ୍ୟପକ୍ଷରେ ଏହି ଘଟଣା ପରେ ଜେଟ୍ ଏୟାରୱେଜ୍ ଅଫିସର୍ସ ଆଣ୍ଡ୍ ଷ୍ଟାଫ୍ ଆସୋସିଏଶନ ସଭାପତି କିରଣ ପାୱସ୍କର ମୁମ୍ବାଇ ପୋଲିସ କମିଶନରଙ୍କୁ ପତ୍ର ଲେଖି ଗୋୟଲ ଦମ୍ପତି, ଅନ୍ୟ ନିର୍ଦ୍ଦେଶକମାନଙ୍କ ପାସପୋର୍ଟ ଜବତ କରିବାକୁ ଅନୁରୋଧ କରିଥିଲେ।

**Government of Odisha**
**Higher Education Department** No.01-N

**Inviting Applications for Govt. of Odisha Sponsored UPSC Civil Services Coaching Scheme for the Session 2019-20**

Higher Education Department, Government of Odisha has a scheme for UPSC Civil Services coaching at Bhubaneswar through M/s Dhyeya Educational Services Pvt. Ltd., New Delhi to provide coaching and guidance to students aspiring to appear for All India Civil Services examinations. The detailed admission guideline is available in Higher Education Department website and candidates have to apply online in order to get admission for this scheme.

1. **No. of seats available** – 100 (1 year coaching for Prelims and Mains)
2. **Non-residential coaching at Bhubaneswar**: Candidates have to make their own arrangement for boarding and lodging in Bhubaneswar.
3. Coaching will be imparted only on General Studies papers of Prelims and Mains as per UPSC syllabus.
4. Coaching will be imparted to students of Odisha State.
5. Eligibility - For details visit **www.dheodisha.gov.in**
6. **Coaching Fee :–**
   a. Total Rs. 82,600/- (Inclusive of 18% GST), out of which Higher Education Department will pay Rs 61,950/- and the students will pay Rs 20,650/-.
   b. Candidates whose parent's annual income is less than Rs. 2 lakh, the entire coaching fees of Rs. 82,600 shall be paid by the Higher Education Department.
7. **Location of Coaching Centre : Dhyeya IAS,** OEU Tower, Third Floor, KIIT Road, Patia, Bhubaneswar – 751024, Odisha
8. **Contact Person of the Coaching Institute:** Sri Samarth Satya, **Mobile No.:** 7656949029, **E-mail ID:** dhyeyabbsr@gmail.com
9. **Time Schedule:**

| Items | Timeline |
|---|---|
| Availability of Common Application Form (CAF) in the website | 27th May, 2019 |
| Last date of applying online (in CAF) | 10th June, 2019 (11:59 PM) |
| Publication of selection list | 12th June, 2019 (04:00 PM) |
| Last date of Admission of Selected Applicants | 20th June, 2019 |
| Commencement of Coaching Class | 24th June, 2019 |

**For more details please contact:**
**Helpdesk @ 0674 – 2531977, e-mail : sptc.hed2017@gmail.com**

Sd/-
Dr. Partha Sarathi Mishra, IAS
**Addl. Secretary to Government**

11001/11/0001/1920

# ନଜରରେ ୫ ପଦାର୍ପଣକାରୀ

ମେ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେଉଛି ଆଇସିସି ବିଶ୍ୱକପର ଦ୍ୱାଦଶ ସଂସ୍କରଣ। କ୍ରିକେଟ ଜ୍ୱରରେ ଏବେ କ୍ରୀଡ଼ା ଜଗତ। ମେଗା ଇଭେଣ୍ଟ କ୍ରମେ ପାଖେଇ ଆସିଥିବାବେଳେ ଦଳ ଗୁଡ଼ିକ ୱାର୍ମଅପ୍ ମ୍ୟାଚ ଖେଳି ନିଜକୁ ପରଖି ନେଉଛନ୍ତି। କ୍ରିକେଟ ମହାକୁମ୍ଭକୁ ନେଇ ଆରମ୍ଭ ହୋଇଯାଇଛି କଳ୍ପନା ଜଳ୍ପନା। କିଏ ଜିତିବ ବିଶ୍ୱକପ, କିଏ ହେବ ଶ୍ରେଷ୍ଠ ଖେଳାଳି, ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଥିବାବେଳେ ଅଂଶଗ୍ରହଣକାରୀ ୧୦ଟି ଯାକ ଦଳ ଟକ୍କର ଦେବାକୁ ପ୍ରସ୍ତୁତ। ଏଥର ଅନେକ ଖେଳାଳି ପ୍ରଥମଥରପାଇଁ ବିଶ୍ୱକପ ଖେଳିବାକୁ ଯାଉଛନ୍ତି। ସେମାନଙ୍କ ମଧ୍ୟରୁ ଚର୍ଚ୍ଚିତ ୫ ଖେଳାଳିଙ୍କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା...




## ଇମାମ ଉଲ୍ ହକ୍(ପାକିସ୍ତାନ)

ପାକିସ୍ତାନର ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଇଞ୍ଜାମାମ-ଉଲ୍-ହକ୍‌ଙ୍କ ପୁତୁରା ହେଲେ ଇମାମ-ଉଲ-ହକ୍। ଆସନ୍ତା ବିଶ୍ୱକପରେ ନିଜକୁ ପ୍ରମାଣିତ କରିବା ପାଇଁ ଇମାମ ଚାପରେ ରହିବେ ବୋଲି କେହି ଅନୁମାନ କରୁଥାଇ ପାରନ୍ତି, ମାତ୍ର ନିଜର ସଂକ୍ଷିପ୍ତ ଅନ୍ତର୍ଜାତୀୟ କ୍ୟାରିୟରରେ ତାଙ୍କ ବ୍ୟାଟ୍ ଏପରି କଥା କହିଛି ଯେ ସେ ଚୂଡ଼ାନ୍ତ ଏକାଦଶରେ ସ୍ଥାନପାଇବାର ହକ୍‌ଦାର ହୋଇ ଯାଇଛନ୍ତି। ଏପର୍ଯ୍ୟନ୍ତ ୨୮ଟି ଏକଦିବସୀୟ ଖେଳିଥିବା ଇମାମ ୬୦.୩ ଆଭରେଜରେ ୧୩୫୭ ରନ ସଂଗ୍ରହ କରି ସାରିଛନ୍ତି। ଏହା ମଧ୍ୟରେ ସେ ୬ ଶତକ ଓ ୫ ଅର୍ଦ୍ଧଶତକ ସାମିଲ। ନିକଟରେ ଇଂଲଣ୍ଡ ବିପକ୍ଷ ଏକ ମ୍ୟାଚରେ ସେ ୧୫୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିଥିଲେ। ଏ କ୍ଷେତ୍ରରେ ସେ ସର୍ବକନିଷ୍ଠ ଖେଳାଳିଭାବେ କୌଣସି ଏକଦିବସୀୟରେ ୧୫୦ରୁ ଊର୍ଦ୍ଧ୍ୱ ରନ କରିବାରେ କପିଳ ଦେବଙ୍କ ୩୬ ବର୍ଷର ରେକର୍ଡକୁ ଭାଙ୍ଗିଥିଲେ। ୨୩ ବର୍ଷ ୧୫୩ ଦିନରେ ସେ ଏହି କୃତିତ୍ୱ ଅର୍ଜନ କରିଥିଲେ। ପୂର୍ବରୁ କପିଳ ଦେବ ୨୪ ବର୍ଷର ହୋଇଥିବାବେଳେ ୧୯୮୩ ବିଶ୍ୱକପରେ ଜିମ୍ବାୱେ ବିପକ୍ଷରେ ୧୭୫ ରନରେ ଅପରାଜିତ ରହି ରେକର୍ଡର ଅଧିକାରୀ ଥିଲେ।

## ଯଶପ୍ରୀତ ବୁମ୍‌ରା(ଭାରତ)

୨୦୧୧ରେ ଭାରତ ଆଇସିସି ବିଶ୍ୱକପ ଜିତିବା ପଛରେ ଜାହିର ଖାଁଙ୍କ ଅଭିଜ୍ଞତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଆଗାମୀ ବିଶ୍ୱକପରେ ପାୱାରପ୍ଲେ ଓ ଡେଥ୍ ଓଭରରେ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ଅଧିନାୟକ ବିରାଟ କୋହଲି ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ଉପରେ ଅନେକ ପରିମାଣରେ ନିର୍ଭର କରିବେ। ସାମ୍ପ୍ରତିକ ସମୟରେ ବୁମ୍‌ରା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବୋଲର ବୋଲି ଅନେକ କ୍ରିକେଟ ପଣ୍ଡିତ ମତ ଦେଇ ସାରିଛନ୍ତି। ଇଂଲଣ୍ଡର ବ୍ୟାଟିଂ ଫ୍ରେଣ୍ଡଲୀ ପିଚ୍‌ରେ ମଧ୍ୟ ବୁମ୍‌ରା ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ଆଶା ପୋଷଣ କରାଯାଉଛି। ଇଂଲଣ୍ଡ ପିଚ୍ ବୋଲରଙ୍କ ପାଇଁ ଦୁଃସ୍ୱପ୍ନ ହେବା ଆଶଙ୍କା କରାଯାଉଥିବାବେଳେ ବୁମ୍‌ରାଙ୍କ ସ୍ୱତନ୍ତ୍ର ଆକ୍ସନ, ସ୍ଲୋ ବଲ୍‌ରେ ମିକ୍ସ ୟର୍କର ପକାଇବାର ଦକ୍ଷତା ଏବଂ ପରଫେକ୍ଟ ବାଉନ୍ସର ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ଅସୁବିଧାରେ ପକାଇପାରେ। ୨୦୧୯ ଆଇସିସି ବିଶ୍ୱକପରେ ବ୍ରେକ୍ ଥ୍ରୁ ଆବଶ୍ୟକ ସମୟରେ କୋହଲି ଓ କୋଚ୍ ରବି ଶାସ୍ତ୍ରୀ ବୁମ୍‌ରାଙ୍କୁ ବ୍ୟବହାର କରିବାର ଯଥେଷ୍ଟ ସମ୍ଭାବନା ରହିଛି। ୪୯ଟି ଏକଦିବସୀୟ ଖେଳି ସାରିଥିବା ବୁମ୍‌ରା ୨୫୦୫ ବଲ୍ ବୋଲିଂ କରି ୧୮୮୩ ରନ ବ୍ୟୟ ସହ ୮୫ଟି ଉଇକେଟ ନେଇ ସାରିଛନ୍ତି। ୫/୨୭ ହେଉଛି ତାଙ୍କର ଶ୍ରେଷ୍ଠ ବୋଲିଂ। ତାଙ୍କ ଆଭରେଜ ହେଉଛି ୨୨.୧୫ ଓ ଇକୋନୋମି ହାର ୪.୫୧। ସେ ୪ ଥର ୪ ଉଇକେଟ ଓ ଥରେ ୫ ଉଇକେଟ ହାସଲ କରି ସାରିଛନ୍ତି।




## ଆଡାମ ଜାମ୍ପା(ଅଷ୍ଟ୍ରେଲିଆ)

ବାଳକ ସୁଲଭ ଚେହେରା ଏବଂ ରାଉଣ୍ଡ-ଆର୍ମ ଲେଗ୍-ବ୍ରେକ୍ ପାଇଁ ଆଡାମ ଜାମ୍ପା ବିଶେଷ ପରିଚିତ। ତାଙ୍କ ବୋଲିଂ ଆକ୍ସନକୁ କିମ୍ବଦନ୍ତୀ ସ୍ପିନର ଶେନ ୱର୍ନଙ୍କ ସହିତ ତୁଳନା କରାଯାଏ। ଏକଦିବସୀୟ କ୍ରିକେଟରେ ବିଶେଷ ଅଭିଜ୍ଞତା ନ ଥିଲେ ହେଁ ପୁରୁଣା ସ୍କୁଲ ଟେକ୍ନିକ ତାଙ୍କୁ ସହାୟକ ହୋଇପାରିଛି। ନିକଟ ଅତୀତରେ ସେ ଲେଗ୍-ବ୍ରେକ୍ ଓ ଗୁଗ୍ଲି ମାଧ୍ୟମରେ ସେ ବିରାଟ କୋହଲିଙ୍କୁ ମଧ୍ୟ ଅସୁବିଧାରେ ପକାଇଛନ୍ତି। ତେଣୁ ଅଷ୍ଟ୍ରେଲିଆ ଟାଇଟଲ ବଜାୟ ରଖିବାକୁ ହେଲେ ଜାମ୍ପାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ପଡ଼ିବ। ଇଂଲଣ୍ଡର ବ୍ୟାଟିଂ ଫ୍ରେଣ୍ଡଲୀ ପିଚ୍‌ରେ ଫିଙ୍ଗର ସ୍ପିନରମାନେ ବିଶେଷ ସଫଳତା ପାଇବା ଆଶା କମ୍ ରହିଛି। ୨୦୧୭ ଆଇସିସି ଚାମ୍ପିୟନ୍ସଟ୍ରଫି ପରଠାରୁ ଏହା ପରିଲକ୍ଷିତ ହୋଇଛି। ଅଷ୍ଟ୍ରେଲିଆ ଦଳର ସେ ଏକମାତ୍ର ରିଷ୍ଟ ସ୍ପିନର ହୋଇଥିବାରୁ ତାଙ୍କୁ ଅତିରିକ୍ତ ଦାୟିତ୍ୱ ନେବାକୁ ପଡ଼ିବ। ଅଷ୍ଟ୍ରେଲିଆ ପକ୍ଷରୁ ୪୪ଟି ଏକଦିବସୀୟ ଖେଳିଥିବା ଜାମ୍ପା ୨୨୮୨ ବଲ୍ ବୋଲିଂ କରି ୨୧୨୭ ରନ ଦେଇ ୬୦ଟି ଉଇକେଟ ନେଇଛନ୍ତି। ଥରେ ସେ ୪ ଉଇକେଟ ସଫଳତା ପାଇଛନ୍ତି ଏବଂ ତାଙ୍କର ଶ୍ରେଷ୍ଠ ବୋଲିଂ ସଫଳତା ହେଉଛି ୪/୪୩।

## ରଶିଦ ଖାଁ(ଆଫଗାନିସ୍ତାନ)

୨୦୧୯ ଆଇସିସି ବିଶ୍ୱକପ ପାଇଁ ଆଫଗାନିସ୍ତାନକୁ ଯୋଗ୍ୟତା ଦେବାରେ ରଶିଦ ଖାଁ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଏଥର ଏହି ମେଗା ଇଭେଣ୍ଟରେ ମାତ୍ର ୧୦ ଦଳ ଅଂଶଗ୍ରହଣ କରୁଥିଲେ ହେଁ ତା' ମଧ୍ୟରେ ଆଫଗାନିସ୍ତାନ ରହି ପାରିଛି। ଆଫଗାନିସ୍ତାନର ଏହି ସଫଳତା ପ୍ରସଙ୍ଗ ଉଠିଲେ ରଶିଦଙ୍କ ନାଁ ସ୍ୱତଃ ଆସେ। ତାଙ୍କ ଉଇକେଟ ନେବାର ଦକ୍ଷତା ଆଫଗାନିସ୍ତାନକୁ ଉଚ୍ଚସ୍ତରରେ ପହଞ୍ଚାଇ ପାରିଛି। ଅନ୍ତର୍ଜାତୀୟ କ୍ରିକେଟରେ ଯେତେ ଦେଶ କ୍ରିକେଟ ଖେଳୁଛନ୍ତି ସବୁଠି ରଶିଦଙ୍କୁ ନେଇ ଚର୍ଚ୍ଚା। କୁଇକ୍ ଲେଗ୍-ବ୍ରେକ୍ ପାଇଁ ସେ ବିଶ୍ୱ କ୍ରିକେଟରେ ବିଶେଷ କରି ଟି୨୦ ଲିଗ୍‌ରେ ବିଶେଷ ସଫଳ ହୋଇ ପାରିଛନ୍ତି। ଆଇସିସି ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ସେ ଇମ୍ରାନ ତାହିର ଓ କାଗିଶୋ ରାବାଡ଼ାଙ୍କ ପରି ବୋଲରଙ୍କୁ ପଛରେ ପକାଇ ୩ୟ ସ୍ଥାନ ହାସଲ କରିଛନ୍ତି। ଏହା ନିକଟ ଅତୀତରେ ତାଙ୍କ ପ୍ରଦର୍ଶନର ପ୍ରମାଣ ଦିଏ। ଆଫଗାନିସ୍ତାନ ସେମିଫାଇନାଲକୁ ଯିବ ବୋଲି ହୁଏତ ଅଳ୍ପକିଛି ଲୋକ ବିଶ୍ୱାସ କରୁଥିବେ, ମାତ୍ର ଏହି ଦଳ ଯେ ବିପର୍ଯ୍ୟୟ ସୃଷ୍ଟି କରିବାକୁ ସକ୍ଷମ ଏହାକୁ କେହି ଅସ୍ୱୀକାର କରି ପାରିବେ ନାହିଁ। ରଶିଦ କ୍ୟାରିୟରରେ ୫୮ଟି ଏକଦିବସୀୟ ମ୍ୟାଚ ଖେଳି ୨୮୯୩ ବଲ୍ ବୋଲିଂ କରିବା ସହ ୧୮୬୮ ରନ ଦେଇ ୧୨୫ଟି ଉଇକେଟ ନେଇ ସାରିଛନ୍ତି। ୭/୧୮ ତାଙ୍କର ଶ୍ରେଷ୍ଠ ବୋଲିଂ ସଫଳତା। ସେ ୪ ଥର ୪ ଉଇକେଟ ଏବଂ ୪ ଥର ୫ ଉଇକେଟ ସଫଳତା ପାଇ ସାରିଛନ୍ତି। କେବଳ ବୋଲିଂ ନୁହେଁ ଲୋୟର ଅର୍ଡରେ ଉପଯୋଗୀ ବ୍ୟାଟିଂ କରିବାର ଦକ୍ଷତା ମଧ୍ୟ ତାଙ୍କ ନିକଟରେ ରହିଛି। ସେ ୨୩.୪୭ ଆଭରେଜରେ ୭୯୮ ରନ ସଂଗ୍ରହ କରି ସାରିଛନ୍ତି। ୬୦* ତାଙ୍କର ସର୍ବାଧିକ ସ୍କୋର। ୪ଟି ଅର୍ଦ୍ଧଶତକ ହାସଲ କରି ସେ ନିଜ ବ୍ୟାଟିଂ ଦକ୍ଷତାର ପ୍ରମାଣ ଦେଇଛନ୍ତି।




## ବେନ୍ ଷ୍ଟୋକ୍ସ(ଇଂଲଣ୍ଡ)

ଅନ୍ତର୍ଜାତୀୟ କ୍ରିକେଟରେ ଜଣେ ସ୍ୱାଭାବିକ ଅଲରାଉଣ୍ଡରଭାବେ ପରିଚିତ ବେନ୍ ଷ୍ଟୋକ୍ସ ଇଂଲଣ୍ଡ ବ୍ୟାଟିଂ ଲାଇନ୍‌ଅପ୍‌ର ଲୋୟର ଅର୍ଡରରେ ଜଣେ ଧୁରୀଣ ବ୍ୟାଟ୍ସମ୍ୟାନ। ସେ ଘଣ୍ଟାକୁ ୧୪୦ କିଲୋମିଟର ବେଗରେ ବୋଲିଂ କରିବାର ଦକ୍ଷତା ରଖିବା ସହ ଜଣେ ଉତ୍ତମ ଫିଲ୍ଡର ମଧ୍ୟ। ଇଂଲଣ୍ଡକୁ ୨୦୧୯ ଆଇସିସି ବିଶ୍ୱକପ ଟାଇଟଲ ଫେଭରାଇଟ କୁହାଯିବା ପଛରେ ଷ୍ଟୋକ୍ସଙ୍କ ଉପସ୍ଥିତି ଅନେକ ପରିମାଣରେ ଦାୟୀ। ମିଡଲ୍ ଓଭର ଗୁଡ଼ିକରେ ସେ ଜଣେ ଉପଯୋଗୀ ବୋଲର। ଏହା ବ୍ୟତୀତ ଘଡ଼ିସନ୍ଧି ମୁହୂର୍ତ୍ତରେ ନିଜ ବୋଲିଂ ମାଧ୍ୟମରେ ଦଳକୁ ବ୍ରେକ୍ ଥ୍ରୁ ଦେବା କିମ୍ବା ଦର୍ଶନୀୟ କ୍ୟାଚ ନେଇ କିମ୍ବା ରନଆଉଟ କରି ସେ ଖେଳର ମୋଡ଼ ବଦଳାଇଦେବାକୁ ସକ୍ଷମ। ନିକଟରେ ପାକିସ୍ତାନ ବିପକ୍ଷ ଏକ ମ୍ୟାଚରେ ୩୪୦ ରନ ଟାର୍ଗେଟ ସତ୍ତ୍ୱେ ଇଂଲଣ୍ଡକୁ ସିରିଜ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ତୁଲାଇଥିଲେ। ୮୪ଟି ଏକଦିବସୀୟ ଅନ୍ତର୍ଜାତୀୟ ଖେଳି ସାରିଥିବା ଷ୍ଟୋକ୍ସ ୭୧ଟି ଇନିଂସରେ ବ୍ୟାଟିଂ କରି ୩୭.୫୭ ଆଭରେଜରେ ୨୨୧୭ ରନ ସଂଗ୍ରହ କରି ସାରିଛନ୍ତି। ୧୦୨*ତାଙ୍କ ସର୍ବାଧିକ ସ୍କୋର। ସେ ୩ ଶତକ ଓ ୧୫ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହା ବ୍ୟତୀତ ସେ ୨୬୦୭ ବଲ୍ ବୋଲିଂ କରି ୨୬୭୪ ରନ ବ୍ୟୟ କରିବା ସହ ୬୩ଟି ଉଇକେଟ ହାସଲ କରିଛନ୍ତି। ୫/୬୧ ତାଙ୍କର ଶ୍ରେଷ୍ଠ ବୋଲିଂ ସଫଳତା। ସେ ଥରେ ୪ ଓ ଥରେ ୫ ଉଇକେଟ ସଫଳତା ପାଇଛନ୍ତି।







## କାର୍ଯ୍ୟସୂଚୀ

| ତାରିଖ | ଦଳ | ସ୍ଥାନ | ସମୟ |
|---|---|---|---|
| ମେ ୩୦ | ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ଲଣ୍ଡନ | ଅପରାହ୍ନ ୩ଟା |
| ମେ ୩୧ | ୱେଷ୍ଟଇଣ୍ଡିଜ ବନାମ ପାକିସ୍ତାନ | ନଟିଂହାମ | ଅପରାହ୍ନ ୩ଟା |
| ଜୁନ ୧ | ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା | କାର୍ଡିଫ | ଅପରାହ୍ନ ୩ଟା |
| | ଆଫଗାନିସ୍ତାନ ବନାମ ଅଷ୍ଟ୍ରେଲିଆ | ବ୍ରିଷ୍ଟଲ | ସନ୍ଧ୍ୟା ୬ଟା |
| ଜୁନ ୨ | ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ | ଲଣ୍ଡନ | ଅପରାହ୍ନ ୩ଟା |
| ଜୁନ ୩ | ଇଂଲଣ୍ଡ ବନାମ ପାକିସ୍ତାନ | ନଟିଂହାମ | ଅପରାହ୍ନ ୩ଟା |
| ଜୁନ ୪ | ଆଫଗାନିସ୍ତାନ ବନାମ ଶ୍ରୀଲଙ୍କା | କାର୍ଡିଫ | ଅପରାହ୍ନ ୩ଟା |
| **ଜୁନ ୫** | **ଭାରତ ବନାମ ଦକ୍ଷିଣ ଆଫ୍ରିକା** | **ସାଉଥମ୍ପଟନ** | **ଅପରାହ୍ନ ୩ଟା** |
| | ବାଂଲାଦେଶ ବନାମ ନ୍ୟୁଜିଲାଣ୍ଡ | ଲଣ୍ଡନ | ଅପରାହ୍ନ ୩ଟା |
| ଜୁନ ୬ | ଅଷ୍ଟ୍ରେଲିଆ ବନାମ ୱେଷ୍ଟଇଣ୍ଡିଜ | ନଟିଂହାମ | ଅପରାହ୍ନ ୩ଟା |
| ଜୁନ ୭ | ପାକିସ୍ତାନ ବନାମ ଶ୍ରୀଲଙ୍କା | ବ୍ରିଷ୍ଟଲ | ଅପରାହ୍ନ ୩ଟା |
| ଜୁନ ୮ | ଇଂଲଣ୍ଡ ବନାମ ବାଂଲାଦେଶ | କାର୍ଡିଫ | ଅପରାହ୍ନ ୩ଟା |
| | ଆଫଗାନିସ୍ତାନ ବନାମ ନ୍ୟୁଜିଲାଣ୍ଡ | ଟନ୍‌ଟନ୍ | ସନ୍ଧ୍ୟା ୬ଟା |
| **ଜୁନ୯** | **ଭାରତ ବନାମ ଅଷ୍ଟ୍ରେଲିଆ** | **ଲଣ୍ଡନ** | **ଅପରାହ୍ନ ୩ଟା** |
| ଜୁନ ୧୦ | ଦକ୍ଷିଣ ଆଫ୍ରିକା ବନାମ ୱେଷ୍ଟଇଣ୍ଡିଜ | ସାଉଥମ୍ପଟନ | ଅପରାହ୍ନ ୩ଟା |
| ଜୁନ ୧୧ | ବାଂଲାଦେଶ ବନାମ ଶ୍ରୀଲଙ୍କା | ବ୍ରିଷ୍ଟଲ | ଅପରାହ୍ନ ୩ଟା |
| ଜୁନ ୧୨ | ଅଷ୍ଟ୍ରେଲିଆ ବନାମ ପାକିସ୍ତାନ | ଟନ୍‌ଟନ୍ | ଅପରାହ୍ନ ୩ଟା |
| **ଜୁନ ୧୩** | **ଭାରତ ବନାମ ନ୍ୟୁଜିଲାଣ୍ଡ** | **ନଟିଂହାମ** | **ଅପରାହ୍ନ ୩ଟା** |
| ଜୁନ ୧୪ | ଇଂଲଣ୍ଡ ବନାମ ୱେଷ୍ଟଇଣ୍ଡିଜ | ସାଉଥମ୍ପଟନ | ଅପରାହ୍ନ ୩ଟା |
| ଜୁନ ୧୫ | ଶ୍ରୀଲଙ୍କା ବନାମ ଅଷ୍ଟ୍ରେଲିଆ | ଲଣ୍ଡନ | ଅପରାହ୍ନ ୩ଟା |
| | ଦକ୍ଷିଣ ଆଫ୍ରିକା ବନାମ ଆଫଗାନିସ୍ତାନ | କାର୍ଡିଫ | ସନ୍ଧ୍ୟା ୬ଟା |
| **ଜୁନ୍ ୧୬** | **ଭାରତ ବନାମ ପାକିସ୍ତାନ** | **ମାଞ୍ଚେଷ୍ଟର** | **ଅପରାହ୍ନ ୩ଟା** |
| ଜୁନ ୧୭ | ୱେଷ୍ଟଇଣ୍ଡିଜ ବନାମ ବାଂଲାଦେଶ | ଟନ୍‌ଟନ୍ | ଅପରାହ୍ନ ୩ଟା |
| ଜୁନ ୧୮ | ଇଂଲଣ୍ଡ ବନାମ ଆଫଗାନିସ୍ତାନ | ମାଞ୍ଚେଷ୍ଟର | ଅପରାହ୍ନ ୩ଟା |
| ଜୁନ ୧୯ | ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ବର୍ମିଂହାମ | ଅପରାହ୍ନ ୩ଟା |
| ଜୁନ ୨୦ | ଅଷ୍ଟ୍ରେଲିଆ ବନାମ ବାଂଲାଦେଶ | ନଟିଂହାମ | ଅପରାହ୍ନ ୩ଟା |
| ଜୁନ ୨୧ | ଇଂଲଣ୍ଡ ବନାମ ଶ୍ରୀଲଙ୍କା | ଲିଡ୍ସ | ଅପରାହ୍ନ ୩ଟା |
| **ଜୁନ ୨୨** | **ଭାରତ ବନାମ ଆଫଗାନିସ୍ତାନ** | **ସାଉଥମ୍ପଟନ** | **ଅପରାହ୍ନ ୩ଟା** |
| | ୱେଷ୍ଟଇଣ୍ଡିଜ ବନାମ ନ୍ୟୁଜିଲାଣ୍ଡ | ମାଞ୍ଚେଷ୍ଟର | ସନ୍ଧ୍ୟା ୬ଟା |
| ଜୁନ ୨୩ | ପାକିସ୍ତାନ ବନାମ ଦକ୍ଷିଣ ଆଫ୍ରିକା | ଲଣ୍ଡନ | ଅପରାହ୍ନ ୩ଟା |
| ଜୁନ ୨୪ | ବାଂଲାଦେଶ ବନାମ ଆଫଗାନିସ୍ତାନ | ସାଉଥମ୍ପଟନ | ଅପରାହ୍ନ ୩ଟା |
| ଜୁନ ୨୫ | ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ | ଲଣ୍ଡନ | ଅପରାହ୍ନ ୩ଟା |
| ଜୁନ ୨୬ | ନ୍ୟୁଜିଲାଣ୍ଡ ବନାମ ପାକିସ୍ତାନ | ବର୍ମିଂହାମ୍ | ଅପରାହ୍ନ ୩ଟା |
| **ଜୁନ ୨୭** | **ଭାରତ ବନାମ ୱେଷ୍ଟଇଣ୍ଡିଜ** | **ମାଞ୍ଚେଷ୍ଟର** | **ଅପରାହ୍ନ ୩ଟା** |
| ଜୁନ ୨୮ | ଶ୍ରୀଲଙ୍କା ବନାମ ଦକ୍ଷିଣ ଆଫ୍ରିକା | ଚେଷ୍ଟର-ଲୀ-ଷ୍ଟ୍ରିଟ୍ | ଅପରାହ୍ନ ୩ଟା |
| ଜୁନ ୨୯ | ପାକିସ୍ତାନ ବନାମ ଆଫଗାନିସ୍ତାନ | ଲିଡ୍ସ | ଅପରାହ୍ନ ୩ଟା |
| | ନ୍ୟୁଜିଲାଣ୍ଡ ବନାମ ଅଷ୍ଟ୍ରେଲିଆ | ଲଣ୍ଡନ | ସନ୍ଧ୍ୟା ୬ଟା |
| **ଜୁନ ୩୦** | **ଭାରତ ବନାମ ଇଂଲଣ୍ଡ** | **ବର୍ମିଂହାମ** | **ଅପରାହ୍ନ ୩ଟା** |
| ଜୁଲାଇ ୧ | ଶ୍ରୀଲଙ୍କା ବନାମ ୱେଷ୍ଟଇଣ୍ଡିଜ | ଚେଷ୍ଟର-ଲୀ-ଷ୍ଟ୍ରିଟ୍ | ଅପରାହ୍ନ ୩ଟା |
| **ଜୁଲାଇ ୨** | **ଭାରତ ବନାମ ବାଂଲାଦେଶ** | **ବର୍ମିଂହାମ** | **ଅପରାହ୍ନ ୩ଟା** |
| ଜୁଲାଇ ୩ | ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ | ଚେଷ୍ଟର-ଲୀ-ଷ୍ଟ୍ରିଟ | ଅପରାହ୍ନ ୩ଟା |
| ଜୁଲାଇ ୪ | ଆଫଗାନିସ୍ତାନ ବନାମ ୱେଷ୍ଟଇଣ୍ଡିଜ | ଲିଡ୍ସ | ଅପରାହ୍ନ ୩ଟା |
| ଜୁଲାଇ ୫ | ପାକିସ୍ତାନ ବନାମ ବାଂଲାଦେଶ | ଲଣ୍ଡନ | ଅପରାହ୍ନ ୩ଟା |
| **ଜୁଲାଇ ୬** | **ଭାରତ ବନାମ ଶ୍ରୀଲଙ୍କା** | **ଲିଡ୍ସ** | **ଅପରାହ୍ନ ୩ଟା** |
| | ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା | ମାଞ୍ଚେଷ୍ଟର | ସନ୍ଧ୍ୟା ୬ଟା |
| ଜୁଲାଇ ୯ | ପ୍ରଥମ ସେମିଫାଇନାଲ | ମାଞ୍ଚେଷ୍ଟର | ଅପରାହ୍ନ ୩ଟା |
| ଜୁଲାଇ ୧୧ | ଦ୍ୱିତୀୟ ସେମିଫାଇନାଲ | ବର୍ମିଂହାମ | ଅପରାହ୍ନ ୩ଟା |
| ଜୁଲାଇ ୧୪ | ଫାଇନାଲ | ଲର୍ଡ୍ସ, ଲଣ୍ଡନ | ଅପରାହ୍ନ ୩ଟା |

# ୪ ଖେଳାଳି ଆହତ, ଫିଲ୍ଡିଂ କଲେ କୋଚ୍

**ସାଉଥାମ୍ପଟନ, ୨୫।୫(ପି.ଟି.)**

ଦୀର୍ଘ ୮ ବର୍ଷ ପୂର୍ବେ କ୍ରିକେଟରୁ ସନ୍ନ୍ୟାସ ନେଇଥିବା ଇଂଲଣ୍ଡର ପ୍ରାକ୍ତନ ଅଧିନାୟକ ତଥା ବର୍ତ୍ତମାନ ସହାୟକ କୋଚ୍ ଦାୟିତ୍ୱ ତୁଲାଉଥିବା ପଲ୍ କଲିଂଉଡ୍‌ଙ୍କୁ ଶନିବାର ବାଧ୍ୟତାମୂଳକ ଭାବେ ଫିଲ୍ଡିଂ ପାଇଁ ପଡ଼ିଆକୁ ଓହ୍ଲାଇବାକୁ ପଡ଼ିଛି। ଆଇସିସି ବିଶ୍ୱକପ୍ ପୂର୍ବରୁ ସ୍ଥାନୀୟ ରୋଜ୍ ବାଉଲ୍ ଗ୍ରାଉଣ୍ଡରେ ଘରୋଇ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ୱାର୍ମଅପ୍ ମ୍ୟାଚ୍ ଅବସରରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା। ଇଂଲଣ୍ଡ ଦଳର ୪ ଜଣ ଖେଳାଳିଙ୍କୁ ଆଘାତ ଲାଗିବାରୁ ଶେଷରେ ଦଳର ଫିଲ୍ଡିଂ କୋଚ୍ ୪୨ ବର୍ଷୀୟ କଲିଂଉଡ୍‌ଙ୍କୁ ଜର୍ସି ପିନ୍ଧି ବଦଳ ଖେଳାଳିଭାବେ ପଡ଼ିଆରେ ଫିଲ୍ଡିଂ କରିବାକୁ ପଡ଼ିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ଅଷ୍ଟ୍ରେଲିଆ ବ୍ୟାଟିଂ କରିଥିଲା। ନିଜର ୪ର୍ଥ ଓଭର ବୋଲିଂ କରୁଥିବାବେଳେ ମାର୍କ ଉଡ୍ ଆହତ ହୋଇଥିଲେ। ତାଙ୍କ ମାଂସପେଶୀ ଟାଣି ହୋଇଯିବାରୁ ସେ ପଡ଼ିଆ ଛାଡ଼ି ଚାଲି ଯାଇଥିବାବେଳେ ତାଙ୍କ ବଦଳରେ ଜୋଫ୍ରା ଆର୍ଚର ବଦଳ ଖେଳାଳି ଭାବେ ଆସିଥିଲେ। ତେବେ ସେ ମଧ୍ୟ ବାଉଣ୍ଡରୀ ଲାଇନ୍‌ରେ ଫିଲ୍ଡିଂ କରୁଥିବା ସମୟରେ ଆଘାତପ୍ରାପ୍ତ ହୋଇଥିଲେ। ଫଳରେ ଶେଷରେ ୨୦୧୦ ଟି୨୦ ବିଶ୍ୱକପ୍ ବିଜୟୀ ଅଧିନାୟକ ତଥା ଦଳର ଫିଲ୍ଡିଂ କୋଚ୍ କଲିଂଉଡ୍ ପଡ଼ିଆକୁ ଓହ୍ଲାଇଥିଲେ। ସେ ଉଡ୍‌ଙ୍କ ଜର୍ସିକୁ ପରିଧାନ କରି ତାଙ୍କର ଫେଭରାଇଟ୍ ପଏଣ୍ଟ ସମେତ ଅନ୍ୟ ସ୍ଥାନରେ ମଧ୍ୟ ଫିଲ୍ଡିଂ କରିଥିଲେ। ୪୨ ବର୍ଷ ବୟସରେ କଲିଂଉଡ୍‌ଙ୍କ ଫିଟ୍‌ନେସ ସେଠାରେ ଉପସ୍ଥିତ ଥିବା ଦର୍ଶକଙ୍କୁ ଚକିତ କରିଥିଲା। ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ଲାଗି ବିଶ୍ରାମ ନେବାକୁ ଘୋଷଣା କରିଥିବା ଜୋ ରୁଟ୍ ମଧ୍ୟ ଶେଷରେ ଫିଲ୍ଡିଂ କରିଥିଲେ। ଅଧିନାୟକ ଇଅନ ମୋର୍ଗାନ ଆଙ୍ଗୁଠିରେ ଆଘାତ କାରଣରୁ ଏହି ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ। ସେହିଭଳି ଲେଗ୍-ସ୍ପିନର ଆଦିଲ ରଶିଦ ମଧ୍ୟ ନେଟ୍ସରେ ବୋଲିଂ କରୁଥିବାବେଳେ କହୁଣିରେ ଆଘାତ ପାଇଥିଲେ। କଲିଂଉଡ୍ ଇଂଲଣ୍ଡ ପକ୍ଷରୁ ୨୦୦୧ରୁ ୨୦୧୧ ମଧ୍ୟରେ ୧୯୭ ଦିନିକିଆ ଖେଳି ୫ ହଜାର ରନ୍ ଓ ୧୧୧ ଉଇକେଟ୍ ଅକ୍ତିଆର କରିଛନ୍ତି। ସେହିଭଳି ୬୮ ଟେଷ୍ଟ ଓ ୩୬ ଟି୨୦ରେ ମଧ୍ୟ ସେ ଜାତୀୟ ଦଳ ପକ୍ଷରୁ ଖେଳିଛନ୍ତି।



ଫିଲ୍ଡିଂ ଅବସରରେ ପଲ୍ କଲିଂଉଡ୍।




## ସଂକ୍ଷେପରେ

### ମେସିଙ୍କୁ ୟୁରୋପର ଗୋଲ୍ଡେନ ବୁଟ୍

**ବାର୍ସିଲୋନା,୨୫।୫:** ଆର୍ଜେଣ୍ଟିନା ଷ୍ଟାର ଲିଓନେଲ ମେସି ଚଳିତ ସିଜନରେ ୟୁରୋପର ସମସ୍ତ ଲିଗ୍‌ରେ ସର୍ବାଧିକ ସଂଖ୍ୟକ ଗୋଲକରି ଗୋଲ୍ଡେନ ବୁଟ୍ ହାତେଇଛନ୍ତି। କ୍ରମାଗତ ୩ୟ ଥର ପାଇଁ ଏହି ସମ୍ମାନ ହାସଲ କରିବାରେ ସେ ପ୍ରଥମ ଖେଳାଳି। ୟୁରୋପ ସର୍ବାଧିକ ଗୋଲ କରିବାରେ ମେସିଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି କାଇଲିନ ଏମ୍‌ବାପେ। ବିଶ୍ୱକପ୍ ଚାମ୍ପିୟନ ଫ୍ରାନ୍ସ ଖେଳାଳିଙ୍କୁ ଅନ୍ତିମ ମ୍ୟାଚ୍‌ରେ ୪ ଗୋଲ ସ୍କୋର କରିବାର ଦରକାର ଥିଲା। ହେଲେ ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) କ୍ଲବ ପାଇଁ ଖେଳୁଥିବା ଏମ୍‌ବାପେ ବିଫଳ ହୋଇଥିଲେ। ମେସି ୩୬ ଗୋଲ କରିଥିବାବେଳେ ଏମ୍‌ବାପେ ୩୩ ସ୍କୋର କରିବାକୁ ସକ୍ଷମ ହୋଇଥିଲେ। ଆର୍ଜେଣ୍ଟିନା ଖେଳାଳିଙ୍କ ଜବରଦସ୍ତ ପ୍ରଦର୍ଶନ ବଳରେ ବାର୍ସିଲୋନା ଗତମାସରେ ଲା ଲିଗା ଟାଇଟଲ ହାତେଇଥିଲା। ମୁଁ ପୁରସ୍କାର ସମ୍ପର୍କରେ ଚିନ୍ତା କରୁନାହିଁ। ଆମେ ଏବେ ମଧ ଲିଭରପୁଲଠାରୁ ମିଳିଥିବା ପରାଜୟ ନେଇ ଦୁଃଖିତ। ବ୍ୟକ୍ତିଗତ ସଫଳତା ନେଇ ଉତ୍ସାହିତ ନୁହେଁ ବୋଲି ମେସି କହିଛନ୍ତି।

### ଭାରତ ବିପକ୍ଷ ମ୍ୟାଚ୍ ପରେ ମଧ ଖେଳାଳିଙ୍କ ସହ ରହିପାରିବେ ସ୍ତ୍ରୀ

**ଲାହୋର,୨୫।୫:** ଇଂଲଣ୍ଡର ମାଞ୍ଚେଷ୍ଟରଠାରେ ଜୁନ୍ ୧୬ ତାରିଖରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ଏହି ହାଇଭୋଲ୍‌ଟେଜ ମ୍ୟାଚ୍ ପରେ ମଧ ପାକିସ୍ତାନ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ସ୍ତ୍ରୀଙ୍କ ସହ ରହିପାରିବେ। ଏ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ କୁହାଯାଇଛି। ପୂର୍ବରୁ ଦଳର କେବଳ ଦୁଇଜଣ ଖେଳାଳି ହାରିସ ସୋହେଲ ଓ ଅସିଫ ଅଲିଙ୍କୁ ପତ୍ନୀଙ୍କ ସହ ରହିବାକୁ ଅନୁମତି ଦିଆଯାଇଥିଲା। ନିକଟରେ ଅସିଫଙ୍କ କର୍କଟରେ ପୀଡ଼ିତ ଝିଅର ମୃତ୍ୟୁ ହୋଇଥିଲା। ଏଭଳି ସମୟରେ ସେ ପତ୍ନୀ ସାଙ୍ଗରେ ରହିବା ଦରକାର ଥିବା ଅନୁଭବ କରି ପିସିବି ଏଭଳି ନିଷ୍ପତ୍ତି ନେଇଥିଲା। ସେହିଭଳି ପାରିବାରିକ ସମସ୍ୟା ଯୋଗୁ ହାରିସଙ୍କୁ ମଧ ଅନୁମତି ମିଳିଥିଲା। ତେବେ ଏହି ପ୍ରଥା ଅନ୍ୟ ଦଳଗୁଡ଼ିକ କାର୍ଯ୍ୟକାରୀ କରୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ପିସିବି କର୍ମକର୍ତ୍ତା କହିଛନ୍ତି।

### ଫ୍ରେଞ୍ଚ ଓପନ୍‌ରୁ ଓହରିଲେ କିର୍ଗିଓସ

**ପ୍ୟାରିସ୍,୨୫।୫:** ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ୍ ଟୁର୍ନାମେଣ୍ଟରୁ ନିକି କିର୍ଗିଓସ ଓହରି ଯାଇଛନ୍ତି। ଅନ୍ୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ସହ ତୁଳନା କରି ଫ୍ରେଞ୍ଚ ଓପନ୍‌କୁ ବେକାର କହିବା ପରେ ଏଭଳି ନିଷ୍ପତ୍ତି ନେଇଛନ୍ତି। ସେ ପ୍ରଥମ ରାଉଣ୍ଡରେ କାମେରନ ନୋରିଙ୍କୁ ଭେଟିବାର କାର୍ଯ୍ୟସୂଚୀ ଥିଲା। କିନ୍ତୁ ଅଷ୍ଟ୍ରେଲିଆନ ଖେଳାଳି ସ୍ୱାସ୍ଥ୍ୟଜନିତ ସମସ୍ୟା ଯୋଗୁ ଅଂଶଗ୍ରହଣ କରିବେ ନାହିଁ ବୋଲି ସେ ସୂଚନା ଦେଇଛନ୍ତି। ଏହି ନିଷ୍ପତ୍ତି ପୂର୍ବରୁ କ୍ଲେ କୋର୍ଟ ଟୁର୍ନାମେଣ୍ଟକୁ ସୋସିଆଲ ମିଡିଆରେ ସମାଲୋଚନା କରିବା ସହ କହିଥିଲେ, ମୋ ମତରେ ୱିମ୍ବେଲଡନ ଓପନ ବିଶ୍ୱର ଶ୍ରେଷ୍ଠ ଟେନିସ୍ ଟୁର୍ନାମେଣ୍ଟ।

# ପ୍ରଥମ ପରୀକ୍ଷାରେ ଭାରତ ବିଫଳ

**ଲଣ୍ଡନ, ୨୫।୫**

ଆଇସିସି ବିଶ୍ୱକପର ଅନ୍ୟତମ ଟାଇଟଲ ଦାବିଦାର ଭାରତ କିନ୍ତୁ ଇଂଲଣ୍ଡ ଗସ୍ତର ପ୍ରଥମ ପରୀକ୍ଷାରେ ବିଫଳ ହୋଇଛି। ବିଶ୍ୱକପ ଆରମ୍ଭ ହେବାପାଇଁ ଆଉ ମାତ୍ର ୩ ଦିନ ବାକିଥିବାବେଳେ ଶନିବାର ଅନୁଷ୍ଠିତ ୱାର୍ମଅପ୍ ମ୍ୟାଚରେ ନ୍ୟୁଜିଲାଣ୍ଡ ନିକଟରୁ ପରାଜିତ ହୋଇଛି। ଫଳରେ ଅସଲ




ପରୀକ୍ଷା ପୂର୍ବରୁ ଝୁଣ୍ଟିଛି ବିରାଟ କୋହଲିଙ୍କ ଟିମ୍ ଇଣ୍ଡିଆ। କେନିଂଟନ ଓଭାଲ ପିଚ୍‌ରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଦଳର ପ୍ରଦର୍ଶନ ଫିକା ରହିଥିବାବେଳେ ନିଜକୁ ସଜାଡ଼ି ନେବାପାଇଁ ପରୋକ୍ଷ ଚେତାବନୀ ପାଇଛି। ନ୍ୟୁଜିଲାଣ୍ଡ ବୋଲରଙ୍କୁ ସଫଳ ମୁକାବିଲା କରି ନ ପାରି ଭାରତ ମାତ୍ର ୧୭୯ ରନରେ ସୀମିତ ରହିଥିବାବେଳେ ବିଜୟ ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ୩୭.୧ ଓଭରରେ ମାତ୍ର ୪ ଉଇକେଟ ହରାଇ ହାସଲ କରିନେଇଛି।


ଅଭ୍ୟାସ ମ୍ୟାଚ୍‌ରେ ୪ ଉଇକେଟ ନେଇଥିବା ଟ୍ରେଣ୍ଟ ବୋଲ୍ଟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଭାରତ। ମାତ୍ର ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ବିରାଟ କୋହଲିଙ୍କ ଦଳ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ରୋହିତ ଶର୍ମା ୨, ଶିଖର ଧାୱନ ୨, ଲୋକେଶ ରାହୁଲ ୬ ରନ କରି ଆଉଟ ହେବାରୁ ୫.୩ ଓଭରରେ ଭାରତ ସ୍କୋର ୨୪/୩ ହୋଇ ଯାଇଥିଲା। ଅଧିନାୟକ ବିରାଟ ଭଲ ଆରମ୍ଭ କରିଥିଲେ ହେଁ ୨୪ ବଲ୍‌ରୁ ୧୮ (୩ ଚୌକା) ରନ କରି କଲିନ୍ ଡି ଗ୍ରାଣ୍ଡହୋମ୍‌ଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା କିଛି ସମୟ ନ୍ୟୁଜିଲାଣ୍ଡ ବୋଲରଙ୍କୁ ମୁକାବିଲାରେ ସଫଳ ହୋଇଥିଲେ। ତେବେ ସେ ୩୭ ବଲ୍‌ରୁ ୬ ଚୌକା ସହ ୩୦ ରନ କରିଥିବାବେଳେ ଜେମ୍ସ ନିଶାମଙ୍କ ବଲ୍‌ରେ ଟମ୍ ବ୍ଲୁନ୍‌ଡେଲ୍‌ଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଦୀନେଶ କାର୍ତ୍ତିକ ୪ ଓ ନିର୍ଭରଯୋଗ୍ୟ ମହେନ୍ଦ୍ର ସିଂ ଧୋନୀ ୧୭ ରନ କରି ଆଉଟ ହେବାରୁ ୯୧ ରନ ମଧ୍ୟରେ ଭାରତ ୭ ଉଇକେଟ ହରାଇ ଲଜ୍ଜାଜନକ ପରିସ୍ଥିତିରେ ପଡ଼ିଥିଲା। ମାତ୍ର ଶେଷଭାଗରେ ରବୀନ୍ଦ୍ର ଜାଡେଜାଙ୍କ ଲଢ଼ୁଆ ଇନିଂସ ଭାରତର ସମ୍ମାନ ରଖିଥିଲା। ସେ ୫୦ ବଲ୍‌ରୁ ୬ ଚୌକା ଓ ୨ ଛକା ସହାୟତାରେ ୫୪ ରନ କରିଥିଲେ। ଭାରତ ଇନିଂସ ୩୯.୨ ଓଭରରେ ଶେଷ ହୋଇ ଯାଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ୪ଟି, ନିଶାମ ୩ଟି ଏବଂ ଟିମ୍ ସୌଦୀ, ଗ୍ରାଣ୍ଡହୋମ ଓ ଲୋକି ଫର୍ଗୁସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ନ୍ୟୁଜିଲାଣ୍ଡ ୩୭ ରନ ମଧ୍ୟରେ ୨ ଓପନର କଲିନ୍ ମୁନ୍‌ରୋ (୪) ଓ ମାର୍ଟିନ ଗୁପ୍‌ଟିଲ (୨୨)ଙ୍କ ଉଇକେଟ ହରାଇଥିଲେ ହେଁ ଅଧିନାୟକ କେନ୍ ୱିଲିୟମସନ ଓ ରସ୍ ଟେଲରଙ୍କ ଅର୍ଦ୍ଧଶତକ ସହାୟତାରେ ବିଜୟ ପଥରେ ଅଗ୍ରସର ହୋଇଥିଲା। ୱିଲିୟମସନ ୮୭ ବଲ୍‌ର ୬ ଚୌକା ଓ ୧ ଛକା ସହ ୬୭ ଓ ଟେଲର ୭୫ ବଲ୍‌ରୁ ୮ ଚୌକା ସହ ୭୧ ରନ କରି ନ୍ୟୁଜିଲାଣ୍ଡ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ହେନରି ନିକୋଲାସ ୧୫ ରନରେ ଅପରାଜିତ ରହି ଔପଚାରିକତା ପୂରଣ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା, ୟୁଜବେନ୍ଦ୍ର ଚହଲ ଓ ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

- ଭାରତ ୩୯.୨ ଓଭରରେ ୧୭୯/ଅଲଆଉଟ(ଜାଡେଜା-୫୪, ହାର୍ଦ୍ଦିକ-୩୦, ବୋଲ୍ଟ-୪/୩୩, ନିଶାମ-୩/୨୬, ସୌଦୀ-୧/୨୬, ଗ୍ରାଣ୍ଡହୋମ-୧/୧୨, ଫର୍ଗୁସନ-୧/୩୩)।
- ନ୍ୟୁଜିଲାଣ୍ଡ ୩୭.୧ ଓଭରରେ ୧୮୦/୪(ଟେଲର-୭୧, ୱିଲିୟମସନ-୬୭, ବୁମ୍‌ରା-୧/୨, ହାର୍ଦ୍ଦିକ-୧/୨୬, ଚହଲ-୧/୩୭, ଜାଡେଜା-୧/୨୭)।

ଟିମ୍ ଇଣ୍ଡିଆକୁ ଆଶ୍ୱସ୍ତି

## ବିଜୟଙ୍କ ଆହତ ଗୁରୁତର ନୁହେଁ



**ଲଣ୍ଡନ,୨୫।୫:** ଭାରତୀୟ ଦଳକୁ ଶନିବାର ବଡ଼ ଆଶ୍ୱସ୍ତି ମିଳିଛି। ଭାରତୀୟ ଅଲ୍‌ରାଉଣ୍ଡର ବିଜୟ ଶଙ୍କରଙ୍କ ଆହତ ସମସ୍ୟା ଗୁରୁତର ନୁହେଁ। ତାଙ୍କ ରିଷ୍ଟର ସ୍କାନ କରାଯିବା ପରେ ଫ୍ୟାକ୍‌ଚର ହୋଇ ନ ଥିବା ଜଣାପଡ଼ିଛି। ହେଲେ ଆହତ ସମସ୍ୟା ଯୋଗୁ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ୱାର୍ମଅପ୍ ମ୍ୟାଚ୍‌ରେ ସେ ଖେଳିପାରିନାହାନ୍ତି। ସେ ଏବେ ଲଣ୍ଡନରେ ବିଶ୍ରାମ ନେଉଛନ୍ତି। ବ୍ୟାଟିଂ ପ୍ରାକ୍ଟିସ ବେଳେ ଖଲିଲ ଅହମ୍ମଦଙ୍କ ଏକ ଶର୍ଟ ପିଚ୍ ବଲ ଶଙ୍କରଙ୍କ ରିଷ୍ଟରେ ବାଜିଥିଲା। ଯନ୍ତ୍ରଣା ହେବା ପରେ ସେ ଆଉ ଅଭ୍ୟାସରେ ଅଂଶଗ୍ରହଣ କରି ନ ଥିଲେ। ସେ ବିସିସିଆଇର ମେଡିକାଲ ଟିମ୍ ତତ୍ତ୍ୱାବଧାନରେ ସୁସ୍ଥ ହେଉଛନ୍ତି। ଉଲ୍ଲେଖଥାଉ କି, ଶଙ୍କର ଭାରତୀୟ ଦଳର ୪ର୍ଥ କ୍ରମରେ ବ୍ୟାଟିଂ କରିବା ଲାଗି ପ୍ରଥମ ପସନ୍ଦ। ସେ ୨୮ ତାରିଖରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ୱାର୍ମଅପ୍ ମ୍ୟାଚ୍‌ରେ ଖେଳିବା ନେଇ ଆଶା କରାଯାଉଛି।


ଜଗତପୁରଠାରେ ଆରମ୍ଭ ହୋଇଥିବା ଏମ୍‌ଏସ୍ ଧୋନୀ କୋଚିଂ କ୍ଲିନିକ୍‌ରେ ପିଲାମାନଙ୍କୁ ଟିପ୍ସ ଦିଆଯାଉଛି।

## ଏମ୍‌ଏସ୍ ଧୋନୀ କୋଚିଂ କ୍ଲିନିକ ଆରମ୍ଭ

**କଟକ ଅଫିସ, ୨୫।୫:** ଏମ୍‌ଏସ୍ ଧୋନୀ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ନିମପୁର କ୍ରିକେଟ ଗ୍ରାଉଣ୍ଡରେ ଶନିବାରଠାରୁ ଆରମ୍ଭ ହୋଇଛି କ୍ରିକେଟ କୋଚିଂ କ୍ଲିନିକ । ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଶିବିରରେ ମୋଟ ୧୦୨ଜଣ ପ୍ରଶିକ୍ଷାର୍ଥୀ ବିଭିନ୍ନ ବୟସ ବର୍ଗରେ ପ୍ରଶିକ୍ଷଣ ନେଉଛନ୍ତି । ଏଥି ମଧ୍ୟରେ ହାଇଦ୍ରାବାଦର ଦୁଇଜଣ ପ୍ରଶିକ୍ଷାର୍ଥୀ ମଧ ରହିଛନ୍ତି । ଏକାଡେମୀର ମୁଖ୍ୟ କୋଚ୍ ତଥା ଏନସିଏର ଲେଭଲ-୩ ଯୋଗ୍ୟତା ପ୍ରାପ୍ତ କୋଚ୍ ସୁଦୀପ ମିତ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଚାଲିଛି । ଆଇସିସିର ଲେଭଲ-୨ କୋଚ୍ କପୁର ଚାନ୍ଦ ଅଗ୍ରୱାଲ, ଏନ୍‌ସିଏର ଲେଭଲ-ଏ କୋଚ୍ ଅଭିଜିତ ଥଣ୍ଡର ଓ ସନ୍ଦୀପ ଦାସ ମଧ ଅଛନ୍ତି। ସୂଚନାଥାଉକି, ଏମ୍‌ଏସ୍ ଧୋନୀ କ୍ରିକେଟ ଏକାଡେମୀ ଅର୍କ ସ୍ପୋର୍ଟସ‌ର ଏକ ଅନୁଷ୍ଠାନ। ଧୋନୀଙ୍କ ବାଲ୍ୟବନ୍ଧୁ ମିହିର ଦିୱାକର ହେଉଛନ୍ତି ଅର୍କ ସ୍ପୋର୍ଟସ‌ର ପ୍ରତିଷ୍ଠାତା । ମିହିର ଭାରତୀୟ ୧୯ବର୍ଷରୁ କମ ବିଶ୍ୱକପ ବିଜେତା ଦଳର ଖେଳାଳି ମଧ ଥିଲେ । ଧୋନୀଙ୍କ ପରାମର୍ଶରେ ଉକ୍ତ ଏକାଡେମୀ ଚାଲିଛି । କ୍ଲିନିକ ନିମନ୍ତେ ପଞ୍ଜୀକରଣ ଶୁଳ୍କ ୫ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି । ୨୨ବର୍ଷରୁ କମ୍ ବୟସର ଖେଳାଳିମାନଙ୍କୁ କେବଳ ପ୍ରଶିକ୍ଷଣ ଦିଆଯାଉଛି । ଶନିବାର ସମସ୍ତ ଟ୍ରେନିଂର ଭିଡ଼ିଓ ରେକର୍ଡିଂ କରାଯାଇଥିବା ଜଣାପଡ଼ିଛି । ରବିବାର ଦିନ ଭିଡ଼ିଓ ଆନାଲିସିସ ମାଧ୍ୟମରେ ଖେଳାଳିମାନଙ୍କ କେଉଁଠାରେ ତ୍ରୁଟି ରହୁଛି ତାହା ଶିବିରାର୍ଥୀଙ୍କୁ ଶିକ୍ଷା ଦିଆଯିବ । ଏହାଛଡ଼ା ସମସ୍ତ ପ୍ରଶିକ୍ଷାର୍ଥୀଙ୍କ ନିମନ୍ତେ ସ୍ୱତନ୍ତ୍ର ଫିଜିକାଲ ଫିଟନେସ ଓ ଡାଏଟ ପ୍ଲାନ ଯୋଗାଇ ଦିଆଯିବାର ଯୋଜନା ରହିଛି ।

## ୱାର୍ନର, ସ୍ମିଥ୍‌ଙ୍କୁ ଦର୍ଶକଙ୍କ ପରିହାସ

**ସାଉଥାମ୍ପଟନ (ୟୁକେ), ୨୫।୫ (ପି.ଟି.):** ବିଶ୍ୱକପ୍ ପୂର୍ବରୁ ଶନିବାର ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ଏକ ୱାର୍ମଅପ୍ ମ୍ୟାଚ୍‌ରେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଡେଭିଡ ୱାର୍ନର ଏବଂ ଷ୍ଟିଭ ସ୍ମିଥ୍‌ଙ୍କୁ ଦର୍ଶକଙ୍କଠାରୁ ଅଢ଼ାର ପରିହାସର ସମ୍ମୁଖୀନ ହେବାକୁ ପଡ଼ିଛି। ଦକ୍ଷିଣ ଆଫ୍ରିକାରେ ଏକ ଟେଷ୍ଟ ମ୍ୟାଚବେଳେ ବଲ୍ ଟ୍ୟାମ୍ପରିଂ ସ୍କାଣ୍ଡାଲରେ ସମ୍ପୃକ୍ତିକୁ ଏକ ବର୍ଷ ଧରି ବାସନ୍ଦ ଦଣ୍ଡ ଭୋଗିବା ପରେ ଚଳିତ ମାସ ପ୍ରାରମ୍ଭରେ ୱାର୍ନର ଓ ସ୍ମିଥ୍ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉଭୟଙ୍କ ବାସନ୍ଦ ଦଣ୍ଡ ମିଆଦ ମାର୍ଚ୍ଚ ୨୯ରେ ଶେଷ ହୋଇଛି। ୱାର୍ମଅପ୍ ମ୍ୟାଚରେ ଟସ୍ ହାରି ଅଷ୍ଟ୍ରେଲିଆକୁ ପ୍ରଥମେ ବ୍ୟାଟିଂ କରିବାକୁ ପଡ଼ିଥିଲା। ଓପନିଂ ବ୍ୟାଟ୍ସମ୍ୟାନ ୱାର୍ନର ଅଧିନାୟକ ଆରୋନ ଫିଞ୍ଚଙ୍କ ସହିତ ପ୍ରଥମେ ବ୍ୟାଟିଂ କରିବାକୁ ଆସୁଥିବାବେଳେ ଦର୍ଶକଙ୍କ ଆଡୁ ନାନା ଟାହୁଲି ଟାପରା ଶୁଣିବାକୁ ମିଳିଥିଲା। ''ଗେଟ୍ ଅଫ୍ ୱାର୍ନର ୟୁ ଚିଟ୍' ବୋଲି ଜଣେ ଦର୍ଶକ କହୁଥିବା ଶୁଣିବାକୁ ମିଳିଥିଲା। ୱାର୍ନର ୪୩ ରନ କରି ଆଉଟ ହୋଇଥିଲେ। ୧୭ତମ ଓଭରରେ ଅଷ୍ଟ୍ରେଲିଆ ୨ ଉଇକେଟ ବିନିମୟରେ ୮୨ ରନ କରିଥିବାବେଳେ ସ୍ମିଥ୍ ଯେତେବେଳେ ବ୍ୟାଟିଂ କରିବାକୁ ଆସିଲେ, ସେତେବେଳେ ଦର୍ଶକଙ୍କଠାରୁ ଅଧିକ ଟିପ୍ପଣୀ ଶୁଣିବାକୁ ମିଳିଥିଲା। ସ୍ମିଥ୍ ବ୍ୟାଟିଂ କରିବାକୁ ଆସୁଥିବାବେଳେ କେତେଜଣ ତାଙ୍କୁ ''ଚିଟ୍,ଚିଟ୍, ଚିଟ୍'' ବୋଲି କହିଥିଲେ। ତେବେ ସେ ସମୟରେ ଜଣେ ଅଷ୍ଟ୍ରେଲୀୟ ସମର୍ଥକ ''ଗେଟ୍ 'ଏମ୍ ଷ୍ଟିଭ୍!'' ବୋଲି କହି ସ୍ମିଥ୍‌ଙ୍କୁ ଉତ୍ସାହିତ କରିବାକୁ ଚେଷ୍ଟା କରୁଥିବା ଲକ୍ଷ୍ୟ କରାଯାଇଥିଲା। କିନ୍ତୁ ସ୍ମିଥ୍ ଅର୍ଦ୍ଧ ଶତକ ହାସଲ କରିବା ମାତ୍ରେ ତାଙ୍କ ପ୍ରତି ଆକ୍ଷେପମୂଳକ ଟିପ୍ପଣୀ କମ୍ ଶୁଣାଯାଇଥିଲା ଏବଂ ବ୍ୟାଟିଂ ପାଇଁ ସାବାସୀ ଶୁଣିବାକୁ ମିଳିଥିଲା। ମ୍ୟାଚରେ ସ୍ମିଥ୍‌ଙ୍କ ୧୧୬ ରନ ବଳରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟରେ ୨୯୭ ରନ କରିଥିଲା।

# ପଞ୍ଚାଲ, ଈଶ୍ୱରନଙ୍କ ଶତକ

**ବେଲାଗାଭି, ୨୫।୫ (ପି.ଟି.)**

ଶ୍ରୀଲଙ୍କା ଏ' ବିପକ୍ଷ ପ୍ରଥମ ଅନ୍‌ଅଫସିଆଲ ଟେଷ୍ଟ ମ୍ୟାଚରେ ଓପନର ପ୍ରିୟାଙ୍କ ପଞ୍ଚାଲ ଏବଂ ଅଭିମନ୍ୟୁ ଈଶ୍ୱରନଙ୍କ ଶତକ ସହାୟତାରେ ଭାରତ ଶନିବାର ଖେଳ ଶେଷ ସୁଦ୍ଧା ୧ଉଇକେଟ ବିନିମୟରେ ୩୭୬ ରନ କରିଛି। ପ୍ରଥମ ଦିବସ ଖେଳ ଷ୍ଟମ୍ପ ଅପସାରଣ ବେଳକୁ ଈଶ୍ୱରନ ୨୫୦ ବଲ୍‌ରୁ ୧୭ ଚୌକା ସହ ୧୮୯ ରନ ଏବଂ ଜୟନ୍ତ ଯାଦବ

**ଭାରତ ଏ'-୩୭୬/୧**

୬ ରନ କରି ଅପରାଜିତ ରହିଥିଲେ। ପଞ୍ଚାଲ (୨୬୧ ବଲ୍‌ରୁ ୧୬୦ ରନ) ଏବଂ ଈଶ୍ୱରନ ଓପନିଂ ଉଇକେଟ ପାର୍ଟନରଶିପ୍‌ରେ ୩୫୨ ରନ ଯୋଗ କରିଥିଲେ। ବେଲାଗାଭି ହେଉଛି ପଞ୍ଚାଲଙ୍କ ହାପି ହଣ୍ଟିଂ ଗ୍ରାଉଣ୍ଡ। ଏଠାରେ ସେ ତାଙ୍କର ଦ୍ୱିତୀୟ ଶତକ ହାସଲ କରିପାରିଛନ୍ତି। ୨୦୧୬ ଡିସେମ୍ବରରେ ତାମିଲନାଡୁ ବିପକ୍ଷ ରଣଜୀ ମ୍ୟାଚରେ ସେ ୧୧୩ ରନ କରିଥିଲେ। ଏକ ରଣଜୀ ସିଜନରେ ୧୦୦୦ ରନ ସଂଗ୍ରହ କରିବାରେ ପଞ୍ଚାଲ ହେଉଛନ୍ତି ଗୁଜରାଟର ପ୍ରଥମ ବ୍ୟାଟ୍ସମ୍ୟାନ। ପଞ୍ଚାଲ ତାଙ୍କ ୨୬୧ ବଲ୍‌ର ଆକର୍ଷଣୀୟ ଇନିଂସରେ ୨ ଛକା ଏବଂ ୯ ଚୌକା ଲଗାଇଥିଲେ। ଭାରତ ଏ' ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେବା ପରେ ପଞ୍ଚାଲ ଓ ଈଶ୍ୱରନ ମଧ୍ୟାହ୍ନଭୋଜନ ସୁଦ୍ଧା ବିନା କୌଣସି ଉଇକେଟରେ ୧୧୩ ରନ ଯୋଗ କରିଥିଲେ। ମଧ୍ୟାହ୍ନଭୋଜନର ପରବର୍ତ୍ତୀ ସେସନରେ ଉଭୟ ଓପନର ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିବା ସହ କୌଣସି ଉଇକେଟ ନ ହରାଇ ଆହୁରି ୧୨୫ ରନ ଯୋଗ କରିଥିଲେ। ଚା' ପାନ ବିରତି ବେଳକୁ ଉଭୟ ପଞ୍ଚାଲ ଓ ଈଶ୍ୱରନ ଶତକ ହାସଲ କରି ସାରିଥିଲେ ଏବଂ ଯଥାକ୍ରମେ ୧୦୧ ଓ ୧୨୫ ରନ କରି ଅପରାଜିତ ରହିଥିଲେ। ଏହି ଓପନର ଦ୍ୱୟଙ୍କ ଉପରେ ପ୍ରଭାବ ଜାହିର କରିବାରେ ଶ୍ରୀଲଙ୍କା ବୋଲରମାନେ ବିଫଳ ହୋଇଥିଲେ। ତେବେ ପଞ୍ଚାଲ ବିଶ୍ୱ ଫର୍ନାଣ୍ଡୋଙ୍କ ଦ୍ୱାରା ନିରୋଶାନ ଡିକ୍‌ୱେଲାଙ୍କ ଦ୍ୱାରା କ୍ୟାଚ ଆଉଟ୍ ହୋଇଥିଲେ।


ଶତକ ହାସଲକାରୀ ଅଭିମନ୍ୟୁ ଈଶ୍ୱରନ୍।




# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଏରସମା,୨୫।୫(ସ୍ୱ.ପ୍ର.):** ଏରସମା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଭୁଜାଲି ଦେଖାଇ ଭୟଭୀତ କରିବା ସହ ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗତ ୮ମାସ ତଳେ ଖୁରାଣ୍ଟର ସମ୍ପୃକ୍ତ ଯୁବକ ଜଣଙ୍କ ୮ ମାସ ତଳେ ନାବାଳିକା (୧୫)ଙ୍କ ଗ୍ରାମର ନିଜ ବନ୍ଧୁଙ୍କ ଘରକୁ ଯାଇଥିଲେ। ସେଠାରେ ନାବାଳିକାଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଘରେ କେହି ନ ଥିବାବେଳେ ସେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏଥିସହ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ଭୁଜାଲି ଦେଖାଇ ଭୟଭୀତ କରାଇଥିଲେ। ତେଣୁ ନାବାଳିକା ଜଣଙ୍କ ଏ ସମ୍ପର୍କରେ କାହାକୁ କିଛି କହି ନ ଥିଲେ। ପରେ ଅନେକ ଥର ଅଭିଯୁକ୍ତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣଙ୍କ ୮ ମାସ ଗର୍ଭବତୀ ହେବା ପରେ ଘଟଣା ପଦାକୁ ଆସିଥିଲା। ପରିବାର ଲୋକେ ଶୁକ୍ରବାର ରାତିରେ ଏରସମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଶନିବାର ନାବାଳିକାଙ୍କ ଡାକ୍ତରୀ ମାଇନା କରଯିବା ସହ ବୟାନ ରେକର୍ଡ କରାଯାଇଥିବା ଜଣାପଡିଛି।

# ସ୍ତ୍ରୀଙ୍କୁ କଟୁରିରେ ଆକ୍ରମଣ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ,୨୫।୫:** ଶନିବାର ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଅତାମଲାରେ ମମତା ମାଝୀ ନାମକ ମହିଳାଙ୍କୁ ତାଙ୍କ ସ୍ୱାମୀ ଶାରଦା ମାଝୀ କଟୁରୀରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୋଲିସ ଏନେଇ ମାମଲା ସଂଖ୍ୟା ୧୮୩/୧୯ ରୁଜୁ କରି ତଦନ୍ତ ଚଳାଇଛି। ମମତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ଶାରଦା କାମଧନ୍ଦା ନ କରି ବଜାରରେ ବୁଲୁଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ପରିବାର କଥା ନ ବୁଝି ବେକାର ହୋଇ ବୁଲାବୁଲି କରୁଥିବା କଥା ପଚାରିବାରୁ ଶାରଦା କ୍ରୋଧାନ୍ୱିତ ହୋଇ ଆକ୍ରମଣ କରିଥିଲେ। ସେ ତଳେ ପଡି ଯାଇଥିଲେ। ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ବୋଲି ମମତା ଅଭିଯୋଗରେ ଦର୍ଶାଇଛନ୍ତି।

# ଦୁର୍ଘଟଣାରେ ବୃଦ୍ଧ ଗୁରୁତର

**ଏରସମା,୨୫।୫(ସ୍ୱ.ପ୍ର.)**

ଏରସମା ବ୍ଲକ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ତଳଙ୍ଗ ଗ୍ରାମର ଜଣେ ବୃଦ୍ଧ ଶନିବାର ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଫକୀର ସାହୁ। ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଚାଲି ଚାଲି ଯାଉଥିବାବେଳେ କଲେଜ ପଟୁ ଆସୁଥିବା ଏକ ବାଇକ ତାଙ୍କୁ ଧକ୍କା ଦେବାରୁ ସେ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ତୁରନ୍ତ ତାଙ୍କୁ ଏରସମା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା।

# ବଜ୍ରପାତରେ ଜଳିଗଲା ଏକାଧିକ ଘର

**ପାରାଦୀପ,୨୫।୫(ସ୍ୱ.ପ୍ର.)**

ପାରାଦୀପ ଉପକଣ୍ଠ ତଥା ଏସାର ଷ୍ଟିଲ୍ କାରଖାନା ସଂଲଗ୍ନ ହାଣ୍ଡିଆ ଗ୍ରାମରେ ଶନିବାର ରାତିରେ ବଜ୍ରପାତ ଯୋଗୁ ଅଗ୍ନିକାଣ୍ଡ ଘଟିଛି। ରାତି ପ୍ରାୟ ୮.୩୦ରେ ବଜ୍ରପାତ ଘଟି ଏକାଧିକ ଘର ଓ ବାଉଁଶବୁଦା ଜଳିଯାଇଛି। ସୂଚନା ଅନୁଯାୟୀ, ରାତିରେ କାଳବୈଶାଖି ଜନିତ ବର୍ଷା ଓ ବଜ୍ରପାତ ହୋଇଥିଲା। ଗ୍ରାମର ୱାର୍ଡସଭ୍ୟ ମନୁଆ ସ୍ୱାଇଁଙ୍କ ଘର ଉପରେ ବଜ୍ରପାତ ହୋଇ ନିଆଁ ଲାଗିଯାଇଥିଲା। ବର୍ଷା ଘଡଘଡି ଯୋଗୁ ଲୋକେ ଘରୁ ବାହାରିବାରେ ଅସୁବିଧା ହୋଇଥିଲା। ନିଆଁକୁ ଆୟତ୍ତ କରିବା ପାଇଁ କୁଜଙ୍ଗ ଦମକଳ ବାହିନୀ ଓ ସ୍ଥାନୀୟ ଶିଳ୍ପ ସଂସ୍ଥାର ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା ଅଗ୍ନିକାଣ୍ଡରେ ମୃତାହତଙ୍କ ସମ୍ପର୍କରେ କିଛି ସୂଚନା ମିଳିପାରିନାହିଁ।

ଭାରତୀୟ ରିଜର୍ଭ ବ୍ୟାଙ୍କ
ଅଣ-ବ୍ୟାଙ୍କିଙ୍ଗ୍ ପର୍ଯ୍ୟବେକ୍ଷଣ ବିଭାଗ, ଭୁବନେଶ୍ୱର

ସାବଧାନ !!!
ଆପଣଙ୍କ କଷ୍ଟ ଅର୍ଜିତ ଧନର ବିନିଯୋଗ/ ଜମା କରିବା ପୂର୍ବରୁ ଚିନ୍ତା କରନ୍ତୁ!!!
ଲୋଭ ଦୁଃଖର କାରଣ

୧.ଆପଣଙ୍କ କଷ୍ଟଲବ୍ଧ ଧନକୁ କୌଣସି ସଂସ୍ଥାରେ ଜମା କରିବା ପୂର୍ବରୁ ଉକ୍ତ ସଂସ୍ଥା ଆର ବି ଆଇ/ସେବି/ଏନ୍ ଏଚ୍ ବି/ଆଇ ଆର ଡ଼ି ଏ ଆଇ/ରାଜ୍ୟ ସରକାରଙ୍କ ଅଧିନରେ ପଞ୍ଜିକୃତ ବୋଲି ସୁନିଶ୍ଚିତ କରନ୍ତୁ।

୨.ପ୍ରୋସେସିଂ ଫିଜ, ଟ୍ୟାକ୍ସ କିମ୍ବା ଅନ୍ୟାନ୍ୟ ଖର୍ଚ୍ଚ ନାମରେ ଟଙ୍କା ଜମା ପାଇଁ ଏସ୍ ଏମ୍ ଏସ୍/ଇ-ମେଲ୍/ଫୋନ କଲ୍ କିମ୍ବା ସୋସିଆଲ୍ ମିଡ଼ିଆ ଯେପରିକି ଫେସବୁକ୍, ହ୍ୱାଟ୍ସଆପ୍ ଇତ୍ୟାଦି ମାଧ୍ୟମରେ ଯଚା ଯାଉଥିବା ଉପହାର/ଲଟେରୀ ପ୍ରାଇଜ୍ ମନି/ଲୋନ୍ ଇତ୍ୟାଦି ପ୍ରତି ପ୍ରଲୋଭିତ/ଆକର୍ଷିତ ହୁଅନ୍ତୁ ନାହିଁ। ମନେରଖନ୍ତୁ, ଏହି ସବୁ ପ୍ରସ୍ତାବ କେବଳ ଠକାମି ଛଡ଼ା ଅନ୍ୟ କିଛି ନୁହେଁ।

୩.ଆର ବି ଆଇ/ଆଇ ଆର ଡ଼ି ଏ ଆଇ/ଆୟକର ବିଭାଗ ଇତ୍ୟାଦିର ନାମକୁ ବ୍ୟବହାର କରି ଟଙ୍କା ବିନିଯୋଗ କରିବା ଏବଂ ବୋନସ୍/ଅଧିକ ଲାଭ/ଅଧିକ ରିଟର୍ଣ୍ଣ/ଉପହାର ଇତ୍ୟାଦି ପ୍ରଦାନ କରିବା ପାଇଁ ଉତ୍ସାହିତ କରୁଥିବା ନକଲି ଫୋନ କଲ୍ ଏବଂ ଇ-ମେଲ୍ ଠାରୁ ସାବଧାନ ରୁହନ୍ତୁ।

୪.କୌଣସି କମ୍ପାନୀ ସଂଗୃହିତ ଜମାରାଶି ଉପରେ ବାର୍ଷିକ ୧୨.୫%ରୁ ଅଧିକ ସୁଧ ପ୍ରଦାନ କରି ପାରିବ ନାହିଁ। ଅଧିକ ସୁଧର ପ୍ରତିଶୃତି ମାନେ ହିଁ ଜାଣିବେ ଅଧିକ ବିପଦ।

୫.ବହୁ ରାଜ୍ୟ (ମଲ୍ଟି ଷ୍ଟେଟ୍) ସମବାୟ ସମିତି ଗୁଡ଼ିକ ଦ୍ୱାରା ଜନସାଧାରଣଙ୍କ ଠାରୁ ନାମମାତ୍ର ସଭ୍ୟ ଆଦିଙ୍କ ଠାରୁ ଜମା ଗ୍ରହଣ କରିବା ନିଷିଦ୍ଧ କରାଯାଇଛି।

ଦୁଃଖ ଭୋଗିବା ଅପେକ୍ଷା ନିରାପଦରେ ରହିବା ଭଲ।
ଅଧିକ ଜାଣିବା ପାଇଁ ଏହି ଟେଲିଫୋନ ନମ୍ବର ଅଥବା ଇ-ମେଲ୍‌ରେ ଯୋଗାଯୋଗ କରନ୍ତୁ।
ଭାରତୀୟ ରିଜର୍ଭ ବ୍ୟାଙ୍କ : 1800-345-7154
ଇ-ମେଲ୍: dnbsbhubaneswar@rbi.org.in
ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜନହିତରେ ଜାରୀ







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ଶତପଥୀ

# ବିଜୟ ସତ୍ତ୍ୱେ କମିଛି ବିଜେଡି ଭୋଟ ହାର

**ଯାଜପୁର ଜିଲ୍ଲା**

■ଭବିଷ୍ୟତ ପାଇଁ ସତର୍କ ଘଣ୍ଟି

■ମନ୍ତ୍ରୀପଦକୁ ନେଇ ଚର୍ଚ୍ଚା, ଆଗରେ ବବି, ଜିତୁ, ଡାନି

ଯାଜପୁର ଅଫିସ,୨୫।୫

ଯାଜପୁର ଜିଲାରେ ୨୦୧୯ ସାଧାରଣ ନିର୍ବାଚନରେ ୨୦୧୪ ଅପେକ୍ଷା ୧୩.୨୧ ପ୍ରତିଶତ ଭୋଟର ସଂଖ୍ୟା ବୃଦ୍ଧି ପାଇଛି। ଜିଲାର ସମସ୍ତ ୭ଟି ବିଧାନସଭା ଓ ଗୋଟିଏ ଲୋକ ସଭା ଆସନକୁ ବିଜେଡି ଅକ୍ତିଆର କରିଥିଲେ ସୁଦ୍ଧା ପୂର୍ବାପେକ୍ଷା ଭାଜପାର ଭୋଟ ହାର ଆଶାତୀତ ବୃଦ୍ଧି ପାଇଛି। ଯାହାକି ବିଜେଡି ପାଇଁ ସତର୍କ ଘଣ୍ଟି ସଦୃଶ। ବରୀ ଓ ବଡ଼ଚଣା ନିର୍ବାଚନମଣ୍ଡଳୀରେ ମାତ୍ର ୫ହଜାର ଭୋଟ ବ୍ୟବଧାନରେ ହାରଜିତ ହୋଇଛି। ଏହି ଦୃଷ୍ଟିରୁ ଆସନ୍ତା ୫ବର୍ଷ ପାଇଁ ବିଜେଡି ନେତା ଓ କର୍ମୀ ନିଶ୍ଚିତ ଭାବେ ଅଧିକ ଲୋକଭିମୁଖୀ ହେବେ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ଭାଜପା କର୍ମୀ ଓ ନେତା ତୃଣମୂଳସ୍ତରରେ ଠିକ୍ ଭାବେ ନ ପହଞ୍ଚି ପାରିଥିବାରୁ ଦଳ ପରାଜୟ ବରଣ କରିଛି ବୋଲି ସାଧାରଣରେ ଏବେ ଆଲୋଚନା ହେଉଛି। ଆସନ୍ତା ୨୯ତାରିଖରେ ବିଜେଡି ସରକାରର ନୂଆ ମନ୍ତ୍ରୀମଣ୍ଡଳ ଶପଥ ଗ୍ରହଣ କରିବାକୁ ଯାଉଥିବାବେଳେ ଯାଜପୁରର କେଉଁ ବିଧାୟକ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଉଛନ୍ତି ସେ ନେଇ ମଧ କଳ୍ପନାଜଳ୍ପନା ଆରମ୍ଭ ହୋଇଛି।

ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ଜିଲାରେ ଦ୍ୱିତୀୟ ଦଳ ଭାବେ ଉଭା ହେବା ପରଠାରୁ ବିଜେଡି ନିଜର ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଥିଲା। ବିଭିନ୍ନ ଲୋକହିତକର ଯୋଜନା ସମେତ ପଦଯାତ୍ରା କରି ଲୋକଙ୍କ ନିକଟତର ହୋଇ ପାରିଥିଲା। ଅପରପକ୍ଷେ ଅଧିକାଂଶ ଭାଜପା ନେତା ଓ କର୍ମୀ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାୱା ଉପରେ ଭରସା କରି ନିର୍ବାଚନୀ ବୈତରଣୀ ପାର ହେବାକୁ ଲକ୍ଷ୍ୟ ରଖିଥିଲେ। ଜିଲାରେ ହୋଇଥିବା ବିଭିନ୍ନ ଦୁର୍ନୀତି, ଅନିୟମିତତା, ଅବହେଳା, ସ୍ଥାନୀୟ ନିଯୁକ୍ତି ଆଦି ଉପରେ ଠିକ୍ ଭାବେ ପ୍ରତିବାଦ କରି ପାରି ନ ଥିଲେ। ଯାହାର ଫଳ ଭାଜପାକୁ ଭୋଗିବାକୁ ପଡ଼ିଛି ବୋଲି କୁହାଯାଉଛି। ତଥାପି ଜିଲାରେ ରହିଥିବା ଆଣ୍ଟି ଇନକମ୍ବେନ୍ସି ଯୋଗୁ ଭାଜପା ୪୦.୫ ପ୍ରତିଶତ ଭୋଟ ହାତେଇ ପାରିଛି। ଭୋଟ ଫଳାଫଳ ପରେ ଜିଲାର କେଉଁ ବିଧାୟକ ମନ୍ତ୍ରୀପଦ ଅଳଙ୍କୃତ କରିବେ ସେ ନେଇ ଆଲୋଚନା ଏବେଠୁ ଆରମ୍ଭ ହୋଇଯାଇଛି। ବିଜେଡି ରାଜ୍ୟ ରାଜନୀତିରେ ବିଭିନ୍ନ ସାଂଗଠନିକ କାର୍ଯ୍ୟ ବୁଝୁଥିବା ପ୍ରଣବ ପ୍ରକାଶ ଦାସ(ବବି)ଙ୍କୁ ମନ୍ତ୍ରୀପଦ ମିଳିପାରେ ବୋଲି ଆଶା କରାଯାଉଛି । ସେହିପରି ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ(ଡାନି), ଧର୍ମଶାଳା ବିଧାୟକ ପ୍ରଣବକୁମାର ବଳବନ୍ତରାୟ(ଜିତୁ)ଙ୍କ ନାଁ ମଧ ଆଲୋଚନା ହେଉଛି। ପୂର୍ବରୁ ମନ୍ତ୍ରୀପଦ ପାଇଥିବା ପ୍ରମିଳା ଓ ଅମରପ୍ରସାଦ ଶତପଥିଙ୍କ ନାମରେ ଦୁର୍ନୀତି ଅଭିଯୋଗ ଥିବାରୁ ସେମାନଙ୍କୁ ମିଳି ନ ପାରେ ବୋଲି ସନ୍ଦେହ କରାଯାଉଛି। ତଥାପି ବିଜେଡି ରାଜନୀତିରେ ସବୁ ସମ୍ଭବ ବୋଲି ମଧ ଲୋକେ କହୁଛନ୍ତି। ଏହି କ୍ରମରେ ବିଜେଡିର ଧର୍ମଶାଳା ଓ ଯାଜପୁରରେ ସର୍ବାଧିକ ପ୍ରତିଶତ ଭୋଟ ହ୍ରାସ ପାଇଥିବାବେଳେ ବିଞ୍ଝାରପୁରରେ ସାମାନ୍ୟ ଭୋଟ ପ୍ରତିଶତ ହ୍ରାସ ପାଇଛି। ୨୦୧୪ରେ ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ ମତଦାନର ୬୯.୧୪ ପ୍ରତିଶତ ଭୋଟ ହାତେଇଥିଲେ । କିନ୍ତୁ ଚଳିତ ନିର୍ବାଚନରେ ୬୦.୨୪ ପ୍ରତିଶତ ଭୋଟ ପାଇଛନ୍ତି। ସେହିପରି ଧର୍ମଶାଳା ବିଧାୟକ ପ୍ରଣବକୁମାର ବଳବନ୍ତରାୟ ୨୦୧୪ରେ ୬୮.୫୯ ପ୍ରତିଶତ ଭୋଟ ପାଇଥିବାବେଳେ ଚଳିତ ନିର୍ବାଚନରେ ୫୮.୬୧ ପ୍ରତିଶତ ଭୋଟ ପାଇଛନ୍ତି। କୋରେଇ ନିର୍ବାଚନମଣ୍ଡଳୀରେ ଆକାଶ ଦାସନାୟକ ୫୫.୭୧ପ୍ରତିଶତ ଭୋଟ ପାଇଛନ୍ତି। କିନ୍ତୁ ଚଳିତ ନିର୍ବାଚନରେ ବିଜେଡିର ଅଶୋକ ବଳ ୪୯.୬ ପ୍ରତିଶତ ଭୋଟ ପାଇଛନ୍ତି। ସେହିପରି ବିଞ୍ଝାରପୁରରେ ୨୦୧୪ରେ ବିଜେଡି ୫୭.୨୯ ଭୋଟ ପାଇଥିବାବେଳେ ଏବେ ୫୫.୧୮ ପ୍ରତିଶ ଭୋଟ ପାଇଛି। ତେବେ ଯାଜପୁର, ଧର୍ମଶାଳା, କୋରେଇ ଓ ବିଞ୍ଝାରପୁରକୁ ଛାଡ଼ିଦେଲେ ଅନ୍ୟ ୩ଟି ନିର୍ବାଚନମଣ୍ଡଳୀରେ ବିଜେଡିର ଭୋଟହାର ପୂର୍ବାପେକ୍ଷା କିଛିଟା ବୃଦ୍ଧି ପାଇଛି। ବରୀରେ ୪୪.୩୮ରୁ ୪୮.୨୮ ପ୍ରତିଶତ, ସୁକିନ୍ଦାରେ ୩୯.୬୩ ପ୍ରତିଶତରୁ ୪୮.୨ ପ୍ରତିଶତ ଏବଂ ବଡ଼ଚଣା ନିର୍ବାଚନମଣ୍ଡଳୀରେ ୪୨ପ୍ରତିଶତରୁ ୪୬.୬୪ପ୍ରତିଶତକୁ ବୃଦ୍ଧି ଘଟିଛି। ଚଳିତ ନିର୍ବାଚନରେ ବିଜେଡିର ଦୁର୍ବଳ ନେତୃତ୍ୱ ଓ ଠିକାଦାରୀ ରାଜନୀତି ଅନେକ ସ୍ଥାନରେ ସଚେତନ ଭୋଟରଙ୍କୁ ପ୍ରଭାବିତ କରିଛି। ସେଥିପାଇଁ ଭାଜପାର ଭୋଟ ହାର ବୃଦ୍ଧି ପାଇଛି ବୋଲି ଆଲୋଚନା ହେଉଛି।

## ସଂକ୍ଷେପରେ

### ବଜ୍ରପାତରେ ନଡ଼ିଆ ଗଛ, ଚାଳଘର କ୍ଷତିଗ୍ରସ୍ତ



ଯାଜପୁର ଟାଉନ,୨୫।୫(ଡି.ଏନ.ଏ.)- ଯାଜପୁର ସହରରେ ଶନିବାର ସନ୍ଧ୍ୟା ସାଢେ ୬ଟା ରୁ ୭ଟା ପର୍ଯ୍ୟନ୍ତ ହୋଇଥିବା ପ୍ରବଳ ଘଡ଼ଘଡ଼ି ସହ ବଜ୍ରପାତରେ ୫ଟି ନଡ଼ିଆ ଗଛ ଓ ୨ଟି ଚାଳଘର ସମ୍ପୂର୍ଣ୍ଣ ଜଳି ଯାଇଛି। ଯାଜପୁର ଜଗନ୍ନାଥ ମନ୍ଦିର ନିକଟରେ ଥିବା ଏହି ନଡ଼ିଆ ଗଛ ସମେତ ସପନପୁର ଓ ଘୁଷୁରିସାହି ପୋଲ ନିକଟରେ ଥିବା ନଡିଆ ଗଛ ସମେତ ସପନପୁର ଓ ସତ୍ଗମାଧବ ନିକଟରେ ଥିବା ୨ଟି ଚାଳଘର ବଜ୍ରପାତରେ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ପାଳଦା ଗ୍ରାମର ବର୍ଷା ବେହେରା(୧୭) ବଜ୍ରପାତରେ ଆହତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

### ବର୍ଷେ ପରେ ଅପହୃତା ନାବାଳିକା ଉଦ୍ଧାର

ଧର୍ମଶାଳା,୨୫।୫(ଡି.ଏନ୍.ଏ.)- ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟିଗଡିଆ ଗ୍ରାମର ଜଣେ ଅପହୃତା ନାବାଳିକାଙ୍କୁ ଶୁକ୍ରବାର ରାତିରେ ପୋଲିସ ଉଦ୍ଧାର କରିଛି। ପ୍ରକାଶ ଯେ, କଣ୍ଟିଗଡ଼ିଆ ଗ୍ରାମର ଜଣେ ନାବାଳିକାଙ୍କୁ ସେହି ଗ୍ରାମର ବ୍ରଜ କିଶୋର ଜେନା ନାମକ ଜଣେ ଯୁବକ ୨୦୧୮ ମାର୍ଚ୍ଚ ମାସରେ ଅପହରଣ କରିନେଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ସେତେବେଳେ ପୋଲିସ ଏକ ମାମଲା(ନଂ.୧୨୮/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା। କୌଣସି ସୂତ୍ରରୁ ଖବର ପାଇ ପୋଲିସ ନାବାଳିକାକୁ ଶୁକ୍ରବାର ରାତିରେ ଉଦ୍ଧାର କରିଛି। ଶନିବାର ପୋଲିସ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାବାଳିକାଙ୍କ ଡାକ୍ତର ମାଇନା କରି ଯାଜପୁର କୋର୍ଟକୁ ପଠାଇଛି। କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଅଭିଯୁକ୍ତ ଅପହରଣକାରୀ ବ୍ରଜ ଏବେବି ଫେରାରଥିବା ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

■ନୀଳାଚଳ ଇସ୍ପାତ ନିଗମ କାରଖାନାରେ ଦୁର୍ଘଟଣା

# ରେଳଲାଇନରେ କଟି ମହିଳା କର୍ମଚାରୀଙ୍କ ମୃତ୍ୟୁ



ରେଳ ଇଞ୍ଜିନ୍ ଧକ୍କାରେ ଚୁର୍ମାର ହୋଇଥିବା ସ୍କୁଟି । ମୃତ ଅନଙ୍ଗମଞ୍ଜରୀ (ଫାଇଲ ଫଟୋ)

କଳିଙ୍ଗନଗର,୨୫।୫(ଡି.ଏନ.ଏ.)

କଳିଙ୍ଗନଗର ଶିଳ୍ପାଞ୍ଚଳର ନୀଳାଚଳ ଇସ୍ପାତ ନିଗମ ଲିଃ(ଏନ୍ଆଇଏନ୍ଏଲ୍) ପରିସରସ୍ଥିତ ହଟ୍‌ମେଟାଲ ୱାଗନ ଲାଇନରେ ଶନିବାର ପୂର୍ବାହ୍ନ ୯ଟା ସମୟରେ ଜଣେ ମହିଳା କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମହିଳା କର୍ମଚାରୀ ଜଣକ ହେଲେ ଜେନାପୁର ଥାନା ଅନ୍ତର୍ଗତ ପାଇକରାପୁର ଗ୍ରାମର ଅନଙ୍ଗମଞ୍ଜରୀ ରାଉତ(୩୫)। ଅନଙ୍ଗମଞ୍ଜରୀ ନୀଳାଚଳ କାରଖାନା ଏସ୍ଏମ୍ଏସ୍ ବିଭାଗରେ ଅପରେଟର/ଟେକ୍ନିସିଆନ ଭାବେ କାର୍ଯ୍ୟରତ ଥିଲେ। ଶନିବାର ଅନଙ୍ଗମଞ୍ଜରୀ ଏସ୍ଏମ୍ଏସ୍ ବିଭାଗରେ ଉପସ୍ଥାନ ଦେଇ ନିଜ ସାଇଡକୁ ଏକ ସ୍କୁଟି ଯୋଗେ ଯାଉଥିଲେ। ଏହି ସମୟରେ ୱାଗନ ରେଳଲାଇନରେ ଏକ ଟ୍ରେନ ଇଞ୍ଜିନ ଯାଉଥିଲା। ଏହି ସମୟରେ ରେଳଲାଇନ ଉପରେ ଅନଙ୍ଗମଞ୍ଜରୀ ପଡିଯାଇଥିଲେ । ଫଳରେ ଇଞ୍ଜିନ ଅନଙ୍ଗମଞ୍ଜରୀଙ୍କ ମୁଣ୍ଡରେ ଚଢିଯାଇଥିଲା। ଏଥିରେ ଅନଙ୍ଗମଞ୍ଜରୀଙ୍କ ଶରୀର ଓ ମୁଣ୍ଡ ଅଲଗା ହୋଇ ଯାଇଥିଲା। କଳିଙ୍ଗନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୧୯) ରୁଜୁ ହୋଇଛି । ଅନଙ୍ଗମଞ୍ଜରୀଙ୍କ ସ୍ୱାମୀ ରାଞ୍ଚିସ୍ଥିତ ଏକ କାରଖାନାରେ କାର୍ଯ୍ୟ କରୁଥିବାବେଳେ ତାଙ୍କର ୧୧ ମାସର ଏକ ପୁତ୍ର ସନ୍ତାନ ଅଛି। ବିଭାଗୀୟ ଅବହେଳା ଏବଂ ରେଳଲାଇନରେ ଫାଟକ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଯାଜପୁରରୋଡ କାରଖାନା ଓ ବାଷ୍ପିତ ବିଭାଗ ଅପରାହ୍ନରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ଜଣାପଡିଛି। ଅନ୍ୟପକ୍ଷେ ମୃତକଙ୍କ ପରିବାରବର୍ଗଙ୍କୁ କମ୍ପାନୀ ପକ୍ଷରୁ ତୁରନ୍ତ ୨୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ବୀମା, ଗ୍ରାଚ୍ୟୁଇଟି, ଇପିଏଫ୍ ଆଦି ବାବଦକୁ ଅନଙ୍ଗମଞ୍ଜରୀଙ୍କ ଉତ୍ତରାଧିକାରୀଙ୍କୁ ପ୍ରାୟ ୩୪ଲକ୍ଷ ଟଙ୍କା ପ୍ରଦାନ କରାଯିବ ଏବଂ ପରିବାରର ଜଣଙ୍କୁ ନିଯୁକ୍ତି କିମ୍ବା ମାସିକ ପେନ୍‌ସନ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଯାଜପୁର (ସଂ) ଲୋକ ସଭା ଆସନରେ ପ୍ରାର୍ଥୀ ପାଇଥିବା ଭୋଟ

| ନିର୍ବାଚନମଣ୍ଡଳୀ | ଶର୍ମିଷ୍ଠା ସେଠୀ | ଅମିୟକାନ୍ତ ମଲିକ | ମାନସ ଜେନା | ଅନ୍ୟାନ୍ୟ | ମୋଟ | ବିଜୟ ବ୍ୟବଧାନ |
|---|---|---|---|---|---|---|
| ବିଞ୍ଝାରପୁର | ୭୩୪୦୮ | ୬୪୧୩୬ | ୪୧୯୩ | ୩୨୩୯ | ୧୪୪୯୬୭ | ୯୨୭୨ |
| ବରୀ | ୭୩୪୦୪ | ୬୯୩୮୧ | ୬୬୭୯ | ୨୫୩୦ | ୧୫୧୯୯୪ | ୪୦୨୩ |
| ବଡଚଣା | ୬୪୫୮୨ | ୬୦୬୧୨ | ୧୦୫୦୪ | ୧୯୦୬ | ୧୩୭୬୦୪ | ୩୯୭୦ |
| ଧର୍ମଶାଳା | ୯୬୪୦୫ | ୫୭୦୨୭ | ୧୫୭୯୫ | ୩୮୯୬ | ୧୭୩୧୨୩ | ୩୯୩୭୮ |
| ଯାଜପୁର | ୯୧୪୩୩ | ୬୮୮୭୯ | ୫୨୬୫ | ୩୦୩୩ | ୧୬୮୬୧୦ | ୨୨୫୫୪ |
| କୋରେଇ | ୬୮୭୨୨ | ୫୪୪୫୧ | ୨୩୦୯୮ | ୩୧୬୪ | ୧୪୯୪୩୫ | ୧୪୨୭୧ |
| ସୁକିନ୍ଦା | ୭୪୫୨୨ | ୬୩୬୮୫ | ୧୭୩୦୦ | ୪୫୯୯ | ୧୬୦୧୦୬ | ୧୦୮୩୭ |
| ମୋଟ | ୫୪୨୪୭୬ | ୪୩୮୧୭୧ | ୮୨୮୩୪ | ୨୨୩୬୭ | ୧୦୮୫୮୪୮ | ୧୦୪୩୦୫ |

# ପରିବର୍ତ୍ତନ ସପକ୍ଷରେ ଗଲାନି ଜନମତ

ଧର୍ମଶାଳା,୨୫।୫(ଡିଏନଏ)

ଚଳିତ ସାଧାରଣ ନିର୍ବାଚନରେ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି ଆଶା କରାଯାଉଥିଲା। ହେଲେ ଭୋଟ ଗଣତି ପରେ ଜନାଦେଶ ଏକତରଫା ଭାବେ ବିଜେଡି ସପକ୍ଷରେ ଯିବା ସମସ୍ତଙ୍କୁ ଚକିତ କରିଛି। କେବଳ ଧର୍ମଶାଳା ନିର୍ବାଚନମଣ୍ଡଳୀ ନୁହେଁ ଯାଜପୁର ଜିଲାରେ ଏଥର ସରକାର ପରିବର୍ତ୍ତନର ହାୱା ସୃଷ୍ଟି ହୋଇଥିଲା। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗ ବିଶେଷ କରି ଯୁବବର୍ଗ ପରିବର୍ତ୍ତନ ଚାହୁଁଥିବା ଆଲୋଚନା ହେଉଥିଲା। ସରକାର ପରିବର୍ତ୍ତନ ଏବଂ ବିଜେଡି ବିରୋଧରେ ଜନମତ ସୃଷ୍ଟି ହାୱା ଚାଲିଥିବାବେଳେ ଭୋଟରେ କିନ୍ତୁ ଏହା ରୁପାନ୍ତରିତ ହୋଇ ନ ଥିଲା। ଯାହାକି ରାଜନୈତିକ ବିଶେଷଜ୍ଞଙ୍କୁ ଚକିତ କରିଦେଇଛି। ଏବେ ପ୍ରମୁଖ ଦଳର ନେତା ଓ କର୍ମୀ ହାରଜିତକୁ ନେଇ ସମୀକ୍ଷା କରିବା ଆରମ୍ଭ କରିଦେଇଛନ୍ତି। ଏଥର ନିର୍ବାଚନରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ଯେ ଶାସକ ଦଳର ପ୍ରାର୍ଥୀ ଆସନ୍ନ ପରାଜୟକୁ ନେଇ ଛାନିଆ ହୋଇପଡିଥିଲେ। ଆଉ ପରିବର୍ତ୍ତନର ହାୱାକୁ ଦେଖି ଭାଜପା ପ୍ରାର୍ଥୀଙ୍କ ଆତ୍ମବିଶ୍ୱାସ ବଢିଯାଇଥିଲା। ଅଳ୍ପ ପରିଶ୍ରମରେ ବିଜୟଲାଭ କରିହେବ ବୋଲି ଆଶାରଖି ସେମାନେ ସେତେଟା ସକ୍ରୀୟ ହୋଇ ନ ଥିବା ବେଳେ ଠିକ ଭାବେ ରଣନୀତି ପ୍ରସ୍ତୁତ କରିପାରି ନ ଥିଲେ। ଭୁଲ ଆକଳନ ଯୋଗୁଁ ଧର୍ମଶାଳାର ଭାଜପା ପ୍ରାର୍ଥୀଙ୍କ ଶୋଚନୀୟ ପରାଜୟ ହୋଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏଥର ବିଜେଡିର ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ରମେଶ ଚନ୍ଦ୍ର ପରିଡାଙ୍କୁ ୫୨ହଜାରୁ ଉର୍ଦ୍ଧ୍ୱ ଭୋଟରେ ପରାସ୍ତ କରି ବିଜୟଲାଭ କରିଛନ୍ତି।

# ଫନୀ କ୍ଷତିଗ୍ରସ୍ତଙ୍କୁ ପୂଜା କମିଟିର ସହାୟତା



ଜିଲାପାଳଙ୍କୁ ସହାୟତା ପ୍ରଦାନ କରାଯାଉଛି ।

ଯାଜପୁର ଅଫିସ,୨୫।୫

ଯାଜପୁର ନାରାୟଣ ଛକସ୍ଥିତ ଶ୍ୟାମା ପୂଜା କମିଟି ପକ୍ଷରୁ ଫନି କ୍ଷତିଗ୍ରସ୍ତଙ୍କ ସାହାଯ୍ୟାର୍ଥେ ଜିଲାପାଳ ରଞ୍ଜନକୁମାର ଦାସଙ୍କୁ ୧୧,୧୧୧ ଟଙ୍କାର ଚେକ ପ୍ରଦାନ କରାଯାଇଛି। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି ଅବସରରେ କମିଟିର ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ, ସଦସ୍ୟ ରାଧା ବଲ୍ଲଭ ପଣ୍ଡା, ସୁମନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ସହକାରୀ ଜିଲାପାଳ କୁଳମଣି ନାୟକ ପ୍ରମୁଖ ଯୋଗ ଦେଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ହୋଇନାହିଁ ବାଳକାଳେ**
**ତାହା ହୁଏ ନାହିଁ ପାଚିଲା ବାଳେ ।**

ପିଲାଦିନୁ ଯେଉଁ କଥା ଅଭ୍ୟାସ କରାଯାଇ ନ ଥାଏ, ବୁଢ଼ା ବେଳକୁ ସେକଥା କରିବାକୁ ଚାହିଁଲେ ସହଜରେ ହୋଇପାରି ନ ଥାଏ। ଅଭ୍ୟାସ ସହଜେ ବଦଳି ନ ଥାଏ। ଆଦ୍ୟରୁ ଯାହା ନାହିଁ ଉତ୍ତର କାଳରେ ତାହା ହେବା ଆଦୌ ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯା'ର ଘରେ ନାହିଁ ବୁଢ଼ା,**
**ତା'ର ଘରେ ଦେଖ କତରା କୁଢ଼ା ।**

ବୃଦ୍ଧ ବା ବୟସ୍କ ବ୍ୟକ୍ତି ହିଁ ଘରର ଅସଲ ଜଗୁଆଳି ତଥା ଅସଲ ମୁରବି ହୋଇଥାନ୍ତି। ବୟସ ଦୃଷ୍ଟିରୁ ସାଂସାରିକ ଅଭିଜ୍ଞତା ଢେର୍ ଅଧିକ ରହିଥାଏ। ଫଳସ୍ୱରୂପ ଘର ସଂସାରକୁ ଠିକ୍‌ଭାବେ ଚଳାଇନେବାରେ ନିପୁଣ ବା ସିଦ୍ଧହସ୍ତ ହୋଇଥାନ୍ତି। ତାଙ୍କ ବିନା ଘରର ସଂସ୍କୃତି ନାହିଁ କି ମର୍ଯ୍ୟାଦା ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS — ASTROLOGY — FINANCE

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ
ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
20,000,00/- ପାଆନ୍ତୁ ଓ
ମାସକୁ ଭଡା 60,000/- ଟଙ୍କା
ପାଆନ୍ତୁ । ଜଣକୁ ଚାକିରି +
ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929606415
8929609224
SCO- 106, Second Floor, Vishal Tower, Cannaught Place, Delhi.

FINANCE
ସ୍ୱୀକୃତୀପ୍ରାପ୍ତ ରାମ ଫାଇନାସ ଦ୍ୱାରା ମାର୍କସିଟ, କୃଷି, ଶିକ୍ଷା, ଆଧାରକାର୍ଡ, ସମ୍ପତି, BPL, ଗୃହ ଓ ବ୍ୟକ୍ତିଗତ ଋଣ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ
ଏବଂ 50% ଛାଡ
2th floor, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7058207357
9758645827

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 6390091675
8527858125
9454715754

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯାହା କ୍ଷତି ହୋଇଗଲାଣି, ସେଥିପାଇଁ ବସି ଲୁହ ଗଡ଼ାଇବା ନୁହେଁ, ତାକୁ ପୂରଣ କରିବା ପାଇଁ ପ୍ରଫୁଲ୍ଲ ଚିତ୍ତରେ ଆଗେଇ ଯିବା ହେଉଛି ବିଜ୍ଞ ଲୋକର କାମ।

- ସେକ୍ସପିୟର



# ବଜାୟ ରହିଲାନି ପଞ୍ଚାୟତ ନିର୍ବାଚନ ଧାରା

**ରସୁଲପୁର, ୨୫।୫(ଡିଏନଏ)**

ଯାଜପୁର ଜିଲାର ରାଜନୈତିକ ମାନଚିତ୍ରରେ ରସୁଲପୁର ବ୍ଲକର ସ୍ଥିତି ଭିନ୍ନ। ଏହି ବ୍ଲକ ଅଧୀନ ୨୮ ପଞ୍ଚାୟତ ୩ଟି ନିର୍ବାଚନ ମଣ୍ଡଳୀରେ ବିଭକ୍ତ ହୋଇଛି । ରାଜନୈତିକ ଏହି ତ୍ରିକୋଣ ଭୂମିରୁ ଚଳିତ ନିର୍ବାଚନରେ ବିଜେଡି ଫାଇଦା ମାରିନେଇଛି। ଅପରପକ୍ଷେ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ମୋ ବୁଥ୍ ସବୁଠୁ ମଜଭୁତ ସ୍ଲୋଗାନ ବ୍ୟର୍ଥ ହୋଇଛି। ଚଳିତ ସାଧାରଣ ନିର୍ବାଚନର ଫଳାଫଳ ଏହାକୁ ପ୍ରମାଣିତ କରୁଛି। ଏହି ବ୍ଲକରେ ଭାଜପା ପଞ୍ଚାୟତ ନିର୍ବାଚନ ଧାରା ବଜାୟ ରଖିବାରେ ବିଫଳ ହୋଇଛି। ବିଜେଡି ଘରେ ଘରେ ଶଙ୍ଖ ଫୁଙ୍କି ପାରିଛି। ଏହା ଦଳ ପାଇଁ ତ୍ରୁଟିକୁ ସମୀକ୍ଷା କରି ଶିକ୍ଷାଲାଭ କରିବାର ଉପଯୁକ୍ତ ସମୟ ବୋଲି କୁହାଯାଉଛି।

ଏହି ବ୍ଲକ ଅଧୀନ ୩ଟି ନିର୍ବାଚନମଣ୍ଡଳୀ ବରୀ, ଧର୍ମଶାଳା କୋରେଇ ଆଦିରେ ବିଜେଡି ସହ ଭାଜପାର ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ୩ଟିଯାକ ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରତିଦ୍ୱନ୍ଦ୍ୱୀ ଭାଜପାକୁ ପରାସ୍ତ କରିଛି। ସରକାରୀ ଦଳ ବିରୋଧରେ ଥିବା ବିରୋଧୀ ଜନମତକୁ ଭୋଟରେ ରୂପାନ୍ତରିତ କରିବାରେ ଭାଜପା ବିଫଳ ହୋଇଛି। ଏହାଛଡା ଯାଜପୁର ଲୋକ ସଭା ପ୍ରାର୍ଥୀନୀ ଶର୍ମିଷ୍ଠା ସେଠୀ ରସୁଲପୁର ବ୍ଲକ ଅଞ୍ଚଳର ବୋହୂ ହୋଇଥିବାରୁ ଏହା ଦଳ ପାଇଁ ଆଶୀର୍ବାଦ ସଦୃଶ ହୋଇଛି ବୋଲି କୁହାଯାଉଛି। ମୋଟାମୋଟି ଭାବେ କହିବାକୁ ଗଲେ ବିଜେଡି ନିର୍ବାଚନୀ ରଣନୀତି ବୁଥ୍‌ସ୍ତରରେ ଭୋଟ ଛାଣିବାରେ ସଫଳ ହୋଇଛି। ଏହି ବ୍ଲକର ୧୦ ପଞ୍ଚାୟତ ବରୀ ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଛି। ଏହି ସମସ୍ତ ପଞ୍ଚାୟତକୁ ନେଇ ଗଠିତ ୪୫ଟି ବୁଥ୍‌ରେ ବିଜେଡି ଅଗ୍ରଣୀ ଲାଭ କରିଛି। ପଞ୍ଚାୟତ ନିର୍ବାଚନବେଳେ ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩୬ ନମ୍ବର ଜୋନ୍ ଭାଜପା ଖାତାକୁ ଯାଇଥିଲା। ମାତ୍ର ଦଳ ପଞ୍ଚାୟତ ନିର୍ବାଚନ ଧାରାକୁ ଭାଜପା ବଜାୟ ରଖିବାରେ ବିଫଳ ହୋଇଛି।

**ରସୁଲପୁର ବ୍ଲକ**
- କେବଳ ମୋଦି ହାୱା ଭରସା ମହଙ୍ଗା ପଡ଼ିଲା
- ସବୁ ଆସନ ପୋଛିନେଲା ବିଜେଡି

ଏଠାରେ ବିଜେଡି ବିଧାୟିକା ପ୍ରାର୍ଥୀନୀ ସୁନନ୍ଦା ଦାସ ୪,୩୬୨ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ଏଥିରେ ରସୁଲପୁର ବ୍ଲକ ଭୋଟରଙ୍କ ଭୂମିକା ନିର୍ଣ୍ଣାୟକ ବୋଲି କୁହାଯାଉଛି । ସେହିପରି ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩୪ନଂ ଜୋନ ଭାଜପା ଖାତାକୁ ଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ଭାଜପା ସେହି ଧାରାକୁ ବଜାୟ ରଖିପାରି ନାହିଁ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏଙ୍କ ଗୋଟି ଚାଳନା ସମ୍ମୁଖରେ ଭାଜପା ନେତା ଓ କାର୍ଯ୍ୟକର୍ତ୍ତା ଧରାଶାୟୀ ହୋଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୯ ପଞ୍ଚାୟତର ୬୦ ବୁଥ୍‌ରୁ ବିଜେଡି ୧୪,୬୧୬ ଭୋଟରେ ଅଗ୍ରଣୀ ରହିବା ଏହାକୁ ସ୍ପଷ୍ଟ ପ୍ରମାଣିତ କରିଛି। ସେହିଭଳି କୋରେଇ ନିର୍ବାଚନ ମଣ୍ଡଳୀରେ ବ୍ଲକରୁ ସାମିଲ ହୋଇଥିବା ୯ ପଞ୍ଚାୟତରୁ ବିଜେଡିକୁ ଭଲ ଫଳ ମିଳିଛି। ଏଠାରେ ଦଳକୁ ୪୮ ବୁଥରୁ ୧୪,୫୦୦ରୁ ଊର୍ଦ୍ଧ୍ୱ ଭୋଟ ମିଳିଛି। ପଞ୍ଚାୟତ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩୩ନଂ ଜୋନ୍ ବିଜେଡି ଖାତାକୁ ଯାଇଥିଲା। ମାତ୍ର ସେତେବେଳେ ବିଜେଡି ପ୍ରାର୍ଥୀ ଭାଜପାକୁ ୪ହଜାରରୁ ଊର୍ଦ୍ଧ୍ୱ ଭୋଟରେ ପରାସ୍ତ କରିଥିଲେ। ଏଥର କିନ୍ତୁ ମାତ୍ରାଧିକ ଭୋଟ ବିଜେଡି ସପକ୍ଷରେ ଯାଇଥିଲା। ଫଳରେ ବିଧାୟକ ଅଶୋକ କୁମାର ବଳ ୩୦,୭୨୪ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏ ସବୁକୁ ଦେଖିଲେ ବିଜେଡିର କାର୍ଯ୍ୟକର୍ତ୍ତାମାନେ ଦଳୀୟ ଶୃଙ୍ଖଳାକୁ ମାନି ବୁଥ୍‌ସ୍ତରରେ କାର୍ଯ୍ୟ କରିଛନ୍ତି । ହେଲେ ଭାଜପାରେ ଟିକେଟରୁ ବଞ୍ଚିତ ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ପାଇଁ କାମ ନ କରିବା ଦଳ ପାଇଁ ନିର୍ବାଚନରେ ଘାତକ ହେଲା । ଭାଜପାର ମୋ ବୁଥ୍ ମଜଭୁତ କାର୍ଯ୍ୟକ୍ରମ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ସଫଳ ହୋଇଥିବା ବେଳେ ଓଡିଶାରେ ସମ୍ଭବ ହୋଇପାରିଲା ନାହିଁ। ସରକାରୀ ବିରୋଧୀ ଜନମତ ବୁଥ୍‌ରେ ପହଞ୍ଚିବା ପୂର୍ବରୁ ତାହାକୁ ବିଜେଡି ରୋକିବାରେ ସକ୍ଷମ ହୋଇଛି । ଏହା ସତ୍ତ୍ୱେ ଅନେକ ବୁଥ୍‌ରେ ଭାଜପା ନେତାଙ୍କ ପାଦ ପଡି ନ ଥିବା ବେଳେ ଭୋଟରଙ୍କ ସରକାର ବିରୋଧୀ ମନୋଭାବ ଭାଜପା ସପକ୍ଷରେ ଯାଇଛି । ଏହାଛଡା ରାଜ୍ୟ ଭାଜପା ନେତା କେନ୍ଦ୍ରୀୟ ନେତାଙ୍କ ହାୱା ଉପରେ ଭରସା କରି ନୀରବ ରହିଯିବା ଘଟଣା ବିଧାନସଭା କ୍ଷେତ୍ରରେ ପରାଜୟ ହେବାର ଆଉ ଏକ କାରଣ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ତେବେ ଭାଜପା ରାଜ୍ୟରେ ବିରୋଧୀ ଦଳ ଭୂମିକାରେ ରହିଛି । ଏବେଠାରୁ ଦଳ ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ ନ କଲେ ରାଜ୍ୟରେ ଭାଜପାର ଗାଦି ଦଖଲ ଲକ୍ଷ୍ୟ ସ୍ୱପ୍ନ ହୋଇ ରହିଯିବ ବୋଲି କୁହାଯାଉଛି ।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

**ଚଣ୍ଡିଖୋଲ, ୨୫।୫(ଡି.ଏନ.ଏ.):** ବଡ଼ଚଣା ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ଚଣ୍ଡିଖୋଲ ନିକଟ ଏକ ବୁଲେଟ ଶୋରୁମ ସମ୍ମୁଖରେ ଶନିବାର ସକାଳେ ଏକ ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଶ୍ଚିମବଙ୍ଗ ମେଦିନପୁର ଅଞ୍ଚଳର ସେକ୍ ନାଜିମୁଦ୍ଦିନ୍(୫୫)। ସେ ଦୀର୍ଘଦିନ ହେବ ପରିବାର ସହ ଚଣ୍ଡିଖୋଲ ଶାନ୍ତୀ ମଣ୍ଡପ ନିକଟବର୍ତ୍ତୀ ଅଞ୍ଚଳରେ ରହି ଜରି ଗୋଟାଇ ବ୍ୟବସାୟ କରୁଥିଲେ। ଶନିବାର ସକାଳେ ଏକ ବୁଲେଟ ଶୋରୁମ ସମ୍ମୁଖରେ ଜରି ଗୋଟାଉଥିବା ବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ନାଜିମୁଦ୍ଦିନଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଚଣ୍ଡିଖୋଲ ଫାଣ୍ଡି ଏଏସଆଇ ସଞ୍ଜୀବ କୁମାର ଥାଟ୍ଟୋଇ ଏକ ମାମଲା (ନଂ.୧୧୬/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

### ବିଞ୍ଝାରପୁର ଅଞ୍ଚଳରେ କାଳବୈଶାଖୀ

**ବିଞ୍ଝାରପୁର, ୨୫।୫(ଡି.ଏନ୍.ଏ.):** ବିଞ୍ଝାରପୁର ଅଞ୍ଚଳରେ ଶନିବାର ସନ୍ଧ୍ୟାରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ପବନ ବହିବା ସାଙ୍ଗକୁ କୁଆପଥର ସହ ବର୍ଷା ହୋଇଥିଲା। ବିଜୁଳି, ଘଡ଼ଘଡ଼ି ଲୋକଙ୍କ ମନରେ କିଛି ସମୟ ପାଇଁ ଭୟ ସଞ୍ଚାର କରିଥିଲା। ସନ୍ଧ୍ୟା ୬ଟାରୁ ୭.୩୦ ପର୍ଯ୍ୟନ୍ତ ପ୍ରାୟ ଦେଢ଼ ଘଣ୍ଟା ଧରି କାଳବୈଶାଖୀର ପ୍ରଭାବ ରହିଥିଲା। କେତେକ ସ୍ଥାନରେ ଗଛ ଭାଙ୍ଗିପଡ଼ିବା ସହ ବିଞ୍ଝାରପୁର ଅଞ୍ଚଳରେ ବ୍ୟାପକ ଫସଲ ହାନି ହୋଇଥିବା ଜଣାପଡ଼ିଛି। କାଳବୈଶାଖୀ ଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ରହିବାରୁ ସମଗ୍ର ଅଞ୍ଚଳ ଅନ୍ଧକାର ରହିଛି।

### ହୃଦ୍‌ଘାତରେ ଷ୍ଟାମ୍ପ ଭେଣ୍ଡରଙ୍କ ପରଲୋକ

**ଚଣ୍ଡିଖୋଲ, ୨୫।୫(ଡି.ଏନ.ଏ.):** ବଡ଼ଚଣା ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଷ୍ଟାମ୍ପ ଭେଣ୍ଡର ଭାବରେ କାର୍ଯ୍ୟ କରୁଥିବା ପ୍ରଫୁଲ୍ଲ ଜେନା(୬୮)ଙ୍କର ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ଘର ବାଲିଚନ୍ଦ୍ରପୁର ନିକଟ ନଡ଼ିଆସାହାସପୁର ଗ୍ରାମରେ। ଗତ ୨୩ ତାରିଖରେ ପ୍ରଫୁଲ୍ଲ ଘରେ ଥିବାବେଳେ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ଜେନା ମୃତ୍ୟୁ ପୂର୍ବରୁ ତାଙ୍କ ଚକ୍ଷୁ ଦୁଇଟିକୁ ଜଣେ ଦୃଷ୍ଟିହୀନ ମଣିଷ ପାଇଁ ଦାନ କରିବାକୁ କହିଥିଲେ। ପରିବାର ଲୋକେ ତାଙ୍କ ମୃତ୍ୟୁ ପରେ ଚକ୍ଷୁ ୨ଟିକୁ ଦୃଷ୍ଟି ଅନୁଷ୍ଠାନକୁ ପ୍ରଦାନ କରିଥିଲେ।

### ଠେଙ୍ଗାରେ ପିଟି ପତ୍ନୀଙ୍କୁ ହତ୍ୟା: ସ୍ୱାମୀ ଗିରଫ



**ବାରିପଦା ଅଫିସ, ୨୫।୫:** ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ମାଧପୁର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଏକ ଠେଙ୍ଗାରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ବାରିପଦା ସଦର ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ ସଦଳବଳ ଘଟଣା ସ୍ଥଳକୁ ଯାଇ ଘଯଣାର ତଦନ୍ତ କରି ଅଭିଯୁକ୍ତ ସ୍ୱାମୀ ଖେଲା ସୋରେନଙ୍କୁ ଗିରଫ କରିଛନ୍ତି। ପୋଲିସ ସେଠାରୁ ମହିଳାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପଠାଇଛି।

ପୋଲିସ ସୂଚନା ଅନୁଯାୟୀ ଶୁକ୍ରବାର ବିଳମ୍ବିତ ରାତିରେ ଗ୍ରାମର ଖେଲା ସୋରେନ ଓ ତାଙ୍କ ସ୍ତ୍ରୀ ରାଣୀ ସୋରେନଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ଖେଲା ଉତକ୍ଷିପ୍ତ ହୋଇ ଏକ ଠେଙ୍ଗାରେ ରାଣୀଙ୍କୁ ନିର୍ଘାତ ପଟିଥିଲେ। ଫଳରେ ରାଣୀ ଗୁରୁତର ହୋଇ ପଡି ରହିଥଲେ। କିଛି ସମୟ ପରେ ତାଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ଏହି ଖବର ପାଇବା ପରେ ରାଣୀଙ୍କ ଭାଇ ନାରାନ ହେମ୍ବ୍ରମ ଘଟଣା ସ୍ଥଳକୁ ଆସି ପୋଲିସକୁ ଖବର ଦେଇଥିଲେ। ନାରାନଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୪୯/୧୯) ରୁଜୁ କରି ଗିରଫ ଖେଲାଙ୍କୁ ପଚରା ଉଚୁରା ଜାରି ରଖିଥିବା ଥାନା ଅଧିକାରୀ ସ୍ୱର୍ଣ୍ଣଲତା କହିଛନ୍ତି।

## ନାବାଳିକା ଅପହରଣକାରୀ ଯୁବକ ଗିରଫ

**ଧର୍ମଶାଳା, ୨୫।୫(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ମଣିନାଥପୁର ଗ୍ରାମରେ ଗତବର୍ଷ ଜୁଲାଇ ମାସରେ ଜଣେ ନାବାଳିକାଙ୍କୁ ଅପହରଣ କରିନେଇଥିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ମଣିନାଥପୁର ଗ୍ରାମର ଶ୍ରୀକାନ୍ତ ମଲିକ ସେହି ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ କରିନେଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ସେତେବେଳେ ଏକ ମାମଲା(ନଂ. ୩୧୨/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପହରଣର କିଛି ଦିନ ପରେ ପୋଲିସ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ ମଧ୍ୟ ଅଭିଯୁକ୍ତ ଶ୍ରୀକାନ୍ତ ଫେରାର ଥିଲେ। ଶୁକ୍ରବାର ରାତିରେ ଅଭିଯୁକ୍ତ ଶ୍ରୀକାନ୍ତଙ୍କୁ ପୋଲିସ ଗିରଫ କରି ଶନିବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ।

## ବରୀ ବିଧାୟିକାଙ୍କୁ ସମ୍ବର୍ଦ୍ଧନା



ବରୀ ବିଧାୟିକାଙ୍କୁ ସମ୍ବର୍ଦ୍ଧନା ଜଣାଇବାକୁ ଆସିଥିବା ବିଜେଡି କର୍ମୀ।

**ରସୁଲପୁର, ୨୫।୫(ଡିଏନଏ)**

ରସୁଲପୁର ବ୍ଲକରୁ ବରୀ ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଥିବା ୧୦ଟି ପଞ୍ଚାୟତ ମଧ୍ୟରୁ ସୀମାବର୍ତ୍ତ ରାଉତରାପୁର ପଞ୍ଚାୟତ ପକ୍ଷରୁ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଯାଜପୁର ଜିଲା ଯୁବ ବିଜେଡି ଉପସଭାପତି ପ୍ରଭାତ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ବିଧାୟିକା ଦାସଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ପଞ୍ଚାୟତ ନିର୍ବାଚନରେ ରାଉତରାପୁର ପଞ୍ଚାୟତରେ ଭାଜପା ଅଗ୍ରଣୀ ଲାଭ କରିଥିଲା। ମାତ୍ର ସାଧାରଣ ନିର୍ବାଚନରେ ଯୁବନେତା ପୃଷ୍ଟିଙ୍କୁ ସଂଗଠନ ଦାୟିତ୍ୱ ପ୍ରଦାନ ଦିଆଯାଇଥିଲା। ସେ ତାଙ୍କ ସାଂଗଠନିକ ଦକ୍ଷତା ବଳରେ ଚଳିତ ନିର୍ବାଚନରେ ଭାଜପା ଗତି ଅବରୋଧ କରିବାରେ ସକ୍ଷମ ହୋଇଥିଲେ । ଏହି ପଞ୍ଚାୟତରେ ବିଜେଡି ଅଗ୍ରଣୀ ଲାଭ କରିଥିବାରୁ ପଞ୍ଚାୟତବାସୀ ବିଧାୟିକା କୃତଜ୍ଞତା ଜ୍ଞାପନ କରିଥିଲେ। ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଗୋକୁଳ ସେଠୀ, ପ୍ରକାଶ ମହାଳିକ, ଧନେଶ୍ୱର ତ୍ରିପାଠୀ, ସାର୍ଥକ ସାହୁ, ନିରଞ୍ଜନ ସାହୁ, ବାବୁଲି ସେଠୀ, ଗୁଣମଣି ଦାସ, ବୈକୁଣ୍ଠନାଥ ବରାଳ, ଅନିରୁଦ୍ଧ ପୃଷ୍ଟି, ସୁଶାନ୍ତ ମହାଳିକ ପ୍ରମୁଖ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିଲେ।

## ବାଲିଖାଦାନରେ ବଟି ଆଦାୟ ନେଇ ଗଣ୍ଡଗୋଳ
## ଖଣ୍ଡା, ଖେଳଣା ବନ୍ଧୁକ ଜବତ: ୩ ଗିରଫ

**ବାଲେଶ୍ୱର ଅଫିସ, ୨୫।୫**

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ଦହପଡ଼ା ପଞ୍ଚାୟତର କଣ୍ଟାବଣିଆ ବାଲିଖାଦାନରେ ଦାଦାବଟି ଆଦାୟକୁ ନେଇ ଗଣ୍ଡଗୋଳ ହୋଇଛି। ଏନେଇ ପୋଲିସ ଥାନାରେ ମାମଲା (ନଂ. ୧୪୩/୧୯) ରୁଜୁ କରି ଶନିବାର ସମ୍ପୃକ୍ତ ୩ଜଣ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଖଣ୍ଡା ଓ ଖେଳଣା ବନ୍ଧୁକ ଜବତ କରାଯାଇଛି। କଣ୍ଟାବଣିଆ ବାଲିଖାଦାନରେ ଜଗୁଆଳି ଗୌରମୋହନ ଦାସ (୭୩) ଶୁକ୍ରବାର ରାତିରେ ବାଲିଖାଦାନରେ ଥିଲେ। ଏହି ସମୟରେ ୫ରୁ ୬ ଜଣ ଯୁବକ ହାତରେ ଖଣ୍ଡା, ଭୁଜାଲି ଓ ପ୍ଲାଷ୍ଟିକ ବନ୍ଧୁକ ଧରି ପ୍ରଥମେ ବଟି ଦେବା ପାଇଁ ବାଧ କରିଥିଲେ। ତାଙ୍କ ପାଖରୁ କିଛି ନ ପାଇବା ପରେ ମାରପିଟ୍ କରି ଭୁଜାଲି ଓ ବନ୍ଧୁକ ଦେଖାଇ ମାଲିକଙ୍କୁ ଫୋନ୍ କରି ଟଙ୍କା ଆଣିବା ପାଇଁ ବାଧ କରିଥିଲେ। ଖବର ପାଇବା ମାତ୍ରେ ବାଲି ଖାଦାନ ମାଲିକ ପୋଲିସକୁ ଜଣାଇଥିଲେ। ସେଠାରେ ପୋଲିସ ପହଞ୍ଚି ଯୁବକମାନଙ୍କ କବଳରୁ ଜଗୁଆଳିଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ଘଟଣା ଜାଣିବା ପରେ ଶୁକ୍ରବାର ବିଳମ୍ବିତ ରାତିରେ ଦହପଡ଼ା ଗ୍ରାମର ସୁକାନ୍ତ ମହାଳିକ (୨୭), ଚନ୍ଦନ କୁମାର ପ୍ରଧାନ (୨୨) ଓ ସୌଭାଗ୍ୟ ପ୍ରଧାନ (୨୨)ଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅନ୍ୟ ଯୁବକମାନେ କୌଶଳକ୍ରମେ ଖସିଯାଇଥିବା ଥାନାଧିକାରୀ ଶୁଭ୍ରାଂଶୁ ନାୟକ କହିଛନ୍ତି।

## ନିର୍ବାଚନୀ ପରବର୍ତ୍ତୀ ହିଂସା, ଜଣେ ଆହତ

**ରସୁଲପୁର, ୨୫।୫(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତରେ ଶନିବାର ନିର୍ବାଚନ ପରବର୍ତ୍ତୀ ହିଂସା ଦେଖାଦେଇଛି। ବିଜୟ ଶୋଭାଯାତ୍ରା ସମୟରେ ଦୁଇ ପ୍ରମୁଖ ଦଳ ବିଜେଡି ଓ ଭାଜପା କର୍ମୀମାନେ ମୁହାଁମୁହିଁ ହୋଇଛନ୍ତି । ଏମିତିକି କର୍ମୀଙ୍କ ମଧ୍ୟରେ ଟେକାପଥର ମାଡ ହୋଇଛି। ବିଜେଡି କର୍ମୀଙ୍କ ମାଡରେ ଜଣେ ଭାଜପା କର୍ମୀ ଆହତ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ଧର୍ମଶାଳା ଥାନାରେ ୨ଟି ମାମଲା ରୁଜୁ କରାଯାଇଛି।

ପ୍ରକାଶ ଯେ, ବିଜେଡି କର୍ମୀମାନେ ଏକ ଶୋଭାଯାତ୍ରାରେ ବନ୍ଧଡିହ ପଞ୍ଚାୟତର ଜଇସୁଙ୍ଗୁଡା ଓ ଆଖୁଆକୂଳ ଗାଁକୁ ଶୋଭାଯାତ୍ରାରେ ଯାଉଥିଲେ । ଆଖୁଆକୂଳ ଗ୍ରାମର ଭାଜପା ସମର୍ଥକ ବିନୋଦ ରାଉତଙ୍କ ଘର ସମ୍ମୁଖରେ ବିଜେଡି କର୍ମୀମାନେ ହୋହଲ୍ଲା କରିବା ସହ ଅଶ୍ଳୀଳ ଭାଷାରେ ଆକ୍ଷେପମୂଳକ ମନ୍ତବ୍ୟ ଦେଇଥିଲେ। ଏହାକୁ ରାଉତ ବିରୋଧ କରିଥିଲେ। ଫଳରେ ଉଭୟ ବିଜେଡି ଓ ଭାଜପା କର୍ମୀ ବଚସା ଓ ଧକ୍କା ମରାମରି ହୋଇଥିଲେ। ପଛରେ ଥାଇ ଉଭୟ ପକ୍ଷରୁ କର୍ମୀଙ୍କ ପକ୍ଷରୁ ଟେକାପଥର ମାଡ ହୋଇଥିଲା। ଫଳରେ କର୍ମୀମାନେ ଛତ୍ରଭଙ୍ଗ ଦେଇ ପଳାଇ ଯାଇଥିଲେ। ଏ ସମ୍ପର୍କରେ ଭାଜପା କର୍ମୀ ବିନୋଦ ଧର୍ମଶାଳା ଥାନାରେ ଏକ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ବିଜେଡି ପକ୍ଷରୁ ଜଇସୁଙ୍ଗୁଡା ଗ୍ରାମର ଜୟନ୍ତ ସାହାଣି ଧର୍ମଶାଳା ଥାନା ଅନ୍ତର୍ଗତ ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଉଭୟ ଅଭିଯୋଗକୁ ନେଇ ଥାନାରେ ୨ ମାମଲା (ନଂ–୧୪୭ ଓ ୧୪୮/୧୯) ରୁଜୁ କରାଯାଇଛି । ବ୍ରହ୍ମବରଦା ପୋଲିସ ପକ୍ଷରୁ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ କରାଯାଉଛି । ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ରଥ ଘଟଣାର ତଦନ୍ତ କରୁଛନ୍ତି ।

## ରଜରାଣୀ ଆମ ଓଡ଼ିଆଣୀର ମେଗା ଅଡିଶନ୍



ଅଡିସନ ଷ୍ଟେଜରେ ମଞ୍ଚାସୀନ ଅତିଥି ।

**ଯାଜପୁର ଅଫିସ୍, ୨୫।୫**

ଯାଜପୁରସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଶନିବାର ରଜରାଣୀ ଆମ ଓଡ଼ିଆଣୀର ମେଗା ଅଡ଼ିଶନ୍ ଅନୁଷ୍ଠିତ ହୋଇଯାଇଛି। ଏ.କେ ପ୍ରଡ଼କ୍ସନର ସ୍ପନ୍ଦନ ଟିଭି ତରଫରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଆଶୁତୋଷ ମିଶ୍ରଙ୍କ ସଭାପତିତ୍ୱରେ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ସଭାପତି ତଥା ରାଜ୍ୟ ସମବାୟ ଗୃହ ନିର୍ମାଣ ନିଗମର ନିର୍ଦ୍ଦେଶକ ହରିହର ସ୍ୱାଇଁ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ଯାଜପୁରର ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଯାଜପୁର ଜିଲାର ବିଭିନ୍ନ ବ୍ଲକର କୃତୀ ପ୍ରତିଭାମାନେ ରଜରାଣୀ ଆମ ଓଡ଼ିଆଣୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଲିଉଡ୍ ଅଭିନେତ୍ରୀ ଆଭା, ଅଭିନେତା ଆଶୁତୋଷ ଓ ସୌମ୍ୟା ବିଚାରକ ଭାବେ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ମେଗା ଅଡ଼ିଶନ୍‌ରେ ଭାଗ ନେଇ ନିଜର ପାରଦର୍ଶିତା ଦେଖାଇଥିଲେ।

## ପୋଖରୀରେ ବୁଡି ଯୁକ୍ତ ୨ ଛାତ୍ର ମୃତ

**ରସୁଲପୁର, ୨୫।୫(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତରେ ଶନିବାର ପୂର୍ବାହ୍ନ ପ୍ରାୟତଃ ସାଢେ ୧୧ଟାରେ ଜଣେ ଯୁକ୍ତ ୨ ଛାତ୍ର ସଂଜୟ ମଳି (୧୮) ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ସେ ଜେଜେମା'ଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତା ବଶତଃ ସଞ୍ଜୟଙ୍କ ଗୋଡ ଗଭୀର ପାଣିକୁ ଖସି ଯାଇଥିଲା। ଏହାଦେଖି ଜେଜେ ମା' ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ଗାଁଲୋକେ ତାଙ୍କୁ ପାଣିରୁ ଉଦ୍ଧାର କଲାବେଳକୁ ତାଙ୍କ ଅବସ୍ଥା ଗୁରୁତର ହୋଇଯାଇଥିଲା। ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସଞ୍ଜୟଙ୍କୁ ମୃତ ଘୋଷଣା କରିଥିଲେ। କୁଆଖିଆ ଥାନା ପୋଲିସ ଯାଜପୁର ଜିଲା ଚିକିତ୍ସା କେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ପୋଲିସ ଏକ ମାମଲା (ନଂ–୫/୧୯) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଛାତ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

- ଜାତୀୟ ରାଜପଥରେ ଖାଲ, ବଢୁଛି ଦୁର୍ଘଟଣା

## ମରାମତି ନ ହେଲେ ରାସ୍ତା ଅବରୋଧ ଚେତାବନୀ



ଜାତୀୟ ରାଜପଥରେ ହୋଇଥିବା ଖାଲ।

**କୋରେଇ, ୨୫।୫(ସ୍ୱ.ପ୍ର.)**

ପାଣିକୋଇଲି ହେଉଛି ୨୦ ଓ ୧୬ ନଂ. ଜାତୀୟ ରାଜପଥର ସଂଯୋଗସ୍ଥଳ। ଏହି ସ୍ଥାନରେ ଥିବା ଗୋଲେଇ ଛକରେ ପ୍ରାୟ ଦେଢ଼ ଫୁଟର ଏକ ଖାଲ ସୃଷ୍ଟି ହୋଇଛି। ପ୍ରତ୍ୟହ ଗାଡିଗୁଡିକ ଖାଲରେ ପଡି ଦୁର୍ଘଟଣାର ଶିକାର ହେଉଥିବାବେଳେ ବାଇକ୍ ଆରୋହୀ ଆହତ ହେଉଥିବା ଦେଖିବାକୁ ମିଳିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଥିବା ଜଣାପଡ଼ିଛି। ଜାତୀୟ ରାଜପଥ ବିଭାଗ ସମସ୍ତ ଟିକସ ନେଉଥିବା ସହ ରାସ୍ତା ମରାମତି ପାଇଁ ଠିକାଦାର ନିଯୁକ୍ତି କରିଛି। ହେଲେ ରାସ୍ତା ମରାମତି ହେଉ ନ ଥିବା ଅଭିଯୋଗ ହେଉଛି। ଆସନ୍ତା ୭ ଦିନ ମଧ୍ୟରେ ଏହି ରାସ୍ତା ମରାମତି କରା ନ ଗଲେ 'ସହଯୋଗ' ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଦାଦନ ଖଟିବାକୁ ଯାଇ ଜୁଆଙ୍ଗ ଯୁବକ ମୃତ

**କେନ୍ଦୁଝର, ୨୫।୫ (ସ୍ୱ.ପ୍ର.)**

ଦାଦନ ଖଟିବାକୁ ଯାଇଥିବା ଜଣେ ଜୁଆଙ୍ଗ ଯୁବକ ଘରକୁ ଫେରୁଥିବା ବେଳେ ମହାରାଷ୍ଟ୍ର ରାଜ୍ୟର ଅହମଦନଗର ଜିଲାର ବେଲାପୁର ଷ୍ଟେଶନ ନିକଟରେ ରେଳରେ କଟି ମୃତ୍ୟୁବରଣ କରିଛନ୍ତି। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ତାଙ୍କ ନାମ ଗୌତମ ଜୁଆଙ୍ଗ (୩୩) ଏବଂ ଘର ପଣ୍ଡାପଡା ଥାନା ଅନ୍ତର୍ଗତ ଧରାପଡା ଗ୍ରାମରେ। ମୃତ୍ୟୁ ଖବର ପାଇବା ପରେ ପରିବାର ଲୋକ ଚିନ୍ତାରେ ପଡିଯାଇଥିବା ବେଳେ ସହାୟତା ପାଇଁ ଶନିବାର ଜିଲା ଶ୍ରମ ବିଭାଗର ସହାୟତା ଲୋଡିଛନ୍ତି। ତାଙ୍କ ଭାଇ ଟୁକୁନା ଜୁଆଙ୍ଗଙ୍କ କହିବାନୁଯାୟୀ ଗୌତମ ୪ ବର୍ଷ ହେଲା ସେ କାମ କରିବାକୁ ଯାଇଥିଲେ। ମଝିରେ ମଝିରେ ଆସନ୍ତି। ଗୌତମ କେଉଁଠି କାମ କରୁଥିଲେ ତାହା ସେ ଠିକ୍ ଭାବେ ଜାଣି ନାହାନ୍ତି। ତେବେ ଏକ ଫୋନରେ ମୁମ୍ବାଇ ପୋଲିସ ଠାରୁ ତାଙ୍କର ମୃତ୍ୟୁ ଖବର ଜାଣିବାକୁ ପାଇଥିଲେ। ସେ ଘରକୁ ଫେରିବାର ଥିଲା। ଏଣୁ ଟ୍ରେନରେ ଆସୁଥିବା ବେଳେ ଏଭଳି ଅଘଟଣ ଘଟିଥିବା ଆଶଙ୍କା କରାଯାଉଛି । ତାଙ୍କର ସ୍ତ୍ରୀ ଓ ୮ ବର୍ଷର ପୁଅ ଓ ୬ ବର୍ଷର ଝିଅ ଅଛନ୍ତି। ସେ ଘରର ଏକୁଟିଆ ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଦୁର୍ଘଟଣା ପରେ ପୋଲିସ ତାଙ୍କ ପାଖରୁ ଏକ ମୋବାଇଲ ଫୋନ ପାଇଥିଲେ । ସେହି ଫୋନରେ କଥା ହେବା ବେଳେ ଯୋଗାଯୋଗ ହୋଇଥିଲା ଏବଂ ଅଘଟଣ ସମ୍ପର୍କରେ ଜାଣିବାକୁ ମିଳିଥିଲା ବୋଲି ଟୁକୁନା କହିଛନ୍ତି। ଶ୍ରମ ବିଭାଗ ପକ୍ଷରୁ ମୃତ ଦେହ ଆଣିବାକୁ ପଦକ୍ଷେପ ନିଆଯାଉଛି। ତାଙ୍କ ସମ୍ପର୍କୀୟ ସହିତ ସାମାଜିକ କର୍ମୀ ଉକ୍ତ ସ୍ଥାନକୁ ଯାଉଛନ୍ତି। ପ୍ରଶାସନ ପକ୍ଷରୁ ସହାୟତା କରାଯାଉଛି। ମୃତଦେହ ଆସିବା ପରେ ସବୁ ଜଣାପଡିବ ବୋଲି ଜିଲା ଶ୍ରମ ଅଧିକାରୀ ଅଜୟ କୁମାର ପ୍ରଧାନ କହିଛନ୍ତି।

## ପୁଣି କେନ୍ଦୁଝର–ଭୁବନେଶ୍ୱର ଟ୍ରେନ୍ ବାତିଲ

**କେନ୍ଦୁଝର, ୨୫।୫(ସ୍ୱ.ପ୍ର.)**

ପୁଣିଥରେ କେନ୍ଦୁଝରଗଡ–ଭୁବନେଶ୍ୱର ଫାଷ୍ଟ ପାସେଞ୍ଜର ଟ୍ରେନକୁ ରେଳଲାଇନ ଦୋହରୀକରଣ ପାଇଁ ବାତିଲ କରାଯାଇଛି । ୨୫ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଉଭୟ ପକ୍ଷରୁ ଏହି ଟ୍ରେନ ବାତିଲ କରାଯାଇଛି । ବାରମ୍ବାର ରେଳ ଲାଇନ ଦୋହରୀକରଣ ନାମରେ ଏଭଳି କେନ୍ଦୁଝରରୁ ରାଜଧାନୀକୁ ଯାତାୟାତ କରୁଥିବା ଏକ ମାତ୍ର ଟ୍ରେନ ବାତିଲକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି । କପିଳାସ ରୋଡଠାରୁ ଶାଳଗାଁ ରେଳ ଷ୍ଟେଶନ ମଧ୍ୟରେ ଦୋହରୀକରଣ ଚାଲିଥିବା ଜଣାପଡିଛି। ଗତମାସ ଅନୁରୂପ ଭାବେ ଟ୍ରେନ ଚଳାଚଳ ବାତିଲ କରାଯାଇଥିଲା । ଫଳରେ ଟ୍ରେନରେ ଯାତାୟାତ କରୁଥିବା ଯାତ୍ରୀ ମାନେ ନାନା ସମସ୍ୟା ଭୋଗୁଛନ୍ତି। ଏପରି କି ବହୁ ଯାତ୍ରୀ ବାତିଲ ସମ୍ପର୍କରେ ଜାଣି ନ ପାରି ଷ୍ଟେଶନ ଯାଇ ଫେରୁଥିବା ବେଳେ ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି।



ଯାହା କ୍ଷତି ହୋଇଗଲାଣି, ସେଥିପାଇଁ ବସି ଲୁହ ଗଡ଼ାଇବା ନୁହେଁ, ତାକୁ ପୂରଣ କରିବା ପାଇଁ ପ୍ରଫୁଲ୍ଲ ଚିତ୍ତରେ ଆଗେଇ ଯିବା ହେଉଛି ବିଜ୍ଞ ଲୋକର କାମ।
- ସେକ୍ସପିୟର

## ସଂକ୍ଷେପରେ

### ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ



ଭାପୁର/ଖଣ୍ଡପଡ଼ା, ୨୫।୫(ଡି.ଏନ.ଏ./ସ୍ୱ.ପ୍ର.): ଭାପୁର ବ୍ଲକ ଶାଳପଡା ପଞ୍ଚାୟତ ବାରବାଟୀ ଗ୍ରାମରେ ଗତ ମଙ୍ଗଳବାରଠାରୁ ଶ୍ରୀ ରାମଚନ୍ଦ୍ରଙ୍କ ୩ଦିନ ବ୍ୟାପୀ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କର୍ମଯୋଗ, ଜ୍ଞାନ ଯୋଗ ଓ ଭକ୍ତି ଯୋଗକୁ ପାଥେୟ କରି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ରଙ୍କ କଥାବସ୍ତୁ ତଥା ଦୁଃଖଦ ସଂସାରରୁ ମୁକ୍ତି ପାଇବା ନିମନ୍ତେ ୩ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମକୁ ବ୍ୟାସ ଭାବେ ନୂଆଗାଁ ଗ୍ରାମସ୍ଥ ଗୋବର୍ଦ୍ଧନ ଷଡ଼ଙ୍ଗୀ, ଉପବ୍ୟାସ ଭାବେ ଦାଶରଥି ଷଡଙ୍ଗୀ ଓ କର୍ମାଚାର୍ଯ୍ୟ ଭାବେ ବିଶ୍ୱନାଥ ମିଶ୍ର ପରିଚାଳନା କରିଥିଲେ। ମଙ୍ଗଳବାର ଅଧିବାସ କଳସ ଯାତ୍ରା ଓ ହନୁମାନ ଚାଳିଶା, ବୁଧବାର ବକ୍ତା ସୁଦାମ ଚରଣ ଦାସଙ୍କ ଦ୍ୱାରା ଶିବ ପାର୍ବତୀ ବିବାହ, ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ, ସୀତା ବିବାହ, ଗୁରୁବାର ରାମଚନ୍ଦ୍ରଙ୍କ ବନବାସ, ଭରତଙ୍କ ଚିତ୍ରକୁଟ ଯାତ୍ରା ଓ ସୀତାଚୋରି, ରାବଣ ବଧ, ଶ୍ରୀରାମଙ୍କ ଅଭିଷେକ ସହ କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଶହଶହ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରବଚନ ମାଧ୍ୟମରେ ଜ୍ଞାନ ଆହରଣ କରିଥିଲେ।

### ରାକମାରେ ଝାଡ଼େଶ୍ୱରୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା



ଭାପୁର/ଖଣ୍ଡପଡ଼ା, ୨୫।୫(ଡି.ଏନ.ଏ./ସ୍ୱ.ପ୍ର.): ଭାପୁର ବ୍ଲକ ଅନ୍ତର୍ଗତ ରାକମା ଗ୍ରାମର ଆରାଧ୍ୟା ମା' ଝାଡେଶ୍ୱରୀ ଦେବୀଙ୍କ ନୂତନ ମନ୍ଦିର ଓ ପାର୍ଶ୍ୱ ଦେବତାମାନଙ୍କ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପକ୍ଷ ଚତୁର୍ଥୀ ତିଥି ବୁଧବାରଠାରୁ ୩ଦିନ ବ୍ୟାପୀ ଏହି ଉତ୍ସବ ପାଳିତ ହୋଇଯାଇଛି। ବୁଧବାର ଶୁଭ ଅଧିବାସ, ଅଙ୍କୁରାରୋପଣ, ନାମ ସଂକୀର୍ତ୍ତନ, ଗୁରୁବାର ମଣ୍ଡଳ କରଣ, ଜଳଯାତ୍ରା, ସୂର୍ଯ୍ୟପୂଜା ତଥା ପାର୍ଶ୍ୱ ମନ୍ଦିର ପ୍ରତିଷ୍ଠା, ପୂଜାର୍ଚ୍ଚନା, ଅଗ୍ନି ସ୍ଥାପନ, ପାର୍ଶ୍ୱ ଦେବତା ସ୍ଥାପନ ପରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମ ନାଟକ ପରିବେଷଣ କରାଯାଇଥିଲା।

■ ବିଜୟୀ ବିଧାୟକଙ୍କ ଶିବିରରେ ଉତ୍ସାହ: ବିରୋଧୀ ଶିବିର ଖାଁ ଖାଁ

# ଖୋଜା ଚାଲିଛି ପରାଜୟ କାରଣ

ନୟାଗଡ଼ ଅଫିସ,୨୫।୫

ନୟାଗଡ଼ ଜିଲାର ୪ ବିଜେଡି ବିଧାୟକଙ୍କ ଶିବିରରେ ବର୍ତ୍ତମାନ ଉତ୍ସାହ ଦେଖିବାକୁ ମିଳିଛି। ନିଜ ସମର୍ଥକ ପ୍ରାର୍ଥୀମାନେ ଜିତିଥିବାରୁ କର୍ମୀମାନେ ଖୁବ୍ ଖୁସି ବ୍ୟକ୍ତ କରୁଛନ୍ତି। କର୍ମୀଙ୍କଠାରୁ ଆରମ୍ଭ କରି ଶୁଭେଚ୍ଛୁମାନେ ବିଜୟୀ ବିଧାୟକଙ୍କୁ ବଧାଇ ଜଣାଉଥିବା ଦେଖିବାକୁ ମିଳୁଛି। ନିର୍ବାଚନରେ ବିଜୟୀ ହେବା ପରେ ଫନୀ ଯୋଗୁ କୌଣସି ଠାରେ ବିଜୟ ଉତ୍ସବ ପାଳନ କରାଯାଇ ନାହିଁ। ଗୁରୁବାର ରାତିରେ ନିଜ ସମର୍ଥିତ ପ୍ରାର୍ଥୀମାନେ ଆଗୁଆ ରହିବା ତଥା ଜିତିବା ନେଇ ନିଶ୍ଚିତ ହେବା ପରେ କର୍ମୀମାନେ ବାଣ ଫୁଟାଇ ଖୁସିବ୍ୟକ୍ତ କରିଥିଲେ। ଏହା ପରେ କିନ୍ତୁ କୌଣସି ଠାରେ ବିଜୟ ଉତ୍ସବ ପାଳନ କରାଯାଇ ନାହିଁ। ଶୁକ୍ରବାର କେବଳ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ବିଧାୟକ ହୋଇଥିବା ରମେଶ ଚନ୍ଦ୍ର ବେହେରା ବାଇକ ଶୋଭାଯାତ୍ରା କରିଥିଲେ।



ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କୁ ଶୁଭେଚ୍ଛୁମାନେ ବଧାଇ ଜଣାଉଛନ୍ତି।

ଶନିବାର ୪ ନିର୍ବାଚନମଣ୍ଡଳୀର ସମସ୍ତ ଶିବିରରେ ଉତ୍ସାହ ଓ କୋଳାହଳ ଭରି ରହିଥିଲା। ଅନ୍ୟପକ୍ଷେ ବିରୋଧୀଙ୍କ ଶିବିର ଖାଲି ପଡ଼ିଛି। ବିରୋଧୀମାନେ କ'ଣ ପାଇଁ ପରାଜୟ ବରଣ କଲେ ତାହାର କାରଣ ଖୋଜିବାରେ ଲାଗିଛନ୍ତି। ପରସ୍ପର ମଧ୍ୟରେ ଦୋଷ ଲଦି ମନର ଦୁଃଖକୁ ପ୍ରଶମିତ କରୁଛନ୍ତି।

ନୟାଗଡ଼ ବିଧାୟକ ଅରୁଣ ସାହୁ ଚତୁର୍ଥ ଥର ପାଇଁ ବିଜୟୀ ହୋଇଥିବା ବେଳେ ଶନିବାର ବିଭିନ୍ନ ସ୍ଥାନରେ କର୍ମୀମାନଙ୍କୁ ଭେଟିବା ସହ ବିଜୟ ପାଇଁ ନୟାଗଡ଼ବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ମଧ୍ୟାହ୍ନରେ ବିଧାୟକ ଅରୁଣ ନୟାଗଡ଼ ଦଳୀୟ କାର୍ଯ୍ୟାଳୟଠାରେ ଦଳୀୟ କର୍ମୀ ଓ ଶୁଭେଚ୍ଛୁମାନଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିଥିଲେ। ଏହା ପରେ ଅପରାହ୍ନରେ ଓଡ଼ଗାଁ କଲ୍ୟାଣମଣ୍ଡଠାରେ ଲୋକମାନଙ୍କୁ ଭେଟି କୃତଜ୍ଞତା ଜଣାଇଥିଲେ। ସନ୍ଧ୍ୟାରେ ନୟାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଏକ ସଭା କରି ଲୋକମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏ ବିଜୟ ତାଙ୍କର ନୁହେଁ ବରଂ ନୟାଗଡ଼ବାସୀଙ୍କର ବୋଲି କହିଥିଲେ। ପୁଣିଥରେ ଆପଣମାନଙ୍କର ସେବା କରିବାର ସୁଯୋଗ ଦେଇଥିବା କହି ବିଧାୟକ ଅରୁଣ ଲୋକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। କିଛି ନବନିର୍ବାଚିତ ବିଧାୟକ ଭୁବନେଶ୍ୱରରେ ରହିଥିବା ବେଳେ ଶପଥ ପାଠ ପରେ ବିଜୟ ଉତ୍ସବ ପାଳନ କରିବେ ବୋଲି ଜଣାପଡ଼ିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ହୋଇନାହିଁ ବାଳକାଳେ**
**ତାହା ହୁଏ ନାହିଁ ପାଚିଲା ବାଳେ।**

ପିଲାଦିନୁ ଯେଉଁ କଥା ଅଭ୍ୟାସ କରାଯାଇ ନ ଥାଏ, ବୁଢ଼ା ବେଳକୁ ସେକଥା କରିବାକୁ ଚାହିଁଲେ ସହଜରେ ହୋଇପାରି ନ ଥାଏ। ଅଭ୍ୟାସ ସହଜେ ବଦଳି ନ ଥାଏ। ଆଦ୍ୟରୁ ଯାହା ନାହିଁ ଉତ୍ତର କାଳରେ ତାହା ହେବା ଆଦୌ ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯା'ର ଘରେ ନାହିଁ ବୁଢ଼ା,**
**ତା'ର ଘରେ ଦେଖ କତରା କୁଢ଼ା।**

ବୃଦ୍ଧ ବା ବୟସ୍କ ବ୍ୟକ୍ତି ହିଁ ଘରର ଅସଲ ଜଗୁଆଳି ତଥା ଅସଲ ମୁରବି ହୋଇଥାନ୍ତି। ବୟସ ଦୃଷ୍ଟିରୁ ସାଂସାରିକ ଅଭିଜ୍ଞତା ଢେର୍ ଅଧିକ ରହିଥାଏ। ଫଳସ୍ୱରୂପ ଘର ସଂସାରକୁ ଠିକ୍‌ଭାବେ ଚଳାଇନେବାରେ ନିପୁଣ ବା ସିଦ୍ଧହସ୍ତ ହୋଇଥାନ୍ତି। ତାଙ୍କ ବିନା ଘରର ସଂସ୍କୃତି ନାହିଁ କି ମର୍ଯ୍ୟାଦା ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ବୌଦ୍ଧ ପୀଠରୁ ସୋଲାର ପ୍ଲେଟ୍ ଚୋରି ଘଟଣା

## ଭୟରେ ରାସ୍ତାକଡ଼ରେ ଫିଙ୍ଗିଦେଲେ

ଖଣ୍ଡପଡ଼ା,୨୫।୫(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ କୋସକା ପଞ୍ଚାୟତରେ ଥିବା ଜିଲାର ଏକମାତ୍ର ଯୋଗିଯୋଗିଆଣୀ ବୌଦ୍ଧପୀଠ ବଣପାହାଡ ଘେରା ପରିବେଷ୍ଟନୀ ମଧ୍ୟରେ ଅବସ୍ଥିତ। ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାନୀୟ ଜଳର ଆବଶ୍ୟକତା ମେଣ୍ଟାଇବା ଲକ୍ଷ୍ୟରେ ୩ବର୍ଷ ପୂର୍ବେ ଏକ ସୌର ପାନୀୟଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା। ଏହା ଦ୍ୱାରା ପୀଠକୁ ଆସୁଥିବା ଶ୍ରଦ୍ଧାଳୁମାନେ ଉପକୃତ ହେଉଥିଲେ। ଏପରିସ୍ଥଳେ ଗତ ୨୧ ତାରିଖ ରାତିରେ ପ୍ରକଳ୍ପରେ ବ୍ୟବହୃତ ୩ ଗୋଟି ସୋଲାର (ସେଲୁଲାର) ପ୍ଲେଟକୁ କେହି ଦୁର୍ବୃତ୍ତ ଚୋରିକରି ନେଇଥିଲେ। ପରଦିନ ଏହି ଘଟଣା ଜଣାପଡିବା ପରେ ବୌଦ୍ଧ ପୀଠ ଉନ୍ନୟନ ପରିଷଦ ଅଁଳାପଟାର କର୍ମକର୍ତ୍ତାମାନେ କୋସକା ଫାଣ୍ଡି ପୋଲିସକୁ ଅବଗତ କରିଥିଲେ। ଏହାସହ ଗ୍ରାମବାସୀ ସେହି ରାତିରେ ଏ ସମ୍ପର୍କରେ ଆଲୋଚନା କରିଥିଲେ। କେତେକ ଅସାମାଜିକ ବ୍ୟକ୍ତି ଏହି କାର୍ଯ୍ୟ କରିଥିବା ଆଶଙ୍କା କରି ଗ୍ରାମର ସମସ୍ତ ବାସିନ୍ଦା ସ୍ଥାନୀୟ ଶିବ ମନ୍ଦିରରେ ନିୟମ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଘଟଣା ପରେ ଦୁର୍ବୃତ୍ତମାନେ ଭୟଭୀତ ହୋଇ ରାତିରେ ଯୋଗିଯୋଗିଆଣୀ ପୀଠକୁ ସଂଯୋଗ କରୁଥିବା ରାସ୍ତାପାର୍ଶ୍ୱରେ ଚୋରି ପ୍ଲେଟକୁ ପକାଇଦେଇଥିବା ସକାଳୁ ନଜରକୁ ଆସିଥିଲା। ଏ ସମ୍ପର୍କରେ ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇ ନ ଥିବାବେଳେ ଗ୍ରାମବାସୀଙ୍କ ନିଷ୍ପତ୍ତି ଶୁଣି ଅଭିଯୁକ୍ତ ଭୟରେ ପ୍ଲେଟଗୁଡ଼ିକୁ ରାସ୍ତାକଡରେ ପକାଇ ଦେଇଥିବା ଫାଣ୍ଡି ଅଧିକାରୀ ଅରୁଣ କୁମାର ଜେନା ସୂଚନା ଦେଇଥିଲେ।



ରାସ୍ତାକଡ଼ରେ ଫିଙ୍ଗାଯାଇଥିବା ସୋଲାର ପ୍ଲେଟ୍।

# ବିଦ୍ୟୁତ୍ ତାର ପକାଇ ବାର୍‌ହା ଶିକାର

ଓଡ଼ଗାଁ,୨୫।୫(ସ୍ୱ.ପ୍ର.)

ନୟାଗଡ ବନଖଣ୍ଡ ଓ ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ଗୋଚ୍ଛା ସଂରକ୍ଷିତ ଜଙ୍ଗଲ ସନ୍ନିକଟ ହଳନ୍ଦାପଲ୍ଲୀ ଗ୍ରାମ ନିକଟରୁ ବନ ବିଭାଗ ଏକ ବାର୍‌ହାର କଟାମୁଣ୍ଡ ସହିତ ୫୦ କେଜି ମାଂସ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩ଜଣ ଫେରାର ଥିବା ଜଣାପଡିଛି।

ପ୍ରକାଶ ଯେ, ଶନିବାର ଭୋର ସମୟରେ ହଳନ୍ଦାପଲ୍ଲୀ ଗ୍ରାମ ନିକଟ ଜଙ୍ଗଲରେ ଶିକାରୀମାନେ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ଲାଇନରେ ହୁକ ପକାଇ ବାର୍‌ହା ଶିକାର କରିଥିଲେ। ଏହାପରେ ମୃତ ବାର୍‌ହାକୁ କାଟି ମାଂସ ବିକ୍ରି କରିବାକୁ ସଜବାଜ ହେଉଥିବା ବେଳେ ବନବିଭାଗ ଖବର ପାଇଥିଲା। ବନରକ୍ଷୀ ସନ୍ତୋଷ ପରିଡା ଏନେଇ ବନାଞ୍ଚଳ ଅଧିକାରୀଙ୍କୁ ସୂଚନା ଦେବା ପରେ ଅଧିକାରୀ ରବୀନ୍ଦ୍ରନାଥ ପଣ୍ଡା ଓ ବନପାଳ ଜ୍ୟୋତିରଞ୍ଜନ ମାନସିଂହ ବନ ସୁରକ୍ଷା ସ୍କ୍ୱାଡ କର୍ମଚାରୀଙ୍କ ସହିତ ହଳନ୍ଦାପଲ୍ଲୀ ଗ୍ରାମ ନିକଟରେ ଭୋର ୪ଟାରେ ଚଢାଉ କରିଥିଲେ। ଏହି ସମୟରେ ନିକଟସ୍ଥ ରଙ୍ଗଣିପାଟଣା ଗ୍ରାମରୁ ସ୍ଥାନାନ୍ତର ହୋଇ ହଳନ୍ଦାପଲ୍ଲୀରେ ରହୁଥିବା ରାଇଳ ନାୟକ(୪୪) ଏବଂ ତାଙ୍କର ଦୁଇ ପୁଅ ଅରୁଣ ଏବଂ ଶ୍ରୀଧର ବାର୍‌ହା ମାଂସ ଛାଡି ଦୌଡି ପଳାଉଥିବା ବେଳେ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରୁ ହଳନ୍ଦାପଲ୍ଲୀ ଗ୍ରାମର ରାହୁଳ ନାୟକ(୨୮)ଙ୍କୁ କାବୁ କରିନେଇ ଗିରଫ କରିଥିଲେ। ସେହିସ୍ଥାନରୁ କଟାମୁଣ୍ଡ ଓ ମାଂସ ସହିତ କାଟିବା ନିମନ୍ତେ ବ୍ୟବହୃତ କତୁରି, ଛୁରି, ଟାଙ୍ଗିଆ, ୨କେଜି ଜିଆଇ ତାର ବଣ୍ଡଲ ଏବଂ ଭାଗ ବାଣ୍ଟିବା ନିମନ୍ତେ ବ୍ୟବହୃତ ନିକିତି ପ୍ରଭୃତି ଜବତ କରାଯାଇଥିଲା। ବନ ବିଭାଗ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିବା ବେଳେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ତାଙ୍କର ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜବତ ମାଂସ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି।



ଗିରଫ ଅଭିଯୁକ୍ତ, ଜବତ ବାର୍‌ହା ମାଂସ।

■କଟାମୁଣ୍ଡ ସହିତ ୫୦ କେଜି ମାଂସ ଜବତ
■ଜଣେ ଗିରଫ, ୩ ଫେରାର

## ଓଡ଼ଗାଁ ଭୋଟରଙ୍କୁ ବିଧାୟକଙ୍କ କୃତଜ୍ଞତା
## ମାସରେ ଦୁଇଥର ହେବ ଅଭିଯୋଗ ଶୁଣାଣି ଶିବିର

ଓଡ଼ଗାଁ, ୨୫।୫(ସ୍ୱ.ପ୍ର.)

ରାଜ୍ୟ ବିଧାନସଭାକୁ ୪ର୍ଥ ଥର ନିମନ୍ତେ ନିର୍ବାଚିତ କରିଥିବାରୁ ବିଧାୟକ ଅରୁଣ କୁମାର ସାହୁ ଓଡ଼ଗାଁ ଭୋଟରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶନିବାର ସ୍ଥାନୀୟ ସାଧାରଣ ସୁବିଧା କେନ୍ଦ୍ରରେ ଆୟୋଜିତ ସଭାରେ ଯୋଗଦେଇ ତାଙ୍କୁ ପୁଣି ଥରେ ଆସ୍ଥା ପ୍ରକଟ କରି ନିର୍ବାଚିତ କରିଥିବାରୁ ସେ କୃତଜ୍ଞତା ଜ୍ଞାପନ କରିବାକୁ ଆସିଥିବା ପ୍ରକାଶ କରିଥିଲେ। ତେବେ ସ୍ଥାନୀୟ କେତେକ ବ୍ଲକ ଓ ପଞ୍ଚାୟତସ୍ତରୀୟ ନେତାଙ୍କୁ ଆକ୍ଷେପ କରି ତାଙ୍କୁ ନିର୍ବାଚନ ସମୟରେ ପଛରୁ ଧୋକା ଦେଇଥିବା ନେଇ ବିରକ୍ତି ପ୍ରକାଶ କରିଥିଲେ। ଲୋକଙ୍କ ସୁବିଧା ଅସୁବିଧା ଜାଣିବାକୁ ସେ ନିଜେ ପ୍ରତ୍ୟକ୍ଷଭାବେ ଅଭିଯୋଗ ଶୁଣିବାକୁ ମାସରେ ଦୁଇଥର ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର କରିବେ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୁରଟ ଅଗ୍ନିକାଣ୍ଡ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

**ପୁରୀ ଅଫିସ,୨୫।୫:** ଗୁଜରାଟର ସୁରଟସ୍ଥିତ ଏକ କୋଚିଂ ସେଣ୍ଟରରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ୨୦ଜଣ ଛାତ୍ର ପ୍ରାଣ ହରାଇଥିଲେ। ସେମାନଙ୍କ ଉଦ୍ଦେଶ୍ୟରେ ଶନିବାର ପୁରୀ ଜୁଡୋ ଆସୋସିଏଶନ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ସବ୍ୟସାଚୀ ମହାପାତ୍ର, ସିନିୟର କୋଚ୍ ସବିତା ନନ୍ଦ, ମନୋଜ ସାହୁ, ସନ୍ତୋଷ ପାତ୍ରଙ୍କ ସମେତ ବହୁ ଜୁଡୋ ଖେଳାଳୀ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତିକାମନା କରିଥିଲେ।

■ କେନ୍ଦ୍ରୀୟ ବିଦ୍ୟାଳୟରେ ଖୋଲିଲାନି ଏକାଦଶ

# ହାଇକୋର୍ଟ ଯିବାକୁ ଅଭିଭାବକଙ୍କ ଚେତାବନୀ

ନୟାଗଡ଼ ଅଫିସ,୨୫।୫

ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟରେ ଚଳିତ ବର୍ଷ ଏକାଦଶ ଶ୍ରେଣୀ ନ ଖୋଲିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଅଭିଭାବକ ସଂଘ ଏ ନେଇ ହାଇକୋର୍ଟ ଯିବେ ବୋଲି ଏକ ବୈଠକ କରି ନିଷ୍ପତ୍ତି ନେଇଛନ୍ତି। ଜିଲାରେ ସିବିଏସଇ ସିଲାବସ୍ ଅନୁଯାୟୀ ଏକାଦଶ ଓ ଦ୍ୱାଦଶ ପଢ଼ିବା ପାଇଁ କୌଣସି ଶିକ୍ଷାନୁଷ୍ଠାନ ନ ଥିବାରୁ ଏ ନେଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ଛାତ୍ରୀଛାତ୍ରମାନେ କେଉଁଠି ପଢ଼ିବେ ସେ ନେଇ ଚିନ୍ତାରେ ଅଛନ୍ତି।

ପ୍ରକାଶ ଯେ, ଜିଲାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଖୋଲିବା ପାଇଁ ନା ପ୍ରଶାସନ ନା ସ୍କୁଲ କର୍ତ୍ତୃପକ୍ଷ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳରେ ବିଭିନ୍ନ ସମୟରେ ଅଭିଭାବକମାନେ ଧାରଣା ଦେଉଛନ୍ତି। ନୟାଗଡ଼ ସମେତ ଏକା ସମୟରେ ଓଡ଼ିଶାର ସୋନପୁର, ଢେଙ୍କାନାଳ, ଅନୁଗୋଳ, ଯାଜପୁର, ନୂଆପଡ଼ା, ଭଞ୍ଜନଗର, କେନ୍ଦୁଝର, ଆସ୍କା ଆଦି ସ୍ଥାନରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିଥିଲା। ସେ ସମସ୍ତ ସ୍ଥାନରେ ଏକାଦଶ ଶ୍ରେଣୀ ଖୋଲି ସାରିଲାଣି ହେଲେ ନୟାଗଡ଼ରେ ଏ ପର୍ଯ୍ୟନ୍ତ ଖୋଲି ପାରିନାହିଁ। କିଛିବର୍ଷ ହେଲା ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ ଚାଲୁଛି। ବର୍ତ୍ତମାନ ହାଉସିଂ ବୋର୍ଡ କଲୋନୀଠାରେ ନବନିର୍ମିତ କେନ୍ଦ୍ରୀୟ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇ ପାରୁନାହିଁ। ଏକାଦଶ ଦ୍ୱାଦଶ ଶ୍ରେଣୀ ନ ଖୋଲିବା ଯୋଗୁ ୧୦ମ ପାସ୍ କରିଥିବା ଛାତ୍ରୀଛାତ୍ରମାନେ ଉତ୍ତମ ଫଳ ହାସଲ କରିଥିବା ସତ୍ତ୍ୱେ ଉଚ୍ଚଶିକ୍ଷା ପାଇଁ ଜଟଣୀ କିମ୍ବା ଭୁବନେଶ୍ୱରଠାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ପଢୁଛନ୍ତି। ବାହାରେ ରହି ପଢୁଥିବା ଯୋଗୁ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଦାବି, ଆଲୋଚନା ଏବଂ ଆନ୍ଦୋଳନ ସତ୍ତ୍ୱେ ଉଚ୍ଚ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେଇ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବାରୁ ବାଧ ହୋଇ ଅଭିଭାବକମାନେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବା ସହ ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେବେ ବୋଲି କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ମହାସଂଘର ସଭାପତି ପ୍ରଶାନ୍ତ କୁମାର ଦାସ ଏବଂ ସମ୍ପାଦକ ନିରଞ୍ଜନ ବିଶ୍ୱାଳ ଜଣାଇଛନ୍ତି।



ହାଉସିଂ ବୋର୍ଡ଼ କଲୋନୀସ୍ଥିତ ନବନିର୍ମିତ କେନ୍ଦ୍ରୀୟ ବିଦ୍ୟାଳୟ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS BUSINESS
ASTROLOGY ASTROLOGY
FINANCE FINANCE

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ
ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ
ମାସକୁ ଭଡା 60,000/- ଟଙ୍କା
ପାଆନ୍ତୁ। ଜଣକୁ ଚାକିରି +
ବାଇକ୍ ଫ୍ରୀ ମିଳିବ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929606415
8929609224
SCO- 106, Second Floor, Vishal Tower, Cannaught Place, Delhi.

FINANCE
ସ୍ୱୀକୃତୀପ୍ରାପ୍ତ ରାମ ଫାଇନାସ ଦ୍ୱାରା ମାର୍କସିଟ, କୃଷି, ଶିକ୍ଷା, ଆଧାରକାର୍ଡ, ସମ୍ପତି, BPL, ଗୃହ ଓ ବ୍ୟକ୍ତିଗତ ଋଣ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ ଏବଂ 50% ଛାଡ
2th floor, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7088207357
9758645827

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 6390091675
8527858125
9454715754

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୧୪,୪୫୦ ହେକ୍ଟର ଜମିରେ ହେବ ଖରିଫ୍ ଚାଷ

**ବୋଲଗଡ଼,୨୫।୫(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳଟି ବୃଷ୍ଟିପ୍ରବଣ ଅଞ୍ଚଳ ଭାବେ ପରିଚିତ। ଏଠାରେ ଚାଷୀମାନଙ୍କ ପ୍ରମୁଖ ଆୟକାରୀ ଫସଲ ଭାବେ ଖରିଫ ଧାନଚାଷ ପରିଚିତ। ଅନିୟମିତ ପ୍ରବଳ ବର୍ଷା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସହ ଜଳସେଚନର ଅଭାବ ସତ୍ତ୍ୱେ ଅଞ୍ଚଳର ଚାଷୀମାନେ ଖରିଫ ଧାନ ଫସଲ ପାଇଁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜମି ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଫନୀ ପରେ ସ୍ଥାନୀୟ ଅଞ୍ଚଳର ଜମିଗୁଡିକ ଚାଷ ପାଇଁ ପାଗ ପ୍ରସ୍ତୁତ ରହିଛି। ଫଳରେ ଚାଷୀମାନେ ଏହି ସମୟରେ ଖରାଟିଆ ଧାନ ଚାଷ ନିମନ୍ତେ କୃଷି କାର୍ଯ୍ୟ ଆରମ୍ଭ କରିସାରିଲେଣି। ବିଗତ ବର୍ଷ ବ୍ଲକ ଅଞ୍ଚଳରେ ପ୍ରାୟ ୧୪ହଜାର ୪୫୦ହେକ୍ଟର ଜମିରେ ଧାନ ଚାଷ କରାଯାଇଥିଲା । ଏ ବର୍ଷ ଜୁନ ୨ୟ ସପ୍ତାହ ବେଳକୁ ଓଡ଼ିଶାରେ ମୌସୁମୀ


ଜଣେ ଚାଷୀ ଜମିରେ ବିହନ ବୁଣୁଛନ୍ତି।

ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଚାଷୀମାନେ ଭଲ ଧାନ ଫସଲ ଅମଳ ନିମନ୍ତେ ପ୍ରସ୍ତୁତି ଚଳାଇଛନ୍ତି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଏ ବର୍ଷ ମଧ୍ୟ ଠିକ୍ ସମୟରେ ମୌସୁମୀ ବର୍ଷା ହେବ କି ନାହିଁ ସେ

### ବୋଲଗଡ଼ ବ୍ଲକ

ନେଇ ଚାଷୀଙ୍କ ମଧ୍ୟରେ ସନ୍ଦେହ ରହିଛି। ଏକ ସର୍ବେକ୍ଷଣରୁ ଜଣାପଡ଼େ, ବିଗତ ବର୍ଷ ୧୯ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପ୍ରାୟ ୧୩ ହଜାର ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନଚାଷ ଓ ପ୍ରାୟ ଦେଢହଜାର ହେକ୍ଟର ଜମିରେ ଦେଶୀ ଧାନଚାଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ଏ ବର୍ଷ ବୋଲଗଡ଼ ବ୍ଲକସ୍ଥିତ ୩ ହଜାର ୩୧୬ ହେକ୍ଟର ଢିପ ଜମି, ୭ ହଜାର ୧୯୭ ହେକ୍ଟର ମଧ୍ୟମ କିସମର ଜମି ଏବଂ ୪ ହଜାର ୨୫୪ ହେକ୍ଟର ଖାଲୁଆ ଜମି ମଧ୍ୟରୁ ପ୍ରାୟ ୧୪ ହଜାର ୪୫୦ ହେକ୍ଟର ଜମିରେ ଧାନଚାଷ କରାଯିବା ନେଇ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ ରହିଛି । ସେହିପରି ବଳକା ଜମିରେ ଅଣଧାନ ଚାଷ ପାଇଁ ମଧ୍ୟ ଲକ୍ଷ୍ୟଧାର୍ଯ୍ୟ ରହିଛି । ଧାନଚାଷ ଫସଲ ନିମନ୍ତେ ସମୟାନୁସାରେ ସରକାରଙ୍କ ପକ୍ଷରୁ ଆବଶ୍ୟକ ପରିମାଣର ବିହନ ଯୋଗାଇ ଦିଆଯିବା ନେଇ ଚାଷୀ ମହଲରେ ଆଶାସୂଚକ ମତ ପ୍ରକାଶ ପାଇଛି। କେତେଜଣ ଚାଷୀ ନିଜ ଜମିରେ ବୁଣିବା ପାଇଁ ଧାନ ବିହନ ସାଇତି ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ୧ ହେକ୍ଟର ଜମି ପାଇଁ ପ୍ରାୟ ୫୦ କେଜି ବିହନ ବ୍ୟବହାର କରାଯାଇଥାଏ। ଚଳିତ ବର୍ଷ ହେକ୍ଟର ପିଛା ପ୍ରାୟ ୩୬ କୁଇଣ୍ଟାଲ ଅଧିକ ଅମଳକ୍ଷମ ଧାନ ଏବଂ ପ୍ରାୟ ୨୪ କୁଇଣ୍ଟାଲ ଦେଶୀ ଧାନ ଅମଳ ପାଇଁ ଲକ୍ଷଧାର୍ଯ୍ୟ ଥିବା କୁହାଯାଇଛି। ଏଥିପାଇଁ ବିଭାଗ ପକ୍ଷରୁ କୃଷକମାନଙ୍କୁ ବିହନ, ସାର ଆଦି ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। କୃଷି କାର୍ଯ୍ୟାଳୟ ପକ୍ଷରୁ ପ୍ରାପ୍ତ ସୂଚନା ଅନୁସାରେ, ଗତବର୍ଷ ଧାନ ଫସଲ ନିମନ୍ତେ ହେକ୍ଟର ପିଛା ହାରାହାରି ୫୪.୨୦ କିଲୋଗ୍ରାମ ହିସାବରେ ମୋଟ ୮୫୮ ମେଟ୍ରିକ ଟନ୍ ସାର ବ୍ୟବହାର ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଚଳିତ ବର୍ଷ ମଧ୍ୟ ଫସଲ ବୃଦ୍ଧି ନିମନ୍ତେ ଆନୁଷଙ୍ଗିକ ସହାୟତା ଯୋଗାଇ ଦିଆଯିବା ନେଇ ସୂଚନା ମିଳିଛି।

## ସଂକ୍ଷେପରେ

### ଟ୍ରାକ୍ଟର ଡାଲାରୁ ଖସି ଯୁବକଙ୍କ ପ୍ରାଣଗଲା

**ତୁମୁଡିବନ୍ଧ,୨୫।୫(ଡି.ଏନ୍.ଏ.):** ତୁମୁଡିବନ୍ଧ ବ୍ଲକ ଅଞ୍ଚଳରେ ଟ୍ରାକ୍ଟର ଡାଲାରୁ ଖସିପଡି ଜଣେ ଯୁବକଙ୍କର ଶନିବାର ମୃତ୍ୟୁ ହୋଇଛି। ସେ ହେଲେ ତୁମୁଡିବନ୍ଧ ପଞ୍ଚାୟତ ଝରିଆପଦା ଗ୍ରାମର ବାଲେଶ୍ୱର ଦଣ୍ଡସେନା। ବାଲେଶ୍ୱର କେତେଜଣ ଶ୍ରମିକଙ୍କ ସହ ମିଶି ପୂର୍ବାହ୍ନ ପ୍ରାୟ ୯ଟାରେ ଟ୍ରାକ୍ଟର (ନଂ.ଓଡି୧୨ବି-୫୯୫୦)ରେ ବାଲି ବୋଝେଇ କରି ଗୁମା ପଞ୍ଚାୟତ ପେଡମ ଗ୍ରାମକୁ ଯାଉଥିଲେ। ବେଲଘର ରାସ୍ତା ପୂଜାଘାଟି ବୁଲାଣିରେ କୌଣସି କାରଣରୁ ବାଲେଶ୍ୱର ଡାଲାରୁ ଖସି ପଡିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ତୁମୁଡିବନ୍ଧ ପୋଲିସ ପହଞ୍ଚି ମୃତଦେହ ଜବତ ବ୍ୟବଚ୍ଛେଦ ପାଇଁ ତୁମୁଡିବନ୍ଧ ମେଡିକାଲକୁ ପଠାଇଥିଲା। ଏନେଇ ନଂ.୪୧/୧୯ରେ ଏକ ମାମଲା ରୁଜୁ ହୋଇଥିବା ତୁମୁଡିବନ୍ଧ ଥାନା ଅଧିକାରୀ ଓ ଏ.ଏସ୍.ଆଇ ଜୁଗଳ କିଶୋର ନାୟକ ସୂଚନା ଦେଇଛନ୍ତି। ମୃତକ ହେଲେ ତୁମୁଡିବନ୍ଧ ପଂଚାୟତର ଝରିଆପଦା ଗ୍ରାମର ବାଲେଶ୍ୱର ଦଣ୍ଡସେନା (୩୫)।

### ମଦ ଜବତ, ଜଣେ ଗିରଫ

**ଦିଗପହଣ୍ଡି,୨୫।୫(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ବେଆଇନ ମଦ ବିକ୍ରି ଅଭିଯୋଗରେ ଶନିବାର ଝାଟିପିଟିଆ ଗ୍ରାମର ଉଲା ସାହୁଙ୍କୁ କୋର୍ଟଚାଲାଣ କରିଛି। ଶୁକ୍ରବାର ସନ୍ଧ୍ୟାରେ ଥାନା ଏସ୍‌ଆଇ ମଧୁସ୍ମିତା ପ୍ରଧାନ ସଦଳବଳେ ଉଲାଙ୍କ ରାସନ ଦୋକାନରେ ଚଢ଼ାଉ କରିଥିଲେ। ସେଠାରୁ ୨୦ଟି ଦେଶୀ ମଦ ପାଉଚ ଜବତ କରାଯାଇଥିଲା। ଏ ନେଇ ନଂ. ୯୮/୧୯ରେ ମମଲା ରୁଜୁ କରାଯାଇଛି।

### ଜମିରୁ ଚାଷୀଙ୍କ ମୃତଦେହ ଉଦ୍ଧାର

ଅଂଶୁଘାତରେ ମୃତ୍ୟୁ ଅଭିଯୋଗ
ପ୍ରଶାସନର ଅସ୍ୱୀକାର

**ଦିଗପହଣ୍ଡି,୨୫।୫(ଡି.ଏନ.ଏ.):** ଦିଗପହଣ୍ଡି ବଡ଼ଡୁମ୍ବୁଲା ଗ୍ରାମର ଚାଷୀ କାଶୀନାଥ ସେଠୀଙ୍କ ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଅଂଶୁଘାତ ପ୍ରଭାବରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପୂର୍ବାହ୍ନ ପ୍ରାୟ ୧୦ଟାରେ କାଶୀନାଥ ଗାଁ ନିକଟ ଜମିରେ ଚାଷକାମ କରିବାକୁ ଯାଇଥିଲେ। ସେହି ରାସ୍ତାଦେଇ ଗ୍ରାମର ଜଣେ ଗୋରୁ ଜଗୁଆଳୀ ସୀମାଞ୍ଚଳ ଗୌଡ଼ ଫେରୁଥିବା ବେଳେ କାଶୀନାଥ ଚାଷ ଜମିରେ ପଡ଼ି ମୃତ୍ୟୁବରଣ କରିଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମାତ୍ର ବ୍ୟବଚ୍ଛେଦ କରିବା ପରିବର୍ତ୍ତେ ପରିବାର ଲୋକେ ସନ୍ଧ୍ୟାରେ ଗାଁ ଶ୍ମଶାନରେ ସଂସ୍କାର କରି ଦେଇଥିଲେ। ଏ ନେଇ ସ୍ଥାନୀୟ ତହସିଲଦାର ଅଦୈତ କୁମାର ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଘଟଣା ସମ୍ପର୍କରେ ତାଙ୍କ ନିକଟରେ କୌଣସି ରିପୋର୍ଟ ନ ଥିବା କହିବା ସହ ଅଂଶୁଘାତଜନିତ ମୃତ୍ୟୁକୁ ଅସ୍ୱୀକାର କରିଛନ୍ତି।

### ଚାକୁଣ୍ଡାପଲ୍ଲୀରେ ହନୁମାନ ମନ୍ଦିର ପ୍ରତିଷ୍ଠା

**ଭଞ୍ଜନଗର,୨୫।୫(ଡି.ଏନ.ଏ.)-** ଭଞ୍ଜନଗର ନିକଟସ୍ଥ ଚାକୁଣ୍ଡାପଲ୍ଲୀରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୨୧ ତାରିଖରୁ ଆରମ୍ଭ ହୋଇଯାଇଛି। ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିସହ ୨୬ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ନାମଯଜ୍ଞ ଚାଲିବ। ବିଭିନ୍ନ ଦିବସରେ ହୋମଯଜ୍ଞ, ଅନ୍ନଯଜ୍ଞ, ପୂର୍ଣ୍ଣାହୁତି ପ୍ରମୁଖ କାର୍ଯ୍ୟକ୍ରମ ରହିଛି। ଉତ୍ସବକୁ ପରିଚାଳନା କରିବାରେ ଗ୍ରାମବାସୀ ସହଯୋଗ କରୁଛନ୍ତି।

### ମଦ ଜବତ, ଜଣେ ଗିରଫ

**ଗୋପାଳପୁର,୨୫।୫:** ଗୋପାଳପୁର ଥାନା ପୋଲିସ ଚୋରା ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଶନିବାର ଜଣଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ଭାଲିଆଗଡ଼ର ଆନନ୍ଦ ସାହୁ (୪୮)। ଉକ୍ତ ଥାନା ଭାଲିଆଗଡ଼ ନିକଟରେ ଦୀର୍ଘଦିନ ହେଲ ଆନନ୍ଦ ଚୋରା ଦେଶୀ ମଦ ବିକ୍ରି କରୁଥିଲେ। ଖବର ପାଇ ଶନିବାର ପୂର୍ବାହ୍ନରେ ପୋଲିସ ଚଢ଼ାଉ କରି ଆନନ୍ଦଙ୍କୁ କାବୁ କରିଥିଲା। ତାଙ୍କଠାରୁ ୬୩ଟି ମଦ ପାଉଚ ଜବତ କେରାଯିବା ସହ ନଂ. ୧୪୨/୧୯ରେ ମାମଲା ରୁଜୁ ହୋଇଛି।

## ଆଜି ଶ୍ରୀକ୍ଷେତ୍ରେ ଭଉଁରୀ

**ପୁରୀ ଅଫିସ,୨୫।୫**

ପବିତ୍ର ଅକ୍ଷୟ ତୃତୀୟା ତିଥିରୁ ଆରମ୍ଭ ହୋଇଥିବା ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଶ୍ରୀକ୍ଷେତ୍ରେ ଭଉଁରୀ। ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ପରିକ୍ରମା କରି ଚାପ ଖେଳିବେ ଠାକୁର। ରଙ୍ଗିନ ଆଲୋକମାଳା ଓ ଆତସବାଜିରେ ଝଲସିବ ନରେନ୍ଦ୍ର ପୁଷ୍କରିଣୀ। ମହାପ୍ରଭୁଙ୍କ ଭଉଁରୀ ଯାତ ଦେଖିବା ଲାଗି ନରେନ୍ଦ୍ର କୂଳରେ ଭକ୍ତଙ୍କ ପ୍ରବଳ ସମାଗମ ହେବାର ସମ୍ଭାବନା ରହିଛି। ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମକୃଷ୍ଣ ଏବଂ ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଭଦ୍ରା ଚାପରେ ପ୍ରତ୍ୟହ ଜଳକ୍ରୀଡ଼ା କରୁଛନ୍ତି। ବାହାର ଚନ୍ଦନ ଯାତ୍ରାରେ ପ୍ରତ୍ୟହ ମହାପ୍ରଭୁ ଦିନ ଚାପରେ ଗୋଟିଏ ଘେରା ଏବଂ ରାତି ଚାପରେ ୩ ଘେରା ପରିକ୍ରମା କରିଥାନ୍ତି। କିନ୍ତୁ ଭଉଁରୀରେ ରାତିଚାପରେ ଠାକୁର ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ଜଳକ୍ରୀଡ଼ା କରିବେ। ବାହାର ଚନ୍ଦନର ଶେଷ ଦିନ (୨୧ ଦିନରେ)ରେ ଅର୍ଥାତ୍ ସୋମବାର ହଳଦୀ ପାଣି ନୀତି ଅନୁଷ୍ଠିତ ହେବ। ଏହିଦିନ କେବଳ ଦିନ ଚାପ ହୁଏ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭଉଁରୀ ଯାତ୍ରା ଲାଗି ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି।

■ ଯୁକ୍ତ ୨ ଖୋଲିବା ପ୍ରସ୍ତାବରେ ପରିବର୍ତ୍ତନ ପ୍ରସଙ୍ଗ

## ଜିଲାପାଳଙ୍କୁ ଭେଟିଲେ ଆଦର୍ଶ ବିଦ୍ୟାଳୟର ଅଭିଭାବକ

**ଛତ୍ରପୁର,୨୫।୫(ଡି.ଏନ.ଏ)**

ଗଞ୍ଜାମ ଜିଲାର ୫ ଓଡିଶା ଆଦର୍ଶ ବିଦ୍ୟାଳୟରେ ଯୁକ୍ତ ୨ ଶ୍ରେଣୀ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି । ଜିଲପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ପକ୍ଷରୁ ୧୭ ତାରିଖରେ ଦିଆଯାଇଥିବା ନୂତନ ପ୍ରସ୍ତାବରେ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କରାପଲ୍ଲୀ ଓଡିଶା ଆଦର୍ଶ ବିଦ୍ୟାଳୟର ନାଁକୁ ବାଦ୍ ଦିଆଯାଇଛି। ଭୌଗୋଳିକ ସ୍ଥିତିକୁ ଅନୁଧ୍ୟାନ କରି ବିଭାଗ ପକ୍ଷରୁ ପୂର୍ବରୁ ନିଆଯାଇଥିବା ନିଷ୍ପତ୍ତିରେ କେତେକ ପରିବର୍ତ୍ତନ କରି ଉକ୍ତ ପ୍ରସ୍ତାବ ଜିଲାପାଳ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଚିଠି (ନଂ-୬୪୫୯) ପଠାଇଥିଲେ । ଏହା ଉପରେ ପୁନର୍ବିଚାର କରି କରାପଲ୍ଲୀ ଓଡିଶା ଆଦର୍ଶ ବିଦ୍ୟାଳୟରେ ଯୁକ୍ତ ୨ ଶ୍ରେଣୀ ଖୋଲିବାକୁ ଅଭିଭାବକମାନଙ୍କ ପକ୍ଷରୁ ଦାବି ହୋଇଛି । ଶନିବାର କେତେକ ଅଭିଭାବକ ଛତ୍ରପୁର ଆସି ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ, ଚିକିଟି ବ୍ଲକ ପିତାତଳୀ, ସୋରଡା ବ୍ଲକ ହେଡକ୍ୱାର୍ଟର,


ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ପୋଲସରା ବ୍ଲକ ହାତୀଓଟ, ହିଞ୍ଜିଳି ବ୍ଲକ ଶାସନ ଆମ୍ବଗାଁ ଓ ଖଲ୍ଲିକୋଟ ବ୍ଲକ ବାଉରିଗଣ୍ଡାପଲ୍ଲୀରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟରେ ଯୁକ୍ତ ୨ ପାଠ୍ୟକ୍ରମ ଖୋଲିବାକୁ ଜିଲାପାଳଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

ଅପରପକ୍ଷରେ ଭୁବନେଶ୍ୱରରେ ଅନୁଷ୍ଠିତ ଓଡିଶା ଆଦର୍ଶ ବିଦ୍ୟାଳୟର ଦ୍ୱିତୀୟ କାର୍ଯ୍ୟକାରୀ କମିଟି ବୈଠକରେ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ କରାପଲ୍ଲୀ, ଶେରଗଡ ବ୍ଲକ ପାକିଡିହି, କବିସୂର୍ଯ୍ୟନଗର ବ୍ଲକ ବଡ ଆଗୁଳା, ହିଞ୍ଜିଳି ବ୍ଲକ ଶାସନ ଆମ୍ବଗାଁ ଓ ଖଲ୍ଲିକୋଟ ବ୍ଲକ ବାଉରିଗଣ୍ଡାପଲ୍ଲୀର ଓଡିଶା ଆଦର୍ଶ ବିଦ୍ୟାଳୟରେ ଯୁକ୍ତ ୨ ଶ୍ରେଣୀ ଖୋଲିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଭୌଗୋଳିକ ଦୃଷ୍ଟିକୋଣରୁ ହିଞ୍ଜିଳି ବ୍ଲକ ଶାସନ ଆମ୍ବଗାଁ ଓ ଖଲ୍ଲିକୋଟର ବ୍ଲକ ବାଉରିଗଣ୍ଡାପଲ୍ଲୀର ଓଡିଶା ଆଦର୍ଶ ବିଦ୍ୟାଳୟ ବ୍ୟତୀତ କରାପଲ୍ଲୀ ସମେତ ୩ ସ୍ଥାନ ପରିବର୍ତ୍ତନ କରି ଜିଲାପାଳ ଉକ୍ତ ପ୍ରସ୍ତାବକୁ ସ୍କୁଲ ଓ ଗଣ ଶିକ୍ଷା ବିଭାଗକୁ ପଠାଇଥିଲେ ।

ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା ବୈଠକ

## ସ୍ନାନ ପୂର୍ଣ୍ଣିମା ପୂର୍ବରୁ ୩୧ ମୋବାଇଲ ଟାୱାର କାର୍ଯ୍ୟକ୍ଷମ ହେବ

**ପୁରୀ ଅଫିସ,୨୫।୫**

ପୁରୀ ଜିଲାପାଳ ବଲୱନ୍ତ ସିଂ ଆସନ୍ତା ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ଏଥିରେ ସ୍ୱାସ୍ଥ୍ୟ, ପରିମଳ, ପାନୀୟଜଳ, ବିଦ୍ୟୁତ୍ ଯୋଗାଣ, ଯୋଗାଯୋଗ, ଆଇନ ଶୃଙ୍ଖଳା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ଯେହେତୁ ରଥଯାତ୍ରା ପରିଚାଳନା ତାଙ୍କ ପାଇଁ ନୂଆ ତେଣୁ ଜିଲାପାଳ ସିଂ ପ୍ରତିଟି ପ୍ରସଙ୍ଗର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସ୍ନାନ ପୂର୍ଣ୍ଣିମା ପୂର୍ବରୁ ପୁରୀ ଏବଂ ଜାତୀୟ ରାଜପଥରେ ୩୧ଟି ମୋବାଇଲ ଟାୱାର କାର୍ଯ୍ୟକ୍ଷମ କରାଯିବ। କେତେକ ସ୍ଥାନରେ ଟାୱାରଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବାରୁ କାର୍ଯ୍ୟକ୍ଷମ କରିବାରେ ବିଳମ୍ବ ହେଉଥିବା ଜଣାପଡ଼ିଛି। ସେହିପରି କଟକ, ଭୁବନେଶ୍ୱର ଓ ପୁରୀ ମଧ୍ୟରେ ଅଧିକ ବସ୍ ଚଳାଚଳ ପାଇଁ ବ୍ୟବସ୍ଥା କରାଯିବା ସହ ପୁରୀ ରେଳଷ୍ଟେଶନର ମରାମତି ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି । ରଥଯାତ୍ରା ସମୟରେ ଜନସମାଗମକୁ ଦୃଷ୍ଟିରେ ରଖି ସମୁଦ୍ର କୂଳରେ ୨୦୦ ଲାଇଫ୍‌ଗାର୍ଡଙ୍କୁ ମୁତୟନ କରାଯିବ। ପଲ୍ଲିଶ୍ରୀ ମେଳାରେ ୨୫୫ ଷ୍ଟଲ ଖୋଲାଯିବ। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ୧୧ଟି ସୂଚନା କେନ୍ଦ୍ର ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ପୁରୀ ପୌର ସଂସ୍ଥାର ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

ରଥଖଳାରୁ...

## ଆଜି ନାହାକା ଚକ ଡେରା


ନାହାକା ଚକ ଡେରା ପାଇଁ ଶେଷ ପର୍ଯ୍ୟାୟ ପ୍ରସ୍ତୁତି।

**ପୁରୀ ଅଫିସ,୨୫।୫**

ରବିବାର ଶ୍ରୀକ୍ଷେତ୍ରେ ଭଉଁରୀ। ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ତିନିରଥର ୬ଟି ନାହାକା ଚକ ଡେରାଯିବାର ପରମ୍ପରା ରହିଛି।ଏଥିଲାଗି ତିନିରଥର ୬ଟି ନାହାକା ଚକ ଏବଂ ୩ଟି ନାହାକା ଅଖ ତିଆରି ସରିଛି। କେବଳ ଚକ ଡେରାକୁ ଅପେକ୍ଷା ରହିଛି। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସି ଲାଗି ହେବା ପରେ ଚକ ଡେରାଯିବ । ଶନିବାର ତିନିରଥର ୨ଟି ଲେଖାଏ ୬ଟି ଚକ କାମ ଶେଷ ହୋଇଛି।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୩ଟି ଅଖକୁ ସାଇଜ କରି ରଖାଯାଇଛି। ମା ଚର୍ଚ୍ଚିକାଙ୍କ ସମ୍ମୁଖ ଯନ୍ତାଗାଡ଼ରେ ୩ଟି ସିଙ୍ଗଡ଼ା ବାଡ଼ିଆ କରାଯାଇଥିବା ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ଭୋଇ ସେବକମାନେ ଦୋଳବେଦି କୋଣରେ ପୋଲୋ ଗୟଳ ପକାଇଛନ୍ତି। ୪୦ ଫୁଟିଆ ଏହି ଧଉରା କାଠକୁ କରତି ସେବକମାନେ ଚିରଟ କରିବେ। ତାଳଧ୍ୱଜ ରଥର ପୋଲୋ ଗୟଳ ପ୍ରଥମେ ଚିରଟ ପାଇଁ ଶନିବାର ପକାଯାଇଥିବା ଭୋଇ ସର୍ଦ୍ଦାର କହିଛନ୍ତି। ରଥଖଳାରେ ମହାରଣା ସେବକମାନେ ପଇ ବିନ୍ଧ ଏବଂ ଅନ୍ୟାନ୍ୟ କାମରେ ବ୍ୟସ୍ତ ଥିବାବେଳେ ରୂପକାର ସେବକମାନେ ଖୋଦେଇ କରୁଛନ୍ତି। ଦୋଳବେଦି କୋଣ ପରିସରରେ କମାର ସେବକମାନେ କଣ୍ଟା ତିଆରିରେ ଲାଗିଛନ୍ତି। ତିନିରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର, କୃଷ୍ଣଚନ୍ଦ୍ର ମହାରଣା ଏବଂ ନରସିଂହ ମହାପାତ୍ରଙ୍କ ନେତୃତ୍ୱରେ ମହାରଣା ସେବକମାନେ କାମ ଜାରି ରଖିଛନ୍ତି।

## ୱାରେଣ୍ଟ ବଳରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

**ଗୋପାଳପୁର,୨୫।୫**

ଗୋଳନ୍ଥରା ଥାନା ପୋଲିସ ଶନିବାର ୱାରେଣ୍ଟ ବଳରେ ଜଣଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ଗୋବିନ୍ଦନଗର ଗ୍ରାମର ଦେବେନ୍ଦ୍ର ମଲଣା। ଉକ୍ତ ଥାନା ଗୋବିନ୍ଦନଗରର ଦେବେନ୍ଦ୍ର ୨୦୧୨ରେ ଏକ ମାମଲାରେ ଗିରଫ କରାଯାଇ କୋର୍ଟଚାଲାଣ ହୋଇଥିଲେ। ସେ ବିଚାରାଧୀନ ସମୟରେ ବାରମ୍ବାର କୋର୍ଟରେ ଅନୁପସ୍ଥିତ ରହୁଥିଲେ। ଜିଆର ନଂ. ୩୪୮/୧୨ ପ୍ରକାରେ କୋର୍ଟ ୱାରେଣ୍ଟ ଜାରି କରିଥିଲା। ଶନିବାର ଦେବେନ୍ଦ୍ର ଘରେ ଥିବା ସମୟରେ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

ପୁରୀ ଜିଲା: ଭୋଟରଙ୍କ ପସନ୍ଦଯୋଗ୍ୟ ନ ଥିଲେ ପ୍ରାର୍ଥୀ

## ନୋଟାକୁ ଯାଇଛି ୪,୯୮୩ ଭୋଟ

**ପୁରୀ ଅଫିସ, ୨୫।୫**

ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପ୍ରତ୍ୟେକ ନାଗରିକଙ୍କ ଭୋଟ ଦେବାର ଅଧିକାର ରହିଛି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଯଦି ଭୋଟରଙ୍କ ପସନ୍ଦଯୋଗ୍ୟ ନୁହନ୍ତି ତାହେଲେ ତାଙ୍କ ପାଇଁ ନୋଟା (ନନ୍ ଅଫ୍ ଦ ଏବଭ)ବଟନ ଅପ୍‌ସନ ରଖିଛନ୍ତି ଭାରତର ନିର୍ବାଚନ କମିଶନ । ଏହି ବଟନ ଇଭିଏମ୍‌ର ସବା ତଳେ ରହିଥାଏ। ଏଥର ପୁରୀ ଜିଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପସନ୍ଦର ପ୍ରାର୍ଥୀ ନ ଥିବାରୁ ନୋଟାକୁ ଯାଇଛି ୪,୯୮୩ ଭୋଟ। ଏଥିରେ ପୁରୀ ନିର୍ବାଚନମଣ୍ଡଳୀରେ ସର୍ବାଧିକ ୧,୨୮୧ ଭୋଟର ନୋଟା ଓ ସତ୍ୟବାଦୀରେ ସର୍ବନିମ୍ନ ୬୫୫ ମତଦାତା ନୋଟା ବଟନ ବ୍ୟବହାର କରିଛନ୍ତି। ସୂଚନା ଅନୁଯାୟୀ, ଜିଲାର ୬ଟି ନିର୍ବାଚନମଣ୍ଡଳୀ (ପୁରୀ, ପିପିଲି, ସତ୍ୟବାଦୀ, କାକଟପୁର, ନିମାପଡ଼ା ଏବଂ ବ୍ରହ୍ମଗିରି)ରେ ଏଥର ମୋଟ ୧୦,୨୩,୦୩୯ ଜଣ ଭୋଟର ମତଦାନ କରିଛନ୍ତି। ଏଥିମଧ୍ୟରେ ୪,୯୮୩ ଭୋଟ ନୋଟାକୁ ଯାଇଛି। ପୁରୀ ନିର୍ବାଚନମଣ୍ଡଳୀରୁ ସର୍ବାଧିକ ୧,୨୮୧ଭୋଟ୍ ନୋଟାକୁ ଯାଇଛି। ଏଥିରେ ଇଭିଏମ୍ ଭୋଟ ୧୨୭୫ ଏବଂ ୬ଟି ପୋଷ୍ଟାଲ ଭୋଟ ରହିଛି। ସେହିପରି କାକଟପୁରରେ ୭୩୬ (ଇଭିଏମ୍ ୭୩୪ ଓ ପୋଷ୍ଟାଲ ଭୋଟ ୨), ନିମାପଡ଼ା ୬୮୪ (ଇଭିଏମ୍ ୬୮୩ ଓ ପୋଷ୍ଟାଲ ଭୋଟ ୧), ବ୍ରହ୍ମଗିରି ୭୬୦ (ଇଭିଏମ୍ ୭୫୭ ଓ ପୋଷ୍ଟାଲ ଭୋଟ ୩), ସତ୍ୟବାଦୀ ୬୫୫ (ଇଭିଏମ୍ ୬୫୪ ଓ ପୋଷ୍ଟାଲ ଭୋଟ ୧), ପିପିଲି ୮୬୭ (ଇଭିଏମ୍ ୮୬୫ ଓ ପୋଷ୍ଟାଲ ଭୋଟ ୨) ରହିଛି।

■ ପରାଜିତ ପ୍ରାର୍ଥୀଙ୍କ ଆତ୍ମସମୀକ୍ଷା

## ଭାଜପାର ଭୋଟ ହାର ବୃଦ୍ଧି ପାଇଛି

**ଦାରିଙ୍ଗବାଡ଼ି,୨୫।୫(ଡି.ଏନ.ଏ)**

ନିର୍ବାଚନ ଫଳାଫଳ ପ୍ରକାଶ ପରେ ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀରେ ପରାଜିତ ପ୍ରାର୍ଥୀ ହାରିବାର କାରଣ ଖୋଜିବାରେ ଲାଗିଛନ୍ତି। ଓଡ଼ିଶାରେ ବିଜେଡି ସରକାର ଗଢିବାକୁ ଯାଉଥିବାବେଳେ କେନ୍ଦ୍ରରେ ଭାଜପା ସରକାର ଗଢିବାକୁ ଯାଉଛି। ସାରାଦେଶରେ ମୋଦି ହାୱା ଦେଖିବାକୁ ମିଳିଥିବାବେଳେ ଓଡ଼ିଶାରେ କିନ୍ତୁ ପ୍ରଭାବ ପଡି ନ ଥିଲା। ମାତ୍ର ଜି.ଉଦୟଗିରି ନିର୍ବାଚନମଣ୍ଡଳୀରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଅର୍ଚ୍ଚନା ପ୍ରଧାନଙ୍କ ବିଜୟ ନେଇ ବହୁ କଳ୍ପନାଜଳ୍ପନା ଲାଗି ରହିଥିଲା। ମାତ୍ର ସେ ପରାଜିତ ହୋଇଥିଲେ। ଏବେ ସେ ତାଙ୍କ ପରାଜୟକୁ ନେଇ ସମୀକ୍ଷା କରିଛନ୍ତି। ୨୦୧୪ ନିର୍ବାଚନ ଅପେକ୍ଷା ଚଳିତ ନିର୍ବାଚନରେ ଦାରିଙ୍ଗବାଡିରେ ଭାଜପାର ଭୋଟ ହାର ବୃଦ୍ଧି ପାଇଛି। ୨୦୧୪ରେ ଭାଜପା ପ୍ରାର୍ଥୀ ମାନଗୋବିନ୍ଦ ପ୍ରଧାନ ୨୭,୨୯୫ ଖଣ୍ଡ ଭୋଟ ପାଇଥିଲେ। ମାତ୍ର ଚଳିତ ନିର୍ବାଚନରେ ଅର୍ଚ୍ଚନାଙ୍କୁ ୩୫,୯୯୮ ଖଣ୍ଡ ଭୋଟ ମିଳିଛି। ତେବେ

### ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀ

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଚଳିତଥର ଭାଜପାକୁ ପୂର୍ବାପେକ୍ଷା ବହୁତ କମ୍ ଭୋଟ ମିଳିଥିବା ଜଣାପଡ଼ିଛି। ସେହିପରି ଅର୍ଚ୍ଚନାଙ୍କୁ ନିଜ ବ୍ଲକ ରାଇକିଆରେ ମଧ୍ୟ ଆଶାନୁରୂପ ଭୋଟ ମିଳିନାହିଁ। ନିର୍ବାଚନମଣ୍ଡଳୀରେ ସେ ଜଣେ ମହିଳା ପ୍ରାର୍ଥୀ ହୋଇଥିବା ବେଳେ ଦଳର ଜିଲା ସଭାନେତ୍ରୀ ଦାୟୀତ୍ୱରେ ଥାଇ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ମଧ୍ୟ କରିଥିଲେ। ପରାଜୟ ପରେ ମଧ୍ୟ ସେ ନିଜ ସୋସିଆଲ ସାଇଟ୍‌ରେ ଲୋକଙ୍କୁ ତାଙ୍କ ପ୍ରତିକ୍ରିୟା ଜଣାଇ କହିଛନ୍ତି, ଲୋକଙ୍କ ମତକୁ ମୁଁ ସ୍ୱୀକାର କରୁଛି, ଯେତେ ପ୍ରତିବନ୍ଧକ, ବାଧାବିଘ୍ନ ଆସୁ ମୁଁ ଜିଲାରେ ଲୋକଙ୍କ ସୁଖଦୁଃଖରେ ରହିଛି ଏବଂ ରହିବି। ସୂଚନାଯୋଗ୍ୟ ଯେ, ୨୦୧୪ ସାଧାରଣ ନିର୍ବାଚନରେ ବିଧାନସଭା କ୍ଷେତ୍ରରେ କଂଗ୍ରେସର ଯାକବ ପ୍ରଧାନ୪୮,୯୫୮ ଖଣ୍ଡ ଭୋଟ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ପ୍ରଦୀପ ପ୍ରଧାନଙ୍କୁ ପରାଜୟ କରିଥିଲେ।

## ପୁରୁଣା ପ୍ରକଳ୍ପକୁ ନୂଆ ରୂପ, ତଥାପି ମିଳୁନି ପାଣି

**ଫିରିଙ୍ଗିଆ,୨୫।୫**

ଏବେ ଗ୍ରୀଷ୍ମ ପ୍ରବାହ। ତାପମାତ୍ରା ୪୨ ଡିଗ୍ରୀ ଉପରେ। ପାଣି ପାଇଁ ସବୁଠି ହାହାକାର। ଗ୍ରାମାଞ୍ଚଳରେ ଗ୍ରାମ ଜଳ ଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍‌ଏସ୍) ବିଭାଗ ଲୋକଙ୍କୁ ପ୍ରକଳ୍ପ ଜରିଆରେ ପାନୀୟ ଜଳ ଯୋଗାଣ ପାଇଁ ପ୍ରାୟ ୪ ମାସ ପୂର୍ବରୁ ପ୍ରସ୍ତୁତି କରିଛି। ହେଲେ ଲାଭ ମିଳିବା ପରିବର୍ତ୍ତେ ଯେଉଁ ସମସ୍ୟା ଥିଲା ତାହା ବଢୁଛି ପଛେ ସମାଧାନର ନାଁ ଧରୁନି। ପ୍ରକଳ୍ପ ଥାଇ ଲୋକଙ୍କୁ ପାଣି ମିଳୁନି। ଏବେ କିଛି ଅଚଳ ପ୍ରକଳ୍ପରେ ରଙ୍ଗ ଦେଇ ନୂଆ ରୂପ ଦିଆଯାଇଛି। ଲୋକେ ଭାବିଲେ ପାଣି ମିଳିବ। ହେଲେ ଖାଲି ରଙ୍ଗ ଦିଆଯାଇ ପାଣି ପାଇଁ ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଭଳି ଘଟଣା କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ଦେଖିବାକୁ ମିଳିଛି।

୨୦୦୭ ନୂଆପଦର ପଞ୍ଚାୟତ



ଅଚଳ ପଡ଼ିଥିବା ପାଣି ଟାଙ୍କି।

ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାଲାଗି ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ କଟାପାଙ୍ଗା ଗାଁରେ ୨ଟି ଓ ଜାରାପାଙ୍ଗାରେ ଗୋଟିଏ ଜଳ ଯୋଗାଣ ପ୍ରକଳ୍ପ ହୋଇଥିଲା। କାମ ସରିବା ପରେ କିଛିବର୍ଷ ଚାଲି ତାହା ଅକାମୀ ହୋଇଗଲା। ଏହାକୁ ଚାଲୁ କରିବା ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କଠାରୁ ସ୍ଥାନୀୟ ନେତାଙ୍କୁ ଗୁହାରି କରି ଆସୁଛନ୍ତି। ହେଲେ କିଛି ଫଳ ମିଳିନି। କିଛିଦିନ ପୂର୍ବେ ଏସବୁ ପ୍ରକଳ୍ପରେ ରଙ୍ଗ ଲଗାଇ ପ୍ରକଳ୍ପକୁ ପୁଣି ନୂଆ ରୂପ ଦିଆଯାଇଛି। ମାତ୍ର ମେଶିନ ଘର ସେପରି ପରିତ୍ୟକ୍ତ ଅବସ୍ଥାରେ ପଡିଛି। ପାଣି ନ ପାଇ ଲୋକେ ଗାଁ ପାଖରେ ଥିବା ଏକ ପରିତ୍ୟକ୍ତ ନାଳର ପାଣି ବ୍ୟବହାର କରୁଛନ୍ତି।

**ସେମାନଙ୍କ ମୁହଁରୁ...**

ପ୍ରକଳ୍ପ ଚାଲିଛି କି ନାହିଁ ତାହା ମୁଁ ଦେଖିନାହିଁ। ଏହା ଦେଖିବା ପରେ ତଦନ୍ତ କରାଯାଇ ଉଚିତ ପଦକ୍ଷେପ ନିଆଯିବ।

**- ବିଡିଓ ପ୍ରବୀଣ କୁମାର ବାଣୁଆ**

ପାଣି ଟୋପାଏ ପାଇଁ ବହୁ ବାଟ ଯିବାକୁ ପଡୁଛି। ପାଇପରେ ପାଣି ପାଇବୁ ବୋଲି ଆଶା କରିଥିଲୁ। କିନ୍ତୁ ତାହା ବି ହେଲାନି। କଷ୍ଟରେ ଚଳିବାକୁ ବାଧ୍ୟ ହେଉଛୁ।

**- ପରକ୍ଷିତ ପ୍ରଧାନ, ଗ୍ରାମବାସୀ।**

ନାଳ ପାଣି ଆମ ଭରଷା। ଆମେ କେବେ ବି ଭଲ ପାଣି ଟୋପାଏ ପାଉନୁ। ଟାଙ୍କି କରି କହିଲେ ପାନୀୟ ଜଳ ମିଳିବ। ଦେଖିବା ପାଣି ଟୋପେ ଲାଗି ଆଉ କେତେ ବର୍ଷ ଲାଗୁଛି।

**- ବିଘ୍ନେଶ୍ୱର କହଁର, ୱାର୍ଡ ମେୟର**